ଧରିତ୍ରୀ 51 Years
ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୧୫/୨୦୨୫ (୧୬ ପୃଷ୍ଠା) | Bhubaneswar, Monday, September 15/2025 | Page 16 | ₹ 7.00
୫୧ଶ ଭାଗ ୨୯୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 291 | ମୂଲ୍ୟ ₹୭/-

DSPL-255



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ନିଯୁକ୍ତି ମେଳା

ମୁଖ୍ୟମନ୍ତ୍ରୀ
**ଶ୍ରୀ ମୋହନ ଚରଣ ମାଝୀଙ୍କ**
କରକମଳରେ
**ନୂତନ ଭାବେ ଚୟନୀତ ୭ଟି ବିଭାଗର**
**୧୬୮୬ ଜଣ ପ୍ରାର୍ଥୀଙ୍କୁ**

## ନିଯୁକ୍ତିପତ୍ର ପ୍ରଦାନ

୩୪ କୃଷି ଓ କୃଷକ ସଶକ୍ତିକରଣ ବିଭାଗ
୬୧ ଅର୍ଥ ବିଭାଗ
୪୧୩ ଜଳସମ୍ପଦ ବିଭାଗ
୩୭ ଆଇନ ବିଭାଗ
୨୩ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ
୯୮୨ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ
୧୩୬ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ

୧୫ ସେପ୍ଟେମ୍ବର ୨୦୨୫ | ଇଡ଼କୋ ପ୍ରଦର୍ଶନୀ ପଡିଆ, ୟୁନିଟ୍ - ୩, ଭୁବନେଶ୍ୱର

କୃଷି ଓ କୃଷକ ସଶକ୍ତିକରଣ ବିଭାଗ | ଅର୍ଥ ବିଭାଗ | ଜଳସମ୍ପଦ ବିଭାଗ | ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ |
ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ | ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ

**ଓଡ଼ିଶା ସରକାର**

OIPR-32001/13/0012/2526

## ଆସାମରେ ୫.୯ ତୀବ୍ରତାର ଭୂକମ୍ପ

ଆସାମରେ ରବିବାର ଅପରାହ୍ଣ ୪ଟା ୪୧ ମିନିଟ୍ ସମୟରେ ୫.୯ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଏହାର କମ୍ପନ ଉତ୍ତର ପଶ୍ଚିମବଙ୍ଗ, ଭୁଟାନରେ ମଧ ଅନୁଭୂତ ହୋଇଥିଲା। ଭୂକମ୍ପର କେନ୍ଦ୍ରସ୍ଥଳ ଉଦଲଗୁରି ଜିଲାରେ ୫ କିଲୋମିଟର ଗଭୀରରେ ବୋଲି ଜଣାପଡ଼ିଛି। ଭୂମିକମ୍ପକୁ ନେଇ ଆତଙ୍କ ଖେଳିଯିବା ସହ ଲୋକେ ଘରୁ ବାହାରି ଆସିଥିଲେ। ତେବେ ଆହତ କିମ୍ବା କ୍ଷୟକ୍ଷତି ସମ୍ପର୍କିତ ଖବର ମିଳିନାହିଁ।



## ସଂକ୍ଷେପରେ

### ଆଜି ୱକ୍ଫ ରାୟ

ନୂଆଦିଲ୍ଲୀ,୧୪।୯

ୱକ୍ଫ (ସଂଶୋଧନ) ଆଇନ, ୨୦୨୫ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନଗୁଡ଼ିକ ଉପରେ ସୁପ୍ରିମକୋର୍ଟ ସୋମବାର ଅନ୍ତରୀଣ ରାୟ ଶୁଣାଇବେ। ପ୍ରଧାନ ବିଚାରପତି ବି.ଆର୍. ଗବଇ ଏବଂ ଜଷ୍ଟିସ୍ ଏ.ଜି. ମସିହଙ୍କ ଖଣ୍ଡପୀଠ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ମେ' ୨୨ରେ ରାୟ ସଂରକ୍ଷିତ ରଖିଥିଲେ। ଅନ୍ୟତମ ପିଟିଶନର ଏଆଇଏମ୍ଆଇଏମ୍ ମୁଖ୍ୟ ତଥା ହାଇଦ୍ରାବାଦ ଏମ୍ପି ଅସାଦୁଦ୍ଦିନ ଓୱାଇସି ସଂଶୋଧିତ ଆଇନର ପ୍ରମୁଖ ବ୍ୟବସ୍ଥାଗୁଡ଼ିକ ଉପରେ ପ୍ରଶ୍ନ ଉଠାଇ ପିଟିଶନ ଦାଏର କରିଥିଲେ। 'ୱକ୍ଫ ବାଏ କୋର୍ଟସ୍, ୱକ୍ଫ ବାଏ ୟୁଜର କିମ୍ବା ୱକ୍ଫ ବାଏ ଡିଡ୍ ଭାବେ ଘୋଷିତ ସମ୍ପତ୍ତିଗୁଡ଼ିକୁ ରଦ୍ଦ କରିବା କ୍ଷମତା, ରାଜ୍ୟ ୱକ୍ଫ ବୋର୍ଡ ଓ କେନ୍ଦ୍ରୀୟ ୱକ୍ଫ କାଉନ୍ସିଲ୍ ଗଠନ ଏବଂ ୱକ୍ଫ ସମ୍ପତ୍ତି ସରକାରୀ ଜମି ବୋଲି ଜିଲାପାଳଙ୍କ ତଦନ୍ତରୁ ଜଣାପଡିଲେ, ତାହାକୁ ୱକ୍ଫ ବିବେଚନା କରାଯିବ ନାହିଁ ଆଦି ବ୍ୟବସ୍ଥାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ଅନ୍ତରୀଣ ରାୟ ସଂରକ୍ଷିତ ରଖିବା ପୂର୍ବରୁ ଖଣ୍ଡପୀଠ ଆବେଦନକାରୀମାନଙ୍କ ଓକିଲ ଏବଂ କେନ୍ଦ୍ର ସରକାରଙ୍କ ତରଫରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟାଙ୍କ ଯୁକ୍ତି ଶୁଣାଣି କରିଥିଲେ।

### ରୁଷିଆ ତୈଳ ବିଶୋଧନାଗାରରେ ୟୁକ୍ରେନ୍‌ର ଡ୍ରୋନ୍ ଆକ୍ରମଣ

ମସ୍କୋ,୧୪।୯

ରୁଷିଆର ସର୍ବବୃହତ୍ ତୈଳ ବିଶୋଧନାଗାର ଉପରେ ୟୁକ୍ରେନ୍ ଶନିବାର ରାତିରେ ଡ୍ରୋନ୍ ଆକ୍ରମଣ କରିବାରୁ ନିଆଁ ଲାଗିଯାଇଛି। ଉତ୍ତରପଶ୍ଚିମ ଲେନିନ୍‌ଗ୍ରାଡ୍ ଅଞ୍ଚଳରେ ଥିବା କିରିଶି ରିଫାଇନାରିରେ ଏହି ଆକ୍ରମଣ ହୋଇଛି। କିଛି ସପ୍ତାହ ହେଲା ୟୁକ୍ରେନ୍ ରୁଷିଆର ତୈଳ ଭିତ୍ତିଭୂମିକୁ ଟାର୍ଗେଟ କରିଆସୁଛି। କିରିଶି ରିଫାଇନାରିରୁ ବାର୍ଷିକ ୧୭.୭ ନିୟୁତ ମେଟ୍ରିକ୍ ଟନ୍ ବା ଦୈନିକ ୩,୫୫,୦୦୦ ବ୍ୟାରେଲ୍ ତୈଳ ଉତ୍ପାଦନ ହୋଇଥାଏ। ଆକ୍ରମଣ ପରେ ଉକ୍ତ ଅଞ୍ଚଳର ରାତି ଆକାଶରେ ଧୂଆଁର ବାଦଲ ଦେଖାଯାଇଥିଲା। କିରିଶି ଅଞ୍ଚଳରେ ୩ଟି ଡ୍ରୋନ୍‌କୁ ଖସାଇ ଦିଆଯାଇଥିବାବେଳେ ଏହାର ଭଗ୍ନାବଶେଷ ରିଫାଇନାରି ଉପରେ ପଡ଼ି ନିଆଁ ଲାଗିଯାଇଥିବା ଆଞ୍ଚଳିକ ଗଭର୍ନର ଆଲେକ୍‌ଜାଣ୍ଡାର ଡ୍ରୋଜ୍‌ଡେଙ୍କୋ କହିଛନ୍ତି। ଏଥିରେ କେହି ଆହତ ହୋଇ ନ ଥିବାବେଳେ ନିଆଁକୁ ଆୟତ୍ତ କରାଯାଇଛି।

## ଦିଲ୍ଲୀରେ ଆଜି




ଆମେରିକାରେ ଭାରତୀୟଙ୍କ ହତ୍ୟାର ପ୍ରତିବାଦରେ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ରବିବାର ସଂଯୁକ୍ତ ହିନ୍ଦୁ ସାମ୍ମୁଖ୍ୟ ଓ ରାଷ୍ଟ୍ରବାଦୀ ଶିବସେନା ପକ୍ଷରୁ ବିକ୍ଷୋଭ କରାଯାଉଛି। (ଫଟୋ- ଚମନ ଗୌତମ)

# ଗାଳିର ବିଷ ପିଇଯିବି: ମୋଦି

- ପାକ୍ ଆତଙ୍କବାଦୀଙ୍କ ସହ ହାତ ମିଳାଇଥିଲା କଂଗ୍ରେସ
- ଅନୁପ୍ରବେଶକୁ ବିଫଳ କରିବା ପାଇଁ ମିଶନ ଖୁବ୍‌ଶୀଘ୍ର

ଗୁଆହାଟୀ,୧୪।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ଦିବଂଗତ ମା' ହୀରାବେନ୍‌ଙ୍କୁ ଟାର୍ଗେଟ କରି ଖରାପ ଭାଷାରେ ଗାଳିଗୁଲଜ କରାଯାଇଥିବାରୁ ଏହାକୁ ନେଇ ବିବାଦ ଜୋର୍‌ଦାର ହୋଇଛି। ଏନେଇ ପ୍ରଧାନମନ୍ତ୍ରୀ ମୁଖ୍ୟ ବିରୋଧୀ ଦଳ କଂଗ୍ରେସକୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଜନସାଧାରଣ ହେଉଛନ୍ତି ତାଙ୍କ ଭଗବାନ୍, ମାଲିକ ଓ 'ରିମୋଟ୍ କଣ୍ଟ୍ରୋଲ'। ଅନ୍ୟ କେହି ତାଙ୍କ ନିୟନ୍ତ୍ରଣକାରୀ ନୁହନ୍ତି। ସେଥିପାଇଁ ସେ ନିଜ ଯନ୍ତ୍ରଣାକୁ ଜନସାଧାରଣଙ୍କ ଆଗରେ ଉପସ୍ଥାପନ କରିଛନ୍ତି। ସେ ଶିବଭକ୍ତ ଏବଂ ଗାଳିର ବିଷକୁ ପିଇଯିବେ ବୋଲି ଆସାମର ଦରାଙ୍ଗଠାରେ ଏକ ଜନସଭାକୁ କହିଛନ୍ତି।

ନିର୍ବାଚନ ହେବାକୁ ଥିବା ବିହାରରେ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ଆର୍‌ଜେଡି-କଂଗ୍ରେସ ମଞ୍ଚରୁ କଂଗ୍ରେସ ନେତାମାନେ ପ୍ରଧାନମନ୍ତ୍ରୀ ଓ ତାଙ୍କ ମା'ଙ୍କ ପ୍ରତି ଅପମାନଜନକ ମନ୍ତବ୍ୟ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ମା'ଙ୍କୁ ନେଇ କଂଗ୍ରେସ ଏକ ଏଆଇ ପ୍ରସ୍ତୁତ ଭିଡିଓ ସୋସିଆଲ ମିଡିଆରେ ଛାଡ଼ିଥିଲା, ଯାହାକୁ ନେଇ ବିବାଦ ବଢ଼ିଛି। ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କୁ ତତ୍କାଳୀନ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ ନିୟନ୍ତ୍ରଣ କରୁଥିଲେ। ସେହିପରି ବର୍ତ୍ତମାନର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଗାନ୍ଧୀ ପରିବାର ଦ୍ୱାରା ନିୟନ୍ତ୍ରିତ। ତେଣୁ ପ୍ରଧାନମନ୍ତ୍ରୀ ରିମୋଟ କଣ୍ଟ୍ରୋଲ ଶବ୍ଦ ବ୍ୟବହାର କରିଛନ୍ତି। ମୋଦି କହିଛନ୍ତି, କଂଗ୍ରେସ କ୍ରମାଗତ ଭାବେ ଦେଶ ବିରୋଧୀ ଶକ୍ତି ଏବଂ ପାକିସ୍ତାନ ଦ୍ୱାରା ପ୍ରତିପାଳିତ ଆତଙ୍କବାଦୀଙ୍କ ପକ୍ଷ ନେଇଆସିଛି। ଆମ ବୀର ସୈନିକମାନଙ୍କ ପଛରେ ଛିଡ଼ାହେବା ପରିବର୍ତ୍ତେ କଂଗ୍ରେସ ଅନୁପ୍ରବେଶକାରୀ ଏବଂ ଦେଶର ଏକତା ପ୍ରତି ବିପଦ ସୃଷ୍ଟି କରୁଥିବା ଲୋକଙ୍କୁ ସମର୍ଥନ କରିଆସିଛି। ଜମି ଦଖଲ କିମ୍ବା ରାଷ୍ଟ୍ରର ଜନସଂଖ୍ୟାକୁ ବଦଳାଇବା ପାଇଁ ଭାଜପା କଦାପି ଅନୁପ୍ରବେଶକାରୀଙ୍କୁ ଅନୁମତି ଦେବ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଆସାମରେ ଭାଜପା ସରକାରଙ୍କ କାର୍ଯ୍ୟକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଥିଲେ, କଂଗ୍ରେସ ସରକାର ସମୟରେ ହୋଇଥିବା ଭୁଲ୍ ସୁଧାରିବା ଓ ବେଆଇନ ଦାବି ହଟାଇବା କାର୍ଯ୍ୟ ଆରମ୍ଭ ହୋଇଛି। ରାଜ୍ୟରେ କଂଗ୍ରେସ ଶାସନ ବେଳେ କୃଷକଙ୍କ ଜମି ଏବଂ ଉପାସନା ସ୍ଥଳୀଗୁଡ଼ିକୁ ଦଖଲ କରାଯାଇଥିଲା। ସରକାର 'ଜନସାଂଖ୍ୟିକ ମିଶନ' ଆରମ୍ଭ କରିବାକୁ ଯାଉଛନ୍ତି। ଅନୁପ୍ରବେଶକାରୀଙ୍କୁ ସହାୟତା ପାଇଁ ଭାରତର ସୀମାନ୍ତ ଅଞ୍ଚଳର ଜନସଂଖ୍ୟାରେ ପରିବର୍ତ୍ତନ ନିମନ୍ତେ ହୋଇଥିବା ପୂର୍ବଚିନ୍ତିତ ଷଡ଼ଯନ୍ତ୍ରକୁ ପ୍ରତିହତ କରିବା ଏହି ମିଶନର ଲକ୍ଷ୍ୟ। ଅନୁପ୍ରବେଶକାରୀ ଓ ସେମାନଙ୍କ କବଳରୁ ଦେଶବାସୀଙ୍କ ସୁରକ୍ଷା ଭାଜପା ସରକାରଙ୍କ ଲକ୍ଷ୍ୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଅନୁପ୍ରବେଶକାରୀଙ୍କ କବ୍‌ଜାରେ ଥିବା ଅନେକ ଲକ୍ଷ ବିଘା ଜମିକୁ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ନେତୃତ୍ୱାଧୀନ ସରକାର ଫେରାଇ ଆଣିଛନ୍ତି ଓ ଉକ୍ତ ଅଞ୍ଚଳ ଜବରଦଖଲ ମୁକ୍ତ ହୋଇଛି।

### ଆସାମକୁ ୧୮,୫୩୦ କୋଟିର ପ୍ରକଳ୍ପ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସାମରେ ୧୮,୫୩୦ କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପ ଉଦ୍‌ଘାଟନ ଓ ଶୁଭାରମ୍ଭ କରିଛନ୍ତି। ସେ ଗୋଲାଘାଟ ଜିଲାର ନୁମାଲିଗଡ଼ରେ ୫,୦୦୦ କୋଟି ଟଙ୍କାର ବାଉଁଶ ଭିତ୍ତିକ ଇଥାନୋଲ କାରଖାନାକୁ ଉଦ୍‌ଘାଟନ କରିବା ସହ ନୁମାଲିଗଡ଼ ରିଫାଇନେରୀରେ ୭,୨୩୦ କୋଟି ଟଙ୍କା ମୂଲ୍ୟରେ ପ୍ରତିଷ୍ଠା ହେବାକୁ ଥିବା ପେଟ୍ରୋ ଫ୍ଲୁଇଡାଇଜ୍‌ଡ କାଟାଲାଇଟିକ୍ କ୍ରାକର ୟୁନିଟ୍‌ର ଶିଳାନ୍ୟାସ କରିଛନ୍ତି। ଦ୍ୱିତୀୟ ପିଢ଼ିର ବାୟୋଇଥାନୋଲ ପ୍ଲାଣ୍ଟ ହେଉଛି ଏକ ଶୂନ୍ୟବର୍ଜ୍ୟ ପ୍ରକଳ୍ପ, ଯେଉଁଠି ବାଉଁଶ ଗଛର ସମସ୍ତ ଅଂଶକୁ ବ୍ୟବହାର କରାଯିବ। ବିଶ୍ୱରେ ଏହା ପ୍ରଥମ। ଏହା ଗ୍ରାମାଞ୍ଚଳ ଅର୍ଥନୀତିକୁ ୨୦୦ କୋଟି ଟଙ୍କା ବଢ଼ାଇବ ବୋଲି ଆଶା କରାଯାଉଛି। ଉତ୍ତରପୂର୍ବାଞ୍ଚଳ ରାଜ୍ୟରୁ ୫ ଲକ୍ଷ ଟନ୍ ବାଉଁଶ ସଂଗ୍ରହ କରାଯିବ, ଯେଉଁଥିରୁ ୫୦ ହଜାର ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉପକୃତ ହେବେ। ସେହିପରି ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ପଲିପ୍ରାପାଇଲିନ୍ ପ୍ଲାଣ୍ଟ ପ୍ଲାଷ୍ଟିକ୍ ଉତ୍ପାଦନର ମାଇଲଖୁଣ୍ଟ, ଯେଉଁଠି ବାର୍ଷିକ ୭୫ ହଜାର ଶ୍ରମଦିବସ ସୃଷ୍ଟି ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଦରାଙ୍ଗ ଜିଲା ମଙ୍ଗାଲଡୋଇଠାରେ ପ୍ରଧାନମନ୍ତ୍ରୀ ୬,୩୦୦ କୋଟି ଟଙ୍କାର ସ୍ୱାସ୍ଥ୍ୟ ଓ ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ।

# ହିଂସାକାରୀଙ୍କୁ ଆଇନର କାଠଗଡ଼ାକୁ ଅଣାଯିବ: ସୁଶୀଳା

କାଠମାଣ୍ଡୁ, ୧୪।୯

ନେପାଳର ନବନିଯୁକ୍ତ ଅନ୍ତରୀଣ ପ୍ରଧାନମନ୍ତ୍ରୀ ସୁଶୀଳା କାର୍କି ରବିବାର ସିଂହ ଦରବାର ସଚିବାଳୟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ସୁଶୀଳା କହିଛନ୍ତି, ସେ ୬ ମାସରୁ କମ୍ ସମୟ ପାଇଁ ଅନ୍ତରୀଣ ସରକାରଙ୍କ ଦାୟିତ୍ୱରେ ରହିବେ। ମାର୍ଚ୍ଚରେ ସଂସଦୀୟ ନିର୍ବାଚନ ପରେ ସେ ଏବଂ ତାଙ୍କ ଟିମ୍ ଶାସନତନ୍ତ୍ରକୁ ନୂତନ ସରକାରଙ୍କୁ ହସ୍ତାନ୍ତର କରିବେ। ଏହି



ଅବଧି ମଧ୍ୟରେ ଦେଶର ସମ୍ବିଧାନ ଏବଂ ଗଣତନ୍ତ୍ରକୁ ରକ୍ଷା କରିବା ପାଇଁ ସେ ପ୍ରୟାସ କରିବେ। ଗତ ୮ ଏବଂ ୯ ତାରିଖରେ ଜେନ୍-ଜି ପକ୍ଷରୁ କରାଯାଇଥିବା ବିକ୍ଷୋଭ

**ମୃତକଙ୍କୁ ଦିଆଯିବ ଶହୀଦ ମାନ୍ୟତା**

ପ୍ରଦର୍ଶନର ତଦନ୍ତ ହେବ ଏବଂ ହିଂସା ଓ ଭଙ୍ଗାରୁଜାରେ ସାମିଲ ଲୋକଙ୍କୁ ଆଇନର କାଠଗଡ଼ାକୁ ଅଣାଯିବ। ହିଂସାରେ ପ୍ରାଣ ହରାଇଥିବା ଲୋକଙ୍କୁ ଶହୀଦର ମାନ୍ୟତା ଦିଆଯିବା ସହ ସେମାନଙ୍କ ପରିବାରକୁ ୧୦ ଲକ୍ଷ ନେପାଳୀ ଟଙ୍କା କ୍ଷତିପୂରଣ ଦିଆଯିବ। ସେହିପରି ଆହତଙ୍କ ଖର୍ଚ୍ଚ ମଧ ଅନ୍ତରୀଣ ସରକାର ବହନ କରିବେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ଜେନ୍-ଜି ପକ୍ଷରୁ ହୋଇଥିବା ଆନ୍ଦୋଳନ ପ୍ରଭାବରେ ଦେଶରେ ଏକ ଦୁର୍ନୀତିମୁକ୍ତ ରାଜନୈତିକ ବ୍ୟବସ୍ଥା ନିର୍ମାଣ ହେବ ବୋଲି ନେପାଳ ଜେନ୍-ଜିର କୋର୍ କମିଟି ସଦସ୍ୟ ତାନ୍‌କା ଧାମି ଏବଂ ଅର୍ଜୁନ ଶାହି କହିଛନ୍ତି। ଜେନ୍-ଜି ଆନ୍ଦୋଳନ ଦେଶର ଯୁବ ନାଗରିକମାନଙ୍କ ପାଇଁ ଉତ୍ତମ ସୁଯୋଗ ସୃଷ୍ଟି କରିଛି। ସେହିପରି ଭାରତ ଏବଂ ଅନ୍ୟାନ୍ୟ ଦେଶ ନେପାଳରେ ନିବେଶ କରିବେ ବୋଲି ଉଭୟେ ଆଶା ପ୍ରକଟ କରିଛନ୍ତି।

# ଭିନ୍ନକ୍ଷମ ପୁଅ ସହ ୧୩ ମହଲାରୁ ଡେଇଁ ମହିଳାଙ୍କ ଆତ୍ମହତ୍ୟା

ନଏଡ଼ା,୧୪।୯

ଗ୍ରେଟର ନଏଡ଼ାର ଏସ୍ ସିଟି ସୋସାଇଟିରେ ଥିବା ଏକ ବିଲ୍ଡିଂର ୧୩ତମ ମହଲାରୁ ଜଣେ ୩୭ ବର୍ଷୀୟା ମହିଳା ତାଙ୍କ ୧୧ ବର୍ଷର ଭିନ୍ନକ୍ଷମ ପୁଅଙ୍କ ସହ ଡେଇଁ ଆତ୍ମହତ୍ୟା କରିଛନ୍ତି। ଉଭୟଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ରବିବାର ସକାଳ ୧୦ଟାରେ ଏହି ଘଟଣା ଘଟିଥିବାବେଳେ ବିସ୍ରାଖ ଥାନା ପୋଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତା ସାକ୍ଷୀ ଚାୱ୍‌ଲାଙ୍କ ଫ୍ଲାଟ୍‌ରୁ ପୋଲିସ ଏକ ସୁଇସାଇଡ୍ ନୋଟ୍ ଜବତ କରିଛି। ସାକ୍ଷୀ ତାଙ୍କ ସ୍ୱାମୀ ଦର୍ପନ ଚାୱ୍‌ଲାଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତି, ଆମେ ଦୁନିଆଁ ଛାଡୁଥିବାରୁ ଦୁଃଖିତ। ଆମେ ଆଉ ତୁମକୁ ଅସୁବିଧାରେ ପକାଇବାକୁ ଚାହୁଁନାହୁଁ। ଆମ ଉପସ୍ଥିତି ତୁମ ଜୀବନକୁ ବରବାଦ କରିବ ନାହିଁ। ଆମ ମୃତ୍ୟୁ ପାଇଁ କେହି ଦାୟୀ ନୁହନ୍ତି।

### ଆମେ ଯୁଦ୍ଧ ଚାହୁଁନୁ

**ଟ୍ରମ୍ପଙ୍କ ଟାରିଫ୍‌ର ଜବାବ ଦେଲା ଚାଇନା**

ବେଜିଂ,୧୪।୯

ରୁଷିଆରୁ ତୈଳ କିଣୁଥିବା ଚାଇନା ଉପରେ ୫୦ରୁ ୧୦୦ ପ୍ରତିଶତ ଟାରିଫ୍ ଲଗାଇବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନାଟୋ ରାଷ୍ଟ୍ରଗୁଡ଼ିକୁ କହିଥିବାବେଳେ ବେଜିଂ ଏହାର ଦୃଢ଼ ଜବାବ ଦେଇଛି। ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି କହିଛନ୍ତି, ତାଙ୍କ ଦେଶ ଉତ୍ତେଜନପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକର ସମାଧାନ ପାଇଁ ଶାନ୍ତି ଆଲୋଚନାକୁ ପ୍ରୋତ୍ସାହିତ କରିବାକୁ ପ୍ରତିଶ୍ରୁତିବଦ୍ଧ। ଚାଇନା ଯୁଦ୍ଧ ଯୋଜନା କରେନି କି ସେଥିରେ ସାମିଲ ହୁଏ ନାହିଁ। ଯୁଦ୍ଧ ସମସ୍ୟାର ସମାଧାନ କରିପାରିବ ନାହିଁ ଏବଂ କଟକଣା କେବଳ ସେଗୁଡ଼ିକୁ ଜଟିଳ କରିବ ବୋଲି ୱାଙ୍ଗ୍ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଜାତିସଂଘ ଘୋଷଣାପତ୍ରର ଉଦ୍ଦେଶ୍ୟ ଓ ସିଦ୍ଧାନ୍ତର ସୁରକ୍ଷା ପାଇଁ ମିଳିତ ଭାବେ ବହୁପକ୍ଷୀୟବାଦକୁ ସୁଦୃଢ଼ କରିବା ଉପରେ ୱାଙ୍ଗ୍ ଗୁରୁତ୍ୱାରୋପ କରିଛନ୍ତି। ଚାଇନା ଏବଂ ୟୁରୋପ ପ୍ରତିଦ୍ୱନ୍ଦ୍ୱୀ ହେବା ବଦଳରେ ବନ୍ଧୁ ହୋଇ ରହିବା ଆବଶ୍ୟକ ଓ ପରସ୍ପରର ମୁହାଁମୁହିଁ ହେବା ପରିବର୍ତ୍ତେ ସହଯୋଗ କରିବା ଜରୁରୀ ବୋଲି ସେ କହିଛନ୍ତି। ୟୁକ୍ରେନ୍ ଯୁଦ୍ଧ ବନ୍ଦ କରିବାକୁ ହେଲେ ଚାଇନା ଉପରେ ୫୦ରୁ ୧୦୦% ଟାରିଫ୍ ଲଗାଇବାକୁ ହେବ ବୋଲି ଟ୍ରମ୍ପ ଶନିବାର ନାଟୋ ରାଷ୍ଟ୍ରଗୁଡ଼ିକୁ କହିଥିଲେ। ଏଥିସହିତ ରୁଷିଆରୁ ନାଟୋ ରାଷ୍ଟ୍ରଗୁଡ଼ିକ ତେଲ କିଣା ବନ୍ଦ କରିବାକୁ ସେ ପରାମର୍ଶ ଦେଇଦେଇଥିଲେ। ସବୁ ନାଟୋ ଦେଶ ମସ୍କୋରୁ ତୈଳ କିଣା ବନ୍ଦ କରିଦେଲେ ସେ ରୁଷିଆ ଉପରେ ବଡ଼ କଟକଣା ଲଗାଇବେ ବୋଲି ଟ୍ରୁଥ୍ ସୋସିଆଲରେ ଟ୍ରମ୍ପ ଲେଖିଥିଲେ।

### ପ୍ରୀତି ସରନ୍ ଜାତିସଂଘ ସିଇଏସ୍‌ସିଆର୍ ଅଧ୍ୟକ୍ଷ



ନ୍ୟୁୟର୍କ,୧୪।୯(ପି.ଟି.)

ଭାରତର ପୂର୍ବତନ କୂଟନୀତିଜ୍ଞ ପ୍ରୀତି ସରନ୍ ଜାତିସଂଘର ସମ୍ମାନଜନକ ଆର୍ଥିକ, ସାମାଜିକ ଓ ସାଂସ୍କୃତି ଅଧିକାର କମିଟି (ସିଇଏସ୍‌ସିଆର୍)ର ଅଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ସଦସ୍ୟ ରାଷ୍ଟ୍ରଗୁଡ଼ିକ ଦ୍ୱାରା ଅର୍ଥନୀତି ଏବଂ ସାମାଜିକ ଅଧିକାର ଉପରେ ଅନ୍ତର୍ଜାତୀୟ ଅନୁବନ୍ଧଗୁଡ଼ିକର କାର୍ଯ୍ୟକାରିତାକୁ ଏହି କମିଟି ତଦାରଖ କରିଥାଏ। ପ୍ରୀତିଙ୍କର ଭାରତୀୟ ବିଦେଶ ସେବାରେ ୩୬ ବର୍ଷରୁ ଊର୍ଦ୍ଧ୍ୱ କ୍ୟାରିୟର ରହିଛି। ସେ ଏସିଆ, ଆଫ୍ରିକା, ୟୁରୋପ ଏବଂ ଆମେରିକାରେ ଭାରତୀୟ ମିଶନରେ ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରିଛନ୍ତି। ଶୀର୍ଷ ପଦବୀକୁ ପ୍ରୀତି ନିର୍ବାଚିତ ହେବା ବୈଶ୍ୱିକ ସ୍ତରରେ ମାନବାଧିକାରକୁ ପ୍ରୋତ୍ସାହିତରେ ନୂଆଦିଲ୍ଲୀର ଅବଦାନ ଏବଂ ନେତୃତ୍ୱକୁ ସ୍ୱୀକୃତି ବୋଲି ଜାତିସଂଘରେ ଭାରତର ସ୍ଥାୟୀ ମିଶନ ପକ୍ଷରୁ କୁହାଯାଇଛି। ସିଇଏସ୍‌ସିଆର୍ ଜାତିସଂଘ ମାନବାଧିକାର ଆୟୋଗର ପ୍ରଶାସନିକ ନିୟନ୍ତ୍ରଣରେ କାର୍ଯ୍ୟ କରିଥାଏ। ପ୍ରୀତି ବହିର୍ବ୍ୟାପାର ମନ୍ତ୍ରଣାଳୟର ସଚିବ (ପୂର୍ବ) ଭାବେ ୨ ବର୍ଷ କାର୍ଯ୍ୟ କରିବା ପରେ ୨୦୧୮ରେ ଅବସର ନେଇଥିଲେ।



ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୧୫/୨୦୨୫ | Bhubaneswar, Monday, September 15/2025 | ପୃଷ୍ଠା-୧






ବେଆଇନ ଆପ୍ରବାସୀମାନଙ୍କୁ ବ୍ରିଟେନରୁ ବାହାର କରିବା ଦାବିରେ କେନ୍ଦ୍ରୀୟ ଲଣ୍ଡନରେ ରବିବାର 'ୟୁନାଇଟ୍ ଦ କିଙ୍ଗଡମ୍' ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ନିଯୁକ୍ତି ପାଇଁ ଶାରୀରିକ ପରୀକ୍ଷା ଭାରି: ୨ ମୃତ

- ଛତ୍ରପୁରରେ ହୋମ୍‌ଗାର୍ଡ ପରୀକ୍ଷାର୍ଥୀଙ୍କ ମୃତ୍ୟୁ
- ଝାରସୁଗୁଡ଼ାରେ ଓଏସ୍‌ଏପି ବାଟାଲିୟନ ପରୀକ୍ଷା ପ୍ରସ୍ତୁତି ବେଳେ ନେପାଳୀ ଯୁବକଙ୍କ ମୃତ୍ୟୁ

**ସୁରକ୍ଷା ବାହିନୀ ଓ ପୋଲିସ ବିଭାଗରେ କାର୍ଯ୍ୟ କରିବା ପାଇଁ ଯୁବଗୋଷ୍ଠୀଙ୍କ ମଧ୍ୟରେ ଆଗ୍ରହ ଦେଖିବାକୁ ମିଳୁଛି। ଏପରି କି ହୋମଗାର୍ଡ ପଦବୀ ପାଇଁ ଉଚ୍ଚ ଶିକ୍ଷା ଡିଗ୍ରୀଧାରୀମାନେ ମଧ୍ୟ ଆବେଦନ କରୁଛନ୍ତି। ହେଲେ ସେମାନେ ଶାରୀରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାବେଳେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରି କି କେତେଜଣ ଶାରୀରିକ ପରୀକ୍ଷା ସମୟରେ ପ୍ରାଣ ମଧ୍ୟ ହରାଉଛନ୍ତି। ପୂର୍ବରୁ ଏଭଳି ଏକାଧିକ ଘଟଣା ଦେଖିବାକୁ ମିଳିଥିବାବେଳେ ରବିବାର ଆଉ ୨ ଯୁବକଙ୍କ ଜୀବନ ଯାଇଛି। ଛତ୍ରପୁରଠାରେ ହୋମ୍‌ଗାର୍ଡ ନିଯୁକ୍ତି ପାଇଁ ଦୌଡ଼ ପ୍ରତିଯୋଗିତା ଚାଲିଥିବା ସମୟରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଝାରସୁଗୁଡ଼ାରେ ଆସନ୍ତା ୧୭ରେ ହେବାକୁ ଥିବା ଓଏସ୍‌ଏପି ଦ୍ୱିତୀୟ ବାଟାଲିୟନରେ ନିଯୁକ୍ତି ପାଇଁ ଶାରୀରିକ ଅଭ୍ୟାସବେଳେ ଜଣେ ନେପାଳୀ ଯୁବକଙ୍କ ପ୍ରାଣହାନି ଘଟିଛି।**


ଶିବରାମ ପ୍ରଧାନ


ଗୋବିନ୍ଦ କୁମାଲ

**ଛତ୍ରପୁର/ ଝାରସୁଗୁଡ଼ା, ୧୪।୯ (ଦିଲୀପ ସାମଲ/ସନ୍ତୋଷ ପାଢ଼ୀ/ ଆଶିଷ ରଞ୍ଜନ ଦାଶ)**

ହୋମଗାର୍ଡ ପଦବୀ ପାଇଁ ଗଞ୍ଜାମ ପୋଲିସ ଜିଲା ଅଧୀନରେ ଛତ୍ରପୁରସ୍ଥିତ ରିଜର୍ଭ ପୋଲିସ ପଡ଼ିଆରେ ରବିବାର ଦୌଡ଼ ପରୀକ୍ଷା ଚାଲିଥିବାବେଳେ ଜଣେ ଚାକିରି ଆଶାୟୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତାରସିଂ ଥାନା ଅଞ୍ଚଳର ଶିବରାମ ପ୍ରଧାନ। ଶିବରାମ ଦୌଡ଼ିବା ବେଳେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ଛତ୍ରପୁର ହସ୍ପିଟାଲ ଓ ସେଠାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶିବରାମଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାପରେ ଅପରାହ୍ନରେ ଚାଲିଥିବା ପ୍ରାର୍ଥୀମାନଙ୍କ ଶାରୀରିକ ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା। ଫଳରେ ଆଶାୟୀମାନେ ଘରକୁ ଫେରି ଯାଇଥିଲେ। ☞ପୃଷ୍ଠା–୨

## ବିଷାକ୍ତ ମଦ ପିଇ ଯୁବକଙ୍କ ମୃତ୍ୟୁ ଅଭିଯୋଗ

**ସୋନପୁର/ ବିନିକା, ୧୪।୯ (ମୃତ୍ୟୁଞ୍ଜୟ ଶତପଥୀ/ ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଡୁଲୁଣ୍ଡୁପାଲି ଗାଁର ରଘୁ ଭୋଇ(୪୩)ଙ୍କ ବିଷାକ୍ତ ମଦ ପିଇବା କାରଣରୁ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ରବିବାର ସକାଳେ ରଘୁ ଗାଁ ନିକଟ ପୋଖରୀ କୂଳରେ ପଡ଼ି ରହିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରଘୁଙ୍କ ମୃତଦେହ ଡାକ୍ତରଖାନା ଶବାଗାରରେ ରହିଛି, ସୋମବାର ବ୍ୟବଚ୍ଛେଦ କରାଯିବ। ତେବେ ସ୍ଥାନୀୟ ଅଞ୍ଚଳରେ ବିକ୍ରି ହେଉଥିବା ବିଷାକ୍ତ ଖୋଲା ମଦପିଇ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ରଘୁଙ୍କ ସ୍ତ୍ରୀ ଆହ୍ଲାଦିନୀ ଅଭିଯୋଗ ☞ପୃଷ୍ଠା–୨

# ବ୍ରିଟେନ୍‌ରେ ତେଜିଲା ଜାତୀୟତାବାଦୀ ଆନ୍ଦୋଳନ

**ବ୍ରିଟେନ୍‌ରେ ଦକ୍ଷିଣପନ୍ଥୀ ଆକ୍ଟିଭିଷ୍ଟ ଟମି ରବିନ୍‌ସନ୍‌ଙ୍କ ନେତୃତ୍ୱରେ ତେଜିଛି ମୁସଲିମ୍ ବିରୋଧୀ ଭାବାବେଗ। ସଦ୍ୟ ଜାତୀୟତାବାଦୀ ଆନ୍ଦୋଳନ ଏଭଳି ସମୟରେ ମୁଣ୍ଡ ଟେକିଛି, ଯେତେବେଳେ କି ଇଂଲିଶ୍ ଚ୍ୟାନେଲ ଅତିକ୍ରମ କରି ଦେଶକୁ ଆସୁଥିବା ଆପ୍ରବାସୀମାନଙ୍କୁ ନେଇ ଜାରି ବିତର୍କ ବ୍ରିଟେନ୍‌କୁ ଦୁଇଭାଗରେ ବିଭକ୍ତ କରିଦେଇଛି। ବିଦେଶରୁ ଦେଶାନ୍ତରୀ ହୋଇ ବ୍ରିଟେନ୍‌କୁ ଆସୁଥିବା ଲୋକେ ସ୍ଥାନୀୟ ବ୍ରିଟିଶ୍‌ମାନଙ୍କ ନିଯୁକ୍ତି ଓ ଅନ୍ୟ ସୁବିଧାଗୁଡ଼ିକୁ ଛଡ଼ାଇ ନେବା ସହ ଆପରାଧିକ କାର୍ଯ୍ୟ ଭିଆଉଥିବା ଅଭିଯୋଗ ବଢ଼ିବାରେ ଲାଗିଛି। ଏପରି କି ଇଥିଓପିଆର ଜଣେ ବ୍ୟକ୍ତି ଲଣ୍ଡନ୍ ଉପକଣ୍ଠରେ ଜଣେ ୧୪ ବର୍ଷୀୟା ଝିଅଙ୍କୁ ବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଥିଲା। ଏଭଳି ସ୍ଥଳେ ରବିନ୍‌ସନ୍‌ଙ୍କୁ ଦେଶବାସୀ ସ୍ୱତଃପ୍ରବୃତ୍ତ ସମର୍ଥନ ଅଜାଡ଼ି ଦେଇଛନ୍ତି।**

### ଲଣ୍ଡନ୍‌ରେ ଆପ୍ରବାସନ ନିରୋଧୀ ବିଶାଳ ରାଲି

**ଲଣ୍ଡନ୍, ୧୪।୯**

ବ୍ରିଟେନରେ ମୁଣ୍ଡ ଟେକିଛି ଆପ୍ରବାସୀ ବିରୋଧୀ ଆନ୍ଦୋଳନ। ସରକାରଙ୍କ ପ୍ରବାସନ ନିରୋଧୀ ନୀତିକୁ ବିରୋଧ କରି ଲଣ୍ଡନରେ ଦକ୍ଷିଣପନ୍ଥୀ କର୍ମୀ ଟମି ରବିନ୍‌ସନ୍‌ଙ୍କ ନେତୃତ୍ୱରେ ପ୍ରାୟ ୧,୫୦,୦୦୦ ବିକ୍ଷୋଭକାରୀ ଜାତୀୟ ପତାକା ଓ ବ୍ୟାନର ଧରି କେନ୍ଦ୍ରୀୟ ଲଣ୍ଡନ୍‌ରେ 'ୟୁନାଇଟ୍ ଦ କିଙ୍ଗଡମ୍' ରାଲିରେ ସାମିଲ ହୋଇଛନ୍ତି। ଅନ୍ୟପକ୍ଷେ ଏହି ଆନ୍ଦୋଳନର ମୁକାବିଲା ପାଇଁ 'ଷ୍ଟାଣ୍ଡ୍ ଅଫ୍ ଦି ରେସିଜମ୍' ଗୋଷ୍ଠୀ ପକ୍ଷରୁ 'ମାର୍ଚ୍ଚ ଏଗେନ୍‌ଷ୍ଟ ରେସିଜମ୍' ଶୋଭାଯାତ୍ରା କରାଯାଇଛି। ଏହି ଗୋଷ୍ଠୀ ଦେଶରେ ବର୍ଣ୍ଣବାଦକୁ ବିରୋଧ କରି ପ୍ରବାସୀଙ୍କ ଅଧିକାର ପାଇଁ ଲଢ଼େଇ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଛି। ଏମାନଙ୍କ ରାଲିରେ ପ୍ରାୟ ୫,୦୦୦ ☞ପୃଷ୍ଠା–୨

### ଦକ୍ଷିଣପନ୍ଥୀ ଟମି ରବିନ୍‌ସନ୍ କିଏ



ଟମି ରବିନ୍‌ସନ୍‌ଙ୍କ ପ୍ରକୃତ ନାମ ହେଉଛି ଷ୍ଟିଫେନ୍ ୟାକ୍ସଲେ ଲେନୋନ୍। ଜଣେ ଆପ୍ରବାସୀବିରୋଧୀ ତଥା ଇସ୍‌ଲାମବିରୋଧୀ ଆକ୍ଟିଭିଷ୍ଟ ଭାବେ ରବିନ୍‌ସନ୍ ଜଣାଶୁଣା। ତାଙ୍କ ମା' ଆୟର୍ଲାଣ୍ଡର ହୋଇଥିବାବେଳେ ବାପା ବ୍ରିଟେନ୍ ବାସିନ୍ଦା। ରବିନ୍‌ସନ୍ ୨୦୦୯ରେ ନିଜ ସହର ଲୁଟୋନ୍‌ରେ ଇଂଲିଶ୍ ଡିଫେନ୍ସ ଲିଗ୍ (ଇଡିଏଲ୍) ପ୍ରତିଷ୍ଠା କରି ପ୍ରଥମେ ☞ପୃଷ୍ଠା–୨

### ଆଜିର ସମ୍ପାଦକୀୟ
ବିକ୍ଷୋଭରୁ ପରିବର୍ତ୍ତନ

## ଦ୍ରବ୍ୟର ସଂଶୋଧିତ ମୂଲ୍ୟ ତୁରନ୍ତ ଉଲ୍ଲେଖ କର: ମନ୍ତ୍ରୀ

**ଭୁବନେଶ୍ୱର, ୧୪।୯ (ରବିନାରାୟଣ ଜେନା)**


ଦ୍ରବ୍ୟ ଓ ସେବାକର(ଜିଏସ୍‌ଟି) ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ଜିଏସ୍‌ଟି ପରିଷଦ ବୈଠକରେ ଯେଉଁ ସଂଶୋଧନ ହୋଇଛି ତାହାକୁ ତୃଣମୂଳସ୍ତରରେ ଗ୍ରାହକମାନେ ଯେଭଳି ପାଇପାରିବେ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି। ପ୍ରତ୍ୟେକ ପ୍ୟାକିଂରେ ପୁରୁଣା ମୂଲ୍ୟ ସହିତ ସଂଶୋଧିତ ନୂତନ ମୂଲ୍ୟ (ଏମ୍‌ଆର୍‌ପି) ତୁରନ୍ତ ଉଲ୍ଲେଖ କରିବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ରବିବାର ମନ୍ତ୍ରୀ ପାତ୍ର ସମସ୍ତ ଉତ୍ପାଦକ, ପ୍ୟାକର୍ ଓ ଆମଦାନୀକାରୀଙ୍କୁ ସଂଶୋଧିତ ଜିଏସ୍‌ଟି ହ୍ରାସକୁ ସାମଗ୍ରୀ ପ୍ୟାକ୍‌ରେ ପ୍ରତିଫଳିତ କରିବାକୁ କହିଛନ୍ତି। ସେ କହିଛନ୍ତି ଯେ, ସାମଗ୍ରୀରେ ନୂଆ ଏମ୍‌ଆର୍‌ପି ପ୍ରଦର୍ଶନ କରିବାକୁ ହେବ। ସମସ୍ତ ☞ପୃଷ୍ଠା–୨

# ନୂଆ ପ୍ରଜାତିର ମାଛ ଆବିଷ୍କୃତ

## ମଣିପୁର ମଧୁର ଜଳରେ ରହିଛନ୍ତି 'ଗାରା ନାମ୍ବାଶିଏନ୍‌ସିସ୍'

**ଇମ୍ଫାଲ, ୧୪।୯**

ମଣିପୁର କାମ୍‌ଜୋଙ୍ଗ ଜିଲାର ତାରେତ୍‌ଲୋକ ନଦୀରେ ନୂତନ ପ୍ରଜାତିର ଏକ ମଧୁର ଜଳ ମାଛକୁ ଆବିଷ୍କାର କରାଯାଇଛି। ପିଅର ରିଭ୍ୟୁଡ୍ ସାଇଣ୍ଟିଫିକ୍ ଜର୍ନାଲ ଜୁଟାକ୍ସାରେ ଏ ସମ୍ପର୍କିତ ଏକ ଅଧ୍ୟୟନ ପ୍ରକାଶ ପାଇଛି। ଲାବେଓନିନ୍ ମାଛର ନୂତନ ପ୍ରଜାତି 'ଗାରା ନାମ୍ବାଶିଏନ୍‌ସିସ୍'କୁ ସ୍ଥାନୀୟ କାସୋମ ଖୁଲ୍ଲେନ ନିକଟସ୍ଥ ନାମ୍ବାଶି ଉପତ୍ୟକାର ତାରେତଲୋକ ନଦୀରେ ଏହି ମାଛ ଠାବ ହୋଇଛି। ମଣିପୁରର ଧନ୍‌ମଞ୍ଜୁରୀ ୟୁନିଭର୍ସିଟି (ଡିଏମ୍‌ୟୁ) ଆସୋସିଏଟ୍ ପ୍ରଫେସର ବୁଙ୍ଗଡନ୍ ଶାଙ୍ଗନିଙ୍ଗମଙ୍କ ନେତୃତ୍ୱରେ ଗବେଷକମାନେ 'ଗାରା ନାମ୍ବାଶିଏନ୍‌ସିସ୍' ମାଛକୁ ଆବିଷ୍କାର କରିଛନ୍ତି। ଶାଙ୍ଗନିଙ୍ଗମ କହିଛନ୍ତି, ଏହି ପ୍ରଜାତିର ମାଛ ଚିହ୍ନଟ ପରେ ସେ ଏବଂ ତାଙ୍କ ଟିମ୍ ଜୁଟାକ୍ସା ପତ୍ରିକାରେ ପ୍ରକାଶନ ନିମନ୍ତେ ଏକ ଅଧ୍ୟୟନପତ୍ର ଦାଖଲ କରିଥିଲେ। ତେବେ ନିକଟରେ 'ଗାରା ନାମ୍ବାଶିଏନ୍‌ସିସ୍' ମାଛର ଆବିଷ୍କାରକୁ ଜୁଟାକ୍ସା ସ୍ୱୀକୃତି ଦେଇଛି। ଶାଙ୍ଗନିଙ୍ଗମ ଆହୁରି କହିଛନ୍ତି, ଏହି ମାଛର ଆକାର ୯ରୁ ୧୪ ସେ.ମି. ମଧ୍ୟରେ ହୋଇଥିବାବେଳେ ଏହା ସ୍ଥାନୀୟ ଅଞ୍ଚଳରେ ନୁଟୁଙ୍ଗନୁ ନାମରେ ପରିଚିତ। ଏହି ନୂତନ ପ୍ରଜାତିର ମାଛଙ୍କଠାରେ ଚତୁର୍ଭୁଜ ଆକାରର ଏକଖଣ୍ଡି ଶୁଣ୍ଢ ରହିଛି। ଶୈବାଳ ଆଚ୍ଛାଦିତ କଙ୍କଣ ଶଯ୍ୟା, ପଥର, ବାଲି, ସୂକ୍ଷ୍ମ ପଙ୍କ ଆଦି ମିଶ୍ରିତ ପଦାର୍ଥ ଥିବା ଦ୍ରୁତ ପ୍ରବାହିତ ନଦୀରେ 'ଗାରା ନାମ୍ବାଶିଏନ୍‌ସିସ୍'କୁ ଆବିଷ୍କାର କରାଯାଇଥିଲା। ପୂର୍ବୋତ୍ତର ଭାରତ, ପୂର୍ବ ହିମାଳୟ ଓ ଇଣ୍ଡୋ ବର୍ମା ଅଞ୍ଚଳର ଚିନ୍ଦୱିନ୍, ବ୍ରହ୍ମପୁତ୍ର, ବରାକ୍, କଲାଦାନ ନଦୀ ସହ ଭୁଟାନ, ତିବ୍ବତ, ବାଂଲାଦେଶକୁ ସଂଲଗ୍ନ ଅଞ୍ଚଳରେ ଥିବା ନଦୀରେ ଏହି ପ୍ରଜାତିର ମାଛ ରହିଛନ୍ତି ବୋଲି ଅଧ୍ୟୟନରେ ପ୍ରକାଶ ପାଇଛି।





# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଖୋର୍ଦ୍ଧା ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବାଲିଅନ୍ତା ବ୍ଲକ ଅନ୍ତର୍ଗତ ବେଣ୍ଟପୁରସ୍ଥିତ କଲ୍ୟାଣ ମଣ୍ଡପ, ସମୟ: ସକାଳ ୯ଟା।
- ପ୍ରୟାସ ନବରାତ୍ରୀ ଡାଣ୍ଡିଆ ମହୋତ୍ସବ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଦ୍ଧମନ୍ଦିର, ୟୁନିଟ୍ ୩, ସମୟ: ଅପରାହ୍ନ ୪ଟା।
- ମାସିକ ସାଂସ୍କୃତିକ କାର୍ଯ୍ୟକ୍ରମ 'ସଙ୍ଗୀତାୟନ' ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ଆୟୋଜିତ ନାଟ୍ୟ ଲହରୀ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ସିଆର୍ଏପିଟିଏସ୍ ଫାଉଣ୍ଡେଶନ୍ ପକ୍ଷରୁ ଇଞ୍ଜିନିୟର୍ସ ଦିବସ ପାଳନ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦।

## କଟକ

- କଟକ ସିଟି ଇଞ୍ଜିନିୟର୍ସ କ୍ଲବ ପକ୍ଷରୁ ୫୮ତମ ଯନ୍ତ୍ରୀ ଦିବସ ସମାରୋହ, ସ୍ଥାନ: ଶ୍ରୀରାମ ଚନ୍ଦ୍ର ଭବନ, ସମୟ: ସକାଳ ୯ଟା ୩୦।
- ଧନେଶ୍ୱର ରଥ ଫାଉଣ୍ଡେଶନ ପକ୍ଷରୁ ପୂଜ୍ୟପୂଜା ସମାରୋହ ୨୦୨୫, ସ୍ଥାନ: ଜୟଶ୍ରୀ ଅଡିଟୋରିୟମ, ଡ୍ରିମ୍ସ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପୂର୍ଣ୍ଣିମା ଫାଉଣ୍ଡେଶନ ପକ୍ଷରୁ ସାର ଏମ୍ ବିଶେଶ୍ୱରାୟଙ୍କ ୧୬୫ତମ ଜୟନ୍ତୀ ଓ ଯନ୍ତ୍ରୀ ଦିବସ, ସ୍ଥାନ: ମହାନଦୀ ଭବନ, ମହାନଦୀବିହାର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଦି ଓଡ଼ିଶା ଇଞ୍ଜିନିୟର୍ସ ଫୋରମ ପକ୍ଷରୁ ୫୮ତମ ଯନ୍ତ୍ରୀ ଦିବସ ପାଳନ, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରିଣୀ ସଂଘ ଭକ୍ତିପସରାର ସପ୍ତବିଂଶତମ ବାର୍ଷିକ ଉତ୍ସବ ପ୍ରବଚନର ଉଦ୍‌ଯାପନୀ ଦିବସ, ସ୍ଥାନ: ଶ୍ରୀବଳଦେବଜୀଉ ମନ୍ଦିର ପରିସର, ରାଣୀହାଟ, ସମୟ: ସନ୍ଧ୍ୟା ୭ଟା।
- କଟକ ସତସଙ୍ଗ ବିହାର ଆନୁକୂଲ୍ୟରେ ଖାନନଗର ଗୁରୁଭ୍ରାତାଙ୍କ ପକ୍ଷରୁ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ର ପରିକ୍ରମା ସତସଙ୍ଗ, ସ୍ଥାନ: ଗୋପାଳଜୀଉ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦।

## ପୁରୀ

- ସର୍ବଭାରତୀୟ ବାଳିକା ଓ ବାଳକ କନିଷ୍ଠ ବର୍ଗ ଟେନିସ ଟୁର୍ନାମେଣ୍ଟ, ସ୍ଥାନ: ସାଇ ଏକାଡେମୀ, ଫୁଲ ଅଳସା, ସାକ୍ଷୀଗୋପାଳ, ସମୟ: ସକାଳ ୮ଟା।
- ଇନ୍‌ଡୋର ଷ୍ଟାଡିୟମ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଉତ୍କଳ ମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ:କଣ୍ଟେଇ ଛକ, ବାଲେଶ୍ୱର, ସମୟ:ସକାଳ ୭ଟା ୩୦।
- ୫୮ତମ ଇଞ୍ଜିନିୟର୍ସ ଦିବସ ପାଳନ, ସ୍ଥାନ:ଭେନିୟା ପାରାଡାଇଜ୍, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା।
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ବ୍ଲକ କାର୍ଯ୍ୟାଳୟ, ନୀଳଗିରି, ସମୟ:ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ବନ୍ଧୁମିଳନ ଓ ପ୍ରସାଦ ସେବନ, ସ୍ଥାନ: କୁଆଁସ କାଞ୍ଚନ ଗଣେଶ ପୂଜା ମଣ୍ଡପ, ଭଦ୍ରକ, ସମୟ: ଅପରାହ୍ନ ୧ଟା।

## କେନ୍ଦୁଝର

- ଜିଲାସ୍ତରୀୟ ଶିଶୁ ମହୋତ୍ସବ, ମହକ ଆଣ୍ଡ ଉତ୍ସାହ, ସ୍ଥାନ: କେନ୍ଦୁଝର ଶଙ୍କରପୁର ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସ, ସମୟ: ପୂର୍ବାହ୍ନ ୯ ଟା।
- ମା' ମଙ୍ଗଳା ମନ୍ଦିର ଓ ଶ୍ରୀ ଜଗନ୍ନାଥ ମନ୍ଦିରର ଷୋଡ଼ଶ ଦିନାତ୍ମକ ପୂଜା, ସ୍ଥାନ: ଯୋଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ବିଲ୍ଡିଂର ଶୁଭ ଉଦ୍‌ଘାଟନ, ସ୍ଥାନ:ଷ୍ଟାଡିୟମ ବାରିପଦା, ସମୟ:ସକାଳ ୯ଟା
- ଝୁମର କର୍ମଶାଳା, ସ୍ଥାନ: ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପରିସର, ତକତପୁର, ବାରିପଦା, ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର

- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ

- ଗ୍ରାମପଞ୍ଚାୟତ ସ୍ତରୀୟ ଜନଶୁଣାଣି, ସ୍ଥାନ: ଆସିକା ବ୍ଲକ ବାଲିଛାଇ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ; ବୁଗୁଡ଼ା, ମୋଟାବାଡ଼ି ; ନିମଖଣ୍ଡି ପେଣ୍ଠ ପଞ୍ଚାୟତ କାର୍ଯ୍ୟାଳୟ, ଦିଗପହଣ୍ଡି, ସମୟ: ପୂର୍ବାହ୍ନ ୧୦ ଟା।
- ଏସ୍ଆର୍ଏଫ୍ କେମିକାଲ ଆଣ୍ଡ ସ୍ପେସିଆଲ ନିମନ୍ତେ ଭିତ୍ତିପ୍ରସ୍ତର, ସ୍ଥାନ: ଟାଟା ଷ୍ଟିଲ ସ୍ପେସିଆଲ ଇକୋନୋମିକ ଜୋନ୍ ଲିମିଟେଡ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜନୀତି ବିଜ୍ଞାନ ବିଭାଗର ପାଠଚକ୍ର, ସ୍ଥାନ: ବୁଗୁଡ଼ା, ପିପୁଲ୍ସ କଲେଜ, ସମୟ: ପୂର୍ବାହ୍ନ ୧୧ ଟା ।
- ହାତୀ ସଭା, ସ୍ଥାନ: ରାମଜୀ କଲେଜ ପରିସର, ଭୀଷ୍ମଗିରି ଗାଁ, ଦିଗପହଣ୍ଡି, ସମୟ: ମଧ୍ୟାହ୍ନ ୧୨ ଟା।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ହିନ୍ଦୋଳ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଏଏପି ପକ୍ଷରୁ ଗଣଧାରଣା, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ଫାଟକ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା୩୦।

## ଜଗତ୍‌ସିଂହପୁର

- ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଜଗତ୍‌ସିଂହପୁର ଜିଲାରେ ଓସ୍‌ୱାସର କାର୍ଯ୍ୟକାରିତା ଉପରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ସମୟ: ଅପରାହ୍ନ ୧ଟା୩୦।

## କେନ୍ଦ୍ରାପଡ଼ା

- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: କୋରୁଆ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ବଡ଼ଚଣା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼

- ଜିଲାପାଳଙ୍କ ଜନଶୁଣାଣି, ସ୍ଥାନ: ଖଣ୍ଡପଡା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାସ୍ଥ୍ୟସେବାର ଟାସ୍କଫୋର୍ସ ବୈଠକ, ସ୍ଥାନ: ବଡପଣ୍ଡୁସର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ଅପରାହ୍ନ ୩ଟା।
- ବିମଳାଙ୍କ ଷୋଡଶ ପୂଜାର ଦିତୀୟ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଗୁଣପୁର ଉପ ଜିଲାପାଳ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ , ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ନବରଙ୍ଗପୁର

- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଉମରକୋଟ ପୌର କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ପଞ୍ଚାୟତ ସମିତି ସାଧାରଣ ବୈଠକ, ସ୍ଥାନ: ଝରିଗାଁ ପଞ୍ଚାୟତ ସମିତି ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ।
- ଏମ୍‌ଜିଏନ୍‌ଆରଇଜିଏସ୍ ଜନ ଶୁଣାଣି ଶିବିର, ସ୍ଥାନ: ଡାବୁଗାଁ ବ୍ଲକ୍ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ ଟା।

## କୋରାପୁଟ

- ଜିଲାସ୍ତରୀୟ ଜନଶୁଣାଣି, ସ୍ଥାନ: ବ୍ଲକ ସଭାଗୃହ, ନାରାୟଣପାଟଣା, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଅତଣ୍ଡା ପଞ୍ଚାୟତ, ନନ୍ଦପୁର ବ୍ଲକ୍, ସୋରିଷ ପଦର ପଞ୍ଚାୟତ କାର୍ଯ୍ୟାଳୟ, ସେମିଳିଗୁଡ଼ା ବ୍ଲକ, ସ୍ଥାନ: ଲିଟିଗୁଡା ପଞ୍ଚାୟତ କାର୍ଯ୍ୟାଳୟ ପରିସର, ଲିଟିଗୁଡା ବ୍ଲକ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର, ସ୍ଥାନ: ତହସିଲ କାର୍ଯ୍ୟାଳୟ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କୋରୁକୋଣ୍ଡା ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା ।
- ଜିଲା ପ୍ରଶାସନର ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : ଝୁଝୁମୁରା ବ୍ଲକ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା ।
- ସତ୍ୟନାରାୟଣ ବହିଦାର ସାହିତ୍ୟ ପରିଷଦ ପକ୍ଷରୁ ସମ୍ବଲପୁରୀ କବିତା ପାଠୋତ୍ସବ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ଅପରାହ୍ନ ୫ଟା ।

## ବଲାଙ୍ଗୀର

- ନଗର କଂଗ୍ରେସ ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ଘେରାଉ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା
- ନଗର କଂଗ୍ରେସ ପକ୍ଷରୁ ପଥପ୍ରାନ୍ତ ନାଟକ ପରିବେଷଣ, ସ୍ଥାନ: ବିକ୍ରମ ଛକ, ସମଲେଶ୍ୱରୀ ମନ୍ଦିର ଛକ, ସୁଦପଡା ହନୁମାନ ମନ୍ଦିର ଛକ, ପୁରୁଣା ସରକାରୀ ବସଷ୍ଟାଣ୍ଡ ଛକ ଓ ଭାଗିରଥି ଛକ, ବଲାଙ୍ଗୀର ସମୟ: ଅପରାହ୍ନ ୫ଟାରୁ

## ରାଉରକେଲା

- ଶାରଦୀୟ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ, ସେକ୍ଟର-୧୬, ସମୟ: ପୂର୍ବାହ୍ନ ୧୦ଟା।
- ଦୁର୍ଗାପୂଜା ସୁବର୍ଣ୍ଣ ଜୟନ୍ତୀ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ଗଙ୍ଗାଧରପାଲୀ, ଦୁର୍ଗାପୂଜା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼

- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଶିବିର, ସ୍ଥାନ: ସଦଭାବନା ଭବନ, ସୁନ୍ଦରଗଡ, ସମୟ: ପୂର୍ବାହ୍ନ ୧୦ଟା୩୦।

## ବରଗଡ଼

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ଅମ୍ବାଭୋନା, ସମୟ:ପୂର୍ବାହ୍ନ ୧୦ଟା।
- ଦୁର୍ଗାପୂଜା ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ କମିଟିର ଖବରଦାତା ସମ୍ମିଳନୀ, ସ୍ଥାନ:ଜଗନ୍ନାଥ ନଗର ଦୁର୍ଗା ମଣ୍ଡପ, ସମୟ:ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜୟପାଟଣା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଅଗ୍ରସେନ ଜୟନ୍ତୀ ପାଳନ, ସ୍ଥାନ: ଜୁନାଗଡ଼ ଅଗ୍ରେସନ ଭବନ, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ କଣ୍ଟାମାଳ, ସମୟ:ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣ, ସ୍ଥାନ: ବାରକୋଟ ବ୍ଲକ କଣ୍ଟାପାଳି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଲୁତୁରପଙ୍କ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯେଗ ଶୁଣାଣି ଶିବିର, ସ୍ଥାନ: ତରଭା ବ୍ଲକ କମସରା ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଷୋହଳ ପୂଜାର ଦ୍ୱିତୀୟ ଦିବସ, ସ୍ଥାନ: ମାହେଶ୍ୱରୀ ମନ୍ଦିର କର୍ଡାପାଲ, ମୁର୍ଷୁଣ୍ଡି ପଞ୍ଚାୟତ, ବୀରମହାରାଜପୁର, ସମୟ: ଅପରାହ୍ନ ୧ଟା।

## ନୂଆପଡ଼ା

- ପଞ୍ଚାୟତସ୍ତରୀୟ ନୂଆଖାଇ ଭେଟ୍‌ଘାଟ, ସ୍ଥାନ: ଖଡ଼ିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ରଜାମୁଣ୍ଡା ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସିନାପାଲି, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସିନାପାଲି ବ୍ଲକ ଛତିଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ସାମାଜିକ ସ୍ତରରେ ସାଂସ୍କୃତିକ କିମ୍ବା ଆନୁଷ୍ଠାନିକ କର୍ମ ସମ୍ପାଦନରେ ମୁଖ୍ୟ ଭୂମିକା ଗ୍ରହଣ କରିପାରନ୍ତି। କଚେରି ମାମଲାରେ ପ୍ରତିପକ୍ଷ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିବେ। ପାରିବାରିକ ଜୀବନ ସୁଖ, ସନ୍ତୋଷରେ କଟିବାର ଆଶା ରହିଛି।

**ବୃଷ** କର୍ମକ୍ଷେତ୍ରରେ ପରିସ୍ଥିତିକୁ ସଜାଡି ନେବା ସାଙ୍ଗକୁ ଦୃଢ଼ ପଦକ୍ଷେପ ନେଇ କାର୍ଯ୍ୟ ହାସଲ କରିବେ। ସାହିତ୍ୟ ଓ କ୍ରୀଡ଼ା ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ବ୍ୟବସାୟିକ ଦିଗରୁ ଦିନଟି ମନ୍ଦ ନୁହେଁ, ଫଳତଃ ମାନସିକ ସ୍ଥିତି ବହୁତ ଭଲ ରହିବ। ଅଫିସ୍‌ରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହୋଇପାରନ୍ତି।

**ମିଥୁନ** ପାରିବାରିକ ଜୀବନରେ ଚାପର ବଶବର୍ତ୍ତୀ ହୋଇ କେତେକ କାମ କରିବାକୁ ବାଧ୍ୟ ହେବେ। ପଡ଼ୋଶୀ ମାନେ ଈର୍ଷାନ୍ୱିତ ହୋଇ ଭିନ୍ନ ପ୍ରକାରର ମନ୍ତବ୍ୟ ଦେଇପାରନ୍ତି। ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ସ୍ଥିତି ମାନ୍ଦା ହେବନାହିଁ। ଆଜି ଅଫିସ୍‌ରୁ ଫେରନ୍ତା ବାଟରେ ନୂତନ ମିତ୍ରତା ସୃଷ୍ଟି କରିପାରନ୍ତି।

**କର୍କଟ** ପ୍ରତ୍ୟେକ ଦିଗରୁ ଦିନଟି ଖୁସି ଓ ଆନନ୍ଦରେ ଅତିବାହିତ ହେବାର ସୁଯୋଗ ଲଭିବେ। ବନ୍ଧୁମାନଙ୍କ ପ୍ରେରଣା ଲାଭକରି ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ତତ୍‌ପରତା ବଢ଼ିପାରେ। ପୂର୍ବକଳ୍ପିତ ଯୋଜନାକୁ ବାସ୍ତବ ରୂପ ଦେବାରେ ସଫଳ ହେବେ। ନିର୍ମାଣ, ପରିବହନ, ସଭାସମିତି, ସାମ୍ବାଦିକତା ପ୍ରଭୃତି କ୍ଷେତ୍ରରେ ସମସ୍ୟା ଦୂର ହେବ।

**ସିଂହ** ଦୀର୍ଘଦିନରୁ ଯାହା ଆଜିଯାଏ ଚାହୁଁଛନ୍ତି ତାହା ପାଇବା ସକାଶେ ଅନୁକୂଳ ଦିନଟିଏ। ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ସାମାଜିକ ସ୍ତରରେ ନୀତିଗତ କାମରୁ ପ୍ରଶଂସିତ ହେବାର ସୁଯୋଗ ପାଇବେ। ଭୁଲ୍ ବୁଝାମଣାରୁ ପାରିବାରିକ ଶାନ୍ତି ଓ ସୁସ୍ଥତା ବ୍ୟାହତ ହୋଇପାରେ।

**କନ୍ୟା** କୌଣସି ତ୍ରୁଟି ନ ଥାଇ ମଧ୍ୟ ବାରମ୍ବାର ସମସ୍ୟା ବୃଦ୍ଧି ପାଉଥିବାରୁ ଅନ୍ୟମାନଙ୍କ ପ୍ରତି ଭଲ ଧାରଣା ହ୍ରାସ ପାଇପାରେ। ପାରିବାରିକ ଆବଶ୍ୟକତା ପୂରଣ ସକାଶେ ଧାର ସୂତ୍ରରେ ଅର୍ଥ ଆଣିବେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିଯିବ। ଆଜିର ଯାତ୍ରା, ବାଣିଜ୍ୟ, ଯୋଗାଯୋଗ, ଗମନାଗମନ ପାଇଁ ଅସୁବିଧା ହେବନାହିଁ।

**ତୁଳା** ଆଜି ଖଳଲୋକଙ୍କ ଦ୍ୱାରା ସୁନିୟନ୍ତ୍ରିତ କାର୍ଯ୍ୟ ଲାଗି କର୍ମକ୍ଷେତ୍ରରେ ଅପମାନଜନକ ସ୍ଥିତିରୁ ରକ୍ଷା ମିଳିବ। ବାଧ୍ୟବାଧକତାବଶତଃ ଇଚ୍ଛା ନଥିଲେ ମଧ୍ୟ କେତେକ କାମ କରିବାକୁ ପଡ଼ିପାରେ। ଅଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବାର ସୂଚନା ରହିଛି। ଈର୍ଷାପରାୟଣ ହୋଇ ଆତ୍ମୀୟସ୍ୱଜନ ବିରୁଦ୍ଧାଚରଣ କରିପାରନ୍ତି।

**ବିଛା** ଆଶା ପୂରଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବାରେ ସମ୍ପର୍କୀୟଙ୍କ ଅବଦାନକୁ ଭୁଲିପାରିବେ ନାହିଁ। ରାଜନୈତିକ ସ୍ତରରେ ନେତୃସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି। ପରକଥାକୁ ପ୍ରାଧାନ୍ୟ ଦେଲେ ପାରିବାରିକ କ୍ଷେତ୍ରରେ ଅଶାନ୍ତି ଆସିବ। ସ୍ୱାସ୍ଥ୍ୟହାନି କାରଣରୁ ବାରମ୍ବାର ଧାଁ ଧଉଡ କରିବାକୁ ପଡ଼ିପାରେ।

**ଧନୁ** କର୍ମକ୍ଷେତ୍ରରେ ବନ୍ଧୁମାନଙ୍କ ସାହାଯ୍ୟ ଓ ସଦିଚ୍ଛା ଲାଭ କରି ଖୁସି ରହିବେ। ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରହନ୍ତୁ ନତୁବା ଅଯଥା ଅଶାନ୍ତି ସୃଷ୍ଟି ହେବାର ଆଶଙ୍କା ରହିଛି। ଅଜଣା ବ୍ୟକ୍ତିଙ୍କ ଦ୍ୱାରା ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ନିଜର କୌଣସି କାମ ହାସଲ ପାଇଁ ପର ଉପରେ ନିର୍ଭର କରିପାରନ୍ତି।

**ମକର** ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ କଳହ ଦେଖାଦେଇପାରେ। ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିପାରିଲେ ନିଶ୍ଚିତ ସଫଳତା ହାସଲ କରିବେ। ମାଲିମକଦ୍ଦମା ତଥା ବିବାଦୀୟ କ୍ଷେତ୍ରରେ ପରିସ୍ଥିତି ଭିନ୍ନରୂପ ନେଇପାରେ। ବନ୍ଧୁଙ୍କ ଜରିଆରେ ଅପରାହ୍ନେ ଆଶା କରୁଥିବା ଜିନିଷଟି ପାଇ ଖୁସି ହୋଇଯିବେ।

**କୁମ୍ଭ** ପରିବାରରେ ଅଯଥା ସନ୍ଦେହଜନିତ କଳହ ଲାଗିରହିବ। କର୍ମକ୍ଷେତ୍ରରେ ଯୋଜନାଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକାରୀ କରିବା କଷ୍ଟକର ହେବ। ବନ୍ଧୁଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ଭାବବିହ୍ୱଳ ହୋଇ କାମ କରିପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ରାଜନୀତି, ଚଳଚ୍ଚିତ୍ରରେ ଥିବା ସମସ୍ୟାର ସମାଧାନ ହୋଇଯିବ।

**ମୀନ** ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ବନ୍ଧୁମିଳନ ପ୍ରୀତିପ୍ରଦ ରହିବ। ସମସ୍ୟା ବିଜଡିତ ପରିସ୍ଥିତିରେ ବନ୍ଧୁଙ୍କ ସହାନୁଭୂତି ଲାଭ କରି କାମ ହାସଲ କରିବେ। ସାମାଜିକ ସ୍ତରରେ ଜନହିତକର କାର୍ଯ୍ୟରେ ନିଜକୁ ଲିପ୍ତ ରଖିପାରନ୍ତି। ବାଟରେ ବନ୍ଧୁଙ୍କ ଦେଖା ନ ପାଇ ବ୍ୟସ୍ତ ହେବାକୁ ପଡ଼ିପାରେ।

ଆଜି ସେପ୍ଟେମ୍ବର ୧୫ ତାରିଖ, ଅଭିଯନ୍ତା (ଇଞ୍ଜିନିୟର୍ସ ଦିବସ), ଭାରତରତ୍ନ ସାର୍ ଏମ୍. ବିଶ୍ୱେଶ୍ୱରାୟାଙ୍କ ଜୟନ୍ତୀ, ମାସାନ୍ତ, ଆଶ୍ୱିନ କୃଷ୍ଣ ନବମୀ, ସୋମବାର, ରାଶିନକ୍ଷତ୍ର-ସକାଳ ଘ.୦୭।୩୨ ମି. ଗତେ, ଆର୍ଦ୍ରା/ମିଥୁନ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ମହାଳୟା ବିଧିରେ କରାଯିବ, ସକାଳ ଘ.୦୫।୩୭ ଗତେ ଘ. ୦୭।୦୮ ମଧ୍ୟେ, ଘ.୧୦।୨୮ ଗତେ ଘ.୧୨।୫୪ ମଧ୍ୟେ ଶୁଭ ଶୁଭବେଳା। ସକାଳ ଘ.୦୭।୦୮ ଗତେ ଘ.୦୮।୩୯ ମଧ୍ୟେ ରାହୁ କାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ମନ ଗଢେ ପାଠ**
**ଘର ଗଢେ କାଠ ।**

ପାଠ ବା ଜ୍ଞାନ ମଣିଷକୁ ଦିଗ୍‌ଦର୍ଶନ ଦେଇଥାଏ। ଜୀବନରେ ଉଚିତ ମାର୍ଗ ଦର୍ଶାଇଥାଏ। ଜ୍ଞାନ ବଳରେ ମଣିଷର ସବୁବେଳେ ଜିତାପଟ ହୋଇଥାଏ। ସେହିପରି ଘର ଗଢିବାରେ କାଠର ବହୁତ ଆବଶ୍ୟକତା ରହିଥାଏ। ଘରର ଆସବାବପତ୍ରଠୁ ଆରମ୍ଭ କରି ସୌଖୀନ ବସ୍ତୁ ପର୍ଯ୍ୟନ୍ତ ସବୁଥିରେ କାଠ ଲୋଡା ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମାଉସୀ ମା**
**ଖରାବେଳେ ଦିଏ ଖଣ୍ଡିଆ ଦାଆ।**

ମା' ଯେମିତି ପିଲାଙ୍କ ଯତ୍ନ ନେଇଥାଏ ଓ ସ୍ନେହ ଶ୍ରଦ୍ଧା କରିଥାଏ, ତାହା ସେମିତି ଆଉ କେହି କରିପାରି ନ ଥାନ୍ତି। ମାଆର ଭଉଣୀ ସାବତ ମାଆ କେବେ ଜନ୍ମଦାତ୍ରୀ ମାଆ ପରି ହୋଇପାରି ନ ଥାଏ। କେବେ ବି ସେ ଜନ୍ମକଲା ମାଆ ପରି ପିଲା ମନର ଭାବ, ଆବେଗ ବୁଝିପାରି ନ ଥାଏ। ଅନେକ ସମୟରେ ଏଭଳି ମାଆଠାରୁ ହତାଦର ବା ଅବହେଳାର ଶିକାର ହେବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଦେଶର ବିକାଶକୁ ଦ୍ରୁତ କରିବ ଏକ ରାଷ୍ଟ୍ର ଏକ ନିର୍ବାଚନ : ସୁନୀଲ ବଂଶଲ

ଭୁବନେଶ୍ୱର,୧୪।୯ (ରବିନାରାୟଣ ଜେନା)

ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଭାରତ। ମାତ୍ର ଏଠାରେ ବାରମ୍ବାର ନିର୍ବାଚନ ହେବା ଯୋଗୁ ଅନେକ ସମସ୍ୟା ସୃଷ୍ଟି ହେଉଛି। ଏହାକୁ ବଦଳାଇ ଗୋଟିଏ ରାଷ୍ଟ୍ର, ଗୋଟିଏ ନିର୍ବାଚନ କରି ଏହି ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଏହା ଦେଶର ବିକାଶ ଓ ସମୃଦ୍ଧିକୁ ଦ୍ରୁତଗତିରେ ଆଗକୁ ନେବାରେ ସହାୟକ ହେବ ବୋଲି ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ବଂଶଲ କହିଛନ୍ତି। ରବିବାର ସୋଆ ବିଶ୍ୱବିଦ୍ୟାଳୟଠାରେ 'ଏକ ରାଷ୍ଟ୍ର ଏକ ନିର୍ବାଚନ' ଶୀର୍ଷକ ଆଲୋଚନାଚକ୍ରରେ ଅଂଶଗ୍ରହଣ କରି ବଂଶଲ କହିଛନ୍ତି, ୨୦୧୯ ସାଧାରଣ ନିର୍ବାଚନ ଖର୍ଚ୍ଚ ୬୦,୦୦୦ କୋଟି ଟଙ୍କା ଥିବାବେଳେ ୨୦୨୪ ଲୋକ ସଭା ନିର୍ବାଚନ ଖର୍ଚ୍ଚ ୧.୩୫ ଲକ୍ଷ କୋଟିରେ ପହଞ୍ଚିଛି। ସେହିପରି ଦେଶରେ ବାରମ୍ବାର ନିର୍ବାଚନ ହେବା ଦ୍ୱାରା ୪-୭ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେଉଛି ବୋଲି ସେ କହିଥିଲେ।

# ପ୍ରଥମ ପୃଷ୍ଠାରୁ...

## ବ୍ରିଟେନ୍‌ରେ ତେଜିଲା ...

ଲୋକ ସାମିଲ ହୋଇଛନ୍ତି। ଉଭୟ ଗୋଷ୍ଠୀ ମୁହାଁମୁହିଁ ଅବସ୍ଥାରେ ଥିବାବେଳେ ରବିନ୍‌ସନ୍‌ଙ୍କ ସମର୍ଥକ ଓ ମେଟ୍ରୋପଲିଟାନ୍ ପୋଲିସ ମଧ୍ୟରେ ସଂଘର୍ଷ ହୋଇଛି। ବିକ୍ଷୋଭକାରୀମାନେ ବୋତଲ ଓ ଟେକାମାଡ଼ କରିବାରୁ ୨୬ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି, ଯାହାଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସ୍ଥିତି ଯେପରି ନିୟନ୍ତ୍ରଣ ବାହାରକୁ ନ ଯିବ ସେଥିଲାଗି ୧,୦୦୦ରୁ ଊର୍ଦ୍ଧ୍ୱ ପୋଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ପୋଲିସ ୨୫ ବିକ୍ଷୋଭକାରୀଙ୍କୁ ଗିରଫ କରିଛି। ସେମାନଙ୍କ ବିରୋଧରେ ହିଂସାତ୍ମକ କାର୍ଯ୍ୟକଳାପ, ଆପରାଧିକ ଉଦ୍ଦେଶ୍ୟ ରଖି ଭଙ୍ଗାରୁଜା ଆଦି ଅଭିଯୋଗରେ ମାମଲା ରୁଜୁ କରାଯାଇଛି। ପଲିଟିକୋଲ ଆକ୍ଟିଭିଷ୍ଟ ଟୋମି ରବିନ୍‌ସନ୍‌ଙ୍କ ସମର୍ଥକମାନେ ଚଳାଇଥିବା ଏହି ଆନ୍ଦୋଳନକୁ ଅଭିବ୍ୟକ୍ତି ସ୍ୱାଧୀନତା ପାଇଁ ଉଦ୍ଦିଷ୍ଟ ବୋଲି କୁହାଯାଉଛି। ୟୁରୋପର ବହୁ ସଂଖ୍ୟକ ଇନ୍‌ଫ୍ଲୁଏନ୍ସର ଓ ଦକ୍ଷିଣପନ୍ଥୀ ରାଜନେତା ଏହାକୁ ସମର୍ଥନ କରିଛନ୍ତି। ୟୁରୋପରୁ ମୁସଲିମ୍ ସଂସ୍କୃତିକୁ ବିଦା କରିବା ପାଇଁ ରବିନ୍‌ସନ୍‌ଙ୍କ ନେତୃତ୍ୱରେ ଚାଲିଥିବା ବିକ୍ଷୋଭ ଏକ ଯଥାର୍ଥ ପଦକ୍ଷେପ ବୋଲି ଫ୍ରାନ୍ସର ଦକ୍ଷିଣପନ୍ଥୀ ନେତା ଏରିକ୍ ଜେମୋର କହିଛନ୍ତି। ଇତିମଧ୍ୟରେ ଟେସ୍‌ଲା ସିଇଓ ତଥା ସାମାଜିକ ଗଣମାଧ୍ୟମ ମଞ୍ଚ X' ମାଲିକ ଏଲନ୍ ମସ୍କ ଏକ ଭିଡିଓ ଲିଙ୍କ୍ ଜରିଆରେ ଆନ୍ଦୋଳନକାରୀଙ୍କୁ ସମ୍ବୋଧିତ କରି ବ୍ରିଟେନ୍‌ର ବାମପନ୍ଥୀ ସରକାରକୁ ନିନ୍ଦା କରିଛନ୍ତି। ବ୍ରିଟିଶ୍ ହେବା ଖୁସିର କଥା। କିନ୍ତୁ ବର୍ତ୍ତମାନ ବ୍ରିଟେନ୍‌କୁ ବରବାଦ କରାଯାଉଛି। ଆରମ୍ଭରୁ ଏହା ଏକ ଧୀର ଅବକ୍ଷୟ ଥିଲା, ଯାହାକି ପରବର୍ତ୍ତୀ ସମୟରେ ଦେଶକୁ ଅନିୟନ୍ତ୍ରିତ ଭାବେ ଧ୍ୱଂସ କରିବାକୁ ବସିଛି ବୋଲି ମସ୍କ କହିଛନ୍ତି। ରବିନ୍‌ସନ୍ ନିଜ ସମର୍ଥକମାନଙ୍କୁ ସମ୍ବୋଧିତ କରି କହିଛନ୍ତି, ବ୍ରିଟେନ୍‌କୁ ନିର୍ମାଣ କରିଥିବା ବ୍ରିଟିଶ୍‌ଙ୍କ ତୁଳନାରେ ବର୍ତ୍ତମାନ ଦେଶର ଆଇନଅଦାଲତ ଆପ୍ରବାସୀମାନଙ୍କୁ ଅଧିକ ଅଧିକାର ପ୍ରଦାନ କରିଛି। ଏହି ଧାରାକୁ ଉଚ୍ଛେଦ କରିବାକୁ ପଡ଼ିବ। ୟୁନିୟନ୍ ଜ୍ୟାକ୍ ଧରିଥିବା ତାଙ୍କ ସମର୍ଥକମାନେ ଏହା ଶୁଣିବା ପରେ ସ୍ଲୋଗାନ ଦେଇଥିଲେ, 'ବହୁତ ହୋଇଗଲା'। 'ଏବେ ସେମାନଙ୍କୁ ବିଦା କର'। 'ଆମ ପିଲାଛୁଆଙ୍କୁ ସୁରକ୍ଷା ଦିଅ'।

## ଦକ୍ଷିଣପନ୍ଥୀ ଟମି...

ଚର୍ଚ୍ଚାକୁ ଆସିଥିଲେ। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଜାତୀୟତାବାଦୀ ତଥା ଇସ୍‌ଲାମବିରୋଧୀ ସଙ୍ଗଠନ ହେଉଛି ବ୍ରିଟେନ୍‌ର ଅନ୍ୟତମ ସର୍ବାଧିକ ପ୍ରଭାବଶାଳୀ ଦକ୍ଷିଣପନ୍ଥୀ ଅର୍ଗାନାଇଜେଶନ୍, ଯାହାକି ୨୦୧୦ ଦଶକର ମଧ୍ୟଭାଗ ପର୍ଯ୍ୟନ୍ତ ସକ୍ରିୟ ରହିଥିଲା। ରବିନ୍‌ସନ୍ ୨୦୧୧ରେ ଜେନ୍ନା ଲେନୋନ୍‌ଙ୍କୁ ବିବାହ କରିଥିଲେ। ଏହାର ୧୦ ବର୍ଷ ପରେ ଏହି ଦମ୍ପତି ପରସ୍ପରଠାରୁ ବିଚ୍ଛେଦ ହୋଇ ଛାଡ଼ପତ୍ର ପନ୍ଥା ଆପଣାଇଥିଲେ। ଏହାର କିଛିଦିନ ପରେ ରବିନ୍‌ସନ୍‌ଙ୍କୁ ଦେବାଳିଆ ଘୋଷଣା କରାଯାଇଥିଲା। ୨୦୨୧ରେ ଏକ ହାଇକୋର୍ଟ ରାୟକୁ ଅମାନ୍ୟ କରିବାରୁ ଗତବର୍ଷ ଅକ୍ଟୋବରରେ ତାଙ୍କୁ ୧୮ ମାସ ପାଇଁ ଜେଲ ଦଣ୍ଡାଦେଶ ହୋଇଥିଲା। ରବିନ୍‌ସନ୍ ବିଲିଅନେୟାର ଏଲନ୍ ମସ୍କଙ୍କୁ ନିଜର ଜଣେ ସମର୍ଥକ ବୋଲି କହିଥାନ୍ତି। ରବିନ୍‌ସନ୍ ଜେଲରେ ଥିବାବେଳେ ମସ୍କ ତାଙ୍କ ସମର୍ଥନରେ ବାହାରିଥିଲେ। ତାଙ୍କ ବିରୋଧରେ ଆହୁରି କେତେକ ଆପରାଧିକ ମାମଲା ରହିଥିବା ଜଣାପଡ଼ିଛି।

## ନିଯୁକ୍ତି ପାଇଁ ଶାରୀରିକ ...

ପରବର୍ତ୍ତୀ ନିର୍ଦ୍ଦେଶ ପରେ ପୁଣି ପ୍ରାର୍ଥୀମାନଙ୍କ ସାକ୍ଷାତ୍‌କାର ହେବ ବୋଲି ସୂଚନା ମିଳିଛି। ଏନେଇ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ରଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ପ୍ରାର୍ଥୀ ଶିବରାମ ଦୌଡ଼ିବା ବେଳେ ଅସୁସ୍ଥ ହୋଇ ପଡିଥିଲେ। ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ପରିବାର ଲୋକେ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଏସ୍‌ପି କହିଛନ୍ତି। ସୂଚନାଯୋଗ୍ୟ, ଗତ ମେ ୨୯ ତାରିଖରେ ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ହୋମଗାର୍ଡ ନିଯୁକ୍ତି ପାଇଁ ଶାରୀରିକ ପରୀକ୍ଷା ସମୟରେ ୨ ପ୍ରାର୍ଥୀଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ୬ଜଣ ଗୁରୁତର ହୋଇଥିଲେ।

ସେହିପରି ଓଏସ୍‌ଏପି ଦ୍ୱିତୀୟ ବାଟାଲିୟନରେ ନିଯୁକ୍ତି ନିମନ୍ତେ ଶାରୀରିକ ପରୀକ୍ଷା ପାଇଁ ଝାରସୁଗୁଡ଼ା ଜିଲା ଓଏମ୍‌ପିସ୍ଥିତ ଓଏସ୍‌ଏପି ପଡ଼ିଆରେ ରବିବାର ଅଭ୍ୟାସ କରୁଥିବାବେଳେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନେପାଳର ଗୋବିନ୍ଦ କୁମାଲ(୨୦)। ଆସନ୍ତା ୧୭ରେ ଓଏସ୍‌ଏପି ଦ୍ୱିତୀୟ ବାଟାଲିୟନରେ ନିଯୁକ୍ତି ପାଇଁ ଶାରୀରିକ ପରୀକ୍ଷା ହେବ। ନେପାଳୀ ଗୁରଖାମାନଙ୍କ ପାଇଁ କିଛି ପଦବୀ ସଂରକ୍ଷିତ ରହିଛି। ତେଣୁ ନେପାଳର ବହୁ ସଂଖ୍ୟକ ଯୁବକ ଆସି ଝାରସୁଗୁଡ଼ାସ୍ଥିତ ଓଏମ୍‌ପି ଅଞ୍ଚଳରେ ରହି ଓଏସ୍‌ଏପି ପଡ଼ିଆରେ କିଛିଦିନ ହେବ ଅଭ୍ୟାସ ଜାରି ରଖିଛନ୍ତି। ରବିବାର ସକାଳେ ଗୋବିନ୍ଦ ତାଙ୍କ ସାଙ୍ଗମାନଙ୍କ ସହିତ ଅଭ୍ୟାସ କରୁଥିବାବେଳେ ହଠାତ୍ ତଳେ ପଡ଼ିଯାଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ଗୋବିନ୍ଦଙ୍କ ପରିବାର ଲୋକେ ଝାରସୁଗୁଡ଼ାରେ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି।

## ବିଷାକ୍ତ ମଦ ପିଇ ...

କରିଛନ୍ତି । ଚୋରା ମଦ ବିକ୍ରି ବନ୍ଦ କରିବା ପାଇଁ ପରିବାର ଲୋକେ ଦାବି କରିଛନ୍ତି। ଏନେଇ ବିନିକା ଥାନାରେ ଆହ୍ଲାଦିନୀଙ୍କ ଲିଖିତ ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ଓ ତଦନ୍ତ ସେ ଦିଗରେ ଯିବ ବୋଲି ବିନିକା ଥାନା ଆଇଆଇସି ସତ୍ୟ ନାରାୟଣ ପ୍ରଧାନ କହିଛନ୍ତି। ରଘୁ ମୂଲ ମଜୁରି କରି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କର ଗୋଟିଏ ୭ ବର୍ଷର ଝିଅ ଓ ୧୦ ବର୍ଷର ପୁଅ ଅଛନ୍ତି। ସ୍ୱାମୀଙ୍କ ମୃତ୍ୟୁ ପରେ ଆହ୍ଲାଦିନୀ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ବିନିକା ଅଞ୍ଚଳରେ ଚୋରା ଦେଶୀ ମଦ କାରବାର ବୃଦ୍ଧି ପାଇଛି। ସବୁଠି ଚୋରା ମଦ ମିଳୁଥିବାରୁ ଯୁବପିଢ଼ି ପଥଭ୍ରଷ୍ଟ ହେଉଛନ୍ତି। ପୋଲିସ ଓ ଅବକାରୀ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଦ୍ରବ୍ୟର ସଂଶୋଧିତ ...

ମୂଲ୍ୟ ସ୍ଲାବ୍‌ରେ ଜିଏସ୍‌ଟି ହ୍ରାସ ହୋଇଛି, ଅନେକ ସାମଗ୍ରୀରେ ସମ୍ପୂର୍ଣ୍ଣ ଛାଡ଼ ହୋଇଛି। ଏହା ପ୍ରଧାନମନ୍ତ୍ରୀଙ୍କର ଏକ ଐତିହାସିକ ନିଷ୍ପତ୍ତି, ଯାହା ସାଧାରଣ ଲୋକଙ୍କର ଆର୍ଥିକ ବୋଝ କମାଇବାରେ ସହାୟକ ହୋଇପାରିବ। ମନ୍ତ୍ରୀ ପାତ୍ର କହିଛନ୍ତି, ଆମ ବିଭାଗ ଏହାକୁ ପୂର୍ଣ୍ଣ ସମର୍ଥନ ଦେଉଛି, ଲାଭଗୁଡ଼ିକ ଗ୍ରାହକଙ୍କ ପାଖେ ତୁରନ୍ତ ପହଞ୍ଚିବା ଉଚିତ।

୨୦୨୫ର ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ପ୍ୟାକ୍ ହୋଇଥିବା ଆବଶ୍ୟକ ସାମଗ୍ରୀ ପୁରୁଣା ଲେବୁଲ୍ ରଖିପାରିବ, କିନ୍ତୁ ନୂଆ ଦର ୨୨ ସେପ୍ଟେମ୍ବର ୨୦୨୫ରୁ ଲାଗୁ ହେବ ଏବଂ ବର୍ଷ ଶେଷ ସୁଦ୍ଧା ଏହାକୁ ସମ୍ପୂର୍ଣ୍ଣ ଭାବେ ଲାଗୁ କରାଯିବ ବୋଲି ମନ୍ତ୍ରୀ କହିଥିଲେ ।

# ପବ୍ଲିକ ଡୋମେନ୍‌ରେ ରହିବ ଅଧିକାରୀଙ୍କ କାର୍ଯ୍ୟଶୈଳୀ

## ଆଇଏଏସ୍‌ଙ୍କ ସମେତ ସବୁବର୍ଗ ଅଧିକାରୀଙ୍କ ପାଇଁ ପ୍ରସ୍ତୁତ ହେବ 'ଇଆର୍'

### ୨ମାସରେ ଶେଷ ଲାଗି ସବୁ ବିଭାଗୀୟ ମୁଖ୍ୟ, ଜିଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୪।୯(ରବିନାରାୟଣ ଜେନା)

ରାଜ୍ୟରେ କେଉଁ ବର୍ଗର ଅଧିକାରୀଙ୍କ କାର୍ଯ୍ୟ (ସେବା) କ'ଣ ଏବଂ ସେମାନେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ କ'ଣ ସବୁ ସେବା ପ୍ରଦର୍ଶନ କରିଛନ୍ତି ବା ଦୁର୍ନୀତି କରିଛନ୍ତି ତା'ର ଚିଳିଖି ହିସାବ ରାଜ୍ୟ ସରକାର କରିବେ ଏବଂ ଏ ସମସ୍ତ ତଥ୍ୟ ଲୋକମାନେ ପବ୍ଲିକ ଡୋମେନ୍‌ରେ ଦେଖିପାରିବେ। ସରକାରକୁ ସ୍ୱଚ୍ଛ, ଉତ୍ତରଦାୟୀ କରିବା ସହିତ ଅଧିକାରୀଙ୍କ କାର୍ଯ୍ୟଶୈଳୀ ସମ୍ପର୍କରେ ଲୋକଲୋଚନରେ ଅବଗତ କରାଇବା ଲକ୍ଷ୍ୟ ନେଇ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ସରକାର ହାତକୁ ନେଇଛନ୍ତି। ଏହାକୁ ନେଇ ପ୍ରଥମ ପର୍ଯ୍ୟାୟରେ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀଙ୍କ ସହିତ ଭାରତୀୟ ପୋଲିସ ସେବା (ଆଇପିଏସ୍), ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍), ଓଡ଼ିଶା ବିତ୍ତ ସେବା (ଓଏଫ୍ଏସ୍), ଓଡ଼ିଶା ପୋଲିସ ସେବା (ଓପିଏସ୍) ଏବଂ ଓଡ଼ିଶା ଶିକ୍ଷା ସେବା (ଓଇଏସ୍) ଅଧିକାରୀଙ୍କ କାର୍ଯ୍ୟନିର୍ବାହୀ ରେକର୍ଡ ପ୍ରସ୍ତୁତ ହେବ। ଏହାପରେ ପର୍ଯ୍ୟାୟକ୍ରମେ ଅନ୍ୟ ବର୍ଗର ଅଧିକାରୀଙ୍କ ରେକର୍ଡସିଟ୍ ପ୍ରସ୍ତୁତ ହୋଇ ମାନବ ସମ୍ବଳ ପରିଚାଳନା ସେବା (ଏଚ୍ଆର୍ଏମ୍ଏସ୍) ପୋର୍ଟାଲରେ ଅପ୍‌ଲୋଡ୍ କରାଯିବ; ଯାହାଦ୍ୱାରା ଏଚ୍ଆର୍ଏମ୍ଏସ୍ ତଥ୍ୟ ଶକ୍ତ ହେବା ସହିତ ଅଧିକାରୀଙ୍କ କାର୍ଯ୍ୟ ସମ୍ପାଦନା ବିବରଣୀ ଅପ୍ ଡେଟ୍ ରହିବ, ଯାହାକି ସରକାରଙ୍କୁ ବିଭିନ୍ନ ସମୟରେ ସହାୟତା କରିବ। ଏହି ପ୍ରକ୍ରିୟା ୨ମାସ ମଧ୍ୟରେ ଶେଷ କରିବାକୁ ହେବ। ଯଦି ଏହି ସମୟରେ କୌଣସି ଅଧିକାରୀ ତଥ୍ୟ ଦେବା କିମ୍ବା ଅନ୍ୟ କୌଣସି ବ୍ୟତିକ୍ରମ କରନ୍ତି ତେବେ ଏହାକୁ ସାଙ୍ଘାତିକ ଭାବେ ଗ୍ରହଣ କରାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଏସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟଶାସନ ସଚିବ(ଏସିଏସ୍) ସୁରେନ୍ଦ୍ର କୁମାର ସମସ୍ତ ବିଭାଗ ମୁଖ୍ୟ, ମୁଖ୍ୟ ଦପ୍ତରର ସମସ୍ତ ବିଭାଗୀୟ ମୁଖ୍ୟ, ଆରଡିସି ଓ ଜିଲାପାଳମାନଙ୍କୁ ପତ୍ର ଲେଖି ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଦର୍ଶାଇଛନ୍ତି। ଗତ ୧୧ ତାରିଖରେ ଏସିଏସ୍ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ରାଜ୍ୟ ସରକାରଙ୍କ ଅଧୀନସ୍ଥ ସବୁ ବର୍ଗର ଅଧିକାରୀମାନେ ନିଜର ଏଚ୍ଆର୍ଏମ୍ଏସ୍ ଖାତାରେ ଲଗ୍ ଇନ୍ କରିବେ। ପ୍ରତ୍ୟେକ ଅଧିକାରୀ ନିଜର 'ଇଆର' ସିଟ୍‌କୁ ଦେଖିବେ ଓ ଡାଉନଲୋଡ୍ କରି ସେଥିରେ ଥିବା ବିବରଣୀ ଯାଞ୍ଚ କରିବେ। ଯଦି କୌଣସି ତଥ୍ୟ ଭୁଲ୍ କିମ୍ବା ଅସମ୍ପୂର୍ଣ୍ଣ ଥାଏ ତେବେ ସେହି ଅଧିକାରୀ ତୁରନ୍ତ ବିଭାଗର ଡ୍ରଇଂ ଏବଂ ଡିସ୍‌ବର୍ସିଂ ଅଫିସର (ଡିଡିଓ)ଙ୍କୁ ଅବଗତ କରିବେ, ଯାହାଫଳରେ ସଂଶୋଧନ ହୋଇପାରିବ। ଯାଞ୍ଚ ପରେ ଅଧିକାରୀ ଏଚ୍ଆର୍ଏମ୍ଏସ୍ ପୋର୍ଟାଲରେ ଅପଲୋଡ୍ କରି ଏହା ଠିକ୍ ବୋଲି ଦର୍ଶାଇବେ। ଏହି ସମସ୍ତ ପ୍ରକ୍ରିୟା ୨ମାସ ମଧ୍ୟରେ ଶେଷ ହେବା ଆବଶ୍ୟକ। ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ଅଧିକାରୀଙ୍କ ଉକ୍ତ ବିବରଣୀକୁ ପବ୍ଲିକ ଡୋମେନ୍‌ରେ ଅପ୍‌ଲୋଡ୍ କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ ଅନ୍ୟ ଅଧିକାରୀଙ୍କ ଲାଗି ମଧ୍ୟ ଉପଯୋଗ କରାଯିବ। ଯଦି କୌଣସି ଅଧିକାରୀ ସରକାରଙ୍କ ନିର୍ଦ୍ଦେଶକୁ ବେଖାତିର କରନ୍ତି ତାହାକୁ ଗୁରୁତ୍ୱର ସହ ଗ୍ରହଣ କରାଯିବ ବୋଲି ଏସିଏସ୍ ଦର୍ଶାଇଛନ୍ତି।

# ସମୁଦ୍ରରେ ବୁଡ଼ିଯାଇ ଜଣେ ନିଖୋଜ

## ସୁନାପୁର ବେଳାଭୂମି ବୁଲି ଯାଇଥିଲେ ୪ ସାଙ୍ଗ

ଚିକିଟି,୧୪।୯(ପ୍ରକାଶ ଚନ୍ଦ୍ର ସାହୁ)

ଗଞ୍ଜାମ ଜିଲା ଚିକିଟି ବ୍ଲକ ଅନ୍ତର୍ଗତ ସୁନାପୁର ବେଳାଭୂମିରେ ରବିବାର ଏକ ଅଘଟଣ ଘଟିଛି। ୪ ସାଙ୍ଗ ବୁଲିବାକୁ ଆସି ସମୁଦ୍ରରେ ଗାଧୋଉ ଥିବାବେଳେ ବୁଡ଼ିଯାଇ ଜଣେ ନିଖୋଜ ଅଛନ୍ତି। ସେ ହେଲେ ଚିକିଟି ବ୍ଲକ କେ. ନୂଆଗାଁ ପଞ୍ଚାୟତ ଲିଆଖାଇ ଗ୍ରାମର ଅମିତ ପ୍ରଧାନ (୧୮)। ଦମକଳ ବାହିନୀ ଖୋଜାଖୋଜି ଜାରି ରଖିଥିଲେ ମଧ୍ୟ ସନ୍ଧ୍ୟା ସୁଦ୍ଧା ତାଙ୍କ ପତ୍ତା ମିଳିନାହିଁ। ଲିଆଖାଇ ଗ୍ରାମର ଅମିତ, ରାଜେଶ ପ୍ରଧାନ (୧୯), ଆଶିଷ ପ୍ରଧାନ (୧୮), ଦୀପକ ପ୍ରଧାନ (୨୨) ସାଙ୍ଗ ହୋଇ ବସ୍‌ଯୋଗେ ସୁନାପୁର ବେଳାଭୂମିକୁ ବୁଲିବାକୁ ଯାଇଥିଲେ। ସମୁଦ୍ର ଭିତରେ ସେମାନେ ଗାଧୋଇବାର ମଜା ନେଉଥିବାବେଳେ ଜୁଆର ଆସିବାରୁ ରାଜେଶ, ଦୀପକ, ଆଶିଷ ଉଦ୍ଧାର ପାଇଯାଇଥିଲେ। ହେଲେ ଅମିତ ଆଉ ଫେରି ନ ଥିଲେ। ୩ ସାଙ୍ଗ ସେଠାକାର ବ୍ଲୁ ଫ୍ଲାଗର ହୋମଗାର୍ଡଙ୍କୁ ଏହା କହିଥିଲେ। ଖବରପାଇ ବ୍ରହ୍ମପୁର ଦମକଳ ବାହିନୀ ଓ ମେରାଇନ ଥାନା ପୋଲିସ ସେଠାରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ଅମିତଙ୍କ ପତ୍ତା ମିଳିନି। ସ୍ଥାନୀୟ ଲୋକେ କହିଛନ୍ତି, ପୂର୍ବରୁ ବନସଂରକ୍ଷଣ ସମିତି ଜରିଆରେ ବେଳାଭୂମିରେ ହୋମଗାର୍ଡ ନିଯୁକ୍ତି ଦିଆଯାଇଥିଲା। ବର୍ତ୍ତମାନ କେହି ହୋମ୍‌ଗାର୍ଡ ନାହାନ୍ତି। କେତେଜଣ ଲୋକ ବେଆଇନ ଭାବେ ଟିକସ ଆଦାୟ କରୁଥିଲେ ବି ବେଳାଭୂମି ସଫେଇ ହେଉନାହିଁ। ସେଠାରେ ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ହୋଇ ନ ଥିବାରୁ ଏଭଳି ଅଘଟଣ ଘଟିଲା ବୋଲି ଅଭିଯୋଗ କରିଛନ୍ତି।



ଅମିତ ପ୍ରଧାନ

# ମହାନଦୀରେ ଭାସି ନାତି ମୃତ, ପୁତୁରା ନିଖୋଜ

## ମହିଳାଙ୍କ ଦଶାହକର୍ମ ବେଳେ ଅଘଟଣ

ତିର୍ତ୍ତୋଲ,୧୪।୯(ଗୌରାଙ୍ଗ ଚରଣ ସ୍ୱାଇଁ)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ କୋଲର ପଞ୍ଚାୟତ ଅନ୍ତର୍ଗତ ନାଗପୁରା ଗ୍ରାମରେ ରବିବାର ଏକ ଅଘଟଣ ଘଟିଛି। ଜଣେ ମହିଳାଙ୍କ ଦଶାହ କର୍ମବେଳେ ନଦୀରେ ବୁଡ଼ି ନାତିଙ୍କ ମୃତ୍ୟୁ ଘଟିଥିବା ବେଳେ ପୁତୁରା ନିଖୋଜ ହୋଇଯାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ମହାନଦୀର ତାଳତୋଲ ପୋଲ ନିକଟରେ ନାଗପୁରା ଗ୍ରାମର ନର୍ମଦା ଜେନାଙ୍କ ଦଶାହକର୍ମ ଚାଲିଥିଲା। ଏହି ସମୟରେ ନଦୀରେ ସ୍ନାନ କରିବାକୁ ନର୍ମଦାଙ୍କ ନାତି ରୁଦ୍ରନାରାୟଣ ଜେନା (୨୨) ଯାଇଥିଲେ। ମାତ୍ର ନଦୀର ପ୍ରଖର ସ୍ରୋତରେ ସେ ଭାସିଯାଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ନର୍ମଦାଙ୍କ ପୁତୁରା ତଥା ରୁଦ୍ରନାରାୟଣଙ୍କ ଦାଦା ସମ୍ପଦ ଜେନା ନଦୀରେ ଖୋଜାଖୋଜି କରୁଥିବାବେଳେ ସେ ମଧ୍ୟ ନିଖୋଜ ହୋଇଯାଇଛନ୍ତି। ସ୍ଥାନୀୟ ଲୋକେ ରୁଦ୍ରନାରାୟଣଙ୍କୁ ପାଣିରୁ ଉଦ୍ଧାର କରି ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି।







DSPL-

## ଟେଣ୍ଟ ହାଉସ୍ ମାଲିକ ଏବଂ କର୍ମଚାରୀଙ୍କ ପାଇଁ ବିଦ୍ୟୁତ୍ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ

- ଅସ୍ଥାୟୀ ପୂଜା ପେଣ୍ଡାଲ ନିର୍ମାଣ ପୂର୍ବରୁ ଆୟୋଜକମାନଙ୍କଠାରୁ ସୁନିଶ୍ଚିତ କରାନ୍ତୁ ଯେ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରୁ ଆବଶ୍ୟକୀୟ ଅନୁମତି ନିଆଯାଇଅଛି।
- ବିଦ୍ୟୁତ୍ ଲାଇନ ତଳେ କିମ୍ବା ନିକଟରେ ପୂଜା ମଣ୍ଡପ ନିର୍ମାଣ ଏବଂ ସାଜସଜ୍ଜା କରନ୍ତୁ ନାହିଁ।
- ବିଦ୍ୟୁତ୍ ଖୁଣ୍ଟ, ସବଷ୍ଟେସନ୍ କିମ୍ବା ଷ୍ଟେ ତାରକୁ ସାଜସଜ୍ଜା କାର୍ଯ୍ୟରେ ବ୍ୟବହାର କରନ୍ତୁ ନାହିଁ।
- ଲାଇଟ୍, ପଙ୍ଖା, ଏସି, ସାଉଣ୍ଡ ସିଷ୍ଟମ୍ ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣ ନିମନ୍ତେ ଉପଯୁକ୍ତ ୱାରିଙ୍ଗ୍ କରନ୍ତୁ।
- ଯଥା ସମ୍ଭବ ବିଦ୍ୟୁତ୍ ତାରରେ କୌଣସି ପ୍ରକାର ଜଏଣ୍ଟେ ରଖନ୍ତୁ ନାହିଁ ଏବଂ ଆବଶ୍ୟକ ସ୍ଥଳେ ବିଦ୍ୟୁତ୍ କୁପରିବାହୀ ଟେପ୍ ବ୍ୟବହାର କରନ୍ତୁ।
- ବିଦ୍ୟୁତ୍ ଆଘାତରୁ ସୁରକ୍ଷା ନିମନ୍ତେ ଆର.ସି.ସି.ବି ବ୍ୟବହାର କରନ୍ତୁ।
- ଉପଯୁକ୍ତ ରେଟିଙ୍ଗ୍ ର ଆଇ.ଏସ.ଆଇ ମାନକଯୁକ୍ତ ଉପକରଣ ଯଥା ତାର, କେବୁଲ, ସର୍କିଟ୍ ବ୍ରେକର ଏବଂ ଅନ୍ୟାନ୍ୟ ଉପକରଣ ବ୍ୟବହାର କରନ୍ତୁ।
- ଖୋଲା ସ୍ଥାନରେ ବ୍ୟବହୃତ ବୈଦ୍ୟୁତିକ ଉପକରଣ ଗୁଡିକୁ ପାଣି ଓ ବର୍ଷାରୁ ସୁରକ୍ଷା ନିମନ୍ତେ, ଉପଯୁକ୍ତ ଆଇ.ପି (ଆଇ.ପି ୬୫/ଆଇ.ପି ୬୭/ଆଇ.ପି ୫୫) ମାନକଯୁକ୍ତ ଥିବା ଉପକରଣ ବ୍ୟବହାର କରନ୍ତୁ।
- ଅସ୍ଥାୟୀ ଡିଜି ସେଟ୍ ବ୍ୟବହାର କରୁଥିଲେ ସଠିକ୍ ଆର୍ଥିଙ୍ଗ୍ ଏବଂ ଚେଞ୍ଜଓଭର ସୁଇଚ୍ ବ୍ୟବହାର କରନ୍ତୁ।
- ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନ୍ ଙ୍କ ଦ୍ୱାରା କରାନ୍ତୁ ଏବଂ କାମ କରିବା ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣ ବ୍ୟବହାର ସୁନିଶ୍ଚିତ କରାନ୍ତୁ।

ବିଦ୍ୟୁତ ସୁରକ୍ଷା ଆପଣାଙ୍କ ଜୀବନ ସୁରକ୍ଷିତ ରଖନ୍ତୁ।

ଶକ୍ତି ବିଭାଗ, ଓଡ଼ିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ

OIPR-04066/13/0032/2526



ବର୍ଷ ବର୍ଷ ଧରି ବିଶ୍ୱସ୍ତ ନାମ




ଏକଜିମା, କୁଣ୍ଡିଆ ଓ ଯାଦୁ ରୋଗରୁ ବି-ଟେକ୍ସ ମଲମ ଆରାମ ଦିଏ।

BIJAY PHARMACEUTICAL AGENCY,
CUTTACK. Ph.: 2308429


# ୧୭ରୁ 'ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ'

ଭୁବନେଶ୍ୱର,୧୪।୯(ବନ୍ଦନା ସେଠୀ)

ସାରା ଦେଶରେ ମହିଳା ଓ ବାଳିକାଙ୍କ ବିଭିନ୍ନ ରୋଗର ସ୍କ୍ରିନିଂ, ପୁଷ୍ଟିସାର ଏବଂ ସୁସ୍ଥତା ସେବା ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ 'ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ' ଆରମ୍ଭ ହେବ। ଆସନ୍ତା ୧୭ ତାରିଖରେ ମଧ୍ୟପ୍ରଦେଶର ଧର୍ ଜିଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଅଭିଯାନର ଶୁଭାରମ୍ଭ କରିବେ। ଅକ୍ଟୋବର ୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନର ସଫଳତା ଲାଗି ଓଡ଼ିଶାରେ ବ୍ୟାପକ ପଦକ୍ଷେପ ନିଆଯିବ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅଭିଯାନର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ୟୁନିଟ-୩ସ୍ଥିତ ଇଡ୍‌କୋ ପଡ଼ିଆରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ପ୍ରମୁଖ ଉପସ୍ଥିତ ରହିବେ। ସେହିପରି ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜରେ ହେବାକୁ ଥିବା ଆଞ୍ଚଳିକ କାର୍ଯ୍ୟକ୍ରମର ଶୁଭାରମ୍ଭରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଯୋଗଦେବେ। ରାଜ୍ୟ କାର୍ଯ୍ୟକ୍ରମରେ ୫ହଜାରରୁ ଅଧିକ ମହିଳା ହିତାଧିକାରୀ ଅଂଶଗ୍ରହଣ କରିବେ। ଏମାନେ ଟିବି, ଏନ୍‌ସିଡି, ରକ୍ତହୀନତା, କର୍କଟ ଆଦି ରୋଗର ସ୍କ୍ରିନିଂ କରି ସେମାନଙ୍କ ସ୍ୱାସ୍ଥ୍ୟ ଆବଶ୍ୟକତା ଅନୁଯାୟୀ ପୁଷ୍ଟିସାର ଏବଂ ଖାଦ୍ୟ ବିବିଧତା ଉପରେ ପରାମର୍ଶ ଦେବେ। ମହିଳା ଓ ଝିଅମାନଙ୍କୁ ଉଚ୍ଚ ରକ୍ତଚାପ, ମଧୁମେହ, ମୁଖ, ସ୍ତନ ଏବଂ ଗର୍ଭାଶୟ କର୍କଟ, ରକ୍ତହୀନତା, ଟିବି, ସିକିଲସେଲ ରୋଗ, ମାତୃ ସ୍ୱାସ୍ଥ୍ୟ ଏବଂ ଏନ୍‌ସିଡି ପାଇଁ ସ୍କ୍ରିନିଂ ଲାଗି ଲକ୍ଷ୍ୟ ରଖାଯାଇଛି। ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ପିଏଚ୍‌ସି, ୟୁପିଏଚ୍‌ସି, ସିଏଚ୍‌ସି, ୟୁସିଏଚ୍‌ସି ଏବଂ ଦୂରଦୂରାନ୍ତ ଗ୍ରାମଗୁଡ଼ିକରେ ଶିବିର ଆୟୋଜନ କରାଯିବ। ଗର୍ଭବତୀଙ୍କ ପାଇଁ ବିଶେଷଜ୍ଞଙ୍କ ଦ୍ୱାରା ପ୍ରସବ ପୂର୍ବ ପରୀକ୍ଷା ସୁନିଶ୍ଚିତ କରାଯିବ। ଟିକାକରଣ ହୋଇ ନ ଥିବା ଝିଅମାନଙ୍କୁ ନିୟମିତ ଟିକାକରଣରେ ଅନ୍ତର୍ଭୁକ୍ତ କରାଯିବ ଏବଂ ରକ୍ତହୀନତାରେ ଆକ୍ରାନ୍ତ ମହିଳା ଓ ଝିଅମାନେ ମାଗଣା ଚିକିତ୍ସା ପାଇବେ। ଏହାସହିତ ଅକ୍ଟୋବର ୧ରେ ସାରା ରାଜ୍ୟରେ ରକ୍ତଦାନ ଶିବିର ଆୟୋଜନ କରାଯିବ। ପ୍ରଥମ ପର୍ଯ୍ୟାୟରେ ସମସ୍ତ ମହିଳା ସେବା ପ୍ରଦାନକାରୀ ଏବଂ ଆଗଧାଡ଼ିର କର୍ମୀଙ୍କ ସ୍କ୍ରିନିଂ କରାଯିବ।

**ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ**


DSPL-257

## ୭୧-ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ଉପ-ନିର୍ବାଚନ ପାଇଁ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ୨୦୨୫

- ନୂତନ ଭୋଟର ନାମ ପଞ୍ଜୀକରଣ
- ଭୋଟର ପରିଚୟପତ୍ର ବିବରଣୀର ସଂଶୋଧନ (ଯଦି ଆବଶ୍ୟକ)
- ଭୋଟର ତାଲିକାରୁ ନାମ ବାଦ୍

ଦାବି ଏବଂ ଆପତ୍ତି ଦାଖଲ କରିବାର ଅବଧି
୧୫.୦୯.୨୦୨୫(ସୋମବାର) ରୁ ୨୯.୦୯.୨୦୨୫(ସୋମବାର)

ଦାବି ଏବଂ ଆପତ୍ତିର ସମାଧାନ
୦୭.୧୦.୨୦୨୫ ସୁଦ୍ଧା (ମଙ୍ଗଳବାର)

ଭୋଟର ତାଲିକାର ଚୂଡ଼ାନ୍ତ ପ୍ରକାଶନ ତାରିଖ
୦୯.୧୦.୨୦୨୫ (ଗୁରୁବାର)

**ଅଫଲାଇନ**
ନିଜ ଫର୍ମଟିକୁ ପୂରଣ କରି ନିକଟସ୍ଥ ବୁଥ୍-ସ୍ତରୀୟ ଅଧିକାରୀଙ୍କ ପାଖରେ ଦାଖଲ କରିପାରିବେ।

**ଅନଲାଇନ**
ଡାଉନଲୋଡ୍ କରନ୍ତୁ
GET IT ON Google play | Download on the App Store
ECINet ଆପ୍
କିମ୍ବା
https://voters.eci.gov.in/

ଅଧିକ ସୂଚନା ପାଇଁ ଆମ ଟୋଲ-ଫ୍ରି ନମ୍ବର ୧୯୫୦ ରେ କଲ କରନ୍ତୁ କିମ୍ବା ନିଜ ଅଞ୍ଚଳର ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ କିମ୍ବା ବୁଥ୍ ସ୍ତରୀୟ ଅଧିକାରୀଙ୍କ ସହ ଯୋଗା-ଯୋଗ କରନ୍ତୁ

ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା
Chief Electoral Officer, Odisha

Follow us on :
CEO Odisha | Ceoodisha | odishaceo | Chief Electoral Officer Odisha | Channel ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା

OIPR-12113/13/0040/2526

"ପ୍ରତ୍ୟେକ ବିଷୟ ତା'ର ଅନ୍ତର୍ନିହିତ ସତ୍ୟ ପାଇଁ ସମର୍ଥନ– ଯୋଗ୍ୟ ହୋଇଥାଏ । ପ୍ରତିଟି ସତ୍ତାର ସତ୍ୟ କେବେ ବି ଗତିହୀନ ହୋଇ ନ ପାରେ । ବିଶ୍ୱ ପ୍ରତି ମୁହୂର୍ତ୍ତରେ ଗତିକରି ଚାଲିଛି । ଯାହା ବିନେ ସଂପୂର୍ଣ୍ଣ ସତ୍ୟ ବୋଲି ବିବେଚିତ ହୋଇଥିଲା– ତାହା ଆଜି ଆଂଶିକ ସତ୍ୟ ବୋଲି ପ୍ରମାଣିତ ହେଉଛି । –ଶ୍ରୀମା



# ବିକ୍ଷୋଭରୁ ପରିବର୍ତ୍ତନ

ବିଶ୍ୱବ୍ୟାପୀ ଜନବିକ୍ଷୋଭ ପୂର୍ଣ୍ଣମାତ୍ରାରେ ଜୁଆର ଭଳି ମାଡ଼ିଆସୁଛି । ସମ୍ପ୍ରତି ନେପାଳରେ 'ଜେନ୍ ଜି' ବର୍ଗ ଯେଉଁଭଳି ବିକ୍ଷୋଭ ପ୍ରଦର୍ଶନ କରି ସେଠାକାର ସରକାରକୁ ଗଡ଼ାଇଦେଲେ, ଯୁବବର୍ଗର ଶକ୍ତି କେତେ ତାହା ଜଣାପଡ଼ିଗଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ନେପାଳରେ 'ଜେନ୍ ଜି' କୌତୁହଳ ଭାବେ 'ଡିସ୍କର୍ଡ' ନାମକ ଏକ ଆପ୍ ମାଧ୍ୟମରେ ନିଜର ଅନ୍‌ଲାଇନ୍ ଭୋଟିଂ କରି ସୁଶୀଳା କାର୍କି ନାମ୍ନୀ ସୁପ୍ରିମ୍‌କୋର୍ଟର ପୂର୍ବତନ ପ୍ରଥମ ମହିଳା ପ୍ରଧାନ ବିଚାରପତିଙ୍କୁ ଅନ୍ତରୀଣ ସରକାରରେ ପ୍ରଧାନମନ୍ତ୍ରୀ କରାଇଛନ୍ତି । କୌତୁହଳପୂର୍ଣ୍ଣ ଏଥିପାଇଁ ଯେ, ୨୮ ବର୍ଷରୁ କମ୍ ବୟସର ଯୁବତୀଯୁବକମାନେ ୫ ଜଣ ପ୍ରାର୍ଥୀଙ୍କୁ ଭୋଟ ଦେଇଥିଲେ । ତନ୍ମଧ୍ୟରୁ ସୁଶୀଳା ୩,୮୩୩ ଭୋଟ ପାଇଥିଲେ, ଯାହା ସମଗ୍ର ଭୋଟର ୫୦ ପ୍ରତିଶତ ବୋଲି ଗଣମାଧ୍ୟମରୁ ଜଣାପଡ଼ିଛି । ଏହାର ଅର୍ଥ ହେଲା ମାତ୍ର ୭ କି ୮ ହଜାର ପିଲା ଭୋଟ ଦେଇଛନ୍ତି । ନେପାଳର ମୋଟ ଜନସଂଖ୍ୟା ୨ କୋଟି ୯୭ ଲକ୍ଷ । ଅର୍ଥାତ୍ ମୋଟ ଜନସଂଖ୍ୟାର ମାତ୍ର ୦.୦୨୩୫ ପ୍ରତିଶତ ଭୋଟ ଦେଇଛନ୍ତି । ସେଥିରେ ଯଦି ଅନ୍ତରୀଣ ସରକାର ଗଠନ ହୁଏ, ତାହା କିଭଳି ଗଣତାନ୍ତ୍ରିକ ପଦ୍ଧତିକୁ ବଞ୍ଚାଇ ରଖିପାରିବ ମନରେ ସନ୍ଦେହ ଉପୁଜୁଛି । ନେପାଳ ଏକ କ୍ଷୁଦ୍ର ଦେଶ ନୁହେଁ । ୧,୪୭,୫୧୬ ବର୍ଗ କିଲୋମିଟର ବ୍ୟାପ୍ତ ଏହି ଗୋର୍ଖା ଭୂଖଣ୍ଡର ଇତିହାସ ଯୁଦ୍ଧ ଓ ବୀରତ୍ୱରେ ଭରପୂର । ତେବେ 'ଡିସ୍କର୍ଡ'ରେ ଭୋଟିଂ ଏହିସବୁ ଇତିହାସକୁ ପାଣିଚିଆ କରିଦେଉଛି । ଡିସ୍କର୍ଡରେ ଅଧିକାଂଶ ସଦସ୍ୟ ନିଜ ମୁହଁର ଫଟୋ କିମ୍ବା ନାମ ଦିଅନ୍ତି ନାହିଁ । ଏହି ସଫ୍ଟୱେର ତାହାର ବ୍ୟବହାରକାରୀ କେଉଁ ସ୍ଥାନରେ ଅବସ୍ଥାପିତ ସେଭଳି ତଥ୍ୟକୁ ସମ୍ପୂର୍ଣ୍ଣ ଭାବେ ଗୋପନୀୟ ରଖିଥାଏ । ତେଣୁ ମତ ଦେଇଥିବା ଭୋଟରମାନେ ସମସ୍ତେ ନେପାଳୀ ବୋଲି କହିହେବ ନାହିଁ । ଏହା ହେଉଛି ଆଧୁନିକ ଗଣତନ୍ତ୍ରର ସଦ୍ୟ ରୂପ । ଏଭଳି ଖାମଖିଆଲ ଆଭିମୁଖ୍ୟ ରଖିଥିବା ଯୁବପିଢ଼ି ଅତି ସହଜରେ ସରକାର ଓ ବ୍ୟବସ୍ଥାକୁ ବଦଳାଇ ଦେଇପାରିଲେ । ଆଜିର ସ୍ଥିତିରେ କେହି ଭାବିବା ଉଚିତ ନୁହେଁ ଯେ ପୋଲିସ, ସୈନ୍ୟବାହିନୀ, ପ୍ରବଳ ଅର୍ଥ, ଦଳୀୟ କର୍ମୀ କିମ୍ବା ଗୁଣ୍ଡାଙ୍କ ସମର୍ଥନ ମାଧ୍ୟମରେ ଶାସନ କ୍ଷମତାକୁ ବାନ୍ଧି ରଖିହେବ । ଲକ୍ଷ୍ୟକଲେ ଜଣାପଡ଼େ ଯେ, ନେପାଳରେ କେବଳ ରାଜନୈତିକ ବ୍ୟକ୍ତିଙ୍କୁ ଲକ୍ଷ୍ୟ କରି ଆକ୍ରମଣ କରାଯାଇନାହିଁ । ଅଧିକ ଆକ୍ରମଣର ଶିକାର ହୋଇଛନ୍ତି ସରକାରୀ ଅଫିସର ଓ କର୍ମଚାରୀ । ସଶସ୍ତ୍ର ପୋଲିସ ଥାଇ ମଧ୍ୟ ରିଲ୍ସ ତିଆରି କରୁଥିବା ଝିଅପୁଅଙ୍କ ସାମ୍ନାରେ ସମସ୍ତେ ଅଥର୍ବ ପାଲଟିଯାଇଥିଲେ । ଏହା ହେଲା ଶ୍ରୀଲଙ୍କାରେ ଆରମ୍ଭ ହୋଇ ବାଂଲାଦେଶ ଦେଇ ନେପାଳରେ ପହଞ୍ଚିଥିବା ଏସିଆ ମହାଦେଶର ଏପର୍ଯ୍ୟନ୍ତର ବୈପ୍ଳବିକ ଧ୍ୱନି ।

ଏହି ସମୟରେ ୟୁରୋପକୁ ଗଲେ ସେଠାରେ ମଧ୍ୟ ମୁସଲମାନ ଆପ୍ରବାସୀଙ୍କ ବିରୋଧରେ ବିକ୍ଷୋଭ ସୃଷ୍ଟି ହୋଇ ସ୍ଥାନୀୟ ସରକାରଗୁଡ଼ିକୁ ଦୋହଲାଇ ଦିଆଯାଇଥିବା ଦେଖାଗଲାଣି । ୧୦ ସେପ୍ଟେମ୍ବରରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁଙ୍କ ବିରୋଧରେ 'ବ୍ଲକ୍ ଏଭ୍ରିଥିଙ୍ଗ୍' ବିକ୍ଷୋଭ ସେଠାକାର ସରକାରକୁ ଅଡୁଆରେ ପକାଇଛି । ୧୩ ସେପ୍ଟେମ୍ବରରେ ବ୍ରିଟେନ୍‌ରେ ଟମି ରବିନ୍‌ସନଙ୍କ ନେତୃତ୍ୱରେ ଦକ୍ଷିଣପନ୍ଥୀଙ୍କ ଆପ୍ରବାସୀ ବିରୋଧୀ ବିକ୍ଷୋଭରେ ପ୍ରାୟ ଦେଢ଼ ଲକ୍ଷ ଲୋକ ସାମିଲ ହୋଇଥିବା ଦେଖିବାକୁ ମିଳିଛି । 'ୟୁନାଇଟ୍ ଦ କିଙ୍ଗଡମ୍'ର ଅଂଶବିଶେଷ ଭାବେ 'ଡିଇ ଓ୍ୱାଣ୍ଟ ଆଓ୍ୱାର କଣ୍ଟ୍ରି ବ୍ୟାକ୍' ବା 'ଆମେ ଆମ ଦେଶ ଫେରିପାଇବା ଚାହୁଁ' ସ୍ଲୋଗାନ ଦେଇ ସେମାନେ ଲଣ୍ଡନର ଓ୍ୱେଷ୍ଟମିନିଷ୍ଟରଠାରେ ବିକ୍ଷୋଭ କରିଛନ୍ତି । ଅଧ୍ୟକ୍ଷ ମୁସଲମାନ ପ୍ରୀତି କେର୍ ଷ୍ଟାର୍ମର ସରକାରକୁ ସାଧାରଣ ନାଗରିକଙ୍କଠାରୁ ଦୂରେଇ ଦେଲାଣି । ୟୁରୋପର ସମସ୍ୟା ଏସିଆଠାରୁ ଭିନ୍ନ । ପୃଥିବୀରେ ୫୭ ବୃହତ୍ ମୁସଲମାନ ଦେଶ ଥିବା ସତ୍ତ୍ୱେ ଉତ୍ତର ଆଫ୍ରିକା ଓ ମଧ୍ୟପ୍ରାଚ୍ୟରୁ ନିଜକୁ ଅନୁପ୍ରବେଶକାରୀ ଭାବେ ମୁଖ୍ୟତଃ ଯୁବପୁରୁଷମାନେ ୟୁରୋପର ବିଭିନ୍ନ ଦେଶରେ ଜୋର୍ ଜବରଦସ୍ତ ପ୍ରବେଶ କରିବାରେ ଲାଗିଛନ୍ତି । ସେମାନେ କୌଣସି ମୁସଲମାନ ଦେଶକୁ ଯିବାକୁ ପସନ୍ଦ କରୁନାହାନ୍ତି । ଜର୍ମାନୀ ଭଳି ରାଷ୍ଟ୍ରରେ ଅତ୍ୟଧିକ ଦୟା ଦର୍ଶାଇ ଏହିଭଳି ଇସ୍‌ଲାମୀୟମାନଙ୍କୁ କିଛିବର୍ଷ ଧରି ଶରଣାର୍ଥୀ ଭାବେ ସବୁ ସୁବିଧା ଦିଆଯାଇ ଥଇଥାନ କରାଯାଉଛି । କିଛି କାମ ନ କରି ସେମାନଙ୍କୁ ସରକାରୀ ବାସଗୃହ, ଭତ୍ତା ଏବଂ ସ୍ୱାସ୍ଥ୍ୟ ସୁବିଧା ଦିଆଯିବା ଫଳରେ ସ୍ଥାନୀୟ ନାଗରିକଙ୍କ ମନରେ କ୍ରୋଧ ସୃଷ୍ଟି ହେଲାଣି । ଆଶ୍ଚର୍ଯ୍ୟର ବିଷୟ ହେଉଛି ଏହି ଅନୁପ୍ରବେଶକାରୀମାନେ ପରିବାର ସହ ଆସୁନାହାନ୍ତି । କେବଳ ସୁସ୍ଥ ଯୁବପିଢ଼ି ଏହିଭଳି ଭାବେ ୟୁରୋପରେ ପ୍ରବେଶ କରୁଛନ୍ତି । କିଛିମାସ ବସବାସ କରିବା ପରେ ସେମାନେ ବିଭିନ୍ନ ବିକ୍ଷୋଭ ପ୍ରଦର୍ଶନ ସହିତ ମୁସଲମାନ ଧର୍ମର ସହଜିକ ବ୍ୟବସ୍ଥା 'ଶରିଆ' ଆଇନକୁ ପ୍ରଣୟନ କରିବା ପାଇଁ ସ୍ୱର ଉତ୍ତୋଳନ ଆରମ୍ଭ କଲେଣି । ଭୋଟ ଲୋଭରେ ଅନେକ ରାଜନୈତିକ ଦଳ ଏହିଭଳି ଦେଶବିରୋଧୀ କାର୍ଯ୍ୟ କରୁଥିବା ଗୋଷ୍ଠୀକୁ ସମର୍ଥନ ଜଣାଉଛନ୍ତି । ପୂର୍ବରୁ ଜର୍ମାନୀରେ ଆଞ୍ଜେଲା ମାର୍କେଲ, ବର୍ତ୍ତମାନର ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁ ଏବଂ ବ୍ରିଟେନର ଏବେକାର ପ୍ରଧାନମନ୍ତ୍ରୀ କେର୍ ଷ୍ଟାର୍ମର ଭୋଟ ଲୋଭରେ ବିପଦ ସୃଷ୍ଟି କରୁଛନ୍ତି ବୋଲି ସାଧାରଣରେ ମତ ପ୍ରକାଶ ପାଇଲାଣି । ଲଣ୍ଡନର 'ୟୁନାଇଟ୍ ଦ କିଙ୍ଗଡମ୍' ଶୋଭାଯାତ୍ରାରେ ବିପୁଳ ଜନସମାଗମ ପ୍ରମାଣ କରୁଛି ଯେ, ମୁସଲମାନ ଅନୁପ୍ରବେଶକାରୀଙ୍କ ପ୍ରତି ତୁଷ୍ଟିପୂର୍ଣ୍ଣ ଆଭିମୁଖ୍ୟ ଯୋଗୁ ସେହି ମହାଦେଶରେ ଶାସନ ବ୍ୟବସ୍ଥା ପଲଟିଯାଇପାରେ ।

ନେପାଳରେ 'ଜେନ୍ ଜି', ବାଂଲାଦେଶରେ 'ଛାତ୍ର ସମାଜ' ଭଳି ବ୍ରିଟେନ୍‌ରେ 'ଟମି ରବିନ୍‌ସନ୍' କୌଣସି ବିଧିବଦ୍ଧ ରାଜନୈତିକ ଦଳ ସହ ଜଡ଼ିତ ନୁହନ୍ତି । କିନ୍ତୁ ସେଇମାନେ ପରିବର୍ତ୍ତନ ଘଟାଉଛନ୍ତି । ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ଆସନ୍ତା ସମୟରେ ଗଣତନ୍ତ୍ର ପାଇଁ ରାଜନୈତିକ ଦଳ କିମ୍ବା ପ୍ରତିଷ୍ଠିତ ନେତା ମଞ୍ଚ ଧରିପାରିବେ ନାହିଁ । ହୁଏତ ସେମାନଙ୍କ ବେଳକାଳ ପୁରିଆସିଲାଣି ।



# ନୂତନ ଆର୍ଥିକ ମହାଶକ୍ତି

ହରେକୃଷ୍ଣ ପଣ୍ଡା

ବିଶ୍ୱରେ ଆଜି ପର୍ଯ୍ୟନ୍ତ ସୁପରପାଓ୍ୱାର ବୋଲାଇ ଆସିଥିବା ଆମେରିକା ତା'ର ପ୍ରତିପତ୍ତି ଏବେ ହରାଇବାକୁ ଯାଉଛି । 'ବିନାଶ କାଳେ ବିପରୀତ ବୁଦ୍ଧି' ଗୋଟିଏ ପରେ ଗୋଟିଏ ଟ୍ରମ୍ପଙ୍କ ମୁଣ୍ଡକୁ ଯୁଝୁଛି । ଆଜି ପର୍ଯ୍ୟନ୍ତ ଆମେରିକାକୁ ଟକ୍କର ଦେବା ପାଇଁ କୌଣସି ରାଷ୍ଟ୍ର ଚିନ୍ତା କରି ନ ଥିଲେ । ଚାଇନା ହେଉ ଅବା ଅନ୍ୟ ସୋଭିଏତ ରାଷ୍ଟ୍ର ତାଟି ତଳେ ରହି ଆମେରିକା ଉପରେ ପଥର ବୃଷ୍ଟି କରୁଥିଲେ । କିନ୍ତୁ ଅନ୍ତର୍ଜାତୀୟ ସ୍ତରରେ ଶକ୍ତି ପ୍ରଦର୍ଶନ କିମ୍ବା ପ୍ରତିରୋଧ ଭଳି କାର୍ଯ୍ୟ କରି ନଥିଲେ । ଆମେରିକାର ବାଣିଜ୍ୟ ନୀତି ଯୋଗୁ ଏସିଆ ମହାଦେଶରେ ଯେଉଁ ଗୁଞ୍ଜରଣ ସୃଷ୍ଟି ହେଲା, ତା'ର ଯଥାର୍ଥ ରୂପ ଦେବାରେ ଭାରତ ସମେତ ରୁଷିଆ, ଚାଇନା, ଅନ୍ୟ ୨୫ଟି ଦେଶକୁ ନେଇ ଏବେ ବିଶ୍ୱ ମଞ୍ଚରେ ଏକ ନୂତନ ଆର୍ଥିକ ଶକ୍ତିର ଅଭ୍ୟୁଦୟ ଘଟିଛି । ଏହା ଏବେ ସମ୍ଭବ ହେଉ ବା ନ ହେଉ, କିନ୍ତୁ ଏବେଠାରୁ ଏହାର ସୂତ୍ରପାତ ଘଟିଲା । ଟ୍ରମ୍ପଙ୍କ ନାଲିଆଖି ପରୋକ୍ଷରେ ଏଭଳି ଏକ ମହାଶକ୍ତିକୁ ଜନ୍ମ ଦେଇଛି ବୋଲି କୁହାଯାଉଛି । ଏହି ମହାଶକ୍ତିର ଉତ୍ଥାନକୁ ଆଉ ଭବିଷ୍ୟତରେ ରୋକିବା କଷ୍ଟକର ହେବ । କାରଣ ଏହାର ପ୍ରଚ୍ଛଦରେ ରହିଛି ଏସୀୟ ଏକତାର ସ୍ୱପ୍ନ । ଏହି ସ୍ୱପ୍ନ କେବଳ ଭାରତର ମୌଳିକ ଚିନ୍ତାଧାରା । ସ୍ୱାଧୀନତା ପୂର୍ବରୁ ମହାନ୍ ସ୍ୱାଧୀନତା ସଂଗ୍ରାମୀ, ଯୋଗୀ ଶ୍ରୀଅରବିନ୍ଦ ଏହା ଘୋଷଣା କରିଯାଇଛନ୍ତି ।

ଭାରତ ବିଶ୍ୱର ମଙ୍ଗଳ ଚିନ୍ତା କରେ । ବସୁଧୈବ କୁଟୁମ୍ବକମ୍ ଭାରତର ରାଷ୍ଟ୍ରୀୟ ସ୍ୱର । ଭାରତର ଇଚ୍ଛାଶକ୍ତି ଯୋଗୁ କେନ୍ଦ୍ରିତ ମସ୍ତିଷ୍କ ଓ ଅନୁଭୂତି ପର୍ଯ୍ୟନ୍ତ ଅର୍ଥନୈତିକ ଶକ୍ତିର କେନ୍ଦ୍ର ହେବାକୁ ଯାଉଛି । ପ୍ରାଥମିକ ସ୍ତରରେ ଚାଇନା ଏକଚାଟିଆ ନୀତି ହୁଏତ ଏହି ଅର୍ଥନୈତିକ ବଳୟକୁ ସାକାର କରିବାରେ ସମର୍ଥ ହୋଇ ନ ପାରେ । କିନ୍ତୁ ଆଗୁରି ଅନେକ ଦେଶ ଏହି କରିଡରକୁ ସମର୍ଥନ ଯୋଗାଇବା ଆଶା ଜଳ ଜଳ ହୋଇ ଦେଖାଯାଉଛି । ଅନ୍ୟପକ୍ଷରେ ଦେଖିବାକୁ ଗଲେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ମରାଠିକା ପଛରେ ଧାଉଁଥିବା ଅନୁଭବ କରାଯାଉଛି । ଟ୍ରମ୍ପ ଗାଜି ଛାଡ଼ିବା ପୂର୍ବରୁ ନୋବେଲ ପୁରସ୍କାର ହସ୍ତଗତ କରିବାକୁ ବେଶ ବିଚଳିତ ଓ ତତ୍ପର । ସେଥିପାଇଁ ୟୁକ୍ରେନ୍ ଶାନ୍ତି ଆଲୋଚନାକୁ ପ୍ରାଥମିକତା ଦେଉଛନ୍ତି । ଶାନ୍ତି ପୁରସ୍କାର ଚାହୁଁଥିବା ଆମେରିକାର ରାଷ୍ଟ୍ରପତି ବିଭିନ୍ନ ବିବାଦ ସ୍ଥଳୀରେ ପହଞ୍ଚି ନିଜକୁ ମଧ୍ୟସ୍ଥ ଭାବେ ଉପସ୍ଥାପନ କରୁଛନ୍ତି । ଏବେ ଏହି ଭୂମିକା ଭୁଲାଇବାକୁ ଯାଇ ଭେନେଜୁଏଲା ସହ ଉତ୍ତେଜନା ବଢ଼ାଇଛନ୍ତି । ନିଶା ମାଫିଆଙ୍କ ସହ ମୁକାବିଲା କରିବାକୁ ଯାଇ ଏହି ଦେଶର ଉପକୂଳରେ ତିନି ଯୁଦ୍ଧ ଜାହାଜ ମୁତୟନ କରି ସମାଧାନ ପରିବର୍ତ୍ତେ ଉତ୍ତେଜନା ବଢ଼ାଇ ଚାଲିଛନ୍ତି ।



ସେଠାକାର ରାଷ୍ଟ୍ରପତି ନିକୋଲାସ୍ ମାଦୁରୋ ଏହାକୁ ବିରୋଧ କରି ଆମେରିକା ଏକ ଅବିଶ୍ୱାସର ପାତ୍ର ବୋଲି କହିଛନ୍ତି । ଭେନେଜୁଏଲା ଶାନ୍ତି ଓ ସାର୍ବଭୌମ ସହ ଆଗକୁ ବଢ଼ୁଥିବା ବେଳେ ଆମେରିକା ଏକ ସ୍ୱାଧୀନ ଏବଂ ସ୍ୱତନ୍ତ୍ର ଦେଶଙ୍କୁ ମୁଣ୍ଡ ନୁଆଁଇବାକୁ ବାଧ୍ୟ କରୁଥିବା ଅଭିଯୋଗ କରିଛନ୍ତି । ନିଶା ଚୋରାଚାଲାଣର ଦୃହାଇ ଦେଇ ଭେନେଜୁଏଲା ଉପରେ ଟ୍ରମ୍ପ ଯେଉଁ ରାଗ ଶୁଝାଇବାକୁ ଚେଷ୍ଟା କରୁଛନ୍ତି, ତାକୁ ପ୍ରତିହତ କରିବା ପାଇଁ ତାଙ୍କ ରାଷ୍ଟ୍ରପତି ମଧ୍ୟ ସମାନ ବଳ ଦେଖାଇ ଚାଲିଛନ୍ତି । ଶାନ୍ତି ପୁରସ୍କାର ପାଇଁ ଟ୍ରମ୍ପ ସ୍ଥିର ହୋଇ ପାରୁନାହାନ୍ତି । ଇସ୍ରାଏଲ–ପାଲେଷ୍ଟାଇନ ମଧ୍ୟରେ ମଧ୍ୟସ୍ଥତା କରିବାକୁ ସେ ମଧ୍ୟ ଆଶାପୋଷଣ କରିଛନ୍ତି । ଅପରପକ୍ଷରେ ଇରାନ ସହ ଲଢ଼େଇ ନ କରି ଏବେ ଶାନ୍ତିର କଥା କହୁଛନ୍ତି । ମୋଟ ଉପରେ କହିବାକୁ ଗଲେ ଟ୍ରମ୍ପ ନିଜ ଦେଶର ଗୁରୁତ୍ୱକୁ ହ୍ରାସ କରି ଚାଲିଛନ୍ତି । ଆମେରିକାର ନୀତି ଯାହା, ତାହା କେବେ ବିଶ୍ୱ ଶାନ୍ତି ପ୍ରତିଷ୍ଠା କରିପାରିବ ନାହିଁ ବୋଲି ବିଶ୍ୱବାସୀ ଭଲ କରି ଜାଣନ୍ତି । ଟ୍ରମ୍ପଙ୍କର ଏଭଳି ନାଟକ ମୂଳରେ ରହିଛି ଅନେକ ଅଜୁହା କଥା । ସେ ଏଥର ନିର୍ବାଚନରେ ଜିତିବା ପାଇଁ ଆମେରିକାବାସୀଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ତାହାକୁ ପାଳନ କରିବା ସ୍ଥିତିରେ ନାହାନ୍ତି । ବର୍ତ୍ତମାନର ଅବସ୍ଥାରୁ ଯାହା ଜଣାପଡ଼େ, ଆମେରିକୀୟ ଅର୍ଥନୀତି ଭବିଷ୍ୟତରେ ସଙ୍କଟାପନ୍ନ ହେବାକୁ ଯାଉଛି । ବିଦର୍ଭଗତ ତାଳ ଦେଇ ଦେଶଗୁଡ଼ିକ ଯେପରି ଆଗରେ ଚାଲିଛନ୍ତି, ଭବିଷ୍ୟତରେ ଅର୍ଥନୀତି ହିଁ କେବଳ ପ୍ରତି ଦେଶର ଆଭିମୁଖ୍ୟ ହେବ । ବାଣିଜ୍ୟ କ୍ଷେତ୍ରରେ ଉତ୍ପାଦନ ଉପରେ ସମସ୍ତେ ନିର୍ଭର କରିବେ । ଅନ୍ତଃସ୍ଥ କାରବାର, ସୀମା ବିବାଦ ପ୍ରତି କୌଣସି ଦେଶ ଲକ୍ଷ୍ୟ ରଖିବେ ନାହିଁ । ସେ କ୍ଷେତ୍ରରେ ଆମେରିକା ହିଁ ଶତ୍ରୁ ବୋଲାଉଥିବା ଦେଶ ଉପରେ ନିର୍ଭରଶୀଳ ହୋଇ ରହିବ । ଇତିହାସର ପୃଷ୍ଠା ଲେଉଟାଇଲେ ବିଶ୍ୱରେ ଅଧିକାଂଶ ରାଷ୍ଟ୍ର ଆମେରିକାର ଶତ୍ରୁରାଷ୍ଟ୍ର ହୋଇ ରହିଛନ୍ତି । ବେଳ ଆସିଲେ ଶତ୍ରୁରାଷ୍ଟ୍ର ପୁଣି ଇତିହାସ ପୃଷ୍ଠାକୁ ଯେ ନ ଲେଉଟାଇବେ ତାହା କିଏ କହିବ ! ଭାରତ ପ୍ରତି ଟ୍ରମ୍ପ ବିଷୋଦ୍‌ଗାର କରିବାର ବାସ୍ତବ କାରଣଟି ହେଲା ପାକିସ୍ତାନ ପ୍ରତି ଭାରତର ସିନ୍ଦୂର ଅପରେଶନ । ଏଥିରେ ଭାରତର ସାମରିକ ଶକ୍ତି ଆମେରିକାକୁ ଟକ୍କର ଦେବା ଭଳି ପ୍ରତ୍ୟୟ ସୃଷ୍ଟି କରିଛି । ୨ୟ କାରଣ ହେଲା, ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ପାକିସ୍ତାନର ଯୁଦ୍ଧ ବିରତିକୁ ଭାରତ ପକ୍ଷରୁ ପ୍ରାମାଣିକ ତଥ୍ୟ ପ୍ରଦର୍ଶନ କରି ଦୃଢ଼ ଭାବେ ଖଣ୍ଡନ କରିବା । ଟ୍ରମ୍ପ ଶାନ୍ତି ପୁରସ୍କାର ପାଇବା ପାଇଁ ଭାରତଙ୍କୁ ଶ୍ରେୟ ନେବାର ଯେଉଁ ଆସ୍ଫାଳନ କରିଥିଲେ, ତାହା ପ୍ରଥମ ପାହାଚରେ ବିଫଳ ହେବା ଯୋଗୁ ସେ ସେବେଠୁ ଭାରତ ପ୍ରତି ଅସୂୟା ହୋଇ ପଡ଼ିଲେଣି । ଏବେ ଭାରତ ବିରୋଧରେ ଆମେରିକାର ଚକ୍ରାନ୍ତ ଗୋଟିଏ ପରେ ଗୋଟିଏ ପଦାକୁ ଆସିବାରେ ଲାଗିଲାଣି । ରୁଷିଆ–ୟୁକ୍ରେନ ଯୁଦ୍ଧ ବନ୍ଦ ହୋଇଗଲେ ରୁଷିଆର କିଛି ଲାଭ ହେଉ ବା ନ ହେଉ ଆମେରିକାର ବହୁ କ୍ଷତିସାଧନ ହେବ । ଆମେରିକାର ଅର୍ଥରେ ୟୁକ୍ରେନ୍ ଗ୍ଲାବ କି ସୀ ଉପରେ । ତେଣୁ ଉପରେ ଶାନ୍ତି ପ୍ରସ୍ତାବ ଆଗତ କରି ଭିତରେ ୟୁକ୍ରେନ୍‌କୁ ଯୁଦ୍ଧାସ୍ତ୍ର ଯୋଗାଇ ଚାଲିଛନ୍ତି । ପୁଟିନ୍ ଏବଂ ଟ୍ରମ୍ପଙ୍କ ମଧ୍ୟରେ ଶାନ୍ତି ଚୁକ୍ତି କଥାବାର୍ତ୍ତା ପରେ ପୁଣି ୟୁକ୍ରେନର କ୍ଷେପଣାସ୍ତ୍ର ରୁଷର ପରମାଣୁ ସ୍ଥଳରେ ନିକ୍ଷେପ କରାଯିବା ଆମେରିକାର ମତିଗତିକୁ ସ୍ପଷ୍ଟ କରିଛି । ଅପରପକ୍ଷରେ ଭାରତର ଶକ୍ତିକୁ ଆମେରିକା ନିଜ ସପକ୍ଷରେ କରିବାରେ ବିଫଳ ହେବା ଯୋଗୁ ସେ ଏହି ଦୋଷକୁ ଭାରତ ଉପରେ ଲଦିବାକୁ ଚେଷ୍ଟା ଚଳାଇଛି । ଟ୍ରମ୍ପଙ୍କ ଧମକକୁ ନ ଡରି ଭାରତ ସମେତ ଯେତେଗୁଡ଼ିଏ ଦେଶ ଏକଜୁଟ ହୋଇଛନ୍ତି, ସେମାନେ ବାଣିଜ୍ୟ କ୍ଷେତ୍ରରେ ଦୃଢ଼ତାର ସହ ମୁକାବିଲା କରିବା ଏକାନ୍ତ ବିଧେୟ । ରୁଷିଆ–ଭାରତ ସମ୍ପର୍କ ବହୁ ପରୀକ୍ଷିତ । କିନ୍ତୁ ଉଭୟଙ୍କ ମଧ୍ୟରେ ଏବେ ଝୁଣ୍ଟିବୋ ବେଳ । ନିଜକୁ ଏକାଙ୍ଗଚକ୍ରବର୍ତ୍ତୀ ହୋଇ ରହିବା ପାଇଁ ୩୦ ବର୍ଷ ଧରି ଆସିଥିବା ସଂଗ୍ରାମ ସଫଳ ହୋଇ ପରିଣତ ହେଉଥିବା ବେଳେ ଆଉ ସେ ଆମ ନରମ୍ ଏହି ତ୍ରିଶକ୍ତି ମେଣ୍ଟରେ ନିଜର ବିଶ୍ୱସନୀୟତାକୁ ପ୍ରତିପାଦନ କରିବା ଉଚିତ । ବହୁ ଦେଶ ଆମେରିକାର ମିତ୍ର ହେଲେ ହେଁ ସେମାନେ ଭାରତ ସହ ବନ୍ଧୁତ୍ୱ ରଖିଛନ୍ତି । ୟୁରୋପୀୟ ଦେଶଗୁଡ଼ିକ ମଧ୍ୟରୁ ୪ଟି ଦେଶ ଏବେ ଭାରତ ସପକ୍ଷରେ । ଭାରତର କୂଟନୀତି ରଣକୌଶଳମୂଳକ ହେଲେ ଆମେରିକା ତା'ର କୂଟଚକ୍ରିରେ ଖେଳ ଦେଖାଇ ପାରିବନି । ନିକଟରେ ଭାରତ ଯେତେଗୁଡ଼ିଏ ବିଦେଶୀ ରାଷ୍ଟ୍ରଙ୍କ ସମ୍ପର୍କ ଡୋରିରେ ବାନ୍ଧି ସାରିଲାଣି, ତାହା ଏହି ମେଣ୍ଟକୁ ଗଢ଼ିବାରେ ସହାୟ ହୋଇପାରିବ । ଅସଲ କଥା ହେଉଛି ଚାଇନା ନିଜ ଜିଦ୍‌କୁ ଯଦି ଧରି ନ ରଖେ, ପାକିସ୍ତାନକୁ ନେଇ ଭାରତଙ୍କୁ ଆତଙ୍କବାଦୀ କ୍ଷେତ୍ରରେ ହଇରାଣ ନ କରେ, ତେବେ ଏହି ମେଣ୍ଟକୁ ନେଇ ଏକ ଆର୍ଥିକ ମହାଶକ୍ତି ମୁଣ୍ଡ ଟେକି ଠିଆ ହୋଇପାରିବ । ଆମେରିକା ବେଶୀ ଆଗେଇ ପାରିବ ନାହିଁ ଜଣାପଡୁଛି, ନିକଟରେ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ନୂଆଦିଲ୍ଲୀ ଆସି ଭାରତ ସହିତ କଥାବାର୍ତ୍ତା କରିବା ଏବଂ ଭାରତର ବହିର୍ବ୍ୟାପାର ମନ୍ତ୍ରୀଙ୍କ ମସ୍କୋ ଗସ୍ତ କରି ପୁଟିନଙ୍କ ଭେଟିବା, ରୁଷିଆ ସହିତ ସମ୍ପର୍କକୁ ଅଧିକ ମଜବୁତ କରିବା, ଚାଇନା ସହିତ ଭାରତର ସୀମା ଉପରେ ସହମତିରେ ପହଞ୍ଚିବା ଏବଂ ଟ୍ରମ୍ପଙ୍କ ସହ୍ୟାନ୍ତ ନୀତିକୁ କ୍ଷେତ୍ରରେ ଭାରତୀୟ କୂଟନୀତି ପାଇଁ ସ୍ୱଚ୍ଛ ଭିତରେ ଏକ ବଡ଼ ପଦକ୍ଷେପ ବୋଲି ମନେହେଉଛି, ଯାହା ଆର୍ଥିକ ମହାଶକ୍ତି ପାଇଁ ଆଶା ସଂଚାର କରିଛି ।

ସୟେଦପୁର, ଯାଜପୁର
ମୋ: ୯୪୩୭୩୧୫୬୨୩




# ମିଠା ସ୍ୱର

ନାରାୟଣ ଚନ୍ଦ୍ର ବିଶ୍ୱାଳ

ଆମମାନଙ୍କ ଭିତରେ ଅନେକଙ୍କ ଧାରଣା ଯେ ଅଭିନେତା ବା କଣ୍ଠଶିଳ୍ପୀମାନେ କେବଳ ନିଜର ସ୍ୱର ଉପରେ ଧ୍ୟାନ ଦେବା ଦରକାର । ମାତ୍ର ସମସ୍ତଙ୍କ ପାଇଁ ସ୍ୱରର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ନିକଟରେ ୟୁନିଭର୍ସିଟି ଅଫ୍ ମିଚିଗାନ ହେଲ୍‌ଥ ସିଷ୍ଟମ୍ ଏକ ରିପୋର୍ଟରେ ତଥ୍ୟ ଅନୁଯାୟୀ, ଜଣକର ସ୍ୱର ହିଁ ତାକୁ ପରିଚିତ କରାଇ ଦେଇପାରିବ ବାହାର ଦୁନିଆରେ । ଏହା ବ୍ୟକ୍ତିତ୍ୱ ଗଠନରେ ମଧ୍ୟ ସହାୟକ ହୋଇଥାଏ । ଲୋକଟି କ'ଣ କହୁଛି ତାହା ତା'ର ସ୍ୱରରୁ ହିଁ ଅନ୍ୟମାନଙ୍କୁ ଆକର୍ଷିତ କରିଦିଏ । ଯଦି ସ୍ୱରଯନ୍ତ୍ରରେ ସାମାନ୍ୟ ବି ତ୍ରୁଟି ରହିଯାଏ ତେବେ ତାହା ଜୀବନ ଉପରେ ମଧ୍ୟ କୁପ୍ରଭାବ ପକାଇଥାଏ । ଶରୀର ପାଇଁ ଯେତିକି ପାଣିର ଆବଶ୍ୟକତା ରହିଛି ସେତିକି ପାଣି ନିୟମିତ ନିଶ୍ଚିତ ପିଅନ୍ତୁ । ଆଲ୍‌କୋହଲ ଏବଂ କାଫେନଠାରୁ ଦୂରେଇ ରହନ୍ତୁ । କଥା କହିବା ବା ଗୀତ ଗାଇବାବେଳେ ସ୍ୱର ପେଟିକା ସ୍ୱରତନ୍ତ୍ରୀରେ ଜୋରରେ କମ୍ପନ ସୃଷ୍ଟି ହୋଇଥାଏ । ଉପଯୁକ୍ତ ପରିମାଣର ଜଳ ମିଳିଲେ ତାହା ସ୍ୱର ପେଟିକାକୁ ପିଚ୍ଛିଳ ରଖିଥାଏ ।

ଦୈନିକ ଯେତିକି କଥା କହିବା କଥା ବାସ, ସେତିକି କଥା କହନ୍ତୁ । ଯେଉଁଦିନ ଅଧିକ କିଛି ଆପଣଙ୍କ କହିବାକୁ ପଡ଼ିଥାଏ ସେ ଦିନ ରୁଝାଟରେ ଗପିବା ବନ୍ଦ କରିଦିଅନ୍ତୁ । ଆପଣ ହୁଏତ ଜାଣି ନ ଥିବେ ଯେ କିଛିକ୍ଷଣର ନୀରବତା ଆପଣଙ୍କ ଶରୀର ଭିତରେ ଏକ ପ୍ରକାର ନୂତନ ଉର୍ଜା ସୃଷ୍ଟି କରିଥାଏ । ଏହାସହିତ ଆପଣଙ୍କ ଗଳାର ସ୍ୱର ପେଟିକାକୁ ଶାନ୍ତମୟ ଭାବେ ଗ୍ରହି ତୋଳିବାରେ ସମର୍ଥ ହୋଇଥାଏ । ଯେମିତି କି ଅଧିକ କ୍ଲାସ୍ ନେବାର ଥିଲେ ଶିକ୍ଷକମାନେ କୋଳାହଳମୟ ଷ୍ଟାଫ୍‌ରୁମ୍‌ରେ ଅଧିକ ଗପିବା ଉଚିତ ନୁହେଁ । ଉପଚାର ସମ୍ପର୍କରେ ଅନେକ ଲୋକ ଅନେକ କଥା କହିଥାନ୍ତି ଓ ଏହାକୁ ସେମାନଙ୍କ ବିଚାର ଭାବେ ଧରି ନେଇଥାନ୍ତି । ତେବେ ସର୍ବପ୍ରଥମେ ଆପଣଙ୍କ କଣ୍ଠ ସ୍ୱରକୁ ମଧୁର ଓ ଲଳିତ ତଥା ଶାନ୍ତମୟ କରିବାକୁ ଥିଲେ ଧୂମପାନ କରନ୍ତୁ ନାହିଁ, ଯଦି କରୁଥାନ୍ତି ତୁରନ୍ତ ଛାଡ଼ି ଦିଅନ୍ତୁ । ଧୂମପାନ ଗଳା କର୍କଟର କାରଣ ହୋଇଥାଏ । କେବଳ ସେତିକି ନୁହେଁ ଅନ୍ୟ କେହି ଧୂମପାନ କରୁଥିଲେ ତା'ର ଆଘ୍ରାଣ ଦ୍ୱାରା ମଧ୍ୟ ସ୍ୱର ପେଟିକାରେ କ୍ଷତି ପହଞ୍ଚାଇଥାଏ । ଉତ୍ତେଜିତ ହୋଇ କଥାବାର୍ତ୍ତା କରିବା, ଗାଳି ଦେବା ଏବଂ ଜୋର କଥା ହେବା ଦ୍ୱାରା ଗଳା ଶୁଷ୍କ ତଥା କ୍ଳାନ୍ତ ହୋଇପଡ଼େ । ସ୍ୱର କର୍କଶ ଶୁଭିଲେ ଏହା ଆମକୁ ସ୍ୱର ପେଟିକାର ଯତ୍ନ ନେବାକୁ ସତେଜ କରାଇଦିଏ ।

ଯେତେବେଳେ ଆପଣ ଉଚ୍ଚ ବା ନିମ୍ନ ସ୍ୱରରେ ଗୀତ ଗାଉଛନ୍ତି ବେଶ ଏବଂ ଗଳାର ମାଂସପେଶୀକୁ ଆରାମ ଦିଅନ୍ତୁ । କେତେକ କଣ୍ଠଶିଳ୍ପୀ ଉଚ୍ଚ ସ୍ୱରରେ ଗୀତ ଗାଇବା ବେଳକୁ ମୁଣ୍ଡକୁ ଉପରକୁ ଉଠାଇଥାନ୍ତି ଏବଂ ନିମ୍ନ ସ୍ୱରରେ ଗାଇବାବେଳେ ବେକକୁ ତଳକୁ ଭାଙ୍ଗି ଗାଇଥାନ୍ତି । କଣ୍ଠଶିଳ୍ପୀ ଖୋଦ ସ୍ୱୀକାର କରନ୍ତି ଯେ ବର୍ଷ ବର୍ଷ ଧରି ଏପରି କରିବା ଦ୍ୱାରା ଆମକୁ ଏହାର ମୂଲ୍ୟ ଦେବାକୁ ପଡ଼ିଥାଏ । ଅର୍ଥାତ୍ ଦୀର୍ଘ ସମୟ ଧରି ଏପରି ଚାଲିଲେ କଣ୍ଠରେ ଯନ୍ତ୍ରଣା ଆରମ୍ଭ



ହୋଇଯାଏ । ପରବର୍ତ୍ତୀ ସମୟରେ କଣ୍ଠ କ୍ଷତିଗ୍ରସ୍ତ ହୋଇଥାଏ ଏବଂ ସେଥିଠାରୁ ହିଁ ସ୍ୱର ଏକପ୍ରକାର ଦବିବା ଆରମ୍ଭ ହୋଇଥାଏ । ଦୈନନ୍ଦିନ ଆମେ କେଉଁଠାରି କଥାବାର୍ତ୍ତା କରୁଛେ ତା' ଉପରେ ଆଗେ ଧ୍ୟାନ ଦେବା ଦରକାର । ଅନେକ ଦକ୍ଷ କଣ୍ଠଶିଳ୍ପୀ ମଧ୍ୟ ସେମାନଙ୍କର ସ୍ୱରଯନ୍ତ୍ର ଠିକ୍ ଭାବେ ଯତ୍ନ ନେଇ ନ ଥାନ୍ତି । ଜଣେ ଗବେଷକଙ୍କ ମତରେ, ଅନେକ ବ୍ୟକ୍ତି (କଣ୍ଠଶିଳ୍ପୀମାନେ ବି ସାମିଲ) କଥା କହିବାବେଳେ ଅଧିକ ଥର ଦୀର୍ଘଶ୍ୱାସ ଛାଡ଼ିଥାନ୍ତି ।

ସର୍ବଦା ନିଜର କଣ୍ଠକୁ ଅଧିକ ମାତ୍ରାରେ ସଫା ରଖନ୍ତୁ ନାହିଁ । ଅଧିକ ଥର ଏହା କରିବା ଦ୍ୱାରା ସ୍ୱରପେଟିକାଗୁଡ଼ିକୁ ଏହା ଦବାଇ ଦେଇଥାଏ ଏବଂ କ୍ଷତି ପହଞ୍ଚାଇଥାଏ । ଯଦି ଆପଣଙ୍କ ସ୍ୱରପେଟିକାରେ କୌଣସି ସମସ୍ୟା ଦେଖାଦିଏ ତେବେ ତୁରନ୍ତ ବାକ୍‌ଶ୍ରବଣ ବିଶେଷଜ୍ଞ ବା ଇଏନ୍‌ଟି ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ଯେତେବେଳେ ଆପଣ ଅସୁସ୍ଥ ଥାନ୍ତି ବେଶୀ କଥାବାର୍ତ୍ତା କରନ୍ତୁ ନାହିଁ । ଥଣ୍ଡା ବା ସଂକ୍ରମଣ ଯୋଗୁ ଆପଣଙ୍କ ସ୍ୱର କର୍କଶ ଶୁଭିଲେ କଥା ଅଳ୍ପ କୁହନ୍ତୁ । ଆପଣଙ୍କ ସ୍ୱର ଯେତେବେଳେ କ୍ଳାନ୍ତ ହୋଇପଡୁଛି ତାକୁ ତୁରନ୍ତ ଆରାମ ଦିଅନ୍ତୁ । କୌଣସି ସଭାସମିତିରେ ଆପଣଙ୍କୁ କହିବାକୁ ପଡୁଥିଲେ ଯେତିକି ସ୍ୱରରେ ଆପଣ ସାଧାରଣରେ କହିବାକୁ ସକ୍ଷମ ବାସ୍ ସେତିକି ସ୍ୱରରେ କୁହନ୍ତୁ । ଅଯଥା ଉଚ୍ଚ ସ୍ୱରରେ କହି ସ୍ୱରପେଟିକାକୁ କ୍ଷତି ପହଞ୍ଚାନ୍ତୁ ନାହିଁ । ମନେରଖନ୍ତୁ, କଣ୍ଠ ସିକ୍ତ ବା ଆର୍ଦ୍ର ରହିଲେ ତାହା ସୁସ୍ଥ ସ୍ୱର ପାଇଁ ଉପଯୋଗୀ ହୋଇଥାଏ । ଧୂଳି ଧୂଆଁ ବାତାବରଣରୁ ନିଜକୁ ମୁକ୍ତ ରଖନ୍ତୁ । ଶ୍ୱାସରେ କୌଣସି ସମସ୍ୟା ଥିଲେ କିମ୍ବା ସାଇନସ ଥିଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ଓ ଚିକିତ୍ସା କରନ୍ତୁ । ଟିକେ ବି ରକ୍ଷା ପାଇଁ ଚାହୁଁଥିଲେ ପାଟି ବାଟେ ଶ୍ୱାସପ୍ରଶ୍ୱାସ ନିଅନ୍ତୁ ନାହିଁ । ତେବେ ନାକ ବନ୍ଦ ରହିଥିଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ଜୋରରେ ଘୁରୁଥିବା ପଙ୍ଖା ସାମ୍ନାରେ ବସନ୍ତୁ ନାହିଁ କି ବିଶ୍ରାମ ନିଅନ୍ତୁ ନାହିଁ । ଭାଷଣ ଦେବା ବେଳେ ଏକାବେଳେ ନ କହି ମଝିରେ ମଝିରେ ପାଣି ପିଅନ୍ତୁ । ତେବେ ୪୫ ମିନିଟରୁ ଅଧିକ ସମୟ କୁହନ୍ତୁ ନାହିଁ । ଗାୟକ ଭାବେ ସଙ୍ଗୀତ ପରିବେଷଣ କରୁଥିଲେ ହାଲୁକା ନଶତସୁଷ୍ମ ପାଣି ପିଇବା ଭଲ । ତେବେ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସଙ୍ଗୀତ ପରିବେଷଣ ହେଉ ବା ଭାଷଣ କିମ୍ବା କୌଣସି କାର୍ଯ୍ୟକ୍ରମର ସଂଯୋଜନା କୌଣସି ପରିସ୍ଥିତିରେ ନିଶା ଦ୍ରବ୍ୟ ସେବନକରି କାର୍ଯ୍ୟକ୍ରମରେ ଯୋଗଦାନ ରଖନ୍ତୁ ନାହିଁ । କାରଣ ଏହା ନିଶ୍ଚିତ ଭାବରେ ଆପଣଙ୍କ କଣ୍ଠସ୍ୱରକୁ କ୍ଷତିଗ୍ରସ୍ତ କରିବ ।

ଶାରୀରିକ ଓ ମାନସିକ କ୍ଳାନ୍ତି ସ୍ୱରକୁ ପ୍ରଭାବିତ କରିଥାଏ । କୌଣସି କାର୍ଯ୍ୟକ୍ରମକୁ ଯିବା ପୂର୍ବରୁ ଉତ୍ତମ ନିଦ୍ରା ଏବଂ ବିଶ୍ରାମ ନେଇଯାଆନ୍ତୁ । ଯୋଗ, ପ୍ରାତଃ ଭ୍ରମଣ କରିବା ଭଲ । ଅଧିକ ତେଲ ମସଲାଯୁକ୍ତ ଖାଦ୍ୟ, ଅଧିକ ଚା' ପିଅନ୍ତୁ ନାହିଁ ଥଣ୍ଡା ପାନୀୟ, ପାନମସଲା ଆଦିଠାରୁ ଦୂରେଇ ରହନ୍ତୁ । ଉଷୁମ ପାଣିରେ ଗାର୍ଗିଲ (ଡଁଶରେ ଲୁଣ ପକାଇ ଗଳ୍‌ପଗଡ଼ କରିବା) କରନ୍ତୁ । ଦୁଇଥର ଅଧିକବାର ଖାଆନ୍ତୁ । ନିଶାଦ୍ରବ୍ୟଠାରୁ ଦୂରେଇ ରହିବା ଭଲ । କେବଳ ଥଣ୍ଡା ପାନୀୟ ନୁହେଁ ଫ୍ରିଜର ଥଣ୍ଡା ଖାଦ୍ୟ ଠାରୁ ମଧ୍ୟ ଦୂରେଇ ରହିବା ଭଲ । ତେବେ ଏକାଥରକେ ପେଟପୂରା ଖାଆନ୍ତୁ ନାହିଁ । ଖିଆପିଆ ପରେ ଭଲ ଭାବେ କୁଳି କରନ୍ତୁ । ସବୁବେଳେ ଗୋଟିଏ କଥା ମନେରଖନ୍ତୁ ଯେ ମିଠା ସ୍ୱର ଜଣଙ୍କ ବ୍ୟକ୍ତିତ୍ୱର ଅନନ୍ୟ ପରିଚୟ, ଏହାକୁ ଯେପରି ନ ଭୁଲନ୍ତୁ ।

ବାକ୍‌ଶ୍ରବଣ ବିଶେଷଜ୍ଞ, 'ଧ୍ୱନି, ମଙ୍ଗଳାବାଗ, କଟକ, ମୋ: ୯୪୩୮୨୭୬୭୬୦

## ଏଇ ଭାରତରେ

କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଚାଳିତ ରୋବୋ ନିର୍ମାଣ କରିଛନ୍ତି ୨୨ ବର୍ଷୀୟ ରାହୁଲ ଆଗ୍ରାପାକା । ସେ ଏହାର ନାମ ରଖିଛନ୍ତି ରକ୍ଷକ । କାରଣ ଏହା ଫସଲକୁ ଘାସ ଦାଉରୁ ରକ୍ଷାକରିବ । ଫସଲକୁ ଘାସ କ୍ଷତି କରୁଥିବାରୁ ଏହାକୁ ବାଛିବାରେ କୃଷକମାନେ ଅଧିକ ଖର୍ଚ୍ଚ କରନ୍ତି । ଏକ ଆକଳନରୁ ଜଣାପଡ଼ିଛି ଯେ, ଫସଲରେ ମୋଟ ଯେତିକି ଖର୍ଚ୍ଚ ହୁଏ ତାହାର ୨୦–୨୫% ଘାସ ବଛାରେ ହୋଇଥାଏ । ରାହୁଲ ନିର୍ମାଣ କରିଥିବା ରୋବୋ ଫସଲକୁ କ୍ଷତି ନ କରି ଜମିରୁ ଘାସ ନଷ୍ଟ କରିପାରୁଛି । ରକ୍ଷକ କ୍ଷେତରେ ଏଆଇ ମାଧ୍ୟମରେ ଘାସକୁ ଠାବ କରିବା ପରେ ତାହାକୁ ଲେଜର ଦ୍ୱାରା ନଷ୍ଟ କରିପାରୁଛି । ରାହୁଲ କହନ୍ତି, କମ୍ ସମୟରେ ଏହି କାର୍ଯ୍ୟ କରିପାରୁଥିବାରୁ ଆର୍ଥିକ ଦୃଷ୍ଟିକୋଣରୁ ଏହା କୃଷକଙ୍କ ପାଇଁ ଲାଭଦାୟକ ହେବ । ରାହୁଲ ଏବେ ହାଇଦ୍ରାବାଦସ୍ଥିତ ମହିନ୍ଦ୍ରା ୟୁନିଭର୍ସିଟିରେ ଇଞ୍ଜିନିୟରିଂ ପଢୁଛନ୍ତି । ଏହି ରୋବୋ ନିର୍ମାଣ କରିବା ପାଇଁ ମହିନ୍ଦ୍ରା କମ୍ପାନୀ ମଧ୍ୟ ସହଯୋଗ କରିଛି । ଏହାକୁ ଟ୍ରାକ୍ଟର ବ୍ୟାଟେରିରେ ଚାର୍ଜ କରାଯାଇପାରିବ । ରକ୍ଷକ ରୋବୋ ଆଗାମୀ କିଛି ମାସ ମଧ୍ୟରେ ମାର୍କେଟରେ ଉପଲବ୍ଧ ହେବ । ଏହାର ମୂଲ୍ୟ ୧୦ ଲକ୍ଷ ଟଙ୍କା ରହିବ ବୋଲି ରାହୁଲ କହିଛନ୍ତି ।

## ୫୦ ବର୍ଷ ତଳେ ଧରିତ୍ରୀ

୧୫ ସେପ୍ଟେମ୍ବର ୧୯୭୬

- ରାଜ୍ୟରେ ହସ୍ତତନ୍ତ କ୍ଷେତ୍ରରେ କାର୍ଯ୍ୟକାରୀ କରିବା ପାଇଁ ଦୁଇଟି ନୂତନ ପରିକଳ୍ପନାକୁ କେନ୍ଦ୍ର ସରକାରଙ୍କ ମଞ୍ଜୁରୀ ପ୍ରଦାନ ।
- ଦଳ ବିରୋଧୀ କାର୍ଯ୍ୟ ହେତୁ ବାଲେଶ୍ୱର ଜିଲ୍ଲା କଂଗ୍ରେସର ସାଧାରଣ ସମ୍ପାଦକ ହରିହର ଦାଶ ମହାପାତ୍ର ସଭ୍ୟ ଧୀରେନ ଜେନା ଓ ଲକ୍ଷଣ କମିଲ ଦଳରୁ ସସ୍ପେଣ୍ଡ ।

## ସୁ–ଡୋ–କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | | | | | 4 | 2 |
| | | | | 5 | | | | |
| | | 8 | 4 | | | 3 | | |
| | | | 1 | | | | | |
| 2 | | 4 | | 6 | | | | |
| 9 | | | 2 | 4 | 8 | | | |
| 5 | | | | 2 | 1 | | 9 | |
| | | 7 | | | | 6 | | |
| 8 | | | 3 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 8 | 5 | 6 | 3 | 2 | 7 | 9 |
| 5 | 9 | 2 | 8 | 7 | 4 | 3 | 6 | 1 |
| 6 | 7 | 3 | 1 | 9 | 2 | 8 | 5 | 4 |
| 1 | 2 | 9 | 3 | 8 | 6 | 5 | 4 | 7 |
| 8 | 4 | 5 | 9 | 2 | 7 | 6 | 1 | 3 |
| 3 | 6 | 7 | 4 | 5 | 1 | 9 | 8 | 2 |
| 9 | 8 | 4 | 7 | 3 | 5 | 1 | 2 | 6 |
| 7 | 3 | 6 | 2 | 1 | 8 | 4 | 9 | 5 |
| 2 | 5 | 1 | 6 | 4 | 9 | 7 | 3 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅନ୍‌ଲାଇନ ସେବା ଏକ ପ୍ରହସନ

ମହାଶୟ,

ଅନ୍‌ଲାଇନ ସେବାର ଲୋକପ୍ରିୟତା ଦିନକୁଦିନ ବଢ଼ି ଚାଲିଛି । ସାଧାରଣ ଜନତାଙ୍କ ସୁବିଧା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ କେତେକ ସେବାକୁ ଅନ୍‌ଲାଇନ ମାଧ୍ୟମରେ ଉପଲବ୍ଧ କରାଉଛନ୍ତି । ଲିଜ୍ ହୋଲ୍ଡ ଜମିକୁ ଫ୍ରି ହୋଲ୍ଡରେ ପରିଣତ କରିବା ପାଇଁ ଅନ୍‌ଲାଇନ ଆବେଦନର ସାତ ମାସ ବିତି ଯାଇଥିଲେ ମଧ୍ୟ ଏହା ଉପରେ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ । ଏ ନେଇ ବିଡିଏ ଓ୍ୱେବସାଇଟ ଓ ମେଲ୍ ଦ୍ୱାରା ଅଭିଯୋଗ କଲେ ବି କେହି ଉତ୍ତର ଦେଉନାହାନ୍ତି । ଫଳରେ ମାସ ମାସ ଧରି ଟ୍ରାଞ୍ଜାକଶନ ଅଣ୍ଡର ପ୍ରୋସେସିଂରେ ରହୁଛି । ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷରେ ଏପରି ମନମୁଖି କିମ୍ବା ଉଦେଶ୍ୟପ୍ରଣୋଦିତ କାର୍ଯ୍ୟ ଦ୍ୱାରା ଲୋକମାନେ ଅଯଥାରେ ହଇରାଣ ହେଉଛନ୍ତି । ଅନ୍‌ଲାଇନ ସେବା ଏକ ପ୍ରହସନରେ ପରିଣତ ହେଲାଣି । ଅବହେଳା କରୁଥିବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଗଲେ ଅନ୍‌ଲାଇନ ସେବାର ପ୍ରକୃତ ଉଦ୍ଦେଶ୍ୟ ପୂରଣ ହୋଇପାରିବ ।

–ଅନନ୍ତ ଚରଣ ସ୍ୱାଇଁ, ଭୁବନେଶ୍ୱର

## ଚିରନ୍ତନୀ

ଶକତି ନାହିଁ କାହାର, ବିଧିର ନିୟୋଗ–
ଘଟିବ ସେ ଦୁର୍ବିଜ୍ଞେୟ ବିୟୋଗ
ଦିବସର ଅବସାନେ ।
ସେ ଲାଗି କି ଡେରି ଭାଳେଣି ?
କିଏ ଆଉ ପାର ଲାଗି ଆଗ ହୋଇ
ମାଗିବ ମେଲାଣି ?

–(ଚକ୍ରବାକ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

DSPL-258

ODISHA
NEW OPPORTUNITIES





**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# କଥା ଦେଇ କଥା ରଖିଲେ ଲୋକଙ୍କ ସରକାର
# ସୃଷ୍ଟି ହେଲା ନୂଆ ରୋଜଗାର

ନୂତନ ସରକାର ଗଠନ ପରେ ଓଡ଼ିଶାରେ **୫୮**ଟି ପ୍ରକଳ୍ପ ମାଧ୍ୟମରେ **୧,୧୧,୮୧୯**ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି

## ୨୭ଟି ନୂଆ ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**୫୧,୮୨୬** ରୁ ଅଧିକ ନିଯୁକ୍ତି ସୁଯୋଗ | **୨୫,୩୮୦** କୋଟି ଟଙ୍କା ର ପୁଞ୍ଜି ନିବେଶ

**ମୁଖ୍ୟ ଅତିଥି**

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

**ଗରିମାମୟ ଉପସ୍ଥିତି**

**ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ**
ମନ୍ତ୍ରୀ, ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା

**ଭିତ୍ତିପ୍ରସ୍ତର ସ୍ଥାପନ**

ଏସ୍‌ଆରଏଫ୍ ଲିମିଟେଡ୍ | ଏପସିଲନ୍ କାର୍ବନ ଅଶୋକା ପ୍ରାଇଭେଟ୍ ଲିମିଟେଡ୍ | ଗ୍ରୀନପ୍ଲାଏ ଗ୍ରୁପ୍
ଶ୍ରୀ ବଜରଙ୍ଗ ପାୱାର ଆଣ୍ଡ ମେଟାଲିକ୍ସ ଲିମିଟେଡ୍ | ସୋଭା ସୋଲାର ଲିମିଟେଡ୍ | ଫେରୋ ଆଲଏଜ୍ କର୍ପୋରେସନ୍ ଲିମିଟେଡ୍
ମାସ୍ ଇଣ୍ଡିଆ କ୍ଲୁଥିଙ୍ଗ୍ ପ୍ରାଇଭେଟ୍ ଲିମିଟେଡ୍ | ଅଲ୍ଟ୍ରାଟେକ୍ ସିମେଣ୍ଟ ଲିମିଟେଡ୍ | ହିନ୍ଦୁସ୍ତାନ ଆକ୍ୱା ପ୍ରାଇଭେଟ୍ ଲିମିଟେଡ୍
ଏସ୍‌ଏନ୍‌ଏମ୍ ହୋଟେଲ୍ସ ଆଣ୍ଡ ରିସର୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ | ସୁମ୍ଭାରିଅଲ୍ ମିଡ଼ିଆ ପ୍ରାଇଭେଟ୍ ଲିମିଟେଡ୍ | ସୁପ୍ରିମ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍
ଆଦିସ୍ତମ୍ ଭେଞ୍ଚର୍ସ ପ୍ରାଇଭେଟ୍ ଲିମିଟେଡ୍ | ଆଇଟିସି ଲିମିଟେଡ୍ | ହୋଟେଲ୍ ପାଲ୍ ରିଜେନ୍ସି ପ୍ରାଇଭେଟ୍ ଲିମିଟେଡ୍
ଏସ୍‌ଏପିଏଲ୍ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍ (ୟୁନିଟ୍୨) | ତ୍ରିପଥଗା ଟେକ୍ସଟାଇଲ୍ସ | ବି କେ ଇଣ୍ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍
ଅମ୍ରିତାସ୍ ହେଲ୍‌ଥକେୟାର ପ୍ରାଇଭେଟ୍ ଲିମିଟେଡ୍ | କେଶବ ପ୍ଲାଷ୍ଟଟେକ୍ ପ୍ରାଇଭେଟ୍ ଲିମିଟେଡ୍
ମେଡ଼ିଏଡ୍ ମାର୍କେଟିଂ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ | ଚୋସୁନ୍ ସର୍ଭେଶ ରେଫ୍ରାକ୍ଟୋରୀଜ୍ ପ୍ରାଇଭେଟ୍ ଲିମିଟେଡ୍
ଜୟ ଭାରତ ସ୍ପାଇସେସ୍ ପ୍ରାଇଭେଟ୍ ଲିମିଟେଡ୍ | ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲୋଏଜ୍ ଲିମିଟେଡ୍
ମୋଗ୍ଲି ଲାବସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ | ଲିଣ୍ଡେ ଇଣ୍ଡିଆ ଲିମିଟେଡ୍

**୧୫ ସେପ୍ଟେମ୍ବର ୨୦୨୫ । ଦିବା ୧୦ଘଟିକା । କୃଷି ଶିକ୍ଷା ସଦନ, ଓୟୁଏଟି, ଭୁବନେଶ୍ୱର**

**ଶିଳ୍ପ ବିଭାଗ, ଓଡ଼ିଶା ସରକାର**

OIPR-14005/13/0069/2526

# ରୋଗ ଚିହ୍ନଟ, ସଚେତନତା ଦିଗରେ ନିଆଯିବ ପଦକ୍ଷେପ

ଯାଜପୁର ଟାଉନ,୧୪।୯
(ପ୍ରଫୁଲ୍ଲ ପ୍ରିୟଦର୍ଶନ ମହାନ୍ତି)

ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିଭିନ୍ନ ବିଭାଗକୁ ନେଇ ସୁସ୍ଥ ନାରୀ ଓ ସଶକ୍ତ ପରିବାର ଅଭିଯାନ ସମ୍ପର୍କିତ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅମର କୁମାର କରଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡା. ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ଏହି ଅଭିଯାନର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ସମସ୍ତ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମ ଚଳିତ ସେପ୍ଟେମ୍ବର ୧୭ରୁ ଆରମ୍ଭ ହୋଇ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଚାଲିବ। ଏଥିରେ ମୁଖ୍ୟତଃ ଗ୍ରାମପଞ୍ଚାୟତରୁ ଜିଲାସ୍ତର ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଯଥା; ଅଣସଂକ୍ରାମକ ରୋଗ ଚିହ୍ନଟକରଣ, ଟିବି ରୋଗର ପରୀକ୍ଷା, ମା'ମାନଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା, ଟୀକାକରଣ, ବିଭିନ୍ନ ପ୍ରକାର କର୍କଟ ରୋଗ, ସିକିଲ ସେଲ ଓ ଥାଲାସେମିଆ ଇତ୍ୟାଦି ରୋଗର ପରୀକ୍ଷା, ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସମାଜର ସବୁ ବର୍ଗର ଲୋକଙ୍କୁ ସାମିଲ କରାଯିବ। ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଅଧିକରୁ ଅଧିକ ସଂଖ୍ୟକ ମହିଳା ଓ ମା'ଙ୍କ ଅଂଶଗ୍ରହଣ ପାଇଁ ପଦକ୍ଷେପ ନିଆଯିବ। ଏହି ଅଭିଯାନ ସମୟରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଅନ୍ୟ ସବସେଣ୍ଟର ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟପରୀକ୍ଷା କରାଯିବ ବୋଲି ଡାକ୍ତର ମଲ୍ଲିକ କହିଥିଲେ।

ଜିଲାପାଳ ନିଜନିଜ କାର୍ଯ୍ୟ ସମ୍ପାଦନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟାଳୟସ୍ତରରେ ମୋବାଇଲ ହେଲଥ ୟୁନିଟ ମାଧ୍ୟମରେ ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ଏହି କାର୍ଯ୍ୟକ୍ରମର ବ୍ୟାପକ ପ୍ରଚାର ପ୍ରସାର ପାଇଁ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ବୈଠକ ସ୍ଥଳରେ ପୋଷ୍ଟର ଲଗାଯିବ। ସେହିପରି ବିଦ୍ୟାଳୟ ଛାତ୍ରୀଛାତ୍ର ଓ ମିଶନଶକ୍ତି ମହିଳାଙ୍କୁ ସଚେତନ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନ ଡାଇବେଟିସ ଅଧିକ ଲୋକଙ୍କୁ ହେଉଥିବାରୁ ଚିନି, ତେଲ କମ ଖାଇବା ସହ ଯୋଗ, ବ୍ୟାୟାମ ଅଭ୍ୟାସ କରିବାକୁ ଅଧିକ ସଚେତନତା ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ମହାରାଜା ଯଯାତିକେଶରୀ ମେଡିକାଲ ମହାବିଦ୍ୟାଳୟର ଡିନ୍ ତଥା ଅଧିକ୍ଷକ ସାତାରାମ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ କିଭଳି ସଫଳତାର ସହ ଜିଲାରେ କରାଯିବ ସେ ସମ୍ପର୍କରେ ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଡିପିଏମ୍ ବିଶ୍ୱରଞ୍ଜନ ରଥ, ଅତିରିକ୍ତ ଜିଲାପାଳ ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକ, ମେଡିକାଲ ସୁପରିଟେଣ୍ଡେଣ୍ଟ ଡା.ମନୋରମା ସ୍ୱାଇଁ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରମେଶ ଚନ୍ଦ୍ର ମଲ୍ଲିକ, ଜିଲା ସମାଜ ମଙ୍ଗଳ ଅଧିକାରୀ ପାର୍ବତୀ ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲା ମଙ୍ଗଳ ଅଧିକାରୀ, ଜିଲା ଶିକ୍ଷା ଅଧିକାରୀ, ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସକ ଓ ଘରୋଇ ଚିକିତ୍ସାଳୟର ଚିକିତ୍ସକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

**ସୁସ୍ଥ ନାରୀ ଓ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ସମ୍ପର୍କିତ ବୈଠକ**



ବୈଠକରେ ଯୋଗ ଦେଇଥିବା ଅଧିକାରୀମାନେ।

# ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀଙ୍କୁ ସ୍ୱତନ୍ତ୍ର ଶିକ୍ଷକ ଦାବି

ରସୁଲପୁର,୧୪।୯
(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ କୁଆଖିଆ ବଜାରସ୍ଥିତ ମା' ତାରିଣୀଙ୍କ ପୀଠରେ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ଜିଲା ସଂଘର କାର୍ଯ୍ୟକାରୀ ସଭାପତି ସନ୍ତୋଷ ପତିଙ୍କ ଅଧ୍ୟକ୍ଷତାରେ ଏକ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀଙ୍କୁ ସ୍ୱତନ୍ତ୍ର ଶିକ୍ଷକ ମାନ୍ୟତା ଦେବାକୁ ଦାବି କରାଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଂଘ ସମ୍ପାଦକ ସୁକାନ୍ତ ମହାରଣା ସଂଘର ଦାବି ଓ ସ୍ୱେଚ୍ଛାସେବୀଙ୍କ ସମସ୍ୟା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଯାଜପୁର ଜିଲାରେ ଏହି ବର୍ଗର ୬୯ ଶିକ୍ଷକଙ୍କୁ ମିଶାଇ ରାଜ୍ୟର ମୋଟ ୧,୧୬୭ ଶିକ୍ଷକ ବିଭିନ୍ନ ବିଦ୍ୟାଳୟରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ବିକାଶ ଓ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ କାର୍ଯ୍ୟ କରୁଛନ୍ତି। ସରକାରୀସ୍ତରରେ ଦିବ୍ୟାଙ୍ଗଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ବିଭିନ୍ନ ଯୋଜନା କରାଯାଉଛି। ମାତ୍ର ଦିବ୍ୟାଙ୍ଗଙ୍କ ପାଇଁ ନିୟୋଜିତ ବ୍ୟକ୍ତିଙ୍କୁ ଶିକ୍ଷକ ମାନ୍ୟତା ପ୍ରଦାନ କରା ନ ଯିବା ଅତ୍ୟନ୍ତ ଦୁଃଖଦାୟକ ବୋଲି ସେ କହିଥିଲେ।

ଆସନ୍ତା ବିଧାନସଭା ଅଧିବେଶନରେ ସ୍ୱେଚ୍ଛାସେବୀଙ୍କ ସମସ୍ୟା ଉତ୍ଥାପନ କରି ଶିକ୍ଷକ ମାନ୍ୟତା ଦିଗରେ ସରକାରୀ ନିର୍ଦ୍ଦେଶନାମା ଜାରି କରିବାକୁ ଏକ ଦାବିପତ୍ର ଜରିଆରେ କୋରେଇ ବିଧାୟକ ଆକାଶ ଦାସନାୟକ, ବଡ଼ଚଣା ବିଧାୟକ ଅମର ନାୟକ ଓ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ପ୍ରମୁଖଙ୍କୁ ଅନୁରୋଧ କରାଯାଇଥିଲା। ବୈଠକରେ ଜିଲା କୋଷାଧ୍ୟକ୍ଷ ପ୍ରଶାନ୍ତ ସ୍ୱାଇଁ, ସହସମ୍ପାଦକ ମିନାକ୍ଷୀ ସ୍ୱାଇଁ, ସଂଯୋଜକ ଅଦିତ୍ୟ ବରାଳ, ସହ-ସଂଯୋଜକ ଦୀପ ସୁନ୍ଦର ପୃଷ୍ଟି, ମଧୁସୂଦନ ଲେଙ୍କା, ପ୍ରଶାନ୍ତ ପାଲ, ତ୍ରିଲୋଚନ ସେଠୀ, ଉମ୍ବରୁଧର ଓଝା, ବିନୋଦ ନାୟକ, କବିତା ମହାପାତ୍ର, ନିରୁପମା ବିଶ୍ୱାଳ ପ୍ରମୁଖ ଯୋଗଦେଇ ଅର୍ନ୍ତନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀଙ୍କ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ସଂଘ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ବୈଠକରେ ଉପସ୍ଥିତ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ।

# ଆଦର୍ଶ ବିଦ୍ୟାଳୟ ଅଭିଭାବକ ସଂଘର ଉପଦେଷ୍ଟା କମିଟି ଗଠିତ

କାଏମା,୧୪।୯
(ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ବ୍ଲକ ଦେଉଳିପାଳସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଭିଭାବକ ସଂଘର ଉପଦେଷ୍ଟା କମିଟି ଗଠନ କରାଯାଇଛି। ଏଥିରେ ୩ ଜଣଙ୍କୁ ଉପଦେଷ୍ଟା ଓ ୮ ଜଣଙ୍କୁ କାର୍ଯ୍ୟକାରୀ କମିଟି ସଦସ୍ୟ ରୂପେ ଚୟନ କରାଯାଇଛି। ଏନେଇ ରବିବାର ପୂର୍ବାହ୍ନରେ ଦେଉଳି ସ୍ଥିତ ମା' ଶାରଳାଙ୍କ ପୀଠରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅଭିଭାବକମାନେ ଯୋଗ ଦେଇଥିଲେ। ସର୍ବସମ୍ମତିକ୍ରମେ ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ନିକୁଞ୍ଜ ବିହାରୀ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଗବନ୍ଧୁ ସ୍ୱାଇଁ ଓ ଆଦର୍ଶ ବିଦ୍ୟାଳୟ ଅଭିଭାବକ ସଂଘର ପୂର୍ବତନ ସମ୍ପାଦକ କରୁଣାକର ବରାଳଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଥିଲା। କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ବିଭିନ୍ନ ଶ୍ରେଣୀର ଅଭିଭାବକଙ୍କ ମଧ୍ୟରୁ ଲକ୍ଷ୍ମୀଧର ବରାଳ, ବିରୁପାକ୍ଷ କର, ଦୀପକ ମହାନ୍ତି, ଲମ୍ବୋଦର ନାୟକ, ସୁଶାନ୍ତ ବେହେରା, ସତ୍ୟନାରାୟଣ ମଲ୍ଲିକ, ପ୍ରଫୁଲ୍ଲ ରାଉତ ଓ ପ୍ରଦୀପ କୁମାର ସେଠୀଙ୍କୁ ଚୟନ କରାଯାଇଥିଲା। ଏହି କମିଟିର ପରାମର୍ଶ ଓ ସମସ୍ତ ଅଭିଭାବକଙ୍କ ମତାମତ ଆଧାରରେ ସଂଘ କାର୍ଯ୍ୟ କରିବ ବୋଲି ମତପ୍ରକାଶ ପାଇଥିଲା। ବୈଠକରେ ସୁନାକର ଧିର, ଶୁଭ୍ରାଂଶୁ ଶେଖର ସାମଲ, ବସନ୍ତ ସ୍ୱାଇଁ, ବିଶ୍ୱଜିତ ମିଶ୍ର, ରଞ୍ଜନ ଦଳାଇ, ଅଜୟ ସାମଲ, ସଂଗ୍ରାମ କେଶରୀ ପାଳ, କାଳନ୍ଦୀ ଚରଣ ପଣ୍ଡା, କେଶବ ଚନ୍ଦ୍ର ଖିଲାର ଓ ପ୍ରତାପ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଜଗଦୀଶ ବରାଳ ଧନ୍ୟବାଦ ଦେଇଥିଲେ।



ଆଦର୍ଶ ବିଦ୍ୟାଳୟ ଅଭିଭାବକ ସଂଘର ନିର୍ବାଚିତ ଉପଦେଷ୍ଟା ଓ ଅନ୍ୟମାନେ।

# ବୁଢ଼ାନଦୀ କୂଳରୁ ବୃଦ୍ଧଙ୍କ ମୃତଦେହ ଠାବ

ପାଣିକୋଇଲି,୧୪।୭
(ବିକାଶ ମଲ୍ଲିକ)

ପାଣିକୋଇଲି ଥାନା ମାଳଆନ୍ଦପୁର ପଞ୍ଚାୟତ ବୁଢ଼ାନଦୀର ରୁଢ଼ିଆ ନିକଟରୁ ରବିବାର ଅପରାହ୍ନରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଠାବ କରାଯାଇଛି। ବୈତରଣୀର ଶାଖା ବୁଢାନଦୀ କୂଳ ଅମରି ବୁଦା ନିକଟରେ ମୃତଦେହ ଭାସୁଥିବା ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଏସ୍ଆଇ ସୁମିତ କୁମାର କୁଜୁର, ହାବିଲଦାର ସୁଲୋଚନ ବେହେରା ସଦଳବଳ ନଦୀକୂଳରେ ପହଞ୍ଚିଥିଲେ। ମୃତଦେହ କେଉଁଆଡୁ ଭାସି ଆସିଥିବା ଅନୁମାନ କରାଯାଇଥିଲା। ମୃତଦେହ ଫୁଲି ଚମଡ଼ା ଛାଡ଼ିଯାଇଥିବାବେଳେ ସମ୍ପୂର୍ଣ୍ଣ କଳା ପଡ଼ିଯାଇଥିବା ଦେଖିବାକୁ ମିଳିଥିଲା। ନଦୀ ବଢିରେ ଏହା ଭାସି ଆସିଥିବା କୁହାଯାଇଥିଲା। ପୋଲିସ ମୃତଦେହ ଜବତ କରିବା ପରେ ଏହା ମାଳଆନ୍ଦପୁର ପଞ୍ଚାୟତ ବ୍ରଜନଗର ଗ୍ରାମର ନାଗା ମଲିକ ବୋଲି ତାଙ୍କ ପରିବାର ଲୋକେ ଚିହ୍ନଟ କରିଥିଲେ। ୩ ଦିନ ହେବ ଛତିଆ ଯିବାକୁ କହି ନାଗା ଘରୁ ବାହାରିଥିଲେ। ହେଲେ ତାଙ୍କର କିପରି ମୃତ୍ୟୁ ହେଲା ତାହା ଜଣାପଡ଼ିନାହିଁ। ମୃତଦେହ ବ୍ୟବଚ୍ଛେଦ ପାଇଁ ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଘଟଣାର ତଦନ୍ତ ଚଳାଇଛି।

# ବନ୍ଦେ ଉତ୍କଳ ଜନନୀର ଶୋକ

ଧର୍ମଶାଳା,୧୪।୯
(ବଟକୃଷ୍ଣ ପରିଡ଼ା)

ବରିଷ୍ଠ ଖବରଦାତା ତଥା 'ବନ୍ଦେ ଉତ୍କଳ ଜନନୀ' ଅନୁଷ୍ଠାନର ଉପଦେଷ୍ଟା ପ୍ରଦୋଷ ପଟ୍ଟନାୟକଙ୍କ ସ୍ତ୍ରୀ ଇନ୍ଦିରା ପଟ୍ଟନାୟକଙ୍କ ବିୟୋଗରେ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି। ଇନ୍ଦିରା ଜଣେ ସମାଜସେବୀ, ଧର୍ମପ୍ରାଣା, ସ୍ନେହୀ ଓ ପରୋପକାରୀ ମହିଳାଥିଲେ। ରାଜ୍ୟ ଗୃହିଣୀ ସମାଜର ସମ୍ପାଦିକା ଭାବେ ଦୀର୍ଘଦିନ ଧରି କାର୍ଯ୍ୟ କରିଥିଲେ। ତାଙ୍କ ବିୟୋଗରେ ଅପୂରଣୀୟ କ୍ଷତି ଘଟିଲା ବୋଲି ଅନୁଷ୍ଠାନର ସଭାପତି ବଳଭଦ୍ର ଦାଶ ଓ ସମ୍ପାଦକ ଶ୍ୟାମପ୍ରସାଦ ଦାଶ ପ୍ରକାଶ କରିଛନ୍ତି। ଏଥିସହିତ ସଭାପତି ଏବଂ ସମ୍ପାଦକ ଇନ୍ଦିରାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଏନେଇ ଏକ ଶୋକସଭା ରବିବାର ଧର୍ମଶାଳା ବ୍ଲକ୍ ଅଧୀନ ଅରଙ୍ଗାବାଦସ୍ଥିତ 'ବନ୍ଦେ ଉତ୍କଳ ଜନନୀ' କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲେ। କମକର୍ତ୍ତା ଯୋଗଦେଇ ଇନ୍ଦିରାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ୩ ଦିନିଆ ସ୍ୱଦେଶୀ ଉତ୍ସବ




ଉତ୍ସବରେ ମଞ୍ଚାସୀନ ଅତିଥି।

ବରୀ,୧୪।୯(ମହେନ୍ଦ୍ର ସ୍ୱାଇଁ)

ବରୀ ବ୍ଲକ ଅଧୀନ ରତଳାଙ୍ଗ ପଞ୍ଚାୟତ ରତ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଗୋ-ଗ୍ରାମ ଶକ୍ତି ପରିବାର ଆନୁକୂଲ୍ୟରେ ୩ ଦିନିଆ 'ସ୍ୱଦେଶୀ ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତିଦିନ ଯୋଗ, ପ୍ରାଣାୟମ, ଦେଶୀୟ ପଦ୍ଧତି ଚିକିତ୍ସା, ଗୋମାତା ଓ ଯୁବ ଆତ୍ମ ନିଯୁକ୍ତି ସମ୍ବନ୍ଧିତ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ କୃଷକ ନେତା ଅକ୍ଷୟ କୁମାର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ପ୍ରଭାସ ଦାସ, ପ୍ରଫେସର ସୁଧୀର ଜେନା, ଜିଲା ଉଦ୍ୟାନ ଅଧିକାରୀ ରାଧେଶ୍ୟାମ ବେହେରା, ବରୀ ପ୍ରାଣୀଧନ ଚିକିତ୍ସକ ଭକ୍ତ ଚରଣ ସେଠୀ ଯୋଗଦେଇ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ।

ଜିଲା ଶିଳ୍ପ କେନ୍ଦ୍ରର ତାଲିମଦାତା ମଧୁମିତା ମହାନ୍ତି, ସୁବ୍ରତ ରଥ, ଦେଶୀୟ ବିହନ ଗବେଷଣା କେନ୍ଦ୍ରର ଅଧିକାରୀ ହିମାଂଶୁ ସାମନ୍ତରାୟ ପ୍ରମୁଖ ଯୋଗଦେଇ ସ୍ୱଦେଶୀ ଉତ୍ସବର ଉପାଦେୟତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ନବନିର୍ମାଣ କୃଷକ ସଙ୍ଗଠନର ଜିଲା ସଂଯୋଜକ ନିମାଇଁ ଚରଣ ରାୟ ସଂଯୋଜନା କରିଥିଲେ। ଦିନେଶ ଦାସ, ମାଧବ ଶାନ୍ତି, ଆଲୋକ ମିଶ୍ର, ମନୋଜ ସାମଲ, ଶୁଭେନ୍ଦୁ ରାୟ, ଦଶରଥ ସାମଲ, ସୀତାନାଥ ମଲ୍ଲିକ, ସ୍ମିତା ସାମଲ ଓ ବିଦ୍ୟାଧର ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବାପାଙ୍କ ମୃତଦେହ ସତ୍କାର ପାଇଁ ଯିବାବେଳେ ଦୁର୍ଘଟଣା

**ଆମ୍ବୁଲାନ୍ସ ଚାଳକଙ୍କୁ ଧକ୍କା ଦେଲା ପିକ୍‌ଅପ୍ ଭ୍ୟାନ**

ପାଣିକୋଇଲି,୧୪।୭
(ବିକାଶ ମଲ୍ଲିକ)

ପାଣିକୋଇଲି-ଯାଜପୁରରୋଡ୍ ରାସ୍ତାର ପଥରପଦା ପଞ୍ଚାୟତ ନୂଆପଦା ଗ୍ରାମ ନିକଟରେ ରବିବାର ଆମ୍ବୁଲାନ୍ସ ରଖି ଶୌଚ ପାଇଁ ଯାଉଥିବା ଜଣେ ଯୁବକ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ସେ ହେଲେ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଦିଗମ୍ବର ମିଟୁଆଣି ଗ୍ରାମର ଶୁଭ ପ୍ରକାଶ ନାୟକ। ଶୁଭ୍ରପ୍ରକାଶ ତାଙ୍କ ବାପାଙ୍କ ମୃତଦେହ ସତ୍କାର ପାଇଁ ଘରକୁ ଯାଉଥିଲେ। ବାଟରେ ଗାଡ଼ିରୁ ଓହ୍ଲାଇ ଶୌଚ ପାଇଁ ଯାଉଥିବାବେଳେ ପଛରୁ ଏକ ପିକଅପ ଭ୍ୟାନ୍ ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେବା ସହ ତାଙ୍କ ଉପରେ ଚଢ଼ି ଯାଇ ଆମ୍ବୁଲାନ୍ସରେ ପିଟି ହୋଇଥିଲା। ଫଳରେ ଶୁଭ ପ୍ରକାଶ ଗୁରୁତର ହୋଇଥିଲେ। ପାଣିକୋଇଲି ପୋଲିସ ଓ ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପର ସଦସ୍ୟମାନେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଏକ ଯାଜପୁରରୋଡ କ୍ଷେତ୍ରୀୟ ଚିକିତ୍ସାଳୟକୁ ନେଇଥିଲେ। ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସେ ଚିକିତ୍ସାଧୀନ ଅଛନ୍ତି। ପୋଲିସ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଜାରିରଖିଛି।

# ୧୦ ଫୁଟର ଅଜଗର ଉଦ୍ଧାର

ବଡ଼ଚଣା,୧୪।୯
(ଦିଲୀପ କୁମାର ମହାନ୍ତି)

ଚଣ୍ଡିଖୋଲ ବନ ବିଭାଗ ପକ୍ଷରୁ ଶନିବାର ରାତିରେ ଏକ ୧୦ ଫୁଟ ଲମ୍ବର ଅଜଗର ସାପ ଉଦ୍ଧାର କରାଯାଇଛି। ସୁଗୁଡ଼ା ଗାଁର ମୁସଲମାନ ବସ୍ତି ନିକଟ ଦେଇ ଯାଇଥିବା ହାଇଲେଭଲ କେନାଲ ବନ୍ଧରେ ସାପ ବୁଲୁଥିବା ଲୋକେ ଦେଖି ଚଣ୍ଡିଖୋଲ ବନପାଳ କୃଷ୍ଣଚନ୍ଦ୍ର ଗୁଡୁଙ୍କୁ ଅବଗତ କରିଥିଲେ। ଚଣ୍ଡିଖୋଲ ବନପାଳ ଓ କର୍ମଚାରୀମାନେ ଅଜଗରକୁ ଧରି ମହାବିନାୟକ ଜଙ୍ଗଲରେ ଛାଡ଼ିଥିଲେ।

# 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି




ବୈଠକରେ ବିଡିଓ ଏବଂ ଅନ୍ୟ ଅଧିକାରୀ।

ରସୁଲପୁର,୧୪।୯
(ରଞ୍ଜିତ ରାଉତ)

'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଜରିଆରେ ରସୁଲପୁର ବ୍ଲକ ଅଞ୍ଚଳରେ ଚାରାରୋପଣ ପାଇଁ ଏକ ପ୍ରସ୍ତୁତି ବୈଠକ ବିଡିଓ ସତ୍ୟାନନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ମିଶନଶକ୍ତି ଓ ଜୀବିକା ମିଶନର ଅଧିକାରୀ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ପ୍ରତ୍ୟେକ ପଞ୍ଚାୟତରେ ଅନ୍ୟୁନ୍ ୫୦୦ରୁ ଅଧିକ ଅର୍ଥାତ ସମଗ୍ର ବ୍ଲକ ଅଞ୍ଚଳରେ ୧୪ହଜାରରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯିବା ନେଇ ଲକ୍ଷ୍ୟ ରଖାଯାଇଛି। ୧୭ ସେପ୍ଟେମ୍ବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ଏହି କାର୍ଯ୍ୟକ୍ରମକୁ ସମଗ୍ର ଦେଶରେ ପାଳନ କରାଯାଉଛି। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବିଭିନ୍ନ ବର୍ଗର ଲୋକଙ୍କୁ ସାମିଲ କରିବା ସହ ଚାରାରୋପଣର ଉପକାରିତା ଉପରେ ସମସ୍ତଙ୍କୁ ସଚେତନ କରିବାକୁ ବୈଠକରେ ପରାମର୍ଶ ଦିଆଯାଇଛି।

ଧର୍ମପୀଠ, ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର, ପତିତ, ଜଙ୍ଗଲ, ବଗାୟତ ଆଦି କିସମ ଜମି ଉପରେ ଚାରା ରୋପଣ କରାଯିବା ପାଇଁ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଚାରା ରୋପଣ ଦିବସରେ ମେରି ଲାଇଫ ଆପ୍‌ରେ ଫଟୋ ଅପଲୋଡ କରାଯିବ। ଚାରା ରୋପଣର ସ୍ଥିତି ଯାଞ୍ଚ ପାଇଁ ପ୍ରତ୍ୟେକ ୩ ମାସ ବ୍ୟବଧାନରେ ଆପ୍ ଜରିଆରେ ଫଟୋ ପଠାଯିବ ବୋଲି କୁହାଯାଇଛି। ଚାରାରୋପଣ ଦିବସରୁ ୩ ଅକ୍ଟୋବର ପର୍ଯ୍ୟନ୍ତ ସ୍ୱଚ୍ଛତା କାର୍ଯ୍ୟକ୍ରମ ଜାରି ରହିବ। ପଞ୍ଚାୟତରେ ସାମୂହିକ ବ୍ୟବହାର ସ୍ଥଳ ହାଟ, ବଜାର, ଛକ, ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର, ସରକାରୀ କାର୍ଯ୍ୟାଳୟ ଆଦି ସ୍ଥାନକୁ ସଫାସୁତୁରା କରିବା ସହ ସ୍ୱଚ୍ଛତା ସଂପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏ ଦିଗରେ ବିଦ୍ୟାଳୟସ୍ତରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ ଗାନ୍ଧୀ ଜୟନ୍ତୀରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ରସୁଲପୁର ତହସିଲଦାର ସିର୍ଦ୍ଧାର୍ଥ ବେହେରା, ଅତିରିକ୍ତ ବିଡିଓ ଶାରଦା ପ୍ରସନ୍ନ ମହାନ୍ତି, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୌରଭ ପଲ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସ୍ୱଚ୍ଛ ଭାରତ ମିଶନ ବ୍ଲକ ସଂଯୋଜିକା ଅପର୍ଣ୍ଣା ମଲ୍ଲିକ ଧନ୍ୟବାଦ ଦେଇଥିଲେ।

GOVERNMENT OF ODISHA No.O-776
OFFICE OF THE EXECUTIVE ENGINEER
RURAL WORKS ELECTRICAL DIVISION
BHUBANESWAR
E-Mail : eerwel_bbsr@yahoo.co.in
e-Procurement Notice NO - EERWELBBSR - 14/2025-26

| | | |
|---|---|---|
| 1 | Name of the work | (i) EI to Provision of New Video Conferencing System & Glow Sign Board at O/o Executive Engineer, RW Division, Puri-7.14 lakhs (ii) EI to Provision of New Video Conferencing System, Conventional LA, DG Set & Glow Sign Board at 0/0 Executive Engineer RW Division Nimapara- 20.17 lakhs, (iii) EI to Provision of New Video Conferencing System, Conventional LA & Glow Sign Board at O/o Executive Engineer, RW Division, Nayagarh-13.44 lakhs (iv) SITC of 20KVA DG Set, LA, CCTV Camera & Glow Sign Board to RW Circle office Kendrapara-Jajpur at Chandikhole & RW Division Jajpur-II-26.89 lakhs (v) SITC of 20KVA DG Set & Glow Sign Board to RW Division office at Kendrapara-I & RW Division office at Kendrapara-II-20.30lakhs |
| 2 | Estimated Cost | From 23.56 lakhs to 39.27 lakhs (Excluding GST) |
| 3 | Period of completion | 180 days |
| 4 | Date and time of availability of Bid documents in the portal | From Dt.18.09.2025 at 12.00 A.M. to Dt.03.10.2025 up to 5.00 P.M. |
| 5 | Date & Time of opening of tender | Dt.04.10.2025 at 01:00 P.M. |
| 6 | Procurement officer/Name and address of the officer inviting Bids | Executive Engineer, R.W EL.Divn. BBSR At - 1st floor of Divn. Complex, Rasulgarh Behind Esplanade Mall. Dist. - Khordha, Odisha, Pincode-751010 |

Further details can be seen from the Govt. Website www.tenderorissa.gov.in
Sd./- Executive Engineer,
Rural work Electrical Division,
Bhubaneswar
OIPR-25168/11/0019/2526

GOVERNMENT OF ODISHA No.O-744
OFFICE OF THE EXECUTIVE ENGINEER
RURAL WORKS ELECTRICAL DIVISION
BHUBANESWAR
E-Mail : eerwel_bbsr@yahoo.co.in
e-Procurement Notice NO - EERWELBBSR - 12/2025-26

| | | |
|---|---|---|
| 1 | Name of the work | (i) Provision of Conventional Lighting Arrestor, DG Set and Glow Sign Board at RW Division Bhadrak-I and Bhadrak-II.-37.56 lakhs (ii) Provision of Conventional Lighting Arrestor, DG Set and Glow Sign Board, AC, Solar Light and Video Conferencing at RW Division Balasore-I and Balasore-II-39.27 lakhs (iii) Provision of Conventional Lighting Arrestor, DG Set and Glow Sign Board, AC, Solar Light and Video Conferencing at RW Circle Balasore-23.56 lakhs (iv) Provision of Conventional Lightning Arrestor, DG Set and Glow Sign Board, AC, Solar Light and Video Conferencing at RW Division Jaleswar - 29.39 lakhs |
| 2 | Estimated Cost | From 23.56 lakhs to 39.27 lakhs (Excluding GST) |
| 3 | Period of completion | 180 days |
| 4 | Date and time of availability of Bid documents in the portal | From Dt.16.09.2025 at 12.00 A.M. to Dt.24.09.2025 up to 5.00 P.M. |
| 5 | date & Time of opening of tender | Dt.25.09.2025 at 01:00 P.M. |
| 6 | Procurement officer/Name and address of the officer inviting Bids | Executive Engineer, R.W EL.Divn. BBSR At - 1st floor of Divn. Complex, Rasulgarh Behind Esplanade Mall. Dist. - Khordha, Odisha, Pincode-751010 |

Further details can be seen from the Govt. Website www.tenderorissa.gov.in
Sd./- Executive Engineer,
Rural work Electrical Division,
Bhubaneswar
OIPR-25168/11/0016/2526

OFFICE OF THE TRANSPORT
COMMISSIONER-CUM-CHAIRMAN
STATE TRANSPORT AUTHORITY, ODISHA, CUTTACK
TENDER CALL NOTICE
Notice No: 13679 Date- 13/09/2025
No.JJ-50 : Sealed tenders are invited for a Request for Proposal (RFP) For "Selection of Transport Management Company (TMC) For 84th Annual Session of The Indian Road Congress at Bhubaneswar by the office of Transport Commissioner for online submission latest by 04/10/2025, 04:00 PM.
For details, please visit the websites www.odishatransport.gov.in and www.enivida.odisha.gov.in. The RFP will be available on the websites from 15/09/2025.
By the orders of Transport Commissioner, Odisha
Sd./- Joint Commissioner,
Transport (Tech.) STA, Odisha,
Cuttack
OIPR-38003/11/0090/2526

WATCO
OFFICE OF THE GENERAL MANAGER,
WATCO DIVISION-I, BHUBANESWAR,
Vanivihar Square, Bhubaneswar-751022, Odisha, India
Telefax : +91-674-2542821 E-mail - gmdivonewatco@gmail.com
No.C-1048
NATIONAL COMPETITIVE BIDDING THROUGH e-PROCUREMENT
Invitation For Bids (IFB)
GMWATCO-I/47/ 2025-26 Dt.10.09.2025

| | | |
|---|---|---|
| 01 | Name of the work | 04 Nos. (Four nos works) |
| 02 | Estimate cost | Rs.10.00 Lakhs to 24.61 Lakhs |
| 03 | Period of completion | 60 days |
| 04 | Class of contractor | "B, C & D" Class |
| 05 | Date & Time of availability of bid document in the portal | From 11.00 A.M. of Dt.17.09.2025 to 5.00 P.M. of 03.10.2025 |
| 06 | Last date / time of receipt of bids in the portal | 5.00 P.M. of 03.10.2025 |
| 07 | Date & Time of opening of bids | AT 12.30 P.M. of 04.10.2025 |
| 08 | Name and address of the Officer Inviting Bid | General Manager WATCO Division-I, BBSR |

Further details can be seen from the e-Procurement portal "https://www.tendersorissa.gov.in"
Sd./- GENERAL MANAGER,
OIPR-13083/11/0018/2526 WATCO DIVISION-I, BHUBANESWAR

GOVERNMENT OF ODISHA No.O-757
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, CUTTACK
e-mail : serw_ctc@yahoo.com
No. Tender Online RWC-19/2025 e-Procurement NOTICE Letter No. 3169 Date : 09.09.2025

1. Name of the work : Construction of Road & Building works.
2. Class of contractor
   c) Estimated cost more than Rs.6.00 Crore & upto Rs.50.00 Crore : Special Class (of Odisha PWD) & relevant class of other licensing authorities.
   d) Estimated cost more than Rs.1.00 Crore & upto Rs.20.00 Crore : A Class (of Odisha PWD) & relevant class of other licensing authorities.
   c) Estimated cost more than Rs.20.00 Lakh & upto Rs.3.00 Crore : B Class (of Odisha PWD) & relevant class of other licensing authorities.
3. Time for Completion : As specified in the Column-7 of the Annexure.
4. Detail Projects : As per Annexure attached
5. Other Details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 1 | 2 |
| Chief Construction Engineer, Rural Works Circle, Cuttack | Tender Online RWC-19/25 | 16.09.2025 at 11.30 A.M. | 03.10.2025 up to 05.00 P.M. | 03.10.2025 up to 02.00 P.M. | 04.10.2025 at 11.30 A.M. | Will be intimated later |

Further details can be seen from the website www.tendersodisha.gov.in
Sd./- Chief Construction Engineer
Rural Works Circle, Cuttack
OIPR-25097/11/0032/2526

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
(ଗ୍ରାମ୍ୟ/ପୋଷ୍ଟ-ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର-୭୬୦୦୧୧, ଗଞ୍ଜାମ, ଓଡ଼ିଶା)
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR
No.O-714: At/PO-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail: serwbpr2004@yahoo.com, Tel. No.-0680-2404287)
NATIONAL COMPETITIVE BIDDING THROUGH e-Procurement
Bid Identification No.Online Tender/25-2025-26/BPR

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online_Tender/ 25-2025-26/BPR | Bridge work under SETU BANDHANA YOJANA (SBY) & Road Works under MMSY-TRIP | 03 Nos. | From Rs.318.43 Lakhs to Rs.533.44 Lakhs | "A" Class as applicable | Period of Completion as provided as per Col. No.5 of Annexure of NIT |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender/25-2025-26/BPR | 18.09.2025 at 10.00 A.M. | 04.10.2025 upto 5.30 P.M. |

(i) EMD/ Bid Security, Cost of Bid Document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website:- www.tendersodisha.gov.in
OIPR-25071/11/0128/2526 Sd./- Chief Construction Engineer, R.W.Circle, Berhampur

# ୨୦୩୭ ମାମଲାରୁ ୧୩୪୨ ଫଇସଲା, ୫.୩ କୋଟି ଆଦାୟ

## ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

- ବ୍ୟାଙ୍କ, ବିଏସ୍‌ଏନ୍‌ଏଲ୍ ସମ୍ପର୍କିତ ୧୯୦ ପ୍ରାକ୍ ମକଦ୍ଦମା ଫଇସଲା
- ୨୦.୧୯ ଲକ୍ଷ ଋଣ ଆଦାୟ

ଜଗତ୍‌ସିଂହପୁର, ୧୪।୯ (ପ୍ରମୋଦ କୁମାର ନାୟକ)



ରାଷ୍ଟ୍ରୀୟ ଲୋକଅଦାଲତରେ ଅଭିଯୋଗ କରିବାକୁ ଆସିଥିବା ଲୋକେ।

ଜଗତ୍‌ସିଂହପୁର ଜିଲା ଅଦାଲତ ଓ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଆୟୋଜିତ ଏହି ଅଦାଲତରେ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଯଥା ଫୌଜଦାରି (ସାଲିସ ଯୋଗ୍ୟ), ଚେକ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ରାଜସ୍ୱ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବୈବାହିକ ବିବାଦ ଓ ଅନ୍ୟାନ୍ୟ ଦେୱାନୀ ମୋକଦ୍ଦମା ସହ ଜିଲାରେ ଥିବା ବ୍ୟାଙ୍କ, ବିଏସ୍‌ଏନ୍‌ଏଲ୍ ଓ ଟାଟା ପାୱାର ମାମଲା ସମ୍ବନ୍ଧୀୟ ପ୍ରାକ ମକଦ୍ଦମା ଆଦିର ଫଇସଲା ହୋଇଥିଲା। ସୂଚନା ମୁତାବକ ଜିଲାର ମୋଟ ୨୦୩୭ ମାମଲାରୁ ୧୩୪୨ଟି ଅର୍ଥାତ୍ ୬୫% ସଫଳତାର ସହ ଫଇସଲା ହୋଇଥିଲା। ଏ ବାବଦରେ ୫ କୋଟି ୩ ଲକ୍ଷ ୧୪ ହଜାର ୩୭୨ ଟଙ୍କା ଆଦାୟ ସମ୍ଭବ ହୋଇଥିଲା। ସେହିପରି ବ୍ୟାଙ୍କ ଓ ଭାରତ ସଞ୍ଚାର ନିଗମ ଲିମିଟେଡ(ବିଏସ୍‌ଏନ୍‌ଏଲ୍) ସମ୍ବନ୍ଧୀୟ ୪୮୩୨ଟି ପ୍ରାକ୍ ମକଦ୍ଦମାରୁ ୧୯୦ଟି ଫଇସଲା କରାଯାଇ ୨୦ ଲକ୍ଷ ୧୯ ହଜାର ୧୪୬ ଟଙ୍କା ଋଣ ଆଦାୟ କରାଯାଇଥିଲା। ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଶ୍ରୀନିବାସ ପ୍ରତିହାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଅଦାଲତରେ ଅନ୍ୟମାନଙ୍କ ମଧ୍ୟରେ ପରିବାର ଅଦାଲତ ବିଚାରପତି ରଶ୍ମିତା ଦଳେଇ, ଅତିରିକ୍ତ ଜିଲା ଜଜ୍ ହର ପ୍ରସାଦ ପଟ୍ଟନାୟକ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନୀଳିମା ପଣ୍ଡା, ସବ୍ ଜଜ ରାକେଶ କୁମାର ମୁଦୁଲି, ମହିଳା ଅଦାଲତ ବିଚାରପତି ସ୍ୱପ୍ନଶ୍ରୀ ନାୟକ, ପ୍ରାଧିକରଣ ସଚିବ ବିଡିଡି ଚନ୍ଦନା, ସବ୍‌ଜଜ ଶର୍ମିଷ୍ଠା ଶୁଭଦର୍ଶିନୀ ମହାନ୍ତି, ମୁନସିଫ ଅନନ୍ୟା ଦାସ, ଏସ୍‌ଡିଜେଏମ୍ ପ୍ରତ୍ୟୁଷ କୁମାର ଚାନ୍ଦ ଓ ଜେଏମ୍‌ଏଫ୍‌ସି ଅଙ୍କିତ ଦେୱାଙ୍ଗନ ପ୍ରମୁଖ ଯୋଗଦେଇ ମାମଲାଗୁଡ଼ିକର ପରିଚାଳନା କରିଥିଲେ। ସେହିପରି କୁଜଙ୍ଗ, ତିର୍ତ୍ତୋଲ ଓ ଏରସମା ଅଦାଲତରେ ମଧ୍ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲା ଜଜ ଦୀପ୍ତି ପ୍ରକାଶ ବ୍ରହ୍ମା, ସବ୍‌ଜଜ ଅବକାଶ ଚୌଧୁରୀ, ମୁନ୍‌ସିଫ ଡ. ବିଶ୍ୱଭୂଷଣ ନାୟକ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରାଜେଶ ମିଶ୍ର, ପାରସ ପାଢୀ ଓ ରୋଶ୍ନିବାଲା ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ଦୁର୍ଘଟଣାଜନିତ ମକଦ୍ଦମାର ବିଚାର ପାଇଁ ଉଦ୍ଦିଷ୍ଟ ବେଞ୍ଚରେ ସ୍ୱେଚ୍ଛାସେବୀ ସୁଷମା ପ୍ରଧାନ, ଆଇନଜୀବୀ ଶରତ ଚନ୍ଦ୍ର ସାହୁ ଓ ବରିଷ୍ଠ ଆଇନଜୀବୀମାନେ ସଭ୍ୟ ଭାବେ ମକଦ୍ଦମା ପରିଚାଳନା କରିଥିଲେ। ଏତଦ୍‌ବ୍ୟତୀତ ଜିଲାର ସମସ୍ତ ତହସିଲ କାର୍ଯ୍ୟାଳୟରେ ଅନୁଷ୍ଠିତ ଅଦାଲତରେ ମକଦ୍ଦମାଗୁଡ଼ିକର ଫଇସଲା କରାଯାଇ ଜରିମାନା ଆଦାୟ କରାଯାଇଥିଲା।

# ପ୍ରହସନ ପାଲଟିଛି ଏମ୍‌ଜିଏନ୍‌ଆରଇଜିଏସ୍ ଜନଶୁଣାଣି

ନାଉଗାଁ,୧୪।୯(ସୁଧା ବେହୁରା)

## ଅଭିଯୋଗ ପରେ ବି ତଦନ୍ତ ଶୂନ

ନାଉଗାଁ ବ୍ଲକରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍)ର ହେଉଥିବା ଜନଶୁଣାଣି ପ୍ରହସନ ପାଲଟିଛି। ଉକ୍ତ ଯୋଜନାର ବିଭିନ୍ନ ପ୍ରକଳ୍ପରେ ଅନିୟମିତତା ହେଉଥିବା ନେଇ ଶିବିରରେ ଅଭିଯୋଗ କରାଯାଉଥିଲେ ମଧ୍ୟ ତଦନ୍ତ କରାଯାଉ ନଥିବା ଅଭିଯୋଗ ହୋଇଛି। ଶିବିର କେବଳ କାଗଜ କଲମରେ ସୀମିତ ଥିବା କୁହାଯାଉଛି। ମିଳିଥିବା ସୂଚନା ମୁତାବକ, କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଉପରେ ଗୋଟିଏ ଆର୍ଥିକ ବର୍ଷରେ ୨ ଥର ଜନଶୁଣାଣି ଅଥବା ସାମାଜିକ ସମୀକ୍ଷା କରାଯିବାର ନିୟମ ରହିଛି। ଏହି ପରିପ୍ରେକ୍ଷୀରେ ଉକ୍ତ ବ୍ଲକରେ ୨ ଥର ଜନ ଶୁଣାଣି କରାଯାଉଛି। ଏହି ଜନ ଶୁଣାଣିରେ ଉପଜିଲାପାଳ, ବିଡିଓ, ଜିପିଓ, ବିଭାଗୀୟ ଅଧିକାରୀଙ୍କ ସମେତ ପଞ୍ଚାୟତ ପ୍ରତିନିଧି ଓ ଜବ୍‌କାର୍ଡଧାରୀମାନେ ଉପସ୍ଥିତ ରହିବେ। ମାତ୍ର ବିଗତ ଦିନରେ ହୋଇଥିବା ଶୁଣାଣିରେ କେବଳ ପ୍ରଶାସନିକ ଅଧିକାରୀମାନେ ରହିଥିବାବେଳେ ଜବ୍‌କାର୍ଡଧାରୀମାନଙ୍କ ଦେଖାମିଳେ ନାହିଁ। ସେହିପରି ୨୪ ଅକ୍ଟୋବର ୨୦୨୪ ଓ ୨୧ ଜାନୁୟାରୀ ୨୦୨୫ରେ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ଏହି ଶୁଣାଣିରେ ସାମାଜିକ କର୍ମୀ ନିରଞ୍ଜନ ସାହୁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଅନିୟମିତତା ହୋଇଥିବା ଅଭିଯୋଗ କରିଥିଲେ। ତିରୁଣା ପଞ୍ଚାୟତର ଭିଲିପଡା ପୋଖରୀ ଖନନ ଓ ଉର ଗ୍ରାମ ପଞ୍ଚାୟତ ଟ୍ୟାଙ୍କ ନବୀକରଣ ପ୍ରକଳ୍ପରେ ଦୁର୍ନୀତି ହୋଇଥିବା ନେଇ ସେ ଅଭିଯୋଗରେ ଦର୍ଶାଇଥିଲେ। ପାଖାପାଖି ୯ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଅଭିଯୋଗ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହାର ତଦନ୍ତ କରାଯାଇ ନ ଥିବା ସାହୁ ପ୍ରକାଶ କରିଛନ୍ତି। ତେଣୁ ଉକ୍ତ ଜନ ଶୁଣାଣି କେବଳ ନାମକୁ ମାତ୍ର ଚାଲିଥିବା ସେ କହିଛନ୍ତି। ଏବିଷୟରେ ବିଡିଓ ନିରଞ୍ଜନ ପରିଡାଙ୍କୁ ପଚାରିବାରେ ଅଭିଯୋଗ ବିଷୟରେ ସେ କିଛି ଜାଣି ନାହାନ୍ତି। ବୁଝିବା ପରେ ଏବିଷୟରେ ଅଧିକ ସୂଚନା ଦେଇପାରିବେ ବୋଲି କହିଛନ୍ତି।

# ଛାତ୍ରୀଛାତ୍ରଙ୍କୁ ଭାରତୀୟ ଦର୍ଶନ କଥା ବୁଝାଇଲେ ଜିଲାପାଳ


ଜିଲାପାଳ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରୁଛନ୍ତି।

ଜଗତ୍‌ସିଂହପୁର,୧୪।୯ (ପ୍ରମୋଦ କୁମାର ନାୟକ)

## ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ

ପାଶ୍ଚାତ୍ୟ ଓ ଭାରତୀୟ ଦର୍ଶନ ମଧ୍ୟରେ ସମନ୍ୱୟ ଅଛି। ଏହାକୁ ବୁଝିବା ଦରକାର। ଶଙ୍କରାଚାର୍ଯ୍ୟଙ୍କ ଅଦ୍ୱୈତ ବେଦାନ୍ତ, ଅଭିନବ ଗୁପ୍ତଙ୍କ ନେତିବାଦ ଓ ନାଗାର୍ଜୁନଙ୍କ ଦାର୍ଶନିକ ସିଦ୍ଧାନ୍ତ ବୁଝିଲେ ଦର୍ଶନ ଶାସ୍ତ୍ରର ଅନେକ କିଛି ଜ୍ଞାନ ମିଳିପାରିବ। ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ସ୍ମାରକ (ଏସ୍‌ଭିଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର ୩ୟ ମହଲା କୋଠରିରେ ଦର୍ଶନ ବିଭାଗ ଛାତ୍ରୀଛାତ୍ରଙ୍କ ସହ ଏଭଳି ଦାର୍ଶନିକ ଭାବ ବିନିମୟ କରିଛନ୍ତି ଜିଲାପାଳ ଜେ. ସୋନାଲ। ଏହି ଅବସରରେ ସେ ଉପସ୍ଥିତ ପିଲାମାନଙ୍କୁ କହିଥିଲେ, ପାଶ୍ଚାତ୍ୟ ଦାର୍ଶନିକ କାଣ୍ଟଙ୍କ ଦର୍ଶନ ଶାସ୍ତ୍ର ମଧ୍ୟ ଭଲ ଭାବେ ବୁଝିବା ଦରକାର। କେବଳ ଏତିକି ନୁହେଁ, ଭାରତୀୟ ଦର୍ଶନକୁ ଉପନିଷଦଗୁଡ଼ିକର ଦାନ କିଛି କମ ନୁହେଁ। ଉପନିଷଦଗୁଡ଼ିକର ଦାର୍ଶନିକ ତତ୍ତ୍ୱ ଓ ବିଚାରଧାରା କିପରି ଭାରତୀୟ ଦର୍ଶନ ଶାସ୍ତ୍ର ଜଗତରେ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିପାରିଛି ତା'ଉପରେ ବୁଝିବା ଆବଶ୍ୟକ। ମୋଟାମୋଟି ଭାବେ ପାଶ୍ଚାତ୍ୟ ଓ ଭାରତୀୟ ଦର୍ଶନ ମଧ୍ୟରେ ଥିବା ସମନ୍ୱୟ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଜିଲାପାଳ ଖୁବ୍‌ସୁନ୍ଦର ଭାବରେ ବୁଝାଇଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସୁଜାତା ଓଝା ଜିଲାପାଳଙ୍କ ବିଷୟରେ ସମ୍ୟକ୍ ସୂଚନା ଦେଲାପରେ ଦର୍ଶନ ବିଭାଗ ମୁଖ୍ୟ ଡ. ନୃସିଂହ ଚରଣ ସାମନ୍ତରାୟ ଜିଲାପାଳ ଉପସ୍ଥାପନ କରିଥିବା ଦାର୍ଶନିକ ସିଦ୍ଧାନ୍ତକୁ ବ୍ୟାଖ୍ୟା ଓ ଅନୁଶୀଳନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ଅଧ୍ୟାପକ ପ୍ରଶାନ୍ତ ବେହେରା, ଅଧ୍ୟାପକ ଅନନ୍ତ ଚରଣ ଆଚାର୍ଯ୍ୟଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକ ଓ ଦର୍ଶନ ବିଭାଗର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ସରସସୁନ୍ଦର ହେବ ବିଦ୍ୟାଳୟର ରଜତ ଜୟନ୍ତୀ ଉତ୍ସବ


ପ୍ରସ୍ତୁତି ବୈଠକରେ ଯୋଗ ଦେଉଥିବା ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅନ୍ୟମାନେ।

ରାହାମା,୧୪।୯ (ଶ୍ରୀକାନ୍ତ ଦାସ)

କୁଜଙ୍ଗ ବ୍ଲକ କାଠକୋଟ ପଞ୍ଚାୟତ ଅନ୍ତର୍ଗତ ସରସ୍ୱତୀ ଶିଶୁ ମନ୍ଦିର ମାତାମଠ ପ୍ରାଙ୍ଗଣରେ ବିଦ୍ୟାଳୟର ୨୫ବର୍ଷ ପୂର୍ତ୍ତି ଅବସରରେ ରଜତ ଜୟନ୍ତୀ ଉତ୍ସବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ଆଲୋକ ଚନ୍ଦ୍ର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବିଦ୍ୟାଳୟର ପ୍ରତିଷ୍ଠାତା ବାବା ଦୟାନିଧି ଦାସ ଉପସ୍ଥିତ ରହି ବକ୍ତବ୍ୟ ଦେଇଥିଲେ। ବିଦ୍ୟାଳୟର ସମ୍ପାଦକ ଅବସରପ୍ରାପ୍ତ ଶିକ୍ଷକ କ୍ଷୀରୋଦ ଚନ୍ଦ୍ର ଦାଶ, ଉପସଭାପତି ଶ୍ରୀକାନ୍ତ ରାଉତ,କୋଷାଧ୍ୟକ୍ଷ ଅଜୟ ମହାପାତ୍ର, ପ୍ରଧାନ ଆଚାର୍ଯ୍ୟ ରଞ୍ଜନ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରଜତ ଜୟନ୍ତୀ ଉତ୍ସବ କିଭଳି ସରସ ସୁନ୍ଦର ହୋଇ ପାରିବ ସେ ଉପରେ ସମସ୍ତେ ବିଭିନ୍ନ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧୀରେନ୍ଦ୍ର ନାଥ ସ୍ୱାଇଁ, ନିତ୍ୟାନନ୍ଦ ମଲ୍ଲ, ସମୀକ୍ଷା ପ୍ରସାଦ ବେହେରାଙ୍କ ସହ ବିଦ୍ୟାଳୟର ସମସ୍ତ ଗୁରୁମା, ଗୁରୁଜୀ ଏବଂ ବିଭିନ୍ନ ଅଞ୍ଚଳର ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

# ୧୫ ମଇଁଷି ବୋଝେଇ ୨ ପିକ୍‌ଅପ୍ ଭ୍ୟାନ୍ ଜବତ

ଠାକୁରମୁଣ୍ଡା,୧୪।୯(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ପୋଲିସ ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାର କେନ୍ଦୁଝିଆଣି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିକଟରେ ଚଢ଼ାଉ କରି ବେଆଇନ ଭାବରେ ୧୫ ମଇଁଷି ବୋଝେଇ ୨ ପିକ୍‌ଅପ୍ ଭ୍ୟାନକୁ ଜବତ କରିଛି। ପୋଲିସ ମଇଁଷି ଉଦ୍ଧାର କରି ୨ ଗାଡ଼ି ଚାଳକଙ୍କୁ ଗିରଫ କରି ତଦନ୍ତ କରୁଛି। ପ୍ରକାଶ ଯେ, ଆନନ୍ଦପୁର-ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାରେ ଥାନା ଅଧିକାରୀଣୀ ସାବିତ୍ରୀ ବଳେଙ୍କ ନେତୃତ୍ୱରେ ପୋଲିସ ଟିମ୍ ଶନିବାର ରାତିରେ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଭ୍ୟାନ ୨ଟିକୁ ଅଟକାଇ ଯାଞ୍ଚ ସମୟରେ ମଇଁଷି ଚାଲାଣ ହେଉଥିବା ଜଣାପଡ଼ିବା ପରେ ଟିମ୍ ଗାଡ଼ି ଜବତ କରିଥିଲା। ଉଦ୍ଧାର ମଇଁଷିଗୁଡ଼ିକର ସ୍ୱାସ୍ଥ୍ୟ ପରୀକ୍ଷା ପରେ ନିକଟସ୍ଥ ଗୋ-ଶାଳାକୁ ପଠାଇ ଦିଆଯିବ। ମଇଁଷି ଯାଜପୁର ଅଞ୍ଚଳରୁ ବୋଝେଇ ହୋଇ ଝାଡ଼ଖଣ୍ଡ ଅଞ୍ଚଳକୁ ଚାଲାଣ ହେଉଥିବା ନେଇ ପ୍ରାରମ୍ଭିକ ଭାବରେ ଜଣାପଡ଼ିଥିବା ଥାନା ଅଧିକାରୀଣୀ ସୂଚନା ଦେଇଛନ୍ତି। ଥାନାରେ ଏକ ମାମଲା (ନଂ.୧୦୭,୧୦୮/୨୫) ରୁଜୁ ହୋଇଛି।

# ଲକ୍ଷ୍ମୀ ପୂଜା ପାଇଁ ମୃତ୍ତିକା ଅନୁକୂଳ

ରଘୁନାଥପୁର,୧୪।୯(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ମୂଳାଷ୍ଟମୀ ତିଥିରେ ଲକ୍ଷ୍ମୀପୂଜା ପାଇଁ ରୀତିନୀତି ଅନୁଯାୟୀ ମୃତ୍ତିକା ଅନୁକୂଳ କରାଯାଇଛି। ଏହି ଅବସରରେ ବରାଗୋଳ ପଞ୍ଚାୟତ ଗୋଠିଶା, ପଣ୍ଡିଆ ସାହି, ଗରୁଆଳ ଓ ସାନଚିହ୍ନଡ଼ାରେ ବୈଦିକ ଉପଚାରରେ ପୂଜାର୍ଚ୍ଚନା କରାଯାଇ ପୂଜା ମଣ୍ଡପ ନିକଟକୁ ମୃତ୍ତିକା ଅଣାଯାଇଛି। ସେହିପରି ବିରିଡି ବ୍ଲକ ପଣ୍ଡିଆଠାରେ ନୈଷ୍ଠିକ ବ୍ରାହ୍ମଣଙ୍କ ଦ୍ୱାରା ମନ୍ତ୍ର ପାଠ କରାଯାଇ ମୃତ୍ତିକା ଉତ୍ତୋଳନ ହୋଇଛି। ମା'ଙ୍କାଶା ରାଇସ ମିଲର ପ୍ରତିଷ୍ଠାତା ରଣଜିତ ସାହୁ ଓ କଲ୍ୟାଣୀ ସାହୁଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା। ଘଣ୍ଟ ଓ ଖୋଳ କର୍ତ୍ତାଳରେ ଆଲଟ ଚାମର କରାଯାଇ ପବିତ୍ର ମୃତ୍ତିକାକୁ ମଣ୍ଡପ ନିକଟକୁ ଅଣାଯାଇଥିଲା। ସେଠାରେ ମା'ଙ୍କ ଉଦ୍ଦେଶ୍ୟରେ ଧୂପଦୀପ ଓ ନୈବେଦ୍ୟ ଅର୍ପଣ କରାଯାଇ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା।

# ପରିବେଶ ସୁରକ୍ଷା ନିମନ୍ତେ ଚାରା ରୋପଣ ମୁଖ୍ୟ ମାଧ୍ୟମ

ତିର୍ତ୍ତୋଲ, ୧୪।୯ (ଗୌରାଙ୍ଗ ଚରଣ ସ୍ୱାଇଁ)

## ପରିବେଶ ସଚେତନତା, ଚାରାରୋପଣ କାର୍ଯ୍ୟକ୍ରମ

ତିର୍ତ୍ତୋଲ ବ୍ଲକ ଅଧୀନ ଇଦ୍ରିସିଂ ପଞ୍ଚାୟତ ସିଳନ୍ଦୀ-ଖରୋଳ ରଜମହୋତ୍ସବ ପଡ଼ିଆରେ ଓଡ଼ିଶା ପରିବେଶ ସମିତି ଓ ଭାରତୀୟ ଷ୍ଟେଟ ବ୍ୟାଙ୍କର ପାରାଦୀପସ୍ଥିତ ଆଞ୍ଚଳିକ ଶାଖାର ମିଳିତ ଆନୁକୂଲ୍ୟରେ ପରିବେଶ ସଚେତନତା ଓ ଚାରା ରୋପଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ପରିବେଶବିତ୍ ତଥା ସୁଶ୍ରୀଶୁଭଶ୍ରୀର ସମ୍ପାଦିକା ଡ. ବସନ୍ତ ମଞ୍ଜରୀ ଦାସଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ପ୍ରେରଣା ସାହିତ୍ୟ ସଂସଦର ସମ୍ପାଦକ ପଣ୍ଡିତ ନାଗୁଚରଣ ଦେବତା ଯୋଗଦେଇ ପରିବେଶ ସୁରକ୍ଷା ନିମନ୍ତେ ଚାରାରୋପଣ ମୁଖ୍ୟ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଜ ମହୋତ୍ସବ କମିଟି ସଭାପତି ପ୍ରକାଶ ଚନ୍ଦ୍ର ସାହୁ, ସମ୍ପାଦକ ସଂଗ୍ରାମ କେଶରୀ ସ୍ୱାଇଁ, ପରିଚାଳନା ସମ୍ପାଦକ ବାବାଜୀ ମଲ୍ଲିକ, ସଞ୍ଜୟ କୁମାର ମହାନ୍ତି, ରାଜକିଶୋର ପରିଡା ପ୍ରମୁଖ ପରିବେଶ ସୁରକ୍ଷା ଉପରେ ମତବ୍ୟକ୍ତ କରିଥିଲେ। ଏହାପରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସାମାଜିକ କର୍ମୀ ଚନ୍ଦ୍ରକାନ୍ତ ମହାନ୍ତି, ସମୀର ରଞ୍ଜନ ସାହୁ, ସତ୍ୟବ୍ରତ ନାୟକ, ଆଲୋକ ନାୟକ, ସରୋଜ କୁମାର ନାୟକ, ସୋମ ପ୍ରକାଶ ନାୟକ, ସତ୍ୟଜିତ ନାୟକ, ସନ୍ତୋଷ ସାହୁ, ସୂର୍ଯ୍ୟକାନ୍ତ ନାୟକ ପ୍ରମୁଖ ସହଯୋଗ କରିଥିଲେ। ପ୍ରାୟ ୧ ଏକର ବ୍ୟାପୀ ପଡ଼ିଆରେ ଆମ୍ବ, ପିଜୁଳି, ବଉଳ, ନଡ଼ିଆ, ଗୁଆ, ପଣସ, କାଜୁ, ସପେଟା ଏବଂ ଓଉ ପ୍ରଭୃତି ଚାରା ରୋପଣ କରାଯାଇଥିଲା।

**OFFICE OF THE TRANSPORT COMMISSIONER-CUM-CHAIRMAN STATE TRANSPORT AUTHORITY, ODISHA, CUTTACK**
**TENDER CALL NOTICE**
Notice No: 13679 Date- 13/09/2025
No.JJ-50 : Sealed tenders are invited for a Request for Proposal (RFP) For "Selection of Transport Management Company (TMC) For 84th Annual Session of The Indian Road Congress at Bhubaneswar by the office of Transport Commissioner for online submission latest by 04/10/2025, 04:00 PM.
For details, please visit the websites www.odishatransport.gov.in and www.enivida.odisha.gov.in. The RFP will be available on the websites from 15/09/2025.
By the orders of Transport Commissioner, Odisha
Sd/- Joint Commissioner, Transport (Tech.) STA, Odisha, Cuttack
OIPR-38003/11/0090/2526

**GOVERNMENT OF ODISHA** No.O-776
**OFFICE OF THE EXECUTIVE ENGINEER RURAL WORKS ELECTRICAL DIVISION BHUBANESWAR**
E-Mail : eerwel_bbsr@yahoo.co.in
e-Procurement Notice NO - EERWELBBSR - 14/2025-26

| | | |
|---|---|---|
| 1 | Name of the work | (i) EI to Provision of New Video Conferencing System & Glow Sign Board at O/o Executive Engineer, RW Division, Puri-7.14 lakhs (ii) EI to Provision of New Video Conferencing System, Conventional LA, DG Set & Glow Sign Board at 0/0 Executive Engineer RW Division Nimapara- 20.17 lakhs, (iii) EI to Provision of New Video Conferencing System, Conventional LA & Glow Sign Board at O/o Executive Engineer, RW Division, Nayagarh-13.44 lakhs (iv) SITC of 20KVA DG Set, LA, CCTV Camera & Glow Sign Board to RW Circle office Kendrapara-Jajpur at Chandikhole & RW Division Jajpur-II-26.89 lakhs (v) SITC of 20KVA DG Set & Glow Sign Board to RW Division office at Kendrapara-I & RW Division office at Kendrapara-II-20.30lakhs |
| 2 | Estimated Cost | From 23.56 lakhs to 39.27 lakhs (Excluding GST) |
| 3 | Period of completion | 180 days |
| 4 | Date and time of availability of Bid documents in the portal | From Dt.18.09.2025 at 12.00 A.M. to Dt.03.10.2025 up to 5.00 P.M. |
| 5 | Date & Time of opening of tender | Dt.04.10.2025 at 01:00 P.M. |
| 6 | Procurement officer/Name and address of the officer inviting Bids | Executive Engineer, R.W EL.Divn. BBSR At - 1st floor of Divn. Complex, Rasulgarh Behind Esplanade Mall. Dist. - Khordha, Odisha, Pincode-751010 |

Further details can be seen from the Govt. Website www.tenderorissa.gov.in
Sd./- Executive Engineer, Rural Work Electrical Division, Bhubaneswar
OIPR-25168/11/0019/2526

**GOVERNMENT OF ODISHA** No.O-744
**OFFICE OF THE EXECUTIVE ENGINEER RURAL WORKS ELECTRICAL DIVISION BHUBANESWAR**
E-Mail : eerwel_bbsr@yahoo.co.in
e-Procurement Notice NO - EERWELBBSR - 12/2025-26

| | | |
|---|---|---|
| 1 | Name of the work | (i) Provision of Conventional Lighting Arrestor, DG Set and Glow Sign Board, AC, Solar Light and Video Conferencing at RW Division Bhadrak-I and Bhadrak-II.-37.56 lakhs (ii) Provision of Conventional Lighting Arrestor, DG Set and Glow Sign Board, AC, Solar Light and Video Conferencing at RW Division Balasore-I and Balasore-II-39.27 lakhs (iii) Provision of Conventional Lighting Arrestor, DG Set and Glow Sign Board, AC, Solar Light and Video Conferencing at RW Circle Balasore-23.56 lakhs (iv) Provision of Conventional Lightning Arrestor, DG Set and Glow Sign Board, AC, Solar Light and Video Conferencing at RW Division Jaleswar - 29.39 lakhs |
| 2 | Estimated Cost | From 23.56 lakhs to 39.27 lakhs (Excluding GST) |
| 3 | Period of completion | 180 days |
| 4 | Date and time of availability of Bid documents in the portal | From Dt. 16.09.2025 at 12.00 A.M. to Dt. 24.09.2025 up to 5.00 P.M. |
| 5 | date & Time of opening of tender | Dt.25.09.2025 at 01:00 P.M. |
| 6 | Procurement officer/Name and address of the officer inviting Bids | Executive Engineer, R.W EL.Divn. BBSR At - 1st floor of Divn. Complex, Rasulgarh Behind Esplanade Mall. Dist. - Khordha, Odisha, Pincode-751010 |

Further details can be seen from the Govt. Website www.tenderorissa.gov.in
Sd./- Executive Engineer, Rural Work Electrical Division, Bhubaneswar
OIPR-25168/11/0016/2526

**WATCO**
**OFFICE OF THE GENERAL MANAGER, WATCO DIVISION-I, BHUBANESWAR,**
Vanivihar Square, Bhubaneswar-751022, Odisha, India
Telefax : +91-674-2542821 E-mail - gmdivonewatco@gmail.com
NATIONAL COMPETITIVE BIDDING THROUGH e-PROCUREMENT
Invitation For Bids (IFB)
GMWATCO-I/47/ 2025-26 Dt.10.09.2025
No.C-1048

| | | |
|---|---|---|
| 01 | Name of the work | 04 Nos. (Four nos works) |
| 02 | Estimate cost | Rs.10.00 Lakhs to 24.61 Lakhs |
| 03 | Period of completion | 60 days |
| 04 | Class of contractor | "B, C & D" Class |
| 05 | Date & Time of availability of bid document in the portal | From 11.00 A.M. of Dt.17.09.2025 to 5.00 P.M. of 03.10.2025 |
| 06 | Last date / time of receipt of bids in the portal | 5.00 P.M. of 03.10.2025 |
| 07 | Date & Time of opening of bids | 12.30 P.M. of 04.10.2025 |
| 08 | Name and address of the Officer Inviting Bid | General Manager WATCO Division-I, BBSR |

Further details can be seen from the e-Procurement portal "https://www.tendersorissa.gov.in"
Sd/- GENERAL MANAGER, WATCO DIVISION-I, BHUBANESWAR
OIPR-13083/11/0018/2526

**GOVERNMENT OF ODISHA** No.O-757
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, CUTTACK**
e-mail : serw_ctc@yahoo.com
No. Tender Online RWC-19/2025 Letter No. 3169 Date : 09.09.2025
e-Procurement NOTICE

1. Name of the work : Construction of Road & Building works.
2. Class of contractor
   (c) Estimated cost more than Rs.6.00 Crore & upto Rs.50.00 Crore : Special Class (of Odisha PWD) & relevant class of other licensing authorities.
   (d) Estimated cost more than Rs.1.00 Crore & upto Rs.20.00 Crore : A Class (of Odisha PWD) & relevant class of other licensing authorities.
   (c) Estimated cost more than Rs.20.00 Lakh & upto Rs.3.00 Crore : B Class (of Odisha PWD) & relevant class of other licensing authorities.
3. Time for Completion : As specified in the Column-7 of the Annexure.
4. Detail Projects : As per Annexure attached
5. Other Details

| Procurement Officer | Bid Identification No. | Availability of Tender on-line for bidding From | To | Last Date & Time of seeking tender clarification | Date & Time of opening of tender |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Chief Construction Engineer, Rural Works Circle, Cuttack | Tender Online RWC-19/25 | 16.09.2025 at 11.30 A.M. | 03.10.2025 up to 05.00 P.M. | 03.10.2025 up to 02.00 P.M. | 04.10.2025 at 11.30 A.M. / Will be intimated later |

Further details can be seen from the website: www.tendersodisha.gov.in
Sd./- Chief Construction Engineer Rural Works Circle, Cuttack
OIPR-25097/11/0032/2526

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
At/PO-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail: serwbpr2004@yahoo.com, Tel. No.-0680-2404287)
No.O-714:
NATIONAL COMPETITIVE BIDDING THROUGH e-Procurement
Bid Identification No.Online Tender/25-2025-26/BPR

| Identification No. | Name of work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online_Tender/ 25-2025-26/BPR | Bridge work under SETU BANDHANA YOJANA (SBY) & Road Works under MMSY-TRIP | 03 Nos. | From Rs.318.43 Lakhs to Rs.533.44 Lakhs | "A" Class as applicable | Period of Completion as provided as per Col. No.5 of Annexure of NIT |

| Procurement Officer | Bid Identification No. | Availability of tender online for bidding From | To |
|---|---|---|---|
| Chief Construction Engineer, R.W. Circle, Berhampur | Online Tender/25-2025-26/BPR | 18.09.2025 at 10.00 A.M. | 04.10.2025 upto 5.30 P.M. |

(i) EMD/ Bid Security, Cost of Bid Document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website. www.tendersodisha.gov.in
OIPR-25071/11/0128/2526 Sd./- Chief Construction Engineer, R.W.Circle, Berhampur

**ସଂକ୍ଷେପରେ**

## ଭୋଜିରୁ ଡିଜେ ଗାଡ଼ି ଜବତ, ୨ ଗିରଫ

ଶେରଗଡ଼,୧୪।୯(ସୂର୍ଯ୍ୟ ନାରାୟଣ ଦାଶ)

ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ ଡାକରଡା ପଞ୍ଚାୟତ ଭୁଷୁଣ୍ଡା ଗ୍ରାମରେ ହେଉଥିବା ଭୋଜିରେ ଡିଜେ ବଜାଇବାକୁ କେନ୍ଦ୍ର କରି ଗଣ୍ଡଗୋଳ ହୋଇଛି। ଫଳରେ ଖବର ପାଇ ପୋଲିସ ପହଞ୍ଚି ୨ଟିଯାକ ଡିଜେ ଗାଡ଼ି ଜବତ କରିଛି। ଉଭୟ ଡିଜେ ଗାଡ଼ିର ମାଲିକଙ୍କୁ ଗିରଫ କରିଛି। ପରେ ବ୍ୟକ୍ତିଗତ ମୁଚଲିକାରେ ସେମାନଙ୍କୁ ଛାଡ଼ିଛି। ସେମାନେ ହେଲେ ଶିବରାମ ସ୍ୱାଇଁ ଓ କେ. ଗୌତମ ଦଳେଇ। ଖବରରୁ ଜଣାପଡ଼ିଛି ଭୁଷୁଣ୍ଡା ଗ୍ରାମରେ ରବିବାର ଏକ ଭୋଜି ଆୟୋଜନ ହୋଇଥିଲା। ଏଥିପାଇଁ ଆଳିପୁର ଓ ଭୁଷୁଣ୍ଡା ଗ୍ରାମରୁ ଦୁଇଟି ଡିଜେ ଭଡ଼ାରେ ଆସିଥିଲେ। ଭୋଜିରେ ଉଭୟ ଡିଜେର ମାଲିକ ମୁହାଁମୁହିଁ ହୋଇ ପରସ୍ପରର ସାଉଣ୍ଡକୁ ବଢାଇ ଦେଇଥିଲେ। ଏହାଦ୍ୱାରା ପ୍ରଚଣ୍ଡ ଶବ୍ଦରେ ଗାଁ କମ୍ପିଥିଲା। ଦୁଇ ଡିଜେ ମାଲିକ ଶିବରାମ ଓ କେ. ଗୌତମ ପରସ୍ପରକୁ ମୋର ସାଉଣ୍ଡ ଭଲ ବୋଲି କହି ଯୁକ୍ତିତର୍କ କରି ଗଣ୍ଡଗୋଳ ଲାଗି ପରସ୍ପର ଗାଡ଼ିକୁ ମୁହାଁମୁହିଁ ଧକ୍କା କରିଥିଲେ। ଫଳରେ ଉଭୟ ଗାଡ଼ିର ଡିଜେ ଯନ୍ତ୍ରପାତି ଓ ସେଥିରେ ଥିବା ଲାଇଟଗୁଡ଼ିକ ଭାଙ୍ଗି ଯାଇଥିଲା। ଖବରପାଇ ଶେରଗଡ଼ ଥାନା ଅଧିକାରୀ ବରେନ୍ଦ୍ର ଶିଆଳ ପହଞ୍ଚି ୨ ଡିଜେ ଗାଡ଼ିକୁ ଜବତକରି ଉଭୟ ମାଲିକଙ୍କୁ ଗିରଫ କରିଥିଲା। କେସ୍ ନଂ. ୩୮୬/୨୫।

## ବିଦ୍ୟୁତ୍‌କାଟକୁ ନେଇ ଅସନ୍ତୋଷ

ବୁଗୁଡ଼ା,୧୪।୯(କାଳିଚରଣ ଦାଶ)

ବୁଗୁଡ଼ା ଅଞ୍ଚଳରେ 'ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବୁଗୁଡା ସହରରେ ପ୍ରତିଦିନ ବେହିସାବ ବିଦ୍ୟୁତ କାଟ ହେଉଛି। ପବନ କି ବର୍ଷା ହେଲେ ଲାଇନ୍ ଆସିବା କାଠିକର ପାଠ ହେଉଛି। ରବିବାର ଅପରାହ୍ନରୁ ରାତି ପର୍ଯ୍ୟନ୍ତ ଦୀର୍ଘ ସମୟ ଧରି ବିଦ୍ୟୁତ୍ କାଟ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

# ତାରାତାରିଣୀ, ଦକ୍ଷିଣକାଳୀଙ୍କ ପୀଠରେ ଷୋଡ଼ଶ ଉପଚାର ଆରମ୍ଭ

ପୁରୁଷୋତ୍ତମପୁର,୧୪।୯ (ସୀମାଞ୍ଚଳ ମିଶ୍ର)

ରାଜ୍ୟର ବିଭିନ୍ନ ଶକ୍ତିପୀଠରେ ଆରମ୍ଭ ହୋଇଛି ଷୋଡ଼ଶ ଉପଚାର ପୂଜା। ସେହିପରି ଗଞ୍ଜାମ ଜିଲାର ପୁରୁଷୋତ୍ତମପୁର ଅଞ୍ଚଳରେ ପ୍ରସିଦ୍ଧ ଶକ୍ତିପୀଠ ଇଷ୍ଟଦେବୀ ମା' ତାରାତାରିଣୀ ଓ ଦକ୍ଷିଣକାଳୀଙ୍କ ପୀଠରେ ମଧ୍ୟ ଷୋଡ଼ଶ ଉପଚାର ପୂଜା ରବିବାର ଆରମ୍ଭ ହୋଇଛି। ପବିତ୍ର ମୂଳାଷ୍ଟମୀଠାରୁ ଏହିପୂଜା ଆରମ୍ଭ ହେବାର ପରମ୍ପରା ରହିଆସିଛି। ଏହି ସମୟରେ ମାଙ୍କୁ ୧୦୮ ମାଠିଆ ସୁବାସିତ ଜଳରେ ସ୍ନାନ କରିବା ପରେ ମା'ଙ୍କ ଉତ୍ଥାପନ ହୋଇଥାଏ। ପରେ ଆରମ୍ଭ ହୋଇଥାଏ ମା'ଙ୍କ ଷୋଡ଼ଶ ଉପଚାର ପୂଜାର ବିଭିନ୍ନ ରୀତିନୀତି। ମା'ଙ୍କ ସ୍ନାନ ସହ ଷୋଡ଼ଶ ଉପଚାର ପୂଜାକୁ ନେଇ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ରବିବାର ପୂଜାର ପ୍ରଥମ ଦିନରେ ସେବାୟତ ଓ ତାଙ୍କ ପରିବାର ଲୋକେ ପବିତ୍ର ଋଷିକୁଲ୍ୟା ନଦୀକୁ ଯାଇ ସେଠାରେ ପୂଜାର୍ଚ୍ଚନା କରି ୧୦୮ ମାଠିଆରେ ଜଳ ଧରି ୯୯୯ ପାହାଚ ଚଢ଼ି ରତ୍ନଗିରି ପାହାଡ ଉପରେ ପ୍ରତିଷ୍ଠିତ ମା'ଙ୍କ ମନ୍ଦିରରେ ପହଞ୍ଚିଥିଲେ। ମାତ୍ର ଏହି ସମୟରେ ବିଦ୍ୟୁତ୍ ନ ଥିବାରୁ ପାହାଚ ଚଢି ପାଣିଧରି ଯାଉଥିବା ସେବାୟତ ଓ ମହିଳାମାନଙ୍କୁ ହଇରାଣ ହେବାକୁ ପଡିଥିଲା। ପାହାଡ ଉପରେ ଥିବା ବଉଳମାଳିଆ ପଥରେ ନିର୍ମିତ ମନ୍ଦିରର ଗମ୍ଭିରା ମଧ୍ୟରେ ବିଜେ କରିଥିବା ମା' ତାରାତାରିଣୀ ଦୁଇ ଭଉଣୀଙ୍କ ଚଳନ୍ତି ପ୍ରତିମାକୁ ଗୋଟି ପହଣ୍ଡି କରି ସ୍ନାନ ବେଦିକୁ ଆଣି ସ୍ନାନ କରାଯିବା ପରେ ମା' ଶୟନକୁ ଯାଇଥିଲେ। ସୋମବାର ମାଙ୍କ ଉତ୍ଥାପନା ରହିଛି। ପୁରୋହିତ ପଣ୍ଡିତ ନୀଳମାଧବ ତ୍ରିପାଠୀ ବେଦମନ୍ତ୍ର ସହକାରେ ଚଣ୍ଡିପାଠ କରୁଛନ୍ତି। ସେବାୟତ ସଂଘ ସଭାପତି ତପନ ରଣା କର୍ତ୍ତା ଦାୟିତ୍ୱରେ ଥିବା ବେଳେ ବାପଜୀ ରଣାଙ୍କ ସମେତ ଅନ୍ୟ ସେବାୟତମାନେ ସହଯୋଗ କରୁଛନ୍ତି । ମୂଳାଷ୍ଟମୀଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ୧୬ ଦିନବ୍ୟାପୀ ତାରାତାରୀଣିଙ୍କ ପୀଠରେ ପ୍ରତ୍ୟହ ଚଣ୍ଡିପାଠ, ହୋମ, ଯଜ୍ଞ ସହ ସ୍ୱତନ୍ତ୍ର ପୂଜା ହେବ। ଷୋଡ଼ଶ ଉପଚାର ପୂଜା ସମୟରେ ମା'ଙ୍କୁ ଦର୍ଶନ କଲେ ସମସ୍ତ ଦୁଃଖ ଲାଘବ ହୁଏ ବୋଲି ଶ୍ରଦ୍ଧାଳୁଙ୍କ ବିଶ୍ୱାସ ରହିଛି। ଭିଡ଼କୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶାନ୍ତିଶୃଙ୍ଖଳାର ସହ ଦର୍ଶନ ନିମନ୍ତେ ମନ୍ଦିର ପରିସରରେ ପୋଲିସ ମୁତୟନ ହୋଇଛନ୍ତି। ଏସ୍‌ଡିପିଓ ସୁଜିତ ନାୟକ ଓ ଆଇଆଇସି ରାଜେଶ ନାୟକ ତଦାରଖ କରୁଛନ୍ତି। ମାଜିଷ୍ଟ୍ରେଟ ଦାୟିତ୍ୱରେ ପୁରୁଷୋତ୍ତମପୁର ତହସିଲଦାର ବିନୋଦ ବେହେରା ଅଛନ୍ତି।


ମା' ତାରାତାରିଣୀ

# କନକଦୁର୍ଗାଙ୍କ ଉତ୍‌ଥାନ ପର୍ବ

ନୟାଗଡ,୧୪।୯ (ଲୋକନାଥ ମିଶ୍ର)

- ୧୫ଦିନ ପାଇଁ ଭୋଗରେ ଲାଗି ହୁଏ ଆଇଁଷ
- ବର୍ଷକୁ ୧୬ଦିନ ଭକ୍ତଙ୍କୁ ଦର୍ଶନ ଦିଅନ୍ତି କନକ ଦୁର୍ଗା

ନୟାଗଡ ପୁରୁଣା ରାଜବାଟୀ ନିକଟସ୍ଥ ଦୁର୍ଗାଦେବୀ ମନ୍ଦିରରେ ରବିବାର କନକଦୁର୍ଗାଙ୍କ ଉତ୍‌ଥାନ ପର୍ବ ହୋଇଥିଲା। କନକଦୁର୍ଗାଙ୍କୁ ସ୍ନାନପରେ ଅବକାଶ, ବଲ୍ଲଭ ଭୋଗ କରାଯାଇ ଷୋଡଶ ଉପଚାରରେ ପୂଜା କରାଯାଇଥିଲା। ଦ୍ୱିପ୍ରହର ଧୂପରେ ଖେଚୁଡ଼ି, ଡାଲମା, ମାଛ ଭଜା, ବାଇଗଣ ଭଜା ଓ ଭେଣ୍ଡି ଆମ୍ବିଳ ଭୋଗ ଲାଗି ହୋଇଥିଲା। ସନ୍ଧ୍ୟା ଆଳତି ପରେ ମା' ଯାତ୍ରା ପଡିଆକୁ ଭ୍ରମଣରେ ଯାଇଥିଲେ । ଭ୍ରମଣ ଶେଷରେ ଟେରା ଭୋଗ କରାଯାଇ ମା'ଙ୍କ ମନ୍ଦିରର ଗର୍ଭଗୃହକୁ ପ୍ରବେଶ କରିଥିଲେ। ରାତ୍ର ଭୋଗରେ ମାଛ ବେସର ଓ ଭଜା, ଭେଣ୍ଡି ବେସର, ବାଇଗଣ ଭଜା, ଦେଶୀ ଆଳୁ ଭଜା ଭୋଗ ଲାଗି ଷୋଡଶ ଉପଚାରରେ ପୂଜା କରାଯାଇଥିଲା। ବିଳମ୍ବିତ ରାତିରେ ମା' ବିଶ୍ରାମ ନେଇଥିଲେ। ତେବେ ମା' ବର୍ଷକୁ ୧୬ଦିନ ଦର୍ଶନ ଦେଇଥାନ୍ତି। ଉତ୍‌ଥାନ ପର୍ବଠାରୁ ମା'ଙ୍କ ଦର୍ଶନ ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ମା'ଙ୍କର ରବିବାରଠାରୁ ନବମୀ ପୂଜା ଯାଏ ୧୬ ଦିନ ପର୍ଯ୍ୟନ୍ତ ମାଛ ଭୋଗ ଲାଗି ହେବ ।

# ଭାରତ ମୁକ୍ତି ମୋର୍ଚ୍ଚା ପକ୍ଷରୁ ପ୍ରଶିକ୍ଷଣ ଶିବିର


ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ପିଲାମାନେ ।

ଖଣ୍ଡପଡା,୧୪।୯ (ଅଜୟ କୁମାର ମହାରଣା)

ବାମସେଫ୍‌ର ସହଯୋଗୀ ସଙ୍ଗଠକ ଭାରତ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଖଣ୍ଡପଡା ବ୍ଲକ କୁମ୍ଭାରପଡା ମା' ମଙ୍ଗଳାସାହି କୋଠଘର ପରିସରରେ ରବିବାର ଏକ ଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍ଗଠନର ଲକ୍ଷ୍ୟ, ଉଦ୍ଦେଶ୍ୟ, ଆଭିମୁଖ୍ୟ, କାର୍ଯ୍ୟଶୈଳୀ, ଶିକ୍ଷା ଓ ବେରୋଜଗାର ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା । ପ୍ରାରମ୍ଭରେ ଫୁଲେ ଦମ୍ପତି ଓ ବାବା ସାହେବଙ୍କ ଫଟୋ ଚିତ୍ରରେ ଅତିଥିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ପ୍ରଶିକ୍ଷକ ଭାବେ ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରୀ ସଭାନେତ୍ରୀ କବିତା ସାହୁ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ପଲ୍ଲୀକବି ପ୍ରଭାତ କୁମାର ଖୁଣ୍ଟିଆ, ସମ୍ମାନିତ ଅତିଥି ଭାରତ ମୁକ୍ତି ସଂଗଠନ ରାଜ୍ୟ କାର୍ଯ୍ୟକାରୀ ସଭାପତି ଜଗଦୀଶ ନାୟକ, ସର୍ବଭାରତୀୟ ସିଡ୍ୟୁଲକାଷ୍ଟ ଫେଡେରେଶନର ବ୍ଲକ ସଂଯୋଜକ ଗଣେଶ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସାମାଜିକକର୍ମୀ ସମ୍ମିତ ନାୟକ ଓ ରଞ୍ଜିତ ନାୟକ ଆୟୋଜନ କରିଥିବା ବେଳେ ବାବା ସାହେବ ଚାରିଟେବୁଲ ଟ୍ରଷ୍ଟ ପ୍ରତିଷ୍ଠାତା ବିଜୟ କୁମାର ସେଠୀ ସଂଯୋଜନା କରିଥିଲେ। ଏଥିରେ ୫୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଯୋଗ ଦେଇଥିଲେ।

# ତିନି କୁଇଣ୍ଟାଲ ଗଞ୍ଜେଇ ଜବତ, ୩ ଗିରଫ

ଫୁଲବାଣୀ, ୧୪।୯(ରାକେଶ କୁମାର ରାଉତ)

ଫୁଲବାଣୀ ସଦର ଥାନା ପୋଲିସ ୨ ପୃଥକ ସ୍ଥାନରେ ଚଢାଉ କରି ୩ କୁଇଣ୍ଟାଲ ଗଞ୍ଜେଇ ଜବତ କରିବା ସହିତ ୩ ଜଣଙ୍କୁ ଗିରଫ କରିଛି। ସଦର ଏସ୍‌ଡିପିଓ ଶୁଭ୍ରଜିତ ବିଶ୍ୱାଳଙ୍କ ନିର୍ଦ୍ଦେଶ କ୍ରମେ ସଦର ଥାନା ଅଧିକାରୀ ସତୀଶ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ପ୍ରଦୀପ ରାଉଳ ଓ ସମ୍ମିତ ବେହେରା ଶନିବାର ବିଳମ୍ବିତ ରାତିରେ କସାକାଠି ଛକ ନିକଟରେ ଏକ ପିକ୍‌ଅପ୍ ଭ୍ୟାନକୁ ଅଟକାଇ ଯାଞ୍ଚ କରିବାରେ ଗାଡ଼ିରୁ ୨୨୦ କିଲୋ ଗଞ୍ଜେଇ ମିଳିଥିଲା। ଏହି ଘଟଣାରେ ଡ୍ରାଇଭରଙ୍କୁ ଗିରଫ କରିଥିଲା। ସେ ହେଲେ ଖୋର୍ଦ୍ଧା ଜିଲା ବାଘମାରୀ ଥାନା ଅନ୍ତର୍ଗତ ବଗଡ଼ା ଗ୍ରାମର କୃପାସିନ୍ଧୁ ପରିଡ଼ା। ସେ ଖୋର୍ଦ୍ଧାରୁ ସାର ଆଣି ସେଥିରେ ଗଞ୍ଜେଇ ନେଇ ଫେରୁଥିଲେ ବୋଲି ପୋଲିସ କହିଛି। ସେହିଭଳି ବରପଦା ଛକ ନିକଟରେ ଏକ ଅଟୋ ରିକ୍ସାରୁ ୮୦ କିଲୋ ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ବିହାର ଗୋପାଳଗଞ୍ଜ ଥାନା ଅନ୍ତର୍ଗତ ଏକଦରବା ଗ୍ରାମର ରାଜକୁମାର ସାହା ଓ ଭୀମ ଗିରିଙ୍କୁ ଗିରଫ କରାଯାଇଛି। ଏହି ଗଞ୍ଜେଇ ଫିରିଙ୍ଗିଆରୁ ଭୁବନେଶ୍ୱର ଚାଲାଣ ହେଉଥିବା ପୋଲିସ ସୂଚନା ଦେଇଛି। ଏନେଇ ସଦର ଥାନାରେ ୨୨୩/୨୫ରେ ଏକ ମାମଲା ରୁଜୁ ହୋଇଛି।


ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତମାନେ।

# ନବରାତ୍ର ପୂଜା ପ୍ରସ୍ତୁତି ବୈଠକ

ଆସିକା,୧୪।୯(ସୁରେନ୍ଦ୍ର ନାଥ ସାହୁ)

ଆସିକାର ଆରାଧ୍ୟା ଦେବୀ ମା' ଖମ୍ବେଶ୍ୱରୀଙ୍କ ନବରାତ୍ର ପୂଜା ଲାଗି ପ୍ରସ୍ତୁତି ବୈଠକ ରବିବାର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟିର ଅଧ୍ୟକ୍ଷ ସତ୍ୟନାରାୟଣ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କମିଟିର ସଦସ୍ୟ ମନୋଜ ମୁନୀ, ସଚ୍ଚିଦାନନ୍ଦ ଖଟେଇ, ଯାତ୍ରା କମିଟି ସଭାପତି, ନିମାଇ ପାଣିଗ୍ରାହୀ, ଗ୍ରାମବାସୀଙ୍କ ପକ୍ଷରୁ ଯୋଗେନ୍ଦ୍ର ପ୍ରଧାନଙ୍କ ସମେତ ବହୁ ଶ୍ରଦ୍ଧାଳୁ ଓ ପୂଜକ ଉପସ୍ଥିତ ରହି ସେମାନଙ୍କ ମତ ରଖିଥିଲେ। ପୂଜା ଅବସରରେ ଶ୍ରଦ୍ଧାଳୁଙ୍କ ଦ୍ୱାରା ମା'ଙ୍କ ପୀଠରେ ଅଖଣ୍ଡ ଦୀପ ପ୍ରଜ୍ୱଳନ, ମହାସପ୍ତମୀରୁ ମା'ଙ୍କ ସୁନାବେଶ ଏବଂ ନବରାତ୍ର ଅବସରରେ ବିଧିବଦ୍ଧ ପୂଜାର୍ଚ୍ଚନା ନିମନ୍ତେ ଆଲୋଚନା କରାଯାଇଥିଲା।

# ରକ୍ତଦାନ ଶିବିର, ୬୮ ୟୁନିଟ୍ ରକ୍ତ ସଂଗ୍ରହ

ଗଞ୍ଜାମ,୧୪।୯(ବିଦ୍ୟାଧର ସାହୁ/ ଅଖିଳ ତରାଇ)

ଗଞ୍ଜାମ ସହର ସ୍ଥିତ ଭାରତୀ ବିଦ୍ୟାପୀଠରେ ରବିବାର ଅପରାହ୍ନରେ ବଜରଙ୍ଗ ଦଳ ଓ ଲକ୍ଷ୍ମୀ ନୃସିଂହ ଗୋଶାଳା ଏବଂ ଗ୍ରାସୀମ ଇଣ୍ଡଷ୍ଟ୍ରିର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଭାଜପା ଗଞ୍ଜାମ ଜିଲା ସଭାପତି ସରୋଜ ସାବତ, ମନମୋହନ ମହାରଣା ପ୍ରମୁଖ ଯୋଗଦାନ କରିଥିଲେ। ଏହି ରକ୍ତଦାନ ଶିବରରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ ବ୍ଲଡବ୍ୟାଙ୍କ ପକ୍ଷରୁ ୬୮ ୟୁନିଟ୍ ରକ୍ତ ସଂଗୃହୀତ କରାଯାଇଛି। ଏହି ଅବସରରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ରକ୍ତଦାତଙ୍କୁ ଚାରା ବଣ୍ଟନ କରାଯାଇ ଜୀବନ ପାଇଁ ଯେପରି ରକ୍ତ ବିନ୍ଦୁ ଟିଏ ଲୋଡ଼ା ସେପରି ପରିବେଶ ପାଇଁ ବୃକ୍ଷ ଲୋଡ଼ା ବୋଲି ବାର୍ତ୍ତା ଦିଆଯାଇଥିଲା। ରକ୍ତଦାତାଙ୍କୁ ବଜରଙ୍ଗ ଦଳ ଗଞ୍ଜାମ ପକ୍ଷରୁ ଅଁଳା, ଡାଳିମ୍ବ ଭଳି ବିଭିନ୍ନ ଔଷଧିୟ ବୃକ୍ଷ ପ୍ରଦାନ କରାଯିବା ସହ ବିଦ୍ୟାପୀଠ ପ୍ରାଙ୍ଗଣରେ ବୃକ୍ଷରୋପଣ କରାଯାଇଥିଲା। ଏହି ଶିବିରରେ ଗଞ୍ଜାମ ବଜରଙ୍ଗ ଦଳ ସଭାପତି ପ୍ରଭାତ ସାହୁ, ଆଲେୟା ରେଡ୍ଡୀ, ମନୋଜ ପ୍ରଧାନ, ଗଙ୍ଗାରାମ ରାଉଳ, ଲିଲୁ ତରାଇ, ଶ୍ୱେତ ପ୍ରଧାନ, ଜିତେଶ କୁମାର ବାରିକ, ବିଶ୍ୱନାଥ ମହାକୁଡ଼, ପପୁ ପଣ୍ଡା, ବୁବୁନ ରେଡ୍ଡୀ, ସୁନିଲ ବେହେରା, କୃଷ୍ଣ ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଶୁଭଖୁଣ୍ଟି ସ୍ଥାପନ

ବୁଗୁଡ଼ା,୧୪।୯(କାଳିଚରଣ ଦାଶ)

ବୁଗୁଡ଼ା ବ୍ଲକ୍ ଗୋଲିଆ ଗ୍ରାମରେ ପବିତ୍ର କୁମାର ପୂର୍ଣ୍ଣିମା ଉତ୍ସବ ଅବସରରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଉପଲକ୍ଷେ ଅସ୍ଥାୟୀ ପୂଜା ମଣ୍ଡପଠାରେ ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗୋଲିଆ ଗ୍ରାମର ବଜାର ସାହି ବାସିନ୍ଦାଙ୍କ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପୁରୋହିତ ଭାବେ ଗୋଦାବରୀଶ ହୋତା ଯୋଗଦେଇ ଯଥା ରୀତିନୀତି ପ୍ରକାରେ ପୂଜାପାଠ ସମ୍ପାଦନ କରିଥିଲେ। ସନ୍ତୋଷ ଦୋରା କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

# ଅଧ୍ୟକ୍ଷ, ଭାଇଙ୍କ ଆଗୁଆ ଜାମିନ ଆବେଦନ ଖାରଜ

## ପ୍ରତିଭା ଆବାସିକ କଲେଜ ଯୁକ୍ତ ୨ ଛାତ୍ର ମୃତ୍ୟୁ ଘଟଣା

ଛତ୍ରପୁର,୧୪।୯(ସନ୍ତୋଷ ପାଢ଼ୀ)

ଗଞ୍ଜାମ ଜିଲା ଛତ୍ରପୁର ପ୍ରତିଭା ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଏଚଏସ୍ଏସ୍) ଯୁକ୍ତ ୨ ଦ୍ୱିତୀୟ ବର୍ଷ ଛାତ୍ର ଶୁଭମ ସ୍ୱାଇଁ (୧୭)ଙ୍କ ମୃତ୍ୟୁ ଘଟଣାରେ ଅଧ୍ୟକ୍ଷ ଚିନ୍ମୟ ଦାସ ଏବଂ ତାଙ୍କ ଭାଇ ମୃଣ୍ମୟ ଦାସଙ୍କ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରି ଦେଇଛନ୍ତି। ଶୁଭମଙ୍କ ମାମୁ ଏହି ଘଟଣାରେ ଏସ୍‌ଆଇଟି କିମ୍ବା କ୍ରାଇମ୍ ବ୍ରାଞ୍ଚ ଦ୍ୱାରା ତଦନ୍ତ କରାଇବା ପାଇଁ ହାଇକୋର୍ଟରେ ପିଟଶନ ଦାଖଲ କରିଥିଲେ। କୋର୍ଟ ଏହାକୁ ଗ୍ରହଣ କରି ଶୁଣାଣି ପାଇଁ ଆସନ୍ତା ୧୮ ତାରିଖକୁ ଧାର୍ଯ୍ୟ କରିଛନ୍ତି। ଏହି ମାମଲାରେ ରାଜ୍ୟ ସରକାର, ଗଞ୍ଜାମ ଏସ୍‌ପି, ଛତ୍ରପୁର ଥାନା ଆଇଆଇସି ଏବଂ ପ୍ରତିଭା ଏଚଏସ୍ଏସ୍ ଅଧ୍ୟକ୍ଷଙ୍କୁ ପକ୍ଷଭୁକ୍ତ କରାଯାଇଛି। ଗତ ଜୁନ ୨୫ରେ ଶୁଭମ ନିଖୋଜ ଥିଲେ। ପରେ ରାତିରେ ଶୁଭମଙ୍କ ଖଣ୍ଡବିଖଣ୍ଡିତ ଶରୀର କଲେଜ ପଛପଟ ରେଳ ଧାରଣାରୁ ମିଳିଥିଲା। ପରିବାର ଲୋକ ଜୁନ ୨୭ରେ ଛତ୍ରପୁର ଥାନାରେ ଏତଲା ଦେଇଥିଲେ। ଏଯାଏ ଏ ଦିଗରେ ଉଭୟ ଛତ୍ରପୁର ଓ ବ୍ରହ୍ମପୁର ଜିଆରପି ପୋଲିସ କୌଣସି ତଦନ୍ତ କରିନି କି କାର୍ଯ୍ୟାନୁଷ୍ଠାନ କିଛି ହୋଇନାହିଁ।

# ଆଇଜର ଶିକ୍ଷାନୁଷ୍ଠାନ ନିର୍ମାଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ

ଗୋପାଳପୁର,୧୪।୯(ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ଲୌଡିଗାଁରେ ଆଇଜର ଶିକ୍ଷାନୁଷ୍ଠାନ ନିର୍ମାଣ କାର୍ଯ୍ୟ ଜାରି ରହିଛି। କୋଠା ନିର୍ମାଣ କାର୍ଯ୍ୟ ନିମ୍ନମାନର ଓ ଅନିୟମିତତା ନେଇ ମୁଖ୍ୟମନ୍ତ୍ରୀ, ରାଜ୍ୟ ଖଣି ଇସ୍ପାତ ଓ ବାଣିଜ୍ୟ ପରିବହନ ମନ୍ତ୍ରୀ, ବ୍ରହ୍ମପୁର ଏମ୍‌ପି, ବ୍ରହ୍ମପୁର ଆଇଜର ନିର୍ଦ୍ଦେଶକ, ମୁଖ୍ୟ ଯନ୍ତ୍ରୀ ସିପିଡବ୍ଲୁଡି ଓ ଶ୍ରମ ଆୟୁକ୍ତଙ୍କ ନିକଟକୁ ଡାକ ଓ ମେଇଲ ଯୋଗେ ଗାରମପେଟା ଗ୍ରାମର ଏସ ରାଜା ରାଓ ଅଭିଯୋଗ ପତ୍ର ପଠାଇଛନ୍ତି। ସୂଚନାନୁସାରେ ରଙ୍ଗେଇଲୁଣ୍ଡା ବ୍ଲକ୍ ଅଧିନସ୍ଥ ଲୌଡ଼ିଗାଁ ନିକଟରେ ଆଇଜର ଶିକ୍ଷାନୁଷ୍ଠାନ ନିର୍ମାଣ କାର୍ଯ୍ୟ ଜାରି ରହିଛି। ପ୍ରାୟ ୮୦ ଶତକଡାରୁ ଊର୍ଦ୍ଧ୍ୱ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ସୂଚନା ମିଳିଛି। ନିର୍ମାଣ କାର୍ଯ୍ୟରେ ନିମ୍ନମାନର ସିମେଣ୍ଟ, ଇଟା ବ୍ୟବହାର କରାଯିବା ସହ ୫୦ ଶତକଡା ସମୁଦ୍ର ବାଲି ଓ କ୍ରସର ଡଷ୍ଟ ଗୁଣ୍ଡ ବ୍ୟବହାର କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏହି ଶିକ୍ଷାନୁଷ୍ଠାନ ସାମୁଦ୍ରିକ ଅଞ୍ଚଳରେ ଗଢ଼ି ଉଠିଥିବାରୁ କୋଠାର ଗୁଣବତ୍ତା ନଥିଲେ ସାମୁଦ୍ରିକ ଝଡ଼ରେ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି ବୋଲି ଅଭିଯୋଗପତ୍ରରେ ରାଜାରାଓ ଉଲ୍ଲେଖ କରିଛନ୍ତି। ପିଲର ଗୁଡ଼ିକରେ ଲୁହା ରଡ଼ ନିମ୍ନମାନର ଓ ସଠିକ ପାଣି ମଧ୍ୟ ଦିଆଯାଉ ନାହିଁ। କାର୍ଯ୍ୟର ଗୁଣବତ୍ତା ରହୁ ନ ଥିବା ନେଇ ରାଜା ରାଓ ପୂର୍ବରୁ ବହୁବାର ଅଭିଯୋଗ କରିଥିଲେ। ସରକାରୀ ନିୟମାନୁସାରେ ମହିଳା ଓ ପୁରୁଷ ଶ୍ରମ ମୂଲ୍ୟ ମଧ୍ୟ ପ୍ରଦାନ କରାଯାଉନାହିଁ। ଏଥିରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ସେ ଅଭିଯୋଗ କରିଛନ୍ତି। କୋଠା ନିର୍ମାଣ ପାଇଁ ସିଏସ୍‌ଆର୍ ପାଣ୍ଠି ୧୫୦୦ କୋଟି ବ୍ୟୟ ବରାଦ ହୋଇଥିବା ବେଳେ ନିକଟବର୍ତ୍ତୀ ଗ୍ରାମଗୁଡ଼ିକର ବିକାଶ ପାଇଁ ଅତିରିକ୍ତ ବ୍ୟୟବରାଦ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ପ୍ରକାର ବିକାଶମୂଳକ କାର୍ଯ୍ୟ ହୋଇନାହିଁ। ଆଇଜର ଶିକ୍ଷାନୁଷ୍ଠାନ ନିର୍ମାଣ କାର୍ଯ୍ୟରେ ବାହାର ଲୋକଙ୍କୁ ନିଯୁକ୍ତି ଦିଆଯାଇଥିଲେ ମଧ୍ୟ ସ୍ଥାନୀୟ ଲୋକଙ୍କୁ ଯୋଗ୍ୟତା ଆଧାରରେ ନିଯୁକ୍ତି ଦିଆଯାଇନାହିଁ।ତେଣୁ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବାକୁ ସେ ଦାବି କରିଛନ୍ତି।


**GOVERNMENT OF ODISHA** No.O-776

**OFFICE OF THE EXECUTIVE ENGINEER RURAL WORKS ELECTRICAL DIVISION BHUBANESWAR**

E-Mail : eerwel_bbsr@yahoo.co.in

**e-Procurement Notice NO - EERWELBBSR - 14/2025-26**

| | | |
|---|---|---|
| 1 | Name of the work | (i) EI to Provision of New Video Conferencing System & Glow Sign Board at O/o Executive Engineer, RW Division, Puri-**7.14 lakhs** (ii) EI to Provision of New Video Conferencing System, Conventional LA, DG Set & Glow Sign Board at 0/0 Executive Engineer RW Division Nimapara- **20.17 lakhs,** (iii) EI to Provision of New Video Conferencing System, Conventional LA & Glow Sign Board at Olo Executive Engineer, RW Division, Nayagarh-**13.44 lakhs** (iv) SITC of 20KVA DG Set, LA, CCTV Camera & Glow Sign Board to RW Circle office Kendrapara-Jajpur at Chandikhole & RW Division Jajpur-II-**26.89 lakhs** (v) SITC of 20KVA DG Set & Glow Sign Board to RW Division office at Kendrapara-I & RW Division office at Kendrapara-II-**20.30lakhs** |
| 2 | Estimated Cost | From **23.56 lakhs** to **39.27 lakhs** (Excluding GST) |
| 3 | Period of completion | **180** days |
| 4 | Date and time of availability of Bid documents in the portal | From Dt.**18.09.2025** at 12.00 A.M. to Dt.**03.10.2025** up to 5.00 P.M. |
| 5 | Date & Time of opening of tender | Dt.**04.10.2025** at 01:00 P.M. |
| 6 | Procurement officer/Name and address of the officer inviting Bids | Executive Engineer, R.W EL.Divn. BBSR At - 1st floor of Divn. Complex, Rasulgarh Behind Esplanade Mall. Dist. - Khordha, Odisha, Pincode-751010 |

Further details can be seen from the Govt. Website www.tenderorissa.gov.in

Sd./- Executive Engineer, Rural work Electrical Division, Bhubaneswar

OIPR-25168/11/0019/2526



**GOVERNMENT OF ODISHA** No.O-744

**OFFICE OF THE EXECUTIVE ENGINEER RURAL WORKS ELECTRICAL DIVISION BHUBANESWAR**

E-Mail : eerwel_bbsr@yahoo.co.in

**e-Procurement Notice NO - EERWELBBSR - 12/2025-26**

| | | |
|---|---|---|
| 1 | Name of the work | (i) Provision of Conventional Lighting Arrestor, DG Set and Glow Sign Board at RW Division Bhadrak-I and Bhadrak-II.-37.56 lakhs (ii) Provision of Conventional Lighting Arrestor, DG Set and Glow Sign Board, AC, Solar Light and Video Conferencing at RW Division Balasore-I and Balasore-II-39.27 lakhs (iii) Provision of Conventional Lighting Arrestor, DG Set and Glow Sign Board, AC, Solar Light and Video Conferencing at RW Circle Balasore-23.56 lakhs (iv) Provision of Conventional Lightning Arrestor, DG Set and Glow Sign Board, AC, Solar Light and Video Conferencing at RW Division Jaleswar - 29.39 lakhs |
| 2 | Estimated Cost | From **23.56 lakhs** to **39.27 lakhs** (Excluding GST) |
| 3 | Period of completion | **180** days |
| 4 | Date and time of availability of Bid documents in the portal | From Dt.**16.09.2025** at 12.00 A.M. to Dt.**24.09.2025** up to 5.00 P.M. |
| 5 | date & Time of opening of tender | Dt.**25.09.2025** at 01:00 P.M. |
| 6 | Procurement officer/Name and address of the officer inviting Bids | Executive Engineer, R.W EL.Divn. BBSR At - 1st floor of Divn. Complex, Rasulgarh Behind Esplanade Mall. Dist. - Khordha, Odisha, Pincode-751010 |

Further details can be seen from the Govt. Website www.tenderorissa.gov.in

Sd./- Executive Engineer, Rural work Electrical Division, Bhubaneswar

OIPR-25168/11/0016/2526



**OFFICE OF THE TRANSPORT COMMISSIONER-CUM-CHAIRMAN STATE TRANSPORT AUTHORITY, ODISHA, CUTTACK**

**TENDER CALL NOTICE**

Notice No: 13679 Date- 13/09/2025

**No.JJ-50** : Sealed tenders are invited for a Request for Proposal (RFP) For "Selection of Transport Management Company (TMC) For 84th Annual Session of The Indian Road Congress at Bhubaneswar by the office of Transport Commissioner for online submission latest by **04/10/2025, 04:00 PM.**

For details, please visit the websites www.odishatransport.gov.in and www.enivida.odisha.gov.in. The RFP will be available on the websites from 15/09/2025.

By the orders of Transport Commissioner, Odisha
Sd./- Joint Commissioner, Transport (Tech.) STA, Odisha, Cuttack

OIPR-38003/11/0090/2526



**WATCO**

**OFFICE OF THE GENERAL MANAGER, WATCO DIVISION-I, BHUBANESWAR,**

Vanivihar Square, Bhubaneswar-751022, Odisha, India
Telefax : +91-674-2542821 E-mail - gmdivonewatco@gmail.com

No.C-1048

**NATIONAL COMPETITIVE BIDDING THROUGH e-PROCUREMENT**

Invitation For Bids (IFB)

GMWATCO-I/47/ 2025-26 Dt.10.09.2025

| | | |
|---|---|---|
| 01 | Name of the work | : **04 Nos. (Four nos works)** |
| 02 | Estimate cost | : Rs.10.00 Lakhs to 24.61 Lakhs |
| 03 | Period of completion | : 60 days |
| 04 | Class of contractor | : "B, C & D" Class |
| 05 | Date & Time of availability of bid document in the portal | : From 11.00 A.M. of Dt.17.09.2025 to 5.00 P.M. of 03.10.2025 |
| 06 | Last date / time of receipt of bids in the portal | : 5.00 P.M. of 03.10.2025 |
| 07 | Date & Time of opening of bids | : AT 12.30 P.M. of 04.10.2025 |
| 08 | Name and address of the Officer Inviting Bid | : General Manager WATCO Division-I, BBSR |

Further details can be seen from the e-Procurement portal "https://www.tendersorissa.gov.in"

Sd./- GENERAL MANAGER, WATCO DIVISION-I, BHUBANESWAR

OIPR-13083/11/0018/2526



**GOVERNMENT OF ODISHA** No.O-757

**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, CUTTACK**

e-mail : serw_ctc@yahoo.com

No. Tender Online RWC-19/2025 **e-Procurement NOTICE** Letter No. 3169 Date : 09.09.2025

1. Name of the work : Construction of **Road & Building** works.
2. Class of contractor
   c) Estimated cost more than Rs.6.00 Crore & upto Rs.50.00 Crore : Special Class (of Odisha PWD) & relevant class of other licensing authorities.
   d) Estimated cost more than Rs.1.00 Crore & upto Rs.20.00 Crore : A Class (of Odisha PWD) & relevant class of other licensing authorities.
   c) Estimated cost more than Rs.20.00 Lakh & upto Rs.3.00 Crore : B Class (of Odisha PWD) & relevant class of other licensing authorities.
3. Time for Completion : As specified in the **Column-7 of the Annexure.**
4. Detail Projects : **As per Annexure attached**
5. Other Details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 1 | 2 |
| Chief Construction Engineer, Rural Works Circle, Cuttack | Tender Online RWC-19/25 | 16.09.2025 at 11.30 A.M. | 03.10.2025 up to 05.00 P.M. | 03.10.2025 up to 02.00 P.M. | 04.10.2025 at 11.30 A.M. | Will be intimated later |

Further details can be seen from the website www.tendersodisha.gov.in

Sd./- Chief Construction Engineer, Rural Works Circle, Cuttack

OIPR-25097/11/0032/2526



**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**

(ଗ୍ରାମ୍ୟ/ପୋଷ୍ଟ-ଆୟପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର-୭୬୦୦୧୧, ଗଞ୍ଜାମ, ଓଡ଼ିଶା)

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**

At/PO-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail: serwbpr2004@yahoo.com, Tel. No.-0680-2404287)

No.O-714:

**NATIONAL COMPETITIVE BIDDING THROUGH e-Procurement**
**Bid Identification No.Online Tender/25-2025-26/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online_Tender/ 25-2025-26/BPR | Bridge work under SETU BANDHANA YOJANA (SBY) & Road Works under MMSY-TRIP | 03 Nos. | From Rs.318.43 Lakhs to Rs.533.44 Lakhs | "A" Class as applicable | Period of Completion as provided as per Col. No.5 of Annexure of NIT |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender/25-2025-26/BPR | 18.09.2025 at 10.00 A.M. | 04.10.2025 upto 5.30 P.M. |

(i) EMD/ Bid Security, Cost of Bid Document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website:- www.tendersodisha.gov.in

OIPR-25071/11/0128/2526 Sd./- Chief Construction Engineer, R.W.Circle, Berhampur

## ପୋଲିସ କର୍ମଚାରୀଙ୍କ ପରଲୋକ

ବରୀ,୧୪ା୯(ମହେନ୍ଦ୍ର ସ୍ୱାଇଁ)

ବରୀ ବ୍ଲକ ଅଧୀନ ବାଙ୍ଗିରିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଶ୍ୱନାଥ ନାୟକଙ୍କ ବଡ଼ପୁଅ ସୂର୍ଯ୍ୟକାନ୍ତ ନାୟକ(୩୨)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସୂର୍ଯ୍ୟକାନ୍ତ ଓଡ଼ିଶା ପୋଲିସରେ ଯୋଗଦେଇ କୋରାପୁଟ ଜିଲାର ଇଣ୍ଡିଆନ ରିଜର୍ଭ ବାଟାଲିୟନରେ କାର୍ଯ୍ୟରତଥିଲେ। ରବିବାର ସକାଳେ ନିଜ କାର୍ଯ୍ୟରେ ଯୋଗଦେବାକୁ ବାଇକ ଯୋଗେ ଯାଉଥିବାବେଳେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ନିକଟସ୍ଥ ଏକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ସୂର୍ଯ୍ୟକାନ୍ତ ନିଜ ଅଞ୍ଚଳର ସମସ୍ୟା ସମାଧାନ କରିବା ସହ ବିଭିନ୍ନ ସଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ଜଣେ ମେଳାପୀ ବ୍ୟକ୍ତି ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କର ଏକ ବର୍ଷର ପୁଅ ରହିଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ପୂର୍ବତନ ବିଧାୟିକା ସୁନନ୍ଦା ଦାସ, ଭାଜପା ନେତା ଉମେଶ ଜେନା, ବ୍ଲକ ଅଧ୍ୟକ୍ଷ ଅଶୋକ ଗେଡ଼ି, ପୂର୍ବତନ ଭାଜପା ସଭାପତି ଆଶୁତୋଷ ପରିଡ଼ା, ଜିଲା ପରିଷଦ ସଭ୍ୟ ଦିଲୀପ ମହାନ୍ତି ଓ ସରପଞ୍ଚ ସଂଘ ସଭାପତି ପ୍ରସନ୍ନ ସାମଲ ଶୋକବ୍ୟକ୍ତ କରିଛନ୍ତି।

## ଗଞ୍ଜେଇ ଜବତ, ଯୁବକ ଗିରଫ

କଳିଙ୍ଗନଗର,୧୪ା୯(ଶୁଭାଶିଷ ରାଉତ)

କଳିଙ୍ଗନଗର ପୋଲିସ ସ୍ଥାନୀୟ ଢୋଲପଥର ଅଞ୍ଚଳରୁ ୨କିଲୋ ୪୫୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏଥିସହିତ ଏହି କାରବାର ଚଳାଉଥିବା ବରୀ-ରାମଚନ୍ଦ୍ରପୁର ଥାନା ଆନନ୍ଦପୁର ଗ୍ରାମର ବିଜୟ ବେହେରା(୨୪)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ବିଜୟ ଟାଟା କାରଖାନା ସମ୍ମୁଖ ଏକ କ୍ୟାବିନରେ ଏହି କାରବାର ଚଳାଇ ଆସୁଥିଲେ। ସେ ସିଗାରେଟ ଭିତରେ ଗଞ୍ଜେଇ ଭର୍ତ୍ତି କରି ବିକ୍ରି କରୁଥିଲେ।

## ବଜ୍ରଗିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଫାଷ୍ଟ ଏଡ୍ ଦିବସ

କାଏମା,୧୩ା୯
(ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ବ୍ଲକ କୋଟପୁର ପଞ୍ଚାୟତର ବଜ୍ରଗିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଫାଷ୍ଟ ଏଡ୍ ଦିବସ ପାଳିତ ହୋଇଯାଇଛି। ଯୁଥ୍ ରେଡ୍‌କ୍ରସ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କାଉନସେଲର ସନ୍ତୋଷ କୁମାର ଦାଶ ଆୟୋଜନ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଭାସ ଚନ୍ଦ୍ର ଚୋଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭା ଓ ପ୍ରଶିକ୍ଷଣ ଶିବିରରେ କୋଟପୁର ପ୍ରାଥମିକ ଚିକିତ୍ସାଳୟର ଫାର୍ମାସିଷ୍ଟ ଆଶୁତୋଷ ଦାସ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଫାଷ୍ଟ ଏଡ ଉପରେ ଶିକ୍ଷା ଦେବା ସହିତ ପ୍ରାକ୍ଟିକାଲ କରି ଦେଖାଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ ଭାଗ ନେଇଥିଲେ।

# ଆମ ବ୍ୟାଙ୍କରେ ତାଲା

- ହତାଶ ହେଉଛନ୍ତି ହିତାଧିକାରୀ
- ସରକାର ଦୃଷ୍ଟିଦେବାକୁ ଦାବି

ଧର୍ମଶାଳା,୧୪ା୯
(ବଟକୃଷ୍ଣ ପରିଡ଼ା)



ଧର୍ମଶାଳା ଅଞ୍ଚଳରେ ଥିବା ଆମ ବ୍ୟାଙ୍କ କାର୍ଯ୍ୟାଳୟ।

ଯାଜପୁର ଜିଲାର ପ୍ରାୟ ସମସ୍ତ ପଞ୍ଚାୟତରେ ଖୋଲା ଯାଇଥିବା ଆମ ବ୍ୟାଙ୍କରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ଖାଲି ସେତିକି ନୁହେଁ, ଏହା ଭିତରେ ସରକାରୀ ସହାୟତା ଭାବେ ଯୋଗାଇ ଦିଆଯାଇଥିବା ବିଭିନ୍ନ ଉପକରଣ ଖରାପ ହୋବାକୁ ଲାଗିଲାଣି। ଦୀର୍ଘ ଦିନ ଧରି ବ୍ୟବହାର ନ ହେବାରୁ ସରକାରଙ୍କ ଟଙ୍କା ଅଯଥା ନଷ୍ଟ ହେଉଛି। ସରକାର ଡିବିଟି ମାଧ୍ୟମରେ ବିଭିନ୍ନ ଯୋଜନାର ସହାୟତା ରାଶି ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ପଠାଉଛନ୍ତି। ଘର ପାଖରେ ବ୍ୟାଙ୍କ ନ ଥିବାରୁ ହିତାଧିକାରୀ ଟଙ୍କା ଉଠାଇବା ପାଇଁ ହଇରାଣ ହେଉଥିବା ସରକାରଙ୍କ ନଜରକୁ ଆସିଥିଲା। ବାର୍ଦ୍ଧକ୍ୟ, ବିଧବା, ବିକଳାଙ୍ଗ ଭତ୍ତା, ଗୃହ ନିର୍ମାଣ ସହାୟତା, ଶ୍ରମିକ କଲ୍ୟାଣ ସହାୟତା, ଏନ୍‌ଆରଇଜିଏସ ମଜୁରୀ, ମମତା ଯୋଜନା ସହାୟତା, ଛାତ୍ର ବୃତ୍ତି ସହାୟତା ଆଦି ଅର୍ଥ ଉଠାଇବା ନିମନ୍ତେ ପ୍ରତି ପଞ୍ଚାୟତରେ ପୂର୍ବ ସରକାର ଆମ ବ୍ୟାଙ୍କ ଖୋଲିଥିଲେ।

ରାଜ୍ୟର ୬୭୯୮ ପଞ୍ଚାୟତ ମଧ୍ୟରୁ ୪୩୭୩ ପଞ୍ଚାୟତରେ ବ୍ୟାଙ୍କ ସୁବିଧା ନ ଥିଲା। ପୂର୍ବ ସରକାର ୨୮ ନଭେମ୍ବର ୨୦୨୩ରେ ପ୍ରଥମ ପର୍ଯ୍ୟାୟରେ ୭୫୦ ଆମ ବ୍ୟାଙ୍କ ଖୋଲିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ୨୯ ଫେବୃଆରୀ ୨୦୨୪ରେ ଆଉ ୨ ହଜାର ପଞ୍ଚାୟତରେ ଏହି ବ୍ୟାଙ୍କ ଖୋଲାଯାଇଥିଲା। ସମସ୍ତ ପଞ୍ଚାୟତରେ ଆମ ବ୍ୟାଙ୍କ ପାଇଁ ଗୃହ ନିର୍ମାଣ ସହ ଆବଶ୍ୟକ ସୁବିଧା ଯୋଗାଇ ଦିଆଯାଇଥିଲା। ବିଭିନ୍ନ ବିଦ୍ୟୁତ୍‌ଉପକରଣ, ଇଣ୍ଟରନେଟ ଏବଂ ବ୍ୟାଙ୍କ ବିଜିନେସ କରସେପଣ୍ଡେଣ୍ଟଙ୍କୁ ନିଯୁକ୍ତି ଦିଆଯାଇଥିଲା। ବିଜିନେସ କରସେପଣ୍ଡେଣ୍ଟମାନେ ଉକ୍ତ କାର୍ଯ୍ୟାଳୟରେ ବସି କିଛି ମାସ କାର୍ଯ୍ୟ ମଧ୍ୟ କରିଥିଲେ। ବ୍ୟାଙ୍କଗୁଡ଼ିକରେ ୧୫ ସେବା ଉପଲବ୍ଧ କରାଯାଇଥିଲା। ଲୋକମାନେ ଉପକୃତ ମଧ୍ୟ ହେଉଥିଲେ।

ମାତ୍ର ନୂଆ ସରକାର କ୍ଷମତାକୁ ଆସିବା ପରେ ପୂର୍ବ ସରକାରଙ୍କର ଏହି ଲୋକାଭିମୁଖୀ ଯୋଜନାକୁ ଅଣଦେଖା କରିଥିଲେ। ଫଳରେ ଓଡ଼ିଶାରେ ଖୋଲା ଯାଇଥିବା ମୋ ବ୍ୟାଙ୍କ ଗୁଡ଼ିକ ଏକ ପ୍ରକାର ଅଚଳ ହୋଇଯାଇଛି। ସରକାର ବିପୁଳ ଟଙ୍କା ଖର୍ଚ୍ଚ କରି ଲୋକଙ୍କୁ ଘର ପାଖରେ ସୁବିଧା ପହଞ୍ଚାଇ ଦେବା ପାଇଁ ଯୋଜନା କରିଥିଲେ ମଧ୍ୟ ତାହା ଫଳପ୍ରଦ ହୋଇ ପାରିନାହିଁ। ବ୍ୟାଙ୍କ ନ ଥିବା ପଞ୍ଚାୟତର ହିତାଧିକାରୀ ୧୦ରୁ୧୫ କିଲୋମିଟର ଦୌଡୁଛନ୍ତି। ବୃଦ୍ଧା, ବୃଦ୍ଧ, ଗର୍ଭବତୀ, ବିକଳାଙ୍ଗ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାର ଏ ଦିଗରେ ଦୃଷ୍ଟିଦେବାକୁ ଦାବି ହୋଇଛି।

# କଳିଙ୍ଗ ଭାରତୀ ଚିରସବୁଜ ଗୀତ ସଂଗୀତ ସନ୍ଧ୍ୟା ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ଯାଜପୁର ଟାଉନ,୧୪ା୯
(ପ୍ରଯଜ୍ଞା ପ୍ରିୟଦର୍ଶନୀ ମହାନ୍ତି)

ଯାଜପୁରଟାଉନ ଗୌତମବୁଦ୍ଧ ସଂସ୍କୃତି ଭବନ ପରିସରରେ କଳିଙ୍ଗ ଭାରତୀ ଫୋକ ଡ୍ୟାନ୍ସ ଆଣ୍ଡ ମ୍ୟୁଜିକ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଚିର ସବୁଜ ସଂଗୀତ ସନ୍ଧ୍ୟା ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତଥା ଖବରଦାତା ହରିହର ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଭୂଲେଖ ବନ୍ଦୋବସ୍ତ ଅତିରିକ୍ତ ଆୟୁକ୍ତ ଅକ୍ଷୟ କୁମାର ମଲ୍ଲିକ, ମୁଖ୍ୟବକ୍ତା ଭାବେ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ବିଶିଷ୍ଟ ଅତିଥି ଭାବେ ଯାଜପୁର ଜିଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ବଟକୃଷ୍ଣ ସ୍ୱାଇଁ ଓ ଅନୁଷ୍ଠାନର ଉପଦେଷ୍ଟା ସୁବାସ ଚନ୍ଦ୍ର ପାଣି ପ୍ରମୁଖ ଯୋଗ ଦେଇଥିଲେ।

ଅନୁଷ୍ଠାନର ସମ୍ପାଦକ କୈଳାଶ ଚନ୍ଦ୍ର ବେହେରା ବିବରଣୀ ପାଠ କରିବା ସହ ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସୁବାସ ପାଣି, କୈଳାଶ ଚନ୍ଦ୍ର ବେହେରା, ମିସ୍ ମିନାକ୍ଷୀ, ସୀମାରାଣୀ, ମୋନାଲିସା, ଅର୍ଚ୍ଚିତା ପ୍ରମୁଖଙ୍କ ସଂଗୀତ ପରିବେଷଣରେ ଦର୍ଶକ ଝୁମିଥିଲେ। କାର୍ଯ୍ୟକ୍ରମରେ ଯାଜପୁର ସେନା ସଂଘର ସଭାପତି ରବି ନାରାୟଣ ସାହୁ, ଯାଜପୁର ଜିଲା ଶିକ୍ଷାଧିକାରୀ ମହେଶ୍ୱର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଖବରଦାତା ମନୀଷା ରାଉତ ମାନପତ୍ର ପାଠ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ସ୍ମୃତି କର ଧନ୍ୟବାଦ ଦେଇଥିଲେ।

# ଚୁଲି ନିଆଁରେ ୨ ବଖରା ଜଳିଗଲା

ରସୁଲପୁର,୧୪ା୯
(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଅନ୍ତର୍ଗତ ଗନ୍ଧଣ ପଞ୍ଚାୟତ ତୁଳସୀପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟିଛି। ଚୁଲି ନିଆଁରୁ ଗ୍ରାମର ଚନ୍ଦ୍ରଶେଖର ପୁହାଣଙ୍କ ୨ ବଖରା ଘର ଜଳିଯାଇଛି। ଘରେ ଥିବା ଆସବାସପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ରସୁଲପୁର ଦମକଳ ବାହିନୀ କର୍ମଚାରୀଙ୍କ ନିଆଁକୁ ଆୟତ କରିଛନ୍ତି।


ନିଆଁ ଲିଭାଯାଉଛି।

ରୋଷେଇ ଘର ଚୁଲିରେ ଖାଦ୍ୟ ରନ୍ଧା ଯାଉଥିବା ସମୟରେ ଚୁଲିରୁ ନିଆଁ ଝୁଲ ଉଡି ଚାଳକୁ ଛୁଇଁଥିଲା। ଉକ୍ତ ନିଆଁରେ ଚନ୍ଦ୍ରଶେଖରଙ୍କ ବାସଗୃହ ଜଳିଥିଲା। ଏ ସମ୍ପର୍କରେ ପରିବାର ପକ୍ଷରୁ ରସୁଲପୁର ଦମକଳ କେନ୍ଦ୍ରକୁ ଖବର ଦିଆଯାଇଥିଲା। ଦମକଳ ବାହିନୀ କର୍ମଚାରୀ ଠିକ୍ ସମୟରେ ପହଞ୍ଚି ନିଆଁକୁ ଆୟତ କରିବାରୁ ଘରଟି ସମ୍ପୂର୍ଣ୍ଣ ଜଳିବାରୁ ରକ୍ଷା ପାଇ ପାରିଥିଲା। ବିପନ୍ନ ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି ହୋଇଛି।

## ଭାରସାମ୍ୟ ହରାଇ ଗଛରେ ପିଟିହେଲା ଟ୍ରକ୍

କାଳିଆପାଣି,୧୪ା୯(ଅସିତ ମହାନ୍ତ)

ଯାଜପୁର ଜିଲାର କ୍ରୋମନଗର ଅଞ୍ଚଳକୁ କ୍ରୋମାଇଟ ଲୋଡିଂ କରିବାକୁ ଆସିଥିବା ଏକ ଟ୍ରକ ରବିବାର ଟମକା-ମଙ୍ଗଳପୁର ରାସ୍ତାର ଓସ୍ତପାଳ ନିକଟରେ ଭାରସାମ୍ୟ ଦୁର୍ଘଟଣାଗ୍ରସ୍ତ ହୋଇଛି। ଟ୍ରକ୍ ଓଆର୦୯ଏଫ୍୦୯୭ ରାସ୍ତା ତଳକୁ ଖସି ଏକ ଗଛରେ ପିଟି ହୋଇଯିବାରୁ ସାମ୍ନା ବନେଷ୍ଟ ନଷ୍ଟ ହୋଇଯାଇଛି। ଚାଳକ ବର୍ତ୍ତି ଯାଇଛନ୍ତି। ଏପରି ଘଟଣା ଖଣି ଅଞ୍ଚଳରେ ପ୍ରତିଦିନ ଦେଖିବାକୁ ମିଳୁଛି। ପରିବହନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଲେ ଦୁର୍ଘଟଣା କମି ପାରନ୍ତା ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

# ମା’ ବିରଜାଙ୍କ ଶାରଦୀୟ ପୂଜୋତ୍ସବ ଆରମ୍ଭ

ଯାଜପୁର ସଦର,୧୪ା୯
(ସମର ବିଜୟ ଶରଣ)

ଦୁର୍ଗା ପୂଜା ଅବସରରେ ରବିବାରଠାରୁ ମା’ବିରଜାଙ୍କ ଶାରଦୀୟ ପୂଜା ଆରମ୍ଭ ହୋଇଛି। ଷୋଡ଼ଶୋପଚାର ପୂଜାର ପଥମ ଦିନରେ ଘଟ ନିମଜ୍ଜନ, ଘଟ ସ୍ଥାପନ ହୋଇଛି। ନିତ୍ୟ ସ୍ନାନ, ବେଶ ଓ ନୀତି ପରେ ପହଡ଼ କରାଯାଇଥିଲା। ପହଡ଼ ଖୋଲା ହେବା ପରେ ସନ୍ଧ୍ୟା ଆଳତୀ କରାଯାଇଥିଲା। ପରେ ଆରମ୍ଭ ହୋଇଥିଲା ପୂଜା। ରାତି ୭ଟା ୪୫ରେ ମନ୍ଦିର ଗର୍ଭ ଗୃହରୁ ମୁଖ୍ୟ ପୂଜକ, ପୁରୋଧା, ଆର୍ଶା, ସମୀଦ୍ଧ, ଛତ୍ର, ତରାଶ, ଘଣ୍ଟ ବାଦ୍ୟ ସହିତ ସମସ୍ତେ ଏକ ଶୋଭାଯାତ୍ରାରେ ଯାଇ ବ୍ରହ୍ମାକୁଣ୍ଡରେ ପହଞ୍ଚିଥିଲେ। ମୁଖ୍ୟ ପୂଜକ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ସୁଜିତ୍ କର ସ୍ନାନ, ତର୍ପଣ, ସଂକଳ୍ପ କରି ସାରିବା ପରେ ଏକ କଳସରେ ଜଳ ଧରି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ରାତ୍ର ୯ଟା ୩୦ରେ ମହାସ୍ନାନ ଓ ବଡ଼ ସିଂହାର ବେଶ କରାଯାଇଥିଲା। ପରେ ଷୋଡ଼ଶୋପଚାର ପୂଜା କରାଯାଇଥିଲା। ଏହିପୂଜା ରାତିସାରା ଚାଲିବାକୁଥିବାରୁ ମନ୍ଦିରର ମୁଖ୍ୟ ଦ୍ୱାର ଖୋଲା ରହିଥିବାର ଜଣାଯାଇଛି।

ମନ୍ଦିରର ସମସ୍ତ ପୁରୋଧା ଉପସ୍ଥିତ ରହି ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଆର୍ଶା ପାଳିଆ ଭାବେ ରଞ୍ଜନ ପାଣି, ସମୀଧ ପାଳିଆ ଭାବେ ଚନ୍ଦ୍ରଶେଖର ପାଣି, ଚରୁ ପାଳିଆ ନଳିନୀକାନ୍ତ ପାଣି, ଲାଖ ପାଳିଆ ଧନଞ୍ଜୟ ପାଣି ଉପସ୍ଥିତ ଦାୟିତ୍ୱ ସମ୍ପାଦନ କରିଥିଲେ। କଳସ ଯାତ୍ରା ଆରମ୍ଭ ସମୟରୁ ମନ୍ଦିର ପରିଚାଳନା କମିଟି ତରଫରୁ ଅତିରିକ୍ତ ତହସିଲଦାର ଅଜୟ ପଣ୍ଡା ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରିଥିଲେ। ସେବାୟତ ପରିଷଦ ତରଫରୁ ସମସ୍ତ ସହଯୋଗ କରାଯାଇଥିଲା। ପରମ୍ପରା ଅନୁଯାୟୀ ଏହି ବ୍ୟବସ୍ଥା ଦଶହରା ପର୍ଯ୍ୟନ୍ତ ଚାଲୁ ରହିବ। ମନ୍ଦିରର କର୍ମଚାରୀ ମଳୟ ପଣ୍ଡା, ସୁଧା ରଞ୍ଜନ ପଣ୍ଡା, ପ୍ରଭାତ ପତି ଉପସ୍ଥିତ ରହି କଳସ ଯାତ୍ରା ଓ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ।

# ମଣ୍ଡଳ ଶିକ୍ଷାଧିକାରୀଙ୍କୁ ସମ୍ବର୍ଦ୍ଧନା


ବିଞ୍ଝାରପୁର ମଣ୍ଡଳ ଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବିଞ୍ଝାରପୁର,୧୪ା୯
(ରାମକୃଷ୍ଣ ଦାସ)

ବିଞ୍ଝାରପୁରସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷକ ପରିବାର ପକ୍ଷରୁ ବିଞ୍ଝାରପୁର ମଣ୍ଡଳ ଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ବିଶ୍ୱାଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଞ୍ଝାରପୁର ବ୍ଲକ ଶିକ୍ଷକ ସଙ୍ଘ ସଭାପତି ରବୀନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ଯୋଗଦେଇ ଶିକ୍ଷାଧିକାରୀ ବିଶ୍ୱାଳ ଜଣେ ଛାତ୍ର ବତ୍ସଳ, ପରୋପକାରୀ ବ୍ୟକ୍ତି ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ତାଙ୍କ କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରିବା ସହ ଆଗାମୀ ଦିନଗୁଡିକ ସୁସ୍ଥ ଓ ନିରାମୟ ହେବା ନିମନ୍ତେ କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରଞ୍ଜିତ କୁମାରୀ ଦାସ, ଅନ୍ୟତମ ଅତିଥିଭାବେ ଶିକ୍ଷକ ନେତା ମନୋରଞ୍ଜନ ଧଳ, ବିଞ୍ଝାରପୁର ସମବାୟ ସମିତି ସଭାପତି ଅଶୋକ କୁମାର ସାହୁ, ଭରତ ଚନ୍ଦ୍ର ନାୟକ, ଭାରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ସେକ ନିଜାମୁଦ୍ଦିନ, ପୂର୍ବତନ ଜିଲାପରିଷଦ ସଭ୍ୟ ସୁଶାନ୍ତ କୁମାର ମିଶ୍ର, କୁମାରସେନ ସେନାପତି ପ୍ରମୁଖ ଉପସ୍ଥିତ ରହି ମଣ୍ଡଳ ଶିକ୍ଷାଧିକାରୀ ବିଶ୍ୱାଳଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର, ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସଭାରେ ଉପସ୍ଥିତ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟତ୍ରୀଙ୍କ ତରଫରୁ ମଧ୍ୟ ଶିକ୍ଷାଧିକାରୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା।

# ସତ୍ୟ, ନିର୍ଭୀକ ଖବର ପରିବେଷଣ କରିବା ଉଚିତ: ମନ୍ତ୍ରୀ

## ବ୍ୟାସ ପ୍ରିଣ୍ଟ ମିଡିଆ ସଂଘର ସପ୍ତମ ବାର୍ଷିକ ଉତ୍ସବ


ବ୍ୟାସ ପ୍ରିଣ୍ଟ ମିଡିଆ ସଂଘର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

ଯାଜପୁରରୋଡ୍,୧୪ା୯
(ପବିତ୍ର ରଞ୍ଜନ ମହାନ୍ତି)

ବ୍ୟାସ୍ ପ୍ରିଣ୍ଟ ମିଡିଆ ଆସୋସିଏଶନର ସପ୍ତମ ବାର୍ଷିକ ଉତ୍ସବ ରବିବାର ପୂର୍ବାହ୍ନରେ ବ୍ୟାସଦେବ ଟାଉନ ହଲ ପରିସରରେ ପାଳିତ ହୋଇଯାଇଛି। ସଂଘ ସଭାପତି ଶରତ ପଥାଳଙ୍କ ସଭାପତିତ୍ୱରେ ଉପଦେଷ୍ଟା ହାରଧନ ବାନାର୍ଜୀ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଘର ସାଧାରଣ ସମ୍ପାଦକ ଚିନ୍ତାମଣି ପାଢ଼ୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସମବାୟ, ହସ୍ତଶିଳ୍ପ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଖବରଦାତାମାନେ ସତ୍ୟ ଓ ନିର୍ଭୀକ ଖବର ପରିବେଷଣ କରିବା ଉଚିତ୍ ବୋଲି କହିଥିଲେ। ସାମ୍ବାଦିକତା ଏକ ବୃତ୍ତି ନୁହେଁ, ଏହା ଏକ ବ୍ରତ ବୋଲି ସେ ପ୍ରକାଶ କରିଥିଲେ। ଏଥିସହିତ ଯାଜପୁରକୁ ଏକ ବିକଶିତ ଜିଲା ଭାବରେ ଗଢି ତୋଳିବା ପାଇଁ ଚେଷ୍ଟିତବୋଲି ମନ୍ତ୍ରୀ କହିଥିଲେ। ବିଶିଷ୍ଟ ଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ ଯୋଗଦେଇ ଖବରଦାତାଙ୍କ ଗୋଟିଏ ଲେଖା ଓ ଫଟୋ ଭିଏତନାମ ଆମେରିକା ଯୁଦ୍ଧ ବନ୍ଦ କରିଦେଇଥିଲା ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ବଡ଼ଖବର ଓ ସମାଲୋଚନା ଖବରକାଗଜର ସମ୍ପାଦକ ଅର୍ଦ୍ଧେନ୍ଦୁ ଦାସ ଯୋଗଦେଇ ଖବରଦାତାମାନେ ସରକାରଙ୍କ ସହ ସାଲିସ କରି ଅନୁଗୃହିତ ହେବା ସାମ୍ବାଦିକତା ବୃତ୍ତି ପାଇଁ କଳଙ୍କ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ ଯୋଗଦେଇ ସମ୍ବିଧାନର ଚତୁର୍ଥ ସ୍ତମ୍ଭ ପାଇଁ ଆମେ ବଞ୍ଚିଛୁ ଓ ପ୍ରକୃତ ସାମ୍ବାଦିକତା ମଣିଷ ଜୀବନରେ ପ୍ରାଣ ପ୍ରତିଷ୍ଠା କରେ ବୋଲି କହିଥିଲେ।

ଏକ ସ୍ଥାୟୀ ଘର ପାଇଁ ପ୍ରିଣ୍ଟ ମିଡିଆର ଦାବିକୁ ୬ ମାସ ମଧ୍ୟରେ ପୂରଣ କରିବାକୁ ଅତିରିକ୍ତ ଜିଲାପାଳ ପ୍ରତିଶ୍ରୁତି ଦେଇଥିବାରୁ ସଂଘ ପକ୍ଷରୁ ତାଙ୍କୁ ସାଧୁବାଦ ଅର୍ପଣ କରାଯାଇଥିଲା। ଅନ୍ୟତମ ସମ୍ମାନିତ ଅତିଥି ବ୍ୟାସନଗର ପୌର ପରିଷଦ ଅଧ୍ୟକ୍ଷ ସୁବାସ ବଳ ଯୋଗଦେଇ ସହରରେ ଖବରଦାତା ଆମ ଭାଇଚାରାକୁ ବଞ୍ଚାଇ ରଖିଛନ୍ତି ବୋଲି କହିଥିଲେ।


ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷ ଭାବେ ଖବରଦାତା ବାବୁରାମ ଜେନା, ସୁଜିତ ମଲ୍ଲିକ, ଶିକ୍ଷାବିତ୍ ଶ୍ୟାମସୁନ୍ଦର ପଣ୍ଡା, ନାରୀନେତ୍ରୀ ଅରୁନ୍ଧତୀ ପରିଡ଼ା, ପୃଷ୍ଟି ଅଳଙ୍କାର ଜୁଏଲର୍ସ ବ୍ୟବସାୟ ପ୍ରତିଷ୍ଠାନ, ଶିଳ୍ପଦ୍ୟୋଗୀ ଦୈତାରୀ ଧଳ, କ୍ରୀଡ଼ାବିତ ସମ୍ମିତ ମହାନ୍ତି, ଯୁବସାମାଜିକ କର୍ମୀ ଅଭିଳାଷ ବୋଇତାଇ ଓ ଖବରକାଗଜ ବିକ୍ରେତା ପଦ୍ମନାଭ ବେହେରା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କବୟିତ୍ରୀ ଜାନକୀ ପଣ୍ଡାଙ୍କ ‘ବଣମଲ୍ଲୀ’ର ମହକ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ସଂଘର ବରିଷ୍ଠ ଉପଦେଷ୍ଟା ବାବୁରାମ ଜେନା, ସଂଗଠନ ସମ୍ପାଦକ ଉମାକାନ୍ତ ରାଉତ, ଉପସଭାପତି ପ୍ରଦ୍ୟୁମ୍ନ ବୋଇତାଇ, ଯଜ୍ଞଦତ୍ତ ତ୍ରିପାଠୀ, ସହସମ୍ପାଦକ ଭାରତ ରାଉତ ଓ ବିଶ୍ୱରଂଜନ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପବିତ୍ର ରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।



# ରାସ୍ତାଠୁ ସ୍ୱାସ୍ଥ୍ୟସେବା, ସବୁଠି ସମସ୍ୟା

■ବିଧାନସଭା ସତ୍ତା ହରାଇ ଅବହେଳିତ ପଟ୍ଟାମୁଣ୍ଡାଇ
■ସରକାରୀ କାର୍ଯ୍ୟରେ ଯନ୍ତ୍ରୀ, କର୍ମଚାରୀ ଅଭାବ

ପଟ୍ଟାମୁଣ୍ଡାଇ, ୧୪ା୯ (କଳ୍ପତରୁ ନାୟକ)




ଦେଶ ସ୍ୱାଧୀନତା ପରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ବିଧାନସଭା ଆସନ ପଟ୍ଟାମୁଣ୍ଡାଇ ନିର୍ବାଚନମଣ୍ଡଳୀ ଗୁରୁତ୍ୱ ବହନ କରିଆସୁଥିଲା। ବିଜେଡି ସରକାର ସମୟରେ କେତେକ ଚକ୍ରାନ୍ତକାରୀ ନେତାଙ୍କ ଯୋଗୁ ୨୦୦୮ର ଆଂଶିକ ସୀମା ପୁନଃ ନିର୍ଦ୍ଧାରଣ କରାଯାଇ ପଟ୍ଟାମୁଣ୍ଡାଇ ଆସନକୁ ଭାଗ ଭାଗ କରି ରାଜନଗର, କେନ୍ଦ୍ରାପଡ଼ା ଓ ଆଳି ବିଧାନସଭା ଆସନରେ ମିଶାଇ ଦିଆଯାଇଛି। ଫଳରେ ପଟ୍ଟାମୁଣ୍ଡାଇ ଭାରତ ମାନଚିତ୍ରରୁ ତା'ର ବିଧାନସଭା ସତ୍ତା ହରାଇ ସବୁକ୍ଷେତ୍ରରେ ଅବହେଳିତ ହୋଇପଡ଼ିଛି। ରାସ୍ତାଘାଟରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ନାନାଦି ସମସ୍ୟା ରହିଛି। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପରୁ ବାଦ୍ ଦିଆଯାଉଛି। କେବଳ ରାଜନଗର ଉନ୍ନତି ପାଇଁ ପଟ୍ଟାମୁଣ୍ଡାଇକୁ ବ୍ୟବହାର କରାଯାଉଛି। ପଟ୍ଟାମୁଣ୍ଡାଇ ଅଞ୍ଚଳର ଉନ୍ନତିମୂଳକ କାର୍ଯ୍ୟ ସବୁ ଫଳକରେ ସୀମିତ ରହିଛି। ଯେଉଁ କିଛି ଉନ୍ନତୀକରଣ କାର୍ଯ୍ୟ ହେଉଛି, ତାହା ପୂର୍ବ ସରକାର ବେଳରୁ ବର୍ତ୍ତମାନର ସରକାର ଏକ ଗତାନୁଗତିକ ଧାରାରେ ଚଳାଇଛନ୍ତି। ସାଧାରଣ ଭାବେ ରାଜ୍ୟ ସରକାରଙ୍କ ସାମଗ୍ରିକ ଭାବେ କରାଯାଉଥିବା ଉନ୍ନତିମୂଳକ କାର୍ଯ୍ୟ ବ୍ୟତୀତ ପଟ୍ଟାମୁଣ୍ଡାଇ ପାଇଁ ନା ଶାସକ କିମ୍ବା ବିରୋଧୀଙ୍କର କୌଣସି ସ୍ୱତନ୍ତ୍ର ଦୃଷ୍ଟିଭଙ୍ଗୀ ନାହିଁ। ଏଭଳି ଆତ୍ମ ପ୍ରବଞ୍ଚନାର ଶିକାର ପଟ୍ଟାମୁଣ୍ଡାଇର ଜନସାଧାରଣ ହେଉଛନ୍ତି।

ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚ, ସ୍ୱାଭିମାନୀ ମଞ୍ଚ, ଚାଷୀ ମୂଲିଆ ସଙ୍ଗଠନ, ଉତ୍କଳମଣି ଯୁବକ ସଂଘ, ନବଦିଗନ୍ତ ସାମାଜିକ ସଙ୍ଗଠନର କର୍ମକର୍ତ୍ତା କହିଛନ୍ତି, କେନ୍ଦ୍ରାପଡ଼ା ଜିଲାର ଦ୍ୱିତୀୟ ବୃହତ୍ତମ ସହର ଅଘୋଷିତ ସବ୍-ଡିଭିଜନ ପଟ୍ଟାମୁଣ୍ଡାଇ ବ୍ଲକ, ପୌରାଞ୍ଚଳ, ରାଜନଗର ଓ କେନ୍ଦ୍ରାପଡ଼ା ବିଧାନସଭା ଅଧୀନରେ ରହି ସବୁ କ୍ଷେତ୍ରରେ ଚରମ ଅବହେଳାର ଶିକାର ହେଉଛି। ଏଠାରେ ବହୁବର୍ଷ ହେବ ବସ୍‌ଷ୍ଟାଣ୍ଡ ନ ଥିବାବେଳେ ୨୦୨୩ରେ ସାମଗ୍ରିକ ଭାବେ କାର୍ଯ୍ୟ ଚାଲୁରହିଛି। ଶିକ୍ଷାନୁଷ୍ଠାନରେ ଶିକ୍ଷକ ଓ କର୍ମଚାରୀ ଅଭାବ, ଚିକିତ୍ସାଳୟରେ ଡାକ୍ତର ସହ କର୍ମଚାରୀ ଅଭାବ, ୩୫ ବର୍ଷର ପୌରପରିଷଦ ଯୋଜନା ଦୃଷ୍ଟିରୁ ଏଠାରେ ନିର୍ମାଣ ହୋଇଥିବା ଇକୋ ଶୌଚାଳୟ, ଭେଣ୍ଡିଂ ଜୋନ ଆଦି ଅପ୍ରାସଙ୍ଗିକ ହୋଇପଡ଼ିଛି। ବିଭିନ୍ନ ପୋଖରୀ, ଗୋବରୀ ନଦୀ ଜବରଦଖଲକାରୀଙ୍କ ଅଧୀନକୁ ଚାଲିଯାଇଛି। ସହର ଆଲୋକୀକରଣ ଓ ପାର୍କକୁ ଉପଯୋଗୀ କରାଯାଉନାହିଁ। ପଟ୍ଟାମୁଣ୍ଡାଇ ଅଞ୍ଚଳ ଡାକବଙ୍ଗଳା ଶ୍ରୀହୀନ ହୋଇପଡ଼ିଛି। ସୌନ୍ଦର୍ଯ୍ୟକରଣରେ ଅଣଓସାରିଆ ରାସ୍ତା, ବିଦ୍ୟୁତ୍ ଖୁଣ୍ଟ ଆଦି ବାଧା ସୃଷ୍ଟି କରୁଛି। ପୌରାଞ୍ଚଳରେ ବୁଲା ଗୋରୁ ରାସ୍ତାରେ ବୁଲୁଛନ୍ତି। ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ମଲ୍ଟି ଷ୍ଟୋରେଜ ମାର୍କେଟ କମ୍ପ୍ଲେକ୍ସ ଓ ଯଜ୍ଞ ପଡ଼ିଆର ଉନ୍ନତୀକରଣ କାର୍ଯ୍ୟର ଶୁଭ ଦିଆଯାଇଥିଲେ ମଧ୍ୟ ଫଳକରେ ସୀମିତ ହୋଇ ରହିଛି। କେବଳ ରାଜନଗରକୁ ସଂଯୋଗ କରୁଥିବା ବିଭିନ୍ନ ରାସ୍ତାଘାଟ ଏବଂ ନୂତନ ବାଇପାସ୍ ରାସ୍ତା ନିର୍ମାଣ କାର୍ଯ୍ୟ କରାଯାଉଥିବା ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ବିରୋଧୀ ଓ ଶାସକ ଦଳର ନେତାମାନେ ପ୍ରତିବାଦ ନ କରି ସୋସିଆଲ ମିଡିଆରେ ପୋଷ୍ଟ କରି ଆରୋପ ପ୍ରତ୍ୟାରୋପରେ ବ୍ୟସ୍ତ ରହୁଛନ୍ତି। ଅପରପକ୍ଷେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଯନ୍ତ୍ରୀ ଓ କର୍ମଚାରୀ ଅଭାବରୁ ଠିକ୍ ଢଙ୍ଗରେ କୌଣସି କାର୍ଯ୍ୟ ହେଉନାହିଁ। ଅନ୍ୟ କେତୋଟି କାର୍ଯ୍ୟାଳୟରେ କିରାଣି, ଯନ୍ତ୍ରୀ ଓ ଅଫିସରମାନେ ରାଜନେତାଙ୍କୁ ହାତ କରି ୧୦ରୁ ୧୨ବର୍ଷ ଧରି ପଡ଼ିରହି ଅର୍ଥଲୁଟରେ ବ୍ୟସ୍ତ ରହୁଛନ୍ତି। ଅପରପକ୍ଷେ ୧୯୭୭ ମସିହା ପରେ ଦେଶରେ ଲୋକ ସଭା ଆସନ ସଂଖ୍ୟା ବଢ଼ି ନ ଥିବା ବେଳେ କେତେଜଣ ଚକ୍ରାନ୍ତକାରୀ ଏକ ନିର୍ଦ୍ଦିଷ୍ଟ ବିଧାୟକଙ୍କୁ ଗାଦିଚ୍ୟୁତ କରିବାକୁ ୨୦୦୮ରେ ଆଂଶିକ ସୀମା ପୁନଃ ନିର୍ଦ୍ଧାରଣ ହୋଇଥିଲା। ସେତେବେଳେ ପଟ୍ଟାମୁଣ୍ଡାଇ ବ୍ଲକର ଲୋକସଂଖ୍ୟା ଅନ୍ୟ ବ୍ଲକ ତୁଳନାରେ ଢେର ଅଧିକ ଅଛି। କିନ୍ତୁ ୨୦୧୧ ଜନଗଣନାକୁ ଭ୍ରୂକ୍ଷେପ ନ କରି ପଟ୍ଟାମୁଣ୍ଡାଇ ବିଧାନସଭା ଆସନକୁ ବିଲୋପ ଘଟାଇଥିଲେ। ଭବିଷ୍ୟତରେ ଲୋକ ସଭା ଓ ବିଧାନସଭା ଆସନ ବଢ଼ିବ। ଓଡ଼ିଶାରେ ୨୧ ଲୋକ ସଭା ଆସନ ୨୮ ହେବାର ଶୁଣାଯାଉଛି। ୭ ଲୋକ ସଭା ଆସନ ବଢ଼ିଲେ ୪୯ଟି ବିଧାନସଭା କ୍ଷେତ୍ର ବଢ଼ିବାର ନିୟମ ରହିଛି। ସେଥିନେଇ ୧୪୭ ଜାଗାରେ ୧୯୬ ବିଧାନସଭା ଆସନ ଓଡ଼ିଶାରେ ଛୁଇଁବ। ଯଦି ୨୦୨୬ରେ ଜନଗଣନା ହୁଏ, ତେବେ ୨୦୨୭ରେ ଡି-ଲିମିଟେଶନ ପ୍ରକ୍ରିୟା ଆରମ୍ଭ ହେବ। ପଟ୍ଟାମୁଣ୍ଡାଇର ସାମାଜିକ ଚଳଣି ସହ ପ୍ରଶାସନିକ ଓ ଭୌଗୋଳିକ ସ୍ଥିତିକୁ ଅନୁଧ୍ୟାନ କରାଯାଇ ଆଗାମୀ ସୀମା ପୁନଃ ନିର୍ଦ୍ଧାରଣ ସମୟରେ ପଟ୍ଟାମୁଣ୍ଡାଇର ପୁରୁଣା ପରିଚୟ ଫେରାଇ ବିଧାନସଭା କ୍ଷେତ୍ର ଗଠନ କରାଇ ଉପଖଣ୍ଡର ମାନ୍ୟତା ଘୋଷଣା କରାଯାଉ, ଫଳରେ ରାଜସ୍ୱ କ୍ଷେତ୍ରରେ ଲାଭବାନ୍ ହେବା ସହ ଚାଷୀ, ଶ୍ରମିକ, ଜନସାଧାରଣ ମଧ୍ୟ ଉପକୃତ ହୋଇପାରିବେ ବୋଲି ସଙ୍ଗଠନଗୁଡ଼ିକ ପକ୍ଷରୁ ଦୃଢ଼ ଦାବି କରାଯାଇଛି।

## ଏଚଏନ୍ଏସ୍ ମହାବିଦ୍ୟାଳୟରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ

ଡେରାବିଶ, ୧୪ା୯ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଚାନ୍ଦୋଳସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରାଧ୍ୟାପକ ଅକ୍ଷୟ କୁମାର ବଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ଶନିବାର ପାଳିତ ହୋଇଯାଇଛି। ଜାତୀୟ ସେବା ଯୋଜନା ଅଧିକାରୀ ପ୍ରଦୀପ ରାଉତଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଏଡିଏମ୍ଓ ଡା. ସଚ୍ଚିଦାନନ୍ଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରାଥମିକ ଚିକିତ୍ସା ବା ଫାଷ୍ଟ ଏଡ୍ କିପରି ଗୁରୁତ୍ୱପୂର୍ଣ୍ଣ ଓ ଏହା ଲୋକମାନଙ୍କୁ ଦୁର୍ଘଟଣା ସମୟରେ ଅକାଳ ମୃତ୍ୟୁରୁ ବଞ୍ଚାଇଥାଏ ଏ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ପ୍ରତାପ କୁମାର ଜେନା, ଶଶିଭୂଷଣ ଜେନା, ବରଦା ପ୍ରସାଦ ଜେନା, ଦିବ୍ୟ କୁମାର ଦାଶ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ବୀରେନ୍ଦ୍ର ପ୍ରକୃତରେ ସଂଗ୍ରାମୀ ବୀର


ସଭାରେ ଯୋଗ ଦେଇଥିବା ବୁଦ୍ଧିଜୀବୀମାନେ।

ଆଳି, ୧୪ା୯ (ବନମାଳୀ ସେନାପତି)

ଆଳି ବ୍ଲକ ନମୌଜା ଅଞ୍ଚଳର ବାଲିଆଡା ଗ୍ରାମରେ ଜନ୍ମିତ ବୀରେନ୍ଦ୍ର ପଣ୍ଡା ପ୍ରକୃତରେ ସଂଗ୍ରାମୀ ବୀର ଥିଲେ ବୋଲି ରବିବାର ବାଲିଆଡାରେ ଆୟୋଜିତ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ପୂର୍ବତନ ସଭାପତି ତଥା ସାମାଜିକ କର୍ମୀ ବୀରେନ୍ଦ୍ର ପଣ୍ଡାଙ୍କ ଦ୍ୱାଦଶାହର ସ୍ମୃତିଚାରଣ ସଭାରେ ଯୋଗଦେଇ ଅତିଥିମାନେ ପ୍ରକାଶ କରିଛନ୍ତି। ଇଞ୍ଜିନିୟର ନୀଳାଦ୍ରି ଭୂଷଣ ମହାପାତ୍ର ଓ ରିଜର୍ଭ ବ୍ୟାଙ୍କର ପୂର୍ବତନ ବରିଷ୍ଠ ପଦାଧିକାରୀ ଚକ୍ରଧର ଦାଶଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଅତିଥିମାନେ କହିଥିଲେ, ବୀର ସାର୍ ପ୍ରକୃତରେ ବୀର ଥିଲେ। କଳଦିଆ ମଧ୍ୟ ଇଂରାଜୀ ବିଦ୍ୟାଳୟର ସହକାରୀ ଶିକ୍ଷକ ଭାବେ ଜୀବନ ଆରମ୍ଭ କରି ବ୍ଲକର ଶିକ୍ଷକ ସଂଘ ସମ୍ପାଦକରୁ ରାଜ୍ୟ ସଂଘର ସଭାପତି ହୋଇପାରିଥିଲେ। ନିଜର ଦାୟିତ୍ୱବାନ୍ କାର୍ଯ୍ୟ ପାଇଁ ସେ ଏପରି ସ୍ଥାନରେ ପହଞ୍ଚି ପାରିଥିଲେ। ନିଜର ସାହସିକତା ପାଇଁ ସଂଘୀୟ କାର୍ଯ୍ୟ ହେଉ କିମ୍ବା ଅଞ୍ଚଳର ନିଶା ନିବାରଣ କାର୍ଯ୍ୟକ୍ରମ ହେଉ, ସେ ସବୁଥିରେ ଆଗରେ ଥାଆନ୍ତି। କେବଳ ସେତିକି ନୁହେଁ, ଆଳି ଅଞ୍ଚଳର ସମସ୍ତ ସାମାଜିକ ଅନୁଷ୍ଠାନ ସହ ତାଙ୍କର ସମ୍ପର୍କ ରହିଥିଲା। କୌଣସି ଅନୁଷ୍ଠାନ କେବେ ତାଙ୍କ କାମକୁ ଭୁଲିପାରିବେ ନାହିଁ। ସଭାରେ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ବିକ୍ରମ ଦାସ, ସମ୍ପାଦକ ସୁକାନ୍ତ ବେହେରା, ଉପସଭାପତି ଧନେଶ୍ୱର ପାତ୍ର, ଶିକ୍ଷା ପ୍ରଦୀପ ସମ୍ପାଦକ ସୁଶାନ୍ତ ପ୍ରଧାନ, ଉପଦେଷ୍ଟା କମଳଲୋଚନ ବିଶ୍ୱାଳ, କେନ୍ଦ୍ରାପଡ଼ା ଜିଲା ସଭାପତି କରୁଣାକର ଭୋଳ, ଉପସଭାପତି ପ୍ରଫୁଲ୍ଲ କୁମାର ପରିଡ଼ା, ମାଧ୍ୟମିକ ଶିକ୍ଷକ ସଂଘର ପୂର୍ବତନ ନେତା କାଳୀ ପ୍ରସାଦ ନାୟକ, ବୀର କିଶୋର ଜେନା, ପ୍ରଦୀପ୍ତ ରଥ, ବିଜୟ ଜେନା, ଦୟାନିଧି ସ୍ୱାଇଁ, ପ୍ରଦୀପ୍ତ ସାମନ୍ତରାୟ, ପାବନି ରାଉତ, ଉଦକର ସାମଲ, ଆଳି ନାଗରିକ ମଞ୍ଚର ଧନେଶ୍ୱର ରାଉତ, ମହେଶ୍ୱର ନନ୍ଦ, ନରହରି ପାତ୍ର, ପ୍ରମୋଦ ମଲ୍ଲିକ, ସୁଶାନ୍ତ ନାୟକ, ବନମାଳୀ ସେନାପତି, ବେଣୁଧର ମଲ୍ଲିକ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

## ନାଗପୁରା ପାଟ ଘେରିବନ୍ଧ ପାଇଁ ଦାବିପତ୍ର

କେନ୍ଦ୍ରାପଡ଼ା, ୧୪ା୯ (ଜଗନ୍ନାଥ ଧଳ)

ବର୍ଷା ହେଲେ ଗୋବରୀ ନଦୀ ଜଳ ଉଛୁଳୁଛି। ଏହାର ବନ୍ୟାଜଳ ଯୋଗୁ ନାଗପୁରା ପାଟ ଉଜୁଡ଼ି ଯାଉଛି। ଏହାକୁ ଦୃଷ୍ଟିରେ ରଖି ପାଟନାଳିରେ ଘେରିବନ୍ଧ ପାଇଁ ବାରମ୍ବାର ଆନ୍ଦୋଳନ ହେଉଛି। ପାଟନାଳି ପାଇଁ ଟଙ୍କା ମଞ୍ଜୁରୀ ସତ୍ତ୍ୱେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଉନାହିଁ। ଚଳିତବର୍ଷ ଲଗାଣ ବର୍ଷା ଓ ଗୋବରୀ ବନ୍ୟାଜଳରେ ନାଗପୁରା ପାଟ ବୁଡ଼ିଥିଲା। ଏହି ପାଟ ଅଞ୍ଚଳରେ ହୋଇଥିବା ଖରିଫ ଚାଷ ନଷ୍ଟ ହୋଇଥିଲା। ଚାଷ କରି ପରିବାର ପୋଷଣ ଆଶା ଥିବା ସମୟରେ ଏବେ ଋଣ ଶୁଝିବା ଚିନ୍ତା ଘାରିଛି। ନାଗପୁରା ପାଟ ଅଞ୍ଚଳର ଚାଷକୁ ଭରସା କରିଥିବା ଚାଷୀ ଏପରି ଅଭିଯୋଗ ଶନିବାର ଆଣିଛନ୍ତି। ଏ ନେଇ ଜିଲାପାଳଙ୍କୁ ଏକ ଘେରିବନ୍ଧ ପାଇଁ ଦାବିପତ୍ର ଦେଇଛନ୍ତି। ଅପରପକ୍ଷରେ ଏଠାରେ ପାଟନାଳି ପ୍ରକଳ୍ପ ପାଇଁ ୮୬ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ଡ୍ରେନେଜ୍ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଏ ସମ୍ପର୍କରେ ଚାଷୀ ଜଗଦୀଶ ପତି, ଫକିର ଚରଣ ଖଟୁଆ, ରମେଶ ଚନ୍ଦ୍ର ଦାସ, ହୃଷୀକେଶ ନାୟକ, ରାମଚନ୍ଦ୍ର ରାଉତ, ସୁନାକର ପ୍ରଧାନ ପ୍ରମୁଖ କହିଛନ୍ତି, କେନ୍ଦ୍ରାପଡ଼ା ବ୍ଲକ ଓସ୍ତପୁର ପଞ୍ଚାୟତରେ ଏହି ପାଟ ଅଛି। ୧୯୨ ଏକରରୁ ଊର୍ଦ୍ଧ୍ୱ ଏହି ପାଟର ପୂର୍ବ ଦିଗରେ ସାହାସପୁର, ଫୋରଡ ଗ୍ରାମ ଥିବାବେଳେ ଉତ୍ତର ଦିଗରେ ଗୋବରୀ ନଦୀ ପ୍ରବାହିତ ହେଉଛି। ଦକ୍ଷିଣ ଓ ପଶ୍ଚିମରେ ଦେପୁରା ଏବଂ ନାଗପୁରା ଗ୍ରାମ ରହିଛି। ପାଟଟି ପାଇଁ ଏକ ଘେରିବନ୍ଧ ହୋଇଥିଲେ ମଧ୍ୟ ଗୋବରୀ ନଦୀ ସୀମାରେ କୌଣସି ବନ୍ଧ ନାହିଁ। ଗୋବରୀ ନଦୀ ଜଳରେ ଭରପୂର ହେଲେ ଏହି ପାଟରୁ ଜଳ ଜମିକୁ ମାଡୁ ଥିବାବେଳେ ଦୀର୍ଘଦିନ ଧରି ଜଳ ନିଷ୍କାସନ ହୋଇପାରୁନାହିଁ। ଉଦ୍‌ବୃତ୍ତ ବନ୍ୟା ଓ ବର୍ଷାଜଳ ଚାଷ ପାଇଁ ବିପଦ ହୋଇଛି। ଏହାର ନିରାକରଣ ପାଇଁ ବ୍ଲକ ଓ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ଏବଂ ଆନ୍ଦୋଳନ କରାଯାଉଛି। ଏଥିସହିତ ଡ୍ରେନେଜ ବିଭାଗର ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଛି। ଚଳିତବର୍ଷ ଏହି ପାଟରେ ଶତାଧିକ ଚାଷୀ ଖରିଫ ଧାନଚାଷ କରିଥିଲେ। ତେବେ ଲଗାଣ ବର୍ଷା ଓ ଗୋବରୀ ନଦୀର ଜଳ ଚାଷକୁ ସମ୍ପୂର୍ଣ୍ଣ ନଷ୍ଟ କରିଛି। ଦୀର୍ଘଦିନ ଧରି ଧାନଗଛ ପାଣିରେ ବୁଡ଼ି ରହିବା ଯୋଗୁ ଏହା ପଚିଯାଇଛି। ଉଦ୍‌ବୃତ୍ତ ଜଳ ନିଷ୍କାସନ ପାଇଁ ଏକ ପାଟନାଳି ପ୍ରକଳ୍ପକୁ ଡ୍ରେନେଜ୍ ବିଭାଗରୁ ମଞ୍ଜୁରୀ ମିଳିଥିବା ଶୁଣିବାକୁ ମିଳିଛି। ପ୍ରକଳ୍ପ କାର୍ଯ୍ୟ ଅଦ୍ୟାବଧି ଆରମ୍ଭ ହୋଇ ପାରିନାହିଁ। ଜଳସେଚନ ଓ ନିଷ୍କାସନ ପ୍ରତି ଜିଲା ପ୍ରଶାସନ ଧ୍ୟାନ ଦେଉନାହାନ୍ତି। ଚାଷୀ ଚାଷ କରିବା ପରେ ପ୍ରାକୃତିକ ବିପର୍ଯ୍ୟୟର ଶିକାର ହେଉଛନ୍ତି। ଏହାର ସମାଧାନ ନ ହେବା ଚାଷୀଙ୍କ ପାଇଁ କାଳ ହୋଇଛି। ଏବେ ଚାଷ ପାଇଁ ଆଣିଥିବା ଋଣ ଶୁଝିବା ଚିନ୍ତାରେ ଚାଷୀ ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ଇସି ମେମ୍ବରକୁ ଏମ୍‌ବିକେଙ୍କ ମାଡ଼

ରାଜକନିକା, ୧୪ା୯ (ରବୀନ୍ଦ୍ର କୁମାର ଦାସ)

ରାଜକନିକା ଥାନା ଜୟନଗର ପଞ୍ଚାୟତ ବଡ଼ପଙ୍କ ଗାଁରେ ଶନିବାର ରାତିରେ ରିଷ୍ଟ୍ରକ୍ଟିଂ କରାଇବାକୁ ଯାଇ ଇସି ମେମ୍ବର ରାଜି ନ ହେବାରୁ ଏମ୍‌ବିକେ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ବଡ଼ପଙ୍କ ଗାଁରେ ଏମ୍‌ବିକେଙ୍କ ରିଷ୍ଟ୍ରକ୍ଟିଂ କରାଇବାକୁ ଯାଇଥିବା ବେଳେ ଇସି ମେମ୍ବର ସୁବାସିନୀ ବିଶ୍ୱାଳ ରାଜି ହୋଇ ନ ଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏମ୍‌ବିକେଙ୍କ ସୁବାସିନୀଙ୍କୁ ପେଲି ଦେବାରୁ ସେ ତଳେ ପଡି ଯିବାରୁ ମୁଣ୍ଡରେ ଆଘାତ ଲାଗିବାରୁ ଅଚେତ ହୋଇ ପଡ଼ିଥିଲେ। ପରିବାର ଲୋକେ ସୁବାସିନୀଙ୍କୁ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା କରିବା ପରେ ସେ ନ୍ୟାୟ ପାଇଁ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଆଇଆଇସି ସଞ୍ଜୟ ମଲ୍ଲିକଙ୍କୁ ପଚାରିବାରେ ଅଭିଯୋଗକୁ ଆଧାର କରି ପୋଲିସ ତଦନ୍ତ କରୁଛି ବୋଲି ସେ କହିଛନ୍ତି।

## ନଗର ସଭାପତି ହେଲେ ପ୍ରମୋଦ, ସମ୍ପାଦକ ଶୁଭେନ୍ଦୁ


ସମ୍ମିଳନୀରେ ଯୋଗ ଦେଇଥିବା ଏବିଭିପିର କର୍ମକର୍ତ୍ତା।

ଏବିଭିପି ରାଜକନିକା ଶାଖାର ନଗର ସମ୍ମିଳନୀ

ରାଜକନିକା, ୧୪ା୯ (ସଞ୍ଜୟ କୁମାର ଦାଶ)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କେନ୍ଦ୍ରାପଡ଼ା ଶାଖା ପକ୍ଷରୁ ରାଜକନିକାରେ ନଗର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଗତବର୍ଷ ପରି ଚଳିତ ଶିକ୍ଷାବର୍ଷ ପାଇଁ ଏବିଭିପିର ନଗର ଟିମ୍ ଘୋଷଣା କରାଯାଇଛି। ନଗର ସଭାପତି ଭାବେ ତାରମଣି କପିଳେଶ୍ୱର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପ୍ରମୋଦ କୁମାର ଧଳ ନିର୍ବାଚିତ ହୋଇଥିବାବେଳେ ନଗର ସମ୍ପାଦକ ଭାବେ ଓଳାଭର ମହାବିଦ୍ୟାଳୟର ଛାତ୍ର ଶୁଭେନ୍ଦୁ ସାମଲ, ସହସମ୍ପାଦକ ଭାବେ ଓମ୍ ପ୍ରକାଶ ସାମଲ ପ୍ରମୁଖ ଦାୟିତ୍ୱ ପାଇଛନ୍ତି। ମୁଖ୍ୟ ଅତିଥି ଭାବେ କଟକ ବିଭାଗ ସଙ୍ଗଠନ ମନ୍ତ୍ରୀ ଦେବାଶିଷ ଦାଶ ଯୋଗଦେଇ ଏବିଭିପିର ଲକ୍ଷ୍ୟ, ଆଦର୍ଶ ଏବଂ ସମାଜ ଓ ଶିକ୍ଷା ସମାଜ ପ୍ରତି ଥିବା ଦାୟିତ୍ୱ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସଂଯୋଜକ ଚିନ୍ମୟ ପ୍ରସାଦ ବାହାଲିଆ ଏବଂ ଜିଲା ସହସଂଯୋଜକ ଅଭିଜିତ ସାମଲ, ବିଭାଗ ଏସ୍ଏଫଡି ସହ ସଂଯୋଜକ ଜଗନ୍ନାଥ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ କଲେଜର ୬୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଯୋଗଦେଇଥିଲେ।

## ଜୀବନବୀମା ଅଧିକାରୀଙ୍କ ପରଲୋକ

ପଟ୍ଟାମୁଣ୍ଡାଇ ୧୪ା୯ (କଳ୍ପତରୁ ନାୟକ)

ଭାରତୀୟ ଜୀବନ ବୀମା ପଟ୍ଟାମୁଣ୍ଡାଇ ଶାଖାର ଉନ୍ନୟନ ଅଧିକାରୀ ସୁଦର୍ଶନ ଜେନା(୫୮)ଙ୍କର ଶନିବାର ପରଲୋକ ହୋଇଯାଇଛି। ଅଧିକାରୀ ଜେନା ତାଙ୍କ ପୋଖରିଆପଡ଼ା ବାସଭବନରେ ଥିବାବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତତ୍କାଳ ଚିକିତ୍ସା ପାଇଁ ତାଙ୍କୁ ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ହସ୍ପିଟାଲକୁ ନେଇଥିଲେ। ମାତ୍ର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା।



ସେଠାରେ ଡାକ୍ତର ତାଙ୍କର ପରୀକ୍ଷା କଲା ପରେ ମୃତ ଘୋଷଣା କରିଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳ ଓ ଜୀବନବୀମା କର୍ମଚାରୀ ମହଲରେ ଶୋକର ଛାୟା ଖେଳିଯାଇଛି। ଶନିବାର ରାତିରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କର ଏକମାତ୍ର ପୁତ୍ର ଶାଶ୍ୱତ ଶୁଭଦର୍ଶୀ ମୁଖାଗ୍ନି ଦେଇଥିଲେ।

## ବନ୍ୟା ପରେ ରାସ୍ତା ଅବସ୍ଥା ଶୋଚନୀୟ

ମାନପୁର-ଗୋବିନ୍ଦପୁର ରାସ୍ତାରୁ ଫଡ଼ା ଫଡ଼ା ଉଠୁଛି ଢଲେଇ

ଆଳି, ୧୪ା୯ (ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଅଞ୍ଚଳରେ ବନ୍ୟା ପରେ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ଅନେକ ଗାଁ ଗହଳି ରାସ୍ତା ସମେତ ମୁଖ୍ୟ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଆଳି ଧୋୟାଞ୍ଚଳର ମୁଖ୍ୟ ଗମନାଗମନ ରାସ୍ତା ମାନପୁର-ଗୋବିନ୍ଦପୁର ରାସ୍ତାର ମାନପୁରଠାରୁ ଡିମିରିପାଳ ନାରାୟଣପୁର ମଠ ପର୍ଯ୍ୟନ୍ତ ପ୍ରାୟ ଦେଢ଼ କିଲୋମିଟର ରାସ୍ତା ଚଳିତଥର ବନ୍ୟାରେ ୨୦ଦିନ ପର୍ଯ୍ୟନ୍ତ ବୁଡ଼ି ରହିଥିଲା। ବନ୍ୟା କମିବା ପରେ ଢଲେଇ ରାସ୍ତାରୁ ଫଡ଼ା ଫଡ଼ା ହୋଇ ସିମେଣ୍ଟ କଂକ୍ରିଟ ଖଣ୍ଡ ବାହାରି ଯାଇ ଲୁହାଛଡ଼ ଦେଖାଗଲାଣି। ଫଳରେ ରାସ୍ତାଟି ଖାଲଖମାରେ ଭର୍ତ୍ତି ହୋଇଛି।

ଦେଢ଼ କିଲୋମିଟର ରାସ୍ତାରେ ଏତେ ପରିମାଣର ଖାଲଖମା ହୋଇଛି ଯେ ଚାଲିକରି ଯିବା ମଧ୍ୟ ଅସମ୍ଭବ ହେଉଛି। ସାଇକେଲ, ବାଇକ୍ ଓ ଚାରିଚକିଆ ଯାନ ଚଳାଚଳ କରିବାରେ ଚାଳକ ଅସୁବିଧା ଭୋଗୁଛନ୍ତି। ଏହି ରାସ୍ତାରେ ଧୋୟାଞ୍ଚଳର ଡିମିରିପାଳ, ଅରଗଳ, ଜୁଆଣିଆ, ଗୋବିନ୍ଦପୁର, ଦେସାହି, କେତୁଆପାଳ, ଏରଡଙ୍ଗ, ପାଳିମି, ପେତପଡା, ସଂସିଧା ପଞ୍ଚାୟତର ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଯାତାୟାତ କରିଥା'ନ୍ତି। ଏଥିସହିତ ଏହି ରାସ୍ତାରେ ଦୈନିକ ଶତାଧିକ ଲୋକ ଗୋବିନ୍ଦପୁର ସେତୁ ପାର ହୋଇ କେନ୍ଦ୍ରାପଡ଼ା ଓ ଯାଜପୁର ଜିଲାକୁ ଯାତାୟାତ କରିଥା'ନ୍ତି। ସଦା ଚଳଚଞ୍ଚଳ ଏହି ରାସ୍ତା ମରାମତି ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ଆଳି ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠଯନ୍ତ୍ରୀ ଲକ୍ଷ୍ମୀକାନ୍ତ ରାଉତଙ୍କୁ ପଚାରିବାରେ ଏହି ରାସ୍ତା ନବୀକରଣ ନିମନ୍ତେ ଟେଣ୍ଡର ପ୍ରକ୍ରିୟା ସରିଛି। ମାନପୁର ନିକଟରୁ ମାହାରାକୁଳ ପର୍ଯ୍ୟନ୍ତ ରାସ୍ତାର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇ କଣ୍ଟ୍ରାକ୍ଟରଙ୍କ ସହ ଏଗ୍ରିମେଣ୍ଟ ସରିଛି। ବର୍ଷା କମିଲେ କାମ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି। ସେହିପରି ମାହାରାକୁଳଠାରୁ ଗୋବିନ୍ଦପୁର ପର୍ଯ୍ୟନ୍ତ ରାସ୍ତା ଟେଣ୍ଡର ପ୍ରକ୍ରିୟା ଚାଲିଛି। ଖୁବ୍‌ଶୀଘ୍ର ରାସ୍ତାର ନବୀକରଣ କାର୍ଯ୍ୟ ହେବ ବୋଲି ସେ କହିଛନ୍ତି।


ରାସ୍ତାରୁ ଢଲେଇ ଉଠିଯିବା ପରେ ଲୁହା ରଡ଼ ଦେଖାଯାଉଛି।



# ସନ୍ତାନଙ୍କ ସୁଖ କାମନାରେ ଦୁତିଆ ଓଷା

## ଖଣ୍ଡପଡ଼ା ଅଞ୍ଚଳ ଉତ୍ସବମୁଖର

ଖଣ୍ଡପଡା,୧୪।୯
(ଅଜୟ କୁମାର ମହାରଣା)

ଓଡ଼ିଆ ସଂସ୍କୃତିରେ ଦୁତିଆ ଓଷା ବା ଦୁତିବାହନ ଓଷାର ସ୍ୱତନ୍ତ୍ର ତାତ୍ପର୍ଯ୍ୟ ରହିଛି। ଓଷାର ଦେବତା ହେଉଛନ୍ତି ଦୁତିବାହନ। ଦୁତିବାହନ ହେଉଛନ୍ତି ବିଷ୍ଣୁ ସ୍ୱରୂପ। ବିଧବା ବ୍ରାହ୍ମଣୀ ଗର୍ଭରୁ ଜନ୍ମିତ ସୂର୍ଯ୍ୟ ଦେବତାଙ୍କ ପୁତ୍ର ହେଉଛନ୍ତି ଦୁତିବାହନ। ସୂର୍ଯ୍ୟ ଦେବତାଙ୍କ ଆଶୀର୍ବାଦରେ ଏହି ଦିନ ଦୁତିବାହନ ଜନ୍ମ ଗ୍ରହଣ କରିଥିଲେ। ତେଣୁ ଦୁତିବାହନଙ୍କୁ ଏହି ଦିନ ପୂଜା କଲେ ଅପୁତ୍ରକ ସନ୍ତାନପ୍ରାପ୍ତି ହୁଅନ୍ତି ବୋଲି କଥିତ ଅଛି। ପୌରାଣିକ କଥାବସ୍ତୁ ଅନୁଯାୟୀ, ଆଶ୍ୱିନ କୃଷ୍ଣ ପକ୍ଷ ସପ୍ତମୀ ଓ ଅଷ୍ଟମୀ ତିଥି ଦୁଇ ଦିନ ଏହି ଓଷା ପାଳିତ ହୋଇଥାଏ। ଦୁତୀୟା ଓଷା ମୁଖ୍ୟତଃ ସନ୍ତାନପ୍ରାପ୍ତି ଉଦ୍ଦେଶ୍ୟରେ ମହିଳାମାନେ



ମହିଳାମାନେ ଦୂତିବାହନଙ୍କୁ ପୂଜା କରୁଛନ୍ତି।

ପାଳନ କରିଥାନ୍ତି। ରବିବାର କଣ୍ଟିଲୋ, ଖଣ୍ଡପଡା, ଖଳିସାହି, ବେଣାଗାଡିଆ, ବାଣପୁର, ସିଧାମୂଳା, ପଥରଚକଡା, ଧାନଚେଙ୍ଗଡା, ଜଗନ୍ନାଥପ୍ରସାଦ, କୋସକା ଓ ମର୍ଦ୍ଦରାଜପୁର ଆଦି ଅଞ୍ଚଳର ମହିଳାମାନେ ଉପବାସ କରି ଦୁତିଆ ଓଷା ପାଳନ କରୁଥିବା ଦେଖିବାକୁ ମିଳିଛି। ସୂର୍ଯ୍ୟାସ୍ତ ପରେ ଗ୍ରାମ ନିକଟସ୍ଥ ନଦୀ, ପୋଖରୀରେ ବ୍ରତ ଧାରିଣୀମାନେ ସ୍ନାନ କରି ଗଙ୍ଗା ମାତାଙ୍କୁ ପୂଜା କରିଥିଲେ। ପୂଜାର୍ଚ୍ଚନା ପରେ ସମ୍ପୃକ୍ତ ମହିଳାମାନେ ସାତ ମୁଠା ଲେଖାଏ ବାଲି ଆଣି ଏକ ଲିଙ୍ଗ ସ୍ଥାପନ କରିଥିଲେ। ଏହା ବାଲୁକା ପୂଜା ନାମରେ ପରିଚିତ। ବାଲୁକା ଲିଙ୍ଗର ଚାରିପାଖରେ ସାତଟି ଅପମାରଙ୍ଗ କାଠି ପୋତି ତା' ଉପରେ କାକୁଡି ଓ ହଳଦୀଲଗା ଅରୁଆ ଚାଉଳରେ ସଜାଇ ସ୍ନାନ ସମାପନ କରି ଘରକୁ ଫେରିଥିଲେ। ଫେରିବା ସମୟରେ ଗ୍ରାମର ଶେଷ ମୁଣ୍ଡରୁ ନିର୍ଦ୍ଧାରିତ ହୋଇଥିବା ପୂଜା ବେଦି ପର୍ଯ୍ୟନ୍ତ ନୂତନ ଲୁଗା ପାହୁଡ(ଲୁଗାକୁ ଲମ୍ବାଇ ରାସ୍ତା ଉପରେ ବିଛାଇବା) କରି ବିଛା ଯାଇଥାଏ। ସ୍ନାନ ସାରି ଫେରୁଥିବା ବ୍ରତଧାରିଣୀମାନେ ଏହି ନୂତନ ବସ୍ତ୍ର ଉପରେ ଚାଲି ଚାଲି ଆସି ପୂଜା ମଣ୍ଡପରେ ପହଞ୍ଚି ବନ୍ଦାପନା କରିଥିଲେ। ପରେ ବ୍ରତ ଧାରିଣୀମାନେ ଘରେ ପୂଜା ପାଇଁ ରଖିଥିବା ୨୧ପ୍ରକାର ଭୋଗ ଏବଂ ୧୦୮ ଦୂବ ଅରୁଆ ଚାଉଳ, ଫୁଲ ଧରି ପୂଜାସ୍ଥଳକୁ ଆସିଥିଲେ। ବିଧି ପୂର୍ବକ ବ୍ରତ ଧାରିଣୀମାନେ ସେଠାରେ ଦୁଇ ହାତ ଲମ୍ବର ଏକ କୋଠି ପ୍ରସ୍ତୁତ କରି କଦଳୀ ଗଛ ପୋତି ମୁରୁଜ ଦେଇ ବାଲୁକାରେ ସୂର୍ଯ୍ୟ ଦେବତାଙ୍କୁ ସ୍ଥାପନା କରିଥିଲେ। ଦୁତିବାହନ ଉପାଖ୍ୟାନ ଶୁଣିବା ପରେ ପୂଜା ବେଦିରେ ରଖାଯାଇଥିବା ଏକ ପାଣିକଖାରୁ ବଳି ଦିଆଯାଇଥିଲା। ପୂଜା ହୋଇଥିବା ପନି ପରିବାରେ ପରଦିନ ଅର୍ଥାତ୍ ସୋମବାର ସକାଳୁ ତରକାରି ପ୍ରସ୍ତୁତ କରାଯିବ। ଏହା ଦୁତିଆ ଘାଣ୍ଟ ତରକାରି ଭାବରେ ଓଡିଆଙ୍କ ପାଖେ ବେଶ୍ ପରିଚିତ।

# ତୁଳସୀପୁରରେ ଚାଷୀ ଆନ୍ଦୋଳନ

ନୟାଗଡ,୧୪।୯ (ଲୋକନାଥ ମିଶ୍ର)

- ଡିଆରସିଏସ୍‌ଙ୍କ ବୁଝାଶୁଝା ପରେ ବଣ୍ଟା ହେଲା ସାର
- ଆଜି ଖମାରସାହି ପ୍ରାଥମିକ କୃଷି ସମବାୟ ସମିତି ସମ୍ମୁଖରେ ସାର ବଣ୍ଟନ

ସାର ପାଇଁ ନୟାଗଡ ବ୍ଲକ ଖମାରସାହି ପ୍ରାଥମିକ କୃଷି ସମବାୟ ସମିତିର ତୁଳସୀପୁର ଗାଁରେ ରବିବାର ଚାଷୀ ଆନ୍ଦୋଳନ ହୋଇଥିଲା। ଖବର ପାଇ ଡିଆରସିଏସ୍ ଅନନ୍ତ କୁମାର ନାୟକ ଯାଇ ବୁଝାଶୁଝା ପରେ ସକାଳ ୮ଟାରେ ଆରମ୍ଭ ହୋଇଥିବା ଚାଷୀ ଆନ୍ଦୋଳନ ପୂର୍ବାହ୍ନ ୧୧ଟାରେ ହଟିଥିଲା। ଚାଷୀଙ୍କ ଜିଦ୍ ଆଗରେ ପ୍ରଶାସନ ହାରମାନି ବଲାଙ୍ଗୀର ଖୋର୍ଦ୍ଧା ୫୭ ନଂ ଜାତୀୟ ରାଜପଥ କଡରେ ସାର ବିକ୍ରି କରିଥିଲା । ୪୫ କେଜି ୟୁରିଆ ସାରର ସରକାରୀ ଦର ଟ.୨୬୬.୫୦ ଥିବାବେଳେ ଟ.୨୭୦ ଟଙ୍କାରେ ବିକ୍ରି କରିଥିଲା। ଚାଷୀ ଖୁସି ହୋଇ ସାର ନେଇଥିଲା । ତେବେ ସୋମବାର ଅବଶିଷ୍ଟ ଚାଷୀଙ୍କୁ ଖମାରସାହି ପ୍ରାଥମିକ କୃଷି ସମବାୟ ସମିତିରେ ସାର ବଣ୍ଟନ କରାଯିବବୋଲି କୁହାଯାଇଛି । ଏନେଇ ଡିଆରସିଏସ୍ ଅନନ୍ତ ନାୟକଙ୍କୁ ପଚାରିବାରୁ ଚାଷୀଙ୍କ ଆନ୍ଦୋଳନ ଯୋଗୁ ତୁଳସୀପୁରରେ ସାର ବିକ୍ରି କରିବାକୁ ପଡିଲା । ରବିବାର ୯୦ ବସ୍ତା ସାର ଚାଷୀ ନେଇଛନ୍ତି। ସୋମବାର ଖମାରସାହି ପ୍ରାଥମିକ କୃଷି ସମବାୟ ସମିତି ସମ୍ମୁଖରେ ସାର ବଣ୍ଟନ ହେବବୋଲି କହିଛନ୍ତି।

# ମା'ବିମଳାଙ୍କ ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ

## ପାର୍ବଣ ଆରମ୍ଭ ଶକ୍ତି ପୀଠ ଉତ୍ସବମୁଖର

ଖଣ୍ଡପଡା,୧୪।୯
(ଅଜୟ କୁମାର ମହାରଣା)



ଭାଦ୍ରବ ମୂଳାଷ୍ଟମୀ ତିଥିରେ ଦୁତିଆ ଓଷାଠାରୁ ବିଭିନ୍ନ ଶକ୍ତି ପୀଠଗୁଡିକ ରବିବାରରୁ ଚଳଚଞ୍ଚଳ ହୋଇଛି। ବିଭିନ୍ନ ଶକ୍ତି ପୀଠରେ ଷୋଡଶ ଉପଚାର ବା ଷୋଳ ଦିନାତ୍ମକ ପୂଜା ଆରମ୍ଭ ହୋଇଛି । ଏହି ଅବସରରେ କଣ୍ଟିଲୋ ନୀଳମାଧବ ଜୀଉଙ୍କ ମନ୍ଦିରରେ ଷୋଡଶ ଦିନାତ୍ମକ ଦୁର୍ଗା ମାଧବ ପୂଜା ଆରମ୍ଭ ହୋଇଛି । ପୂଜାର୍ଚ୍ଚନା ପରେ ଦେବୀଙ୍କୁ ନୀଳମାଧବ ଜୀଉଙ୍କ ନିକଟରେ ସ୍ଥାପନ କରାଯାଇଥିଲା। ଆସନ୍ତା ନବମୀ ତିଥି ପର୍ଯ୍ୟନ୍ତ ଏଠାରେ ଦୁର୍ଗାମାଧବଙ୍କ ପୂଜା ହେବ । ପ୍ରାରମ୍ଭରେ ଦେବଦ୍ୟୁଥାପନ ପରେ କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉଙ୍କ ପାର୍ଶ୍ୱ ଠାକୁରାଣୀ ମା' ବିମଳାଙ୍କ ସହସ୍ର କୁମ୍ଭରେ ମହାସ୍ନାନ ପରେ ମା'ଙ୍କ ପାଖରେ ଖଣ୍ଡା ପୂଜା ଅନୁଷ୍ଠିତ ହୋଇଛି। ସେହିପରି ଖଣ୍ଡପଡାର ଆରାଧ ଶକ୍ତୀପୀଠ ମା'ବାଉତୀ, ମା'ବାହାଡାଶୁଣୀ, ମା' ପାଟଚଣ୍ଡୀ, ମା'ଢୁମ୍ବାଲୁଣୀ ଏବଂ ଜଗନ୍ନାଥପ୍ରସାଦ ପଞ୍ଚାୟତ ମା' ମହିଷାଶୁଣୀ ଆଦି ସ୍ଥାନରେ ଏହି ପର୍ବ ଆରମ୍ଭ ହୋଇଛି ।

# ବାସୁଦେବପୁର ଗାଁରୁ ଚୋରି

## ଲୁଟିନେଲେ ୧.୨୨ ଲକ୍ଷ, ଦେଢ଼ ଭରି ସୁନା

ନୟାଗଡ଼,୧୪।୯(ଲୋକନାଥ ମିଶ୍ର)

ନୟାଗଡ଼ ପୋଲିସ ଜିଲା ଫତେଗଡ଼ ଥାନା ବାସୁଦେବପୁର କାଚରାସାହିରେ ଗତ ୧୧ ତାରିଖ ରାତିରେ ଚୋରି ହୋଇଛି । ଚୋରମାନେ ବାସୁଦେବପୁର କାଚରାସାହିର ପ୍ରତାପ କୁମାର ସାହୁଙ୍କ ଘରୁ ୧ ଲକ୍ଷ ୨୨ ହଜାର ଟଙ୍କା ଓ ଦେଢ଼ ଭରି ଓଜନର ସୁନା ଅଳଙ୍କାର ଚୋରି କରି ନେଇଛନ୍ତି। ଚୋରମାନେ ଝରକା ଗ୍ରିଲ୍ ଭାଙ୍ଗି ଭିତରେ ପଶିଥିଲେ। ଚୋର ହଳେ ଚପଲ ଓ ଗ୍ଲୋବସ୍ ଛାଡି ପଳାଇ ଯାଇଥିଲେ ମଧ୍ୟ ପୋଲିସ ଚୋରି ନେଇ ଟେରପାଉନି। ଗତ ୧୧ ତାରିଖ ରାତିରେ ଚୋରି ହୋଇଥିବା ବେଳେ ୧୨ ତାରିଖରେ ଥାନାରେ ଅଭିଯୋଗ ହୋଇଛି । ପୋଲିସ ନଂ.୨୯୧/୨୫ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

# କେନ୍ଦ୍ର ସମବାୟ ବ୍ୟାଙ୍କ: ଭଡ଼ା ନ ଦେବାରୁ ଅଦାଲତରେ ମାମଲା

## ଓଡ଼ଗାଁ ଶାଖା କାର୍ଯ୍ୟାଳୟ

ଓଡ଼ଗାଁ,୧୪।୯
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ, ଓଡ଼ଗାଁ ଶାଖା କାର୍ଯ୍ୟାଳୟ ଭଡ଼ାଘରେ ଚାଲିଥିବା ବେଳେ ଘର ମାଲିକ ଓ ବ୍ୟାଙ୍କ ଚୁକ୍ତି କରିଥିବା ଧାର୍ଯ୍ୟ ଭଡ଼ା ନ ଦେଇ ସମୟ ଗଡ଼ାଇ ଚାଲିଥିବାରୁ ଏନେଇ ଗୃହ ମାଲିକ ପୂର୍ଣ୍ଣଚନ୍ଦ୍ର ସାହୁ ଓଡ଼ଗାଁ ଦେୱାନୀ ଅଦାଲତରେ ସିଭିଲ ମାମଲା ନଂ.୧୯୧/୨୫ ଦାଏର କରିଛନ୍ତି।

ପ୍ରକାଶ ଯେ, ଉକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ଓଡ଼ଗାଁ ଶାଖା ଚାଲିଥିବା ଭଡ଼ାଘର ଚୁକ୍ତିନାମା ୨୦୨୪ ନଭେମ୍ବର ୩୦ରୁ ଶେଷ




ହୋଇଛି। ଘରଭଡ଼ା ବୃଦ୍ଧି ସହିତ ପୁନଃ ନୂତନ ଚୁକ୍ତିନାମା କରିବା ନେଇ ଘରମାଲିକ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ବ୍ୟାଙ୍କ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ନ ଦେଇ ପୂର୍ବ ନିର୍ଦ୍ଧାରିତ ଚୁକ୍ତି ଅନୁସାରେ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ପୂର୍ବ ସମସ୍ତ ଘରଭଡ଼ା ବାବଦ ଅର୍ଥ ଦେଇଥିଲେ। ଏଥିରେ ମାଲିକ ଅସନ୍ତୋଷ ପ୍ରକାଶ କରି ଘରଖାଲି କରିବା ପାଇଁ ନୋଟିସ କରିବାରୁ ବ୍ୟାଙ୍କ ସମ୍ପାଦକ ଅଭୟ ପଟ୍ଟନାୟକ ୬ ମାସ ସମୟ ମାଗିଥିଲେ। ପରେ ପୁଣି ଆଉ ୨ ମାସ ସମୟ ମାଗିଥିଲେ। ହେଲେ ନୂତନ ଭଡ଼ା ଧାର୍ଯ୍ୟ ସହିତ ଚୁକ୍ତିନାମାକୁ ଏଡ଼ାଇ ଯାଉଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଘରମାଲିକ କୋର୍ଟରେ ମାମଲା ଦାଏର କରିଥିଲେ। ଅନ୍ୟପକ୍ଷେ ଦୀର୍ଘ ବର୍ଷ ହେଲା ବିନା ପାର୍କିଂ ସ୍ପେସ୍‌ରେ ରାଜ୍ୟ ରାଜପଥ ଏବଂ ଓଡଗାଁ ବଜାର ସଂକୁଚିତ ସ୍ଥାନରେ ବ୍ୟାଙ୍କ ଚାଲିଥିବା ଯୋଗୁ ନାହିଁ ନ ଥିବା ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଥିବା ମଧ୍ୟ ଦାବି ହେଉଛି।

# ନ୍ୟାୟ ପାଇଁ ବିଧବା ଥାନାରେ

ନୟାଗଡ଼,୧୪।୯(ଲୋକନାଥ ମିଶ୍ର)

ରଣପୁର ଥାନା ଅଞ୍ଚଳରେ ଜଣେ ବିଧବାଙ୍କୁ ଅସଦାଚରଣ କରାଯାଇଛି। ପରେ ବିବାହ କରିବା ପାଇଁ ଚାପ ପକାଇ ନିର୍ଯାତନା ଦିଆଯାଉଛି। ଏପରିସ୍ଥଳେ ମହିଳାଙ୍କ ଅଭିଯୋଗ ପରେ ପୋଲିସ ନଂ.୨୮୧/୨୫ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ଘରେ କେହି ନ ଥିବାବେଳେ ଗତ ୧୦ ତାରିଖ ସନ୍ଧ୍ୟାରେ ବାଙ୍କନାଳିଆ ଗାଁର ପ୍ରସନ୍ନ ନାୟକ ବିଧବାଙ୍କ ଘରକୁଯାଇ ଅସଦାଚରଣ କରିଥିଲେ। ଏପରି କି ବିବାହ କରିବାକୁ ବାଧ୍ୟ କରାଇଥିଲେ। ମହିଳା ରାଜି ନ ହେବାରୁ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ଏନେଇ ମହିଳା ଗାଁରେ ଅଭିଯୋଗ କରିବାରୁ ଅଭିଯୁକ୍ତ ଗାଁରେ ମଧ୍ୟ ଗଣ୍ଡଗୋଳ କରିଥିଲେ। ଗତ ୧୩ରେ ଥାନାରେ ଅଭିଯୋଗ ପରେ ବି ନିର୍ଯାତନା ବଢୁଥିବାରୁ ମହିଳା ଘରୁ ବାହାରିବାକୁ ଭୟ କରୁଛନ୍ତି ।

# କଂସାରିସମାଜ କେନ୍ଦ୍ରାଞ୍ଚଳ ଶାଖା ବୈଠକ



ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା।

## ମହାସଭା ପାଇଁ ଚୂଡ଼ାନ୍ତ ନିଷ୍ପତ୍ତି

## ଅକ୍ଟୋବର ୧୨ରେ ପ୍ରସ୍ତୁତି ବୈଠକ

ଖଣ୍ଡପଡ଼ା,୧୪।୯ (ଅଜୟ କୁମାର ମହାରଣା)

କଂସାରି ସମାଜ କେନ୍ଦ୍ରାଞ୍ଚଳ ଶାଖାର ଏକ ସ୍ୱତନ୍ତ୍ର ବୈଠକ ଅସ୍ଥାୟୀ ସଭାପତି ପବିତ୍ର କୁମାର ମହାରଣାଙ୍କ ଆବାହକତ୍ୱରେ ରବିବାର ପୂର୍ବାହ୍ନରେ ସ୍ଥାନୀୟ କଂସାରିସମାଜ କଲ୍ୟାଣ ସଦନ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆଗାମୀ ବାର୍ଷିକ ମହାସଭା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଅନୁଷ୍ଠାନର ଖ ବ୍ଲକ ଭାବେ ପରିଚିତ ବେଲପଡ଼ା ଥାନ ଭାଇମାନଙ୍କ ପକ୍ଷରୁ (ଦୀର୍ଘ ୬ବର୍ଷ ହେବ ଅନୁଷ୍ଠିତ ହୋଇ ପାରି ନ ଥିବା ମହାସଭା) ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଥିଲେ ମଧ୍ୟ ସମ୍ପୃକ୍ତ ଥାନ ଭାଇମାନଙ୍କ ଅସହଯୋଗ ଯୋଗୁ ମହାସଭା ହେବାରେ ସମସ୍ୟା ସୃଷ୍ଟି ହେଉଛି। ସମସ୍ୟାର ସମାଧାନ ତଥା ଆଗାମୀ ମହାସଭା ବୈଠକ କେବେ ଓ କେଉଁଠାରେ ହେବ ସେ ନେଇ ଉପସ୍ଥିତ ୬୦ରୁ ଊର୍ଦ୍ଧ୍ୱ ଥାନଭାଇ, ପୂର୍ବତନ କର୍ମକର୍ତ୍ତା, ଥାନ ପ୍ରତିନିଧି ତଥା ବିଶିଷ୍ଟ ଓ ନିମନ୍ତ୍ରିତ ବରିଷ୍ଠ ଅତିମାନଙ୍କ ସହ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ଉପସ୍ଥିତ ଭାଇମାନଙ୍କର ଉଦ୍‌ବେଗ ଓ ଆଗ୍ରହକୁ ଗୁରୁତ୍ୱ ଦେଇ ବାର୍ଷିକ ମହାସଭା ନିଶ୍ଚିତ ଭାବେ ଅନୁଷ୍ଠିତ କରିବା ନିମନ୍ତେ ସହମତି ପ୍ରକାଶ ପାଇଥିଲା। ତେବେ ଏ ଦିଗରେ ଚୂଡାନ୍ତ ନିଷ୍ପତ୍ତି ତଥା ଦିନ ଧାର୍ଯ୍ୟ ନିମନ୍ତେ ସର୍ବସମ୍ମତ ସହମତି ଅନୁସାରେ ବାର୍ଷିକ ଅଧିବେଶନ ପାଇଁ ଅକ୍ଟୋବର ୧୨ରେ କଲ୍ୟାଣ ସଦନ ଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ଜଣାପଡ଼ିଛି । ବୈଠକରେ ଉପସ୍ଥିତ ଥିବା ଅନ୍ୟ ସଦସ୍ୟମାନେ ହେଲେ ପୂର୍ବତନ ସଭାପତି ଓ କର୍ମକର୍ତ୍ତା ଚତୁର୍ଭୁଜ ମହାରଣା, ଅଖିଳ କୁମାର ମହାରଣା, ଦଣ୍ଡପାଣି ସାହୁ, ଶରତ ଚନ୍ଦ୍ର ମହାରଣା, ଶ୍ରୀପତି ମହାରଣା, ପ୍ରସନ୍ନ କୁମାର ସାହୁ, ମାଧବ ଚନ୍ଦ୍ର ସାହୁ, ବାଇଧର ସାହୁ, ଦୁର୍ଯ୍ୟୋଧନ ମହାରଣା, ଶୁଭ୍ରାଂଶୁ ମହାରଣା, ରମାକାନ୍ତ ସାହୁ, କାଳନ୍ଦୀ ମହାରଣା, ଅଶୋକ କୁମାର ମହାରଣା ଓ ବସନ୍ତ କୁମାର ସାହୁଙ୍କ ସମେତ ଖଳିସାହି ଥାନର ବରିଷ୍ଠ ଥାନ ଭାଇମାନେ ଉପସ୍ଥିତ ରହି ଆଲୋଚନାରେ ସହଯୋଗ କରିଥିଲେ ।

# ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ




ବ୍ୟାନର ଧରି ସଚେତନ କରାଯାଉଛି।

ଖଣ୍ଡପଡା,୧୪।୯(ଅଜୟ କୁମାର ମହାରଣା)

ରାଜ୍ୟରେ ବାଲ୍ୟ ବିବାହ ପ୍ରଥା ବନ୍ଦ ଲାଗି ୨୦୨୪ ନଭେମ୍ବରରୁ ବାଲ୍ୟ ବିବାହ ମୁକ୍ତ ଅଭିଯାନ ଆରମ୍ଭ ହୋଇଥିବା ବେଳେ ୨୦୩୦ ସୁଦ୍ଧା ଶିଶୁ ବିବାହ ପ୍ରଥାର ପୂର୍ଣ୍ଣଚ୍ଛେଦ ପକାଇବା ଲାଗି ସରକାରୀସ୍ତରରେ ସଙ୍କଳ୍ପ ଗ୍ରହଣ କରାଯାଇଛି। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବାଲ୍ୟ ବିବାହ ପରି ଘୃଣ୍ୟ ପ୍ରଥାର ବିଲୋପ ଲାଗି ବିଭିନ୍ନସ୍ତରରେ ପ୍ରୟାସ ଜାରି ରହିଛି। ଏଥି ପାଇଁ ଶିଶୁ ବିବାହ ମୁକ୍ତ ଭାରତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ଗଣିଆ ଉନ୍ନୟନ କମିଟି ସହଯୋଗରେ ନୟାଗଡ ଜିଲାର ପ୍ରମୁଖ ମନ୍ଦିରଗୁଡିକରେ ଏହା ଅନୁଷ୍ଠିତ ହୋଇଥିବା ବେଳେ କାର୍ଯ୍ୟକ୍ରମରେ ମନ୍ଦିର ପୂଜାରୀ, ଧର୍ମଗୁରୁ, ଜନପ୍ରତିନିଧି, ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ଉପସ୍ଥିତ ଥିଲେ। ରବିବାର ଏହି ଅବସରରେ ଜଗନ୍ନାଥ ସଂସ୍କୃତିର ଆଦିସ୍ଥଳ କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିର, ଭାପୁର ଫତେଗଡ ଶ୍ରୀରାମ ମନ୍ଦିର ପରିସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ଦିର ପୂଜକମାନେ ସମୂହ ଶପଥପାଠ କରିବା ସହ ବାଲ୍ୟ ବିବାହ ପ୍ରଥା ବନ୍ଦ କରିବା ଲାଗି ସହଯୋଗର ହାତ ବଢାଇବାକୁ ପ୍ରତିଶ୍ରୁତି ଦେବା ସହ ସାଧାରଣରେ ସଚେତନତା ସୃଷ୍ଟି ଲାଗି ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମରେ ନୀଳମାଧବ ମନ୍ଦିର ପୂଜକ ସମାଜର ସଦସ୍ୟ ରାଶେଶ୍ୱର ମିଶ୍ର, ନୀଳମାଧବ ମିଶ୍ର, ସାଧୁ ଚରଣ ମିଶ୍ର ଓ ଫତେଗଡ ରାମମନ୍ଦିରର ପୂଜକ ସରୋଜ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ଗଣିଆ ଉନ୍ନୟନ କମିଟି ପକ୍ଷରୁ ବିଭୂତି ଭୂଷଣ ବେହେରା, ସର୍ବେଶ୍ୱର ପ୍ରଧାନ ଓ ସ୍ୱର୍ଣ୍ଣଲତା ଜେନା ପ୍ରମୁଖ ପରିଚାଳନା କରିଥିଲେ।

DSPL-259

ଓଡ଼ିଶା ସରକାର

କାର୍ତ୍ତିକ ହବିଷ୍ୟାଳୀ ବ୍ରତ - ୨୦୨୫

ଶ୍ରୀକ୍ଷେତ୍ର ପୁରୀରେ ପ୍ରତିବର୍ଷ ପବିତ୍ର କାର୍ତ୍ତିକ ମାସରେ "ରାଇଦାମୋଦର ବ୍ରତ" ପାଳନ କରିବା ନିମିତ୍ତ ଓଡ଼ିଶା ସରକାରଙ୍କ ଦ୍ୱାରା ହବିଷ୍ୟାଳୀ ମା'ମାନଙ୍କ ପାଇଁ ରହଣୀ, ଶ୍ରୀ ଜଗନ୍ନାଥ ଦର୍ଶନ, ମହାପ୍ରସାଦ ସେବନ ଏବଂ ଅନ୍ୟାନ୍ୟ ସମସ୍ତ ବ୍ୟବସ୍ଥା ଜିଲ୍ଲା ପ୍ରଶାସନ, ପୁରୀଙ୍କ ସହାୟତାରେ କରାଯାଉଛି । ଚଳିତ ବର୍ଷ ପୁରୀରେ ହବିଷ୍ୟାଳୀ ବ୍ରତ ପାଳନ କରିବା ପାଇଁ ଆଗ୍ରହୀ ମା'ମାନେ ସେପ୍ଟେମ୍ବର ୧୯ ତାରିଖ ଦିବା ୧୦ ଘଟିକା ଠାରୁ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହେବା ପର୍ଯ୍ୟନ୍ତ ଅନ୍‌ଲାଇନ୍ ଲିଙ୍କ୍ https://edistrict.odisha.gov.in ମାଧ୍ୟମରେ ନିଜର ନାମ ପଞ୍ଜିକରଣ କରିପାରିବେ ।

ଏ ସମ୍ପର୍କରେ ଅଧିକ ଜାଣିବା ପାଇଁ ନିମ୍ନରେ ପ୍ରଦତ୍ତ ଫୋନ୍ ନମ୍ବର ସହିତ ଯୋଗାଯୋଗ କରିବାକୁ ଅନୁରୋଧ ।

ଆବେଦନର ନିୟମାବଳୀ :

୧. କେବଳ ବିଧବା ମହିଳା (ସର୍ବୋଚ୍ଚ ବୟସ ସୀମା ୭୦ବର୍ଷ)ଓ ବିବାହିତ ମହିଳା (୫୦ବର୍ଷରୁ ୭୦ବର୍ଷ) ପର୍ଯ୍ୟନ୍ତ ଆବେଦନ କରିପାରିବେ ।
୨. ଶାରୀରିକ ଓ ମାନସିକ ଭାବେ ସୁସ୍ଥ ଥିବା ଆବଶ୍ୟକ ।
୩. ନୂତନ ଆବେଦନକାରୀଙ୍କୁ ପ୍ରାଧାନ୍ୟ ଦିଆଯିବ ।

ବି.ଦ୍ର : ଏଠାରେ ଅବଗତ କରାଇଦିଆଯାଉଛି ଯେ, ଅନ୍‌ଲାଇନ୍‌ରେ ପଞ୍ଜିକରଣକରି ହିତାଧିକାରୀ ଭାବେ ଚୟନ ହୋଇଥିବା ମା'ମାନଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ଶିବିର ନିକଟରେ ଆସି ଅପ୍ରତ୍ୟାଶିତ ଅନୁରୋଧକୁ ଗ୍ରହଣ କରାଯିବ ନାହିଁ । ଶିବିରରେ ହିତାଧିକାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଅସୁସ୍ଥ ଥିଲେ ପ୍ରବେଶ ଅନୁମତି ମିଳିବ ନାହିଁ ।



ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ :
ଜିଲ୍ଲା ସଂସ୍କୃତି ଅଧିକାରୀ : - ୯୬୯୨୭୨୦୫୯୪, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ : - ୯୪୩୭୩୦୨୬୧୮
ଜିଲ୍ଲା କ୍ରୀଡ଼ା ଅଧିକାରୀ : - ୭୭୩୫୫୧୭୪୮୨, ଜିଲ୍ଲା କାର୍ଯ୍ୟାଳୟ : - (୦୬୭୫୨) ୨୨୨୬୬୪

OIPR-24014/13/0017/2526

**ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ: ଜଣେ ଗିରଫ**

ଏରସମା, (ଦୀପ୍ତି ଖଣ୍ଡୁଆଳ): ଏରସମା ଥାନା ଅଞ୍ଚଳର ଜଣେ ଛାତ୍ରୀଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଭେଜିବାରୀ ପାଚେରା ଗ୍ରାମର ଦୀପକ ରଞ୍ଜନ ବେହେରା। ଏନେଇ ଏରସମା ଥାନାରେ ମାମଲା (ନଂ. ୩୧୪/୨୫) ରୁଜୁ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ସମ୍ପୃକ୍ତ ଛାତ୍ରୀ ନିକଟସ୍ଥ ହାଇସ୍କୁଲରେ ପାଠ ପଢ଼ନ୍ତି। ସେ ୧୧ ତାରିଖ ଅପରାହ୍ଣରେ ସାଇକେଲ୍‌ରେ ଘରକୁ ଫେରୁଥିବାବେଳେ ଦୀପକ ତାଙ୍କ ସହ ଅସଦାଚରଣ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ କାର୍ଯ୍ୟାନୁଷ୍ଠାନ ନେଇଥିବା ଥାନା ଅଧିକାରୀ ପ୍ରେମଜିତ ଦାସ କହିଛନ୍ତି।

# ଅଣ ଖଣି ଅଞ୍ଚଳରେ ଆଉ ଖର୍ଚ୍ଚ ହେବନି ଡିଏମ୍‌ଏଫ୍ ପାଣ୍ଠି

- ଯାଜପୁର ଜିଲାରେ ଆଦାୟ ହୋଇଛି ୨୬୭୯.୨୨ କୋଟି ଟଙ୍କା
- ଆଇନ ଅନୁସାରେ ସୁକିନ୍ଦା ବ୍ଲକବାସୀ ଉପକୃତ ହେବେ
- ନଗଡ଼ା ଡାହାଣ ପାର୍ଶ୍ୱ ତୁମୁଣି ଗ୍ରାମକୁ ରାସ୍ତା ଫିଟିବା ସମ୍ଭାବନା

ଯାଜପୁର,୧୪।୯(ହର୍ଷବର୍ଦ୍ଧନ ବେହେରା)

କେନ୍ଦ୍ର ସରକାରଙ୍କ ପକ୍ଷରୁ ଖଣି ଓ ଖଣିଜ ପଦାର୍ଥର ପ୍ରଶାସନିକ ପରିଚାଳନା ପାଇଁ ମାଇନ୍ସ ଓ ମିନେରାଲ ଡେଭଲପମେଣ୍ଟ ଆଣ୍ଡ ରେଗୁଲେଶନ ଆକ୍ଟ ୧୯୫୭କୁ ୨୦୧୫ ମସିହାରେ ସଂଶୋଧନ କରାଯାଇଛି। ଏହି ଆଇନର ସବସେକ୍ସନ-୧ ଧାରା ୯(ବି)ରେ ଜିଲାସ୍ତରରେ ଜିଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ(ଡିଏମ୍‌ଏଫ୍) ଗଠିତ ହୋଇଛି । ଏହି ପାଣ୍ଠିକୁ କେବଳ ଖଣି ପ୍ରଭାବିତ ଅଞ୍ଚଳର ବିଭିନ୍ନ ବିକାଶ କାର୍ଯ୍ୟରେ ଖର୍ଚ୍ଚ କରିବାକୁ ଉକ୍ତ ଆଇନରେ ନିର୍ଦ୍ଦେଶ ରହିଥିଲା। କିନ୍ତୁ ପୂର୍ବ ସରକାରଙ୍କ ଅମଳରେ ଯାଜପୁର ଜିଲାରେ ଏହାର ଉଲ୍ଲଂଘନ କରାଯାଇ ଅଣ ଖଣି ଅଞ୍ଚଳରେ ମଧ୍ୟ ବିପୁଳ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ସିଏଜି ରିପୋର୍ଟରେ ଦର୍ଶାଯାଇଥିଲା । ତେଣୁ ବର୍ତ୍ତମାନ ସମ୍ପୂର୍ଣ୍ଣ ଖଣି ପ୍ରଭାବିତ ୫ କିମି ଏବଂ ଆଂଶିକ ପ୍ରଭାବିତ ୨୫ କିମି ପରିଧି ମଧ୍ୟରେ ଡିଏମ୍‌ଏଫ୍ ପାଣ୍ଠି ଖର୍ଚ୍ଚ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏହିକ୍ରମରେ ଜିଲାର ସୁକିନ୍ଦା ବ୍ଲକ ସମେତ ଦାନଗଦି ବ୍ଲକ ଅଞ୍ଚଳର କେତେକାଂଶରେ ଡିଏମ୍‌ଏଫ୍ ପାଣ୍ଠି ଖର୍ଚ୍ଚ ହୋଇପାରିବ ବୋଲି ସୂଚନା ମିଳିଛି।

ରାଜ୍ୟରେ ଜୁଲାଇ ୨୦୨୫ ସୁଦ୍ଧା ୪୧,୯୪୯.୬୮ କୋଟି ଟଙ୍କା ଆଦାୟ ହୋଇଥିବାବେଳେ ସୁନ୍ଦରଗଡ଼ ଜିଲାରେ ସର୍ବାଧିକ ୧୮,୫୭୪.୦୩ କୋଟି, କେନ୍ଦୁଝରରେ ୧୩୪୨୦.୨୦ କୋଟି, ଅନୁଗୋଳରେ ୩,୯୭୨.୪୬ କୋଟି ଏବଂ ଯାଜପୁର ଜିଲାରେ ୨,୬୭୯.୨୨ କୋଟି ଟଙ୍କା ଡିଏମ୍‌ଏଫ୍ ପାଣ୍ଠି ଆଦାୟ କରାଯାଇଛି। କିନ୍ତୁ ପୂର୍ବରୁ ଏହି ପାଣ୍ଠିର ବ୍ୟାପକ ଦୁରୁପଯୋଗ ହୋଇଥିବା ବିଭିନ୍ନସ୍ତରରେ ଅଭିଯୋଗ ହୋଇଛି। ଯାଜପୁର ଜିଲାର ସୁକିନ୍ଦା ଖଣି ଓ ଦାନଗଦି ଶିଳ୍ପାଞ୍ଚଳରେ ବିନିଯୋଗ ନୈରାଶ୍ୟଜନକ ରହିଛି। ୧୦ ବର୍ଷ ହେବ ସୁକିନ୍ଦା ଖଣି ପ୍ରଭାବିତ ଅଞ୍ଚଳର ମଙ୍ଗଳପୁର-ଟମ୍‌କା ରାସ୍ତା, କାଳିଆପାଣିରେ ନୂତନ ଡାକ୍ତରଖାନା ଓ ଡାକ୍ତର ନିଯୁକ୍ତି, ଆଦର୍ଶ ବିଦ୍ୟାଳୟ, ଷ୍ଟାଡିୟମ, ବୈଷୟିକ ମହାବିଦ୍ୟାଳୟ ଇତ୍ୟାଦି ପ୍ରକଳ୍ପ ପ୍ରତିଶ୍ରୁତି ଫସର ଫାଟିଛି। ଏହାବାଦ୍ ଖଣି ପ୍ରଭାବିତ ଅଞ୍ଚଳର ଏକାଧିକ ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ ହୋଇପାରିନାହିଁ। ସୁକିନ୍ଦା ବ୍ଲକ ବନ୍ଧଗାଁ ପଞ୍ଚାୟତ ତଳକୋଇଲୋ ଖେଳପଡ଼ିଆଠାରୁ ରଙ୍କିଆ ଆଶ୍ରମ ସ୍କୁଲ, ରଙ୍କିଆ ଆରଡି ରାସ୍ତାଠାରୁ ରାମମନ୍ଦିର, ବରତଣ୍ଡା ପଞ୍ଚାୟତ କନ୍ତିରା ଆରଡି ରାସ୍ତାଠାରୁ ବାହାବଲପୁର ଭାୟା ରଗଡ଼ା, ଲେମ୍ବୋ ପଞ୍ଚାୟତ ଘାଗିଆଠାରୁ ବେଠିଆହତା, ହାତିବାରୀ ପଞ୍ଚାୟତ ଆମ୍ବାସରଠାରୁ ହାତିବାରି ଭାୟା ନାଳିଆଝର, ସଂସାଇଲୋ ପଞ୍ଚାୟତ ଝୁମ୍ପନ ଛକଠାରୁ ରେଲୱେ ଅଣ୍ଡରପାସ୍, ସୁକିନ୍ଦାଗଡ଼ ପଞ୍ଚାୟତ ଏନଏଚ-୫୩ଠାରୁ ଅଶୋକଝର ଭାୟା ସୁକିନ୍ଦା, ଏନ୍‌ଏଚ୍-୫୩ଠାରୁ ଆଦର୍ଶ ବିଦ୍ୟାଳୟ ଭାୟା ରେଙ୍ଗାଲି କେନାଲ, ଏନ୍‌ଏଚ୍-୫୩ଠାରୁ ଜଗନ୍ନାଥ ହାଇସ୍କୁଲ, କଲେଜ ଛକ ଆରଡି ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି। ବିଡ଼ମ୍ବନା ଯେ, ପାହାଡ଼ ଶୀର୍ଷ ନଗଡ଼ାକୁ ରାସ୍ତା ନିର୍ମାଣ ହୋଇଥିବାବେଳେ ଏହାର ଡାହାଣ ପାର୍ଶ୍ୱ ତୁମୁଣି ଗ୍ରାମକୁ ରାସ୍ତା ନିର୍ମାଣ ହୋଇ ପାରିନାହିଁ। ପୂର୍ବରୁ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ ପକ୍ଷରୁ ଅଶୋକଝର ପାଦଦେଶଠାରୁ ତୁମୁଣିକୁ ୫.୧୦ କିମି ପାଦଚଲା ରାସ୍ତା ଜଙ୍ଗଲ ବିଭାଗ ଅଧୀନରେ ଯାଉଛି ବୋଲି କହି ହାତ ଟେକି ଦେଇଛି। ଫଳରେ ତୁମୁଣି ଜୁଆଙ୍ଗ ଗ୍ରାମବାସୀ ସମସ୍ତ ମୌଳିକ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ରହିଛନ୍ତି। ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବିତ ଟମ୍‌କା-ମଙ୍ଗଳପୁର ୪ ଥାକିଆ ରାସ୍ତା କାର୍ଯ୍ୟ ଶେଷ ହୋଇ ପାରିନାହିଁ। ନଗଡ଼ାରେ ଶିଶୁମୃତ୍ୟୁ ଘଟଣା ପରେ କାଳିଆପାଣିରେ ଏକ ସରକାରୀ ଡାକ୍ତରଖାନା ପ୍ରତିଷ୍ଠା କରିବାକୁ ସରକାର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଟାଟା ଷ୍ଟିଲ ହସ୍ପିଟାଲ ଗୃହ ସରକାରଙ୍କୁ ହସ୍ତାନ୍ତର ହୋଇଥିଲା। ହେଲେ ଦୁର୍ଭାଗ୍ୟ ଯେ, ସେଠାରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନିଯୁକ୍ତି ହୋଇପାରିନାହିଁ। ଓଏମ୍‌ବିଏଡିସି ପାଣ୍ଠିରୁ ୨୨୩ କୋଟି ଟଙ୍କାରେ ସୁକିନ୍ଦା ଅଞ୍ଚଳର ୨୫ ପଞ୍ଚାୟତର ବାସିନ୍ଦାଙ୍କ ପାଇଁ ୩ଟି ମେଗା ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ ହୋଇଛି। ହେଲେ ଏବେ ବି କାଙ୍କଡ଼ପାଳ, ରାହାଁସୋଲ, ଚିଙ୍ଗୁଡ଼ିପାଳ, କାଳିଆପାଣି, ଦୁଧୁଯୋରୀ, କଅଁସ, ପିମ୍ପୁଡ଼ିଆ, କୁହିକା ଆଦି ପଞ୍ଚାୟତର ଶତାଧିକ ପରିବାର ସ୍ୱଚ୍ଛ ପାଇପ୍ ଜଳ ପାଇବାରୁ ବଞ୍ଚିତ ରହିଛନ୍ତି। କାଳିଆପାଣି ହାଇସ୍କୁଲରେ ସରକାର ଡିଗ୍ରୀ କଲେଜ ଖୋଲିବାକୁ ହୋଇଥିବା ପ୍ରଶାସନିକ ପ୍ରତିଶ୍ରୁତି ପାଣିର ଗାର ହୋଇଛି। ଖଣି ଅଞ୍ଚଳରେ ଏଭଳି ଅନେକ ସମସ୍ୟା ଲାଗି ରହିଥିଲେ ହେଁ ଡିଏମ୍‌ଏଫ୍ ପାଣ୍ଠିକୁ ଜିଲାର ଅନ୍ୟ ବ୍ଲକଗୁଡିକରେ ବିନିଯୋଗ କରି ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କୁ ପ୍ରତାରଣା କରାଯାଉଥିବା ଚର୍ଚ୍ଚା ହୋଇ ଆସୁଥିଲା। ଏବେ ସରକାର ଆଇନ ଅନୁସାରେ ଡିଏମ୍‌ଏଫ୍ ପାଣ୍ଠି ଖର୍ଚ୍ଚ କରିବାକୁ ନିଷ୍ପତ୍ତି ନେଇଥିବାରୁ ଖଣି ପ୍ରଭାବିତ ଅଞ୍ଚଳବାସୀ ବିଶେଷଭାବେ ଉପକୃତ ହୋଇପାରିବେ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷେ ଖଣି ଓ ଶିଳ୍ପ କାରଖାନାର ମୁଖଶାଳା ଭାବେ ପରିଚିତ ବ୍ୟାସନଗର ସହରର ବିକାଶ କାର୍ଯ୍ୟରେ ଓଏମ୍‌ବିଏଡିସି ପାଣ୍ଠି ଖର୍ଚ୍ଚ କରାଯିବ ବୋଲି ବିଧାୟକ ଆକାଶ ଦାସନାୟକ ସୂଚନା ଦେଇଛନ୍ତି।

## ସାପ କାମୁଡ଼ାରେ ୨ ବୃଦ୍ଧଙ୍କ ମୃତ୍ୟୁ

ବରୀ,୧୪।୯(ମହେନ୍ଦ୍ର ସ୍ୱାଇଁ)

ବରୀ ବ୍ଲକ୍ ଅଞ୍ଚଳରେ ସାପକାମୁଡ଼ାରେ ରବିବାର ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମହାକାଳପଡ଼ା ଗ୍ରାମର ପ୍ରତାପ ଜେନା(୭୨) ଓ କୃଷ୍ଣନଗର ଗ୍ରାମର ପୂର୍ବତନ ଗ୍ରାମରକ୍ଷୀ ଅନାମ ଚରଣ ମଲ୍ଲିକ(୮୬)। ପ୍ରତାପ ରାତିରେ ଶୋଇଥିବାବେଳେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ଏହା ଜାଣିବା ପରେ ତାଙ୍କୁ ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେହିପରି ଅନାମ ଶୋଇଥିବା ଅବସ୍ଥାରେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

## କେନାଲ ବନ୍ଧରେ ଜିନିଷ ଛାଡି ଫେରିବାଲା ନିଖୋଜ

ରଘୁନାଥପୁର, ୧୪।୯
(ରାଜେନ୍ଦ୍ର ନାରାୟଣ ସିଂହ)



ରଘୁନାଥପୁର ଥାନା ପୁରଣ ଗ୍ରାମ ଦକ୍ଷିଣେଶ୍ୱରୀ ମନ୍ଦିର ନିକଟସ୍ଥ ତାଳଦଣ୍ଡା କେନାଲ ବନ୍ଧରେ ରବିବାର ଜିନିଷ ଛାଡି ଜଣେ ଫେରିବାଲା ନିଖୋଜ ହୋଇଯାଇଛନ୍ତି।

ଗ୍ରାମବାସୀଙ୍କ ସୂଚନା ମୁତାବକ, ରବିବାର ସକାଳ ପ୍ରାୟ ୭ଟାରେ ପୁରଣ ତାଳଦଣ୍ଡା କେନାଲ ବନ୍ଧ ଉପରେ ଫେରିଜିନିଷ ଲଦାହୋଇଥିବା ଏକ ମୋପେଡ ମୋଟରସାଇକେଲ ଛିଡ଼ା ହୋଇ ରହିଥିଲା। ଦୀର୍ଘ ସମୟ ପର୍ଯ୍ୟନ୍ତ ଛିଡ଼ା ହୋଇ ରହିବାରୁ ଗ୍ରାମବାସୀଙ୍କ ସନ୍ଦେହଜାତ ହୋଇଥିଲା। ଗାଡ଼ି ପାଖକୁ ଯାଇ ଦେଖିବାରୁ ଏକ ବ୍ୟାଗରେ ଜଣେ ବ୍ୟକ୍ତିଙ୍କ ପିନ୍ଧା ପ୍ୟାଣ୍ଟ ଶାର୍ଟ ଥିବା ଜଣାପଡ଼ିଥିଲା। ଏନେଇ ପୋଲିସକୁ ଖବର ଦିଆଯାଇଥିଲା। ପରେ ରଘୁନାଥପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ତାଳଦଣ୍ଡା କେନାଲକୁ ଶୌଚହେବାକୁ ଯାଇ ବ୍ୟକ୍ତି ଜଣକ ପାଣିରେ ବୁଡ଼ିଯାଇଥିବା ସନ୍ଦେହ କରି ପୋଲିସ ରଘୁନାଥପୁର ଅଗ୍ନିଶମବାହିନୀକୁ ଜଣାଇଥିଲେ। ଏହାପରେ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି କେନାଲରେ ପଶି ଦୀର୍ଘ ୧୦ ଘଣ୍ଟାଧରିଖୋଜାଖୋଜି କରିଥିଲେ ମଧ୍ୟ ଫେରିବାଲାଙ୍କର କୌଣସି ସନ୍ଧାନ ମିଳିପାରି ନାହିଁ। ସମ୍ପୃକ୍ତ ଫେରିବାଲା ରଘୁନାଥପୁର ବ୍ଲକ ଜଇପୁର ଗ୍ରାମ ରଙ୍ଗଣିସାହିର ସୁରେଶ ମଣ୍ଡଳ (୫୩ ) ବୋଲି ଛପଡା ସରପଞ୍ଚ ଅମିତା ଖୁଣ୍ଟିଆ ପ୍ରକାଶ କହିଛନ୍ତି।

## ୧୭ରୁ ସରକାରୀ କାର୍ଯ୍ୟ ବର୍ଜନ କରିବେ ସରପଞ୍ଚ ସଂଘ

ରାଜନଗର, ୧୪।୯
(ଭାସ୍କର ରାଉତରାୟ)



ବୈଠକରେ ସରପଞ୍ଚ ସଂଘର ସଦସ୍ୟମାନେ।

**ମହିଳା ସରପଞ୍ଚଙ୍କୁ ଘରେ ପଶି ସଂଘବଦ୍ଧ ଆକ୍ରମଣ ଘଟଣା**

- ମାମଲା ରୁଜୁ କରି ପୋଲିସ ଚୁପ
- ୧୮ରୁ ଥାନା ଆଗରେ ଧାରଣା ଦେବ ଲୋହିଆ ବିଚାର ମଞ୍ଚ

ରାଜନଗର ଥାନା ଅଞ୍ଚଳରେ ଜଣେ ଦଳିତ ମହିଳା ସରପଞ୍ଚଙ୍କୁ ତାଙ୍କ ଘରେ ପଶି ସଂଘବଦ୍ଧ ଆକ୍ରମଣ କରାଯିବା ଘଟଣାରେ ପୋଲିସ ମାମଲା ରୁଜୁ କରି ବସିଛି। ଥାନାରେ ନଂ. ୩୦୮/୨୫, ଦଫା ୩୩୧ (୧), ୨୯୬ , ୧୧୫ (୨), ୭୪, ୭୫, ୩୦୩ (୨), ୩୫୧ (୨), ୩ (୫) ଓ ଜାତି ନେଇ ଗାଳିଗୁଲଜ ଦଫା ୩ (୧)ଆର, ୩ (୧) ଏସ୍, ୩ (୨) ଭିଏରେ ଚଳିତ ମାସ ୫ ତାରିଖରେ ମାମଲା ରୁଜୁ ହୋଇଛି। ପୋଲିସ ମାମଲା ରୁଜୁ କରିଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଘଟଣାର ୯ ଦିନ ପରେ ବି ଗିରଫ ନ କରିବା ଘଟଣାକୁ ନେଇ ପ୍ରତିକ୍ରିୟା ବଢ଼ିବାରେ ଲାଗିଛି। ଏହି ଘଟଣାରେ ପୂର୍ବରୁ କେନ୍ଦ୍ରାପଡ଼ା ଜିଲା ସରପଞ୍ଚ ସଂଘ ସଭାନେତ୍ରୀ ଚାମେଲୀ ଓଝାଙ୍କ ନେତୃତ୍ୱରେ ସରପଞ୍ଚମାନେ ରାଜନଗର ଆଇଆଇସି, କେନ୍ଦ୍ରାପଡ଼ା ଜିଲାପାଳ, କେନ୍ଦ୍ରାପଡ଼ା ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିଥିଲେ। ରବିବାର ଆମ୍ବେଡକର ଲୋହିଆ ବିଚାର ମଞ୍ଚ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛି। ସେପଟେ ରାଜନଗର ସରପଞ୍ଚ ସଂଘ ବୈଠକ ବସି ସରକାରୀ କାର୍ଯ୍ୟ ବର୍ଜନ କରିବାକୁ ନିଷ୍ପତ୍ତି ନିଆଯାଇଛି।

ଆମ୍ବେଡକର ଲୋହିଆ ବିଚାର ମଞ୍ଚ, କେନ୍ଦ୍ରାପଡ଼ା ଜିଲା ସଂଘ ପକ୍ଷରୁ ରାଜନଗର ଆଇଆଇସିଙ୍କୁ ରାଜପୁର ସରପଞ୍ଚ ରାଣୀମଞ୍ଜରୀ ସେଠୀଙ୍କୁ ତାଙ୍କ ଘରେ ପଶି ସଂଘବଦ୍ଧ ଆକ୍ରମଣ କରିବା ସହିତ ଜାତି ନେଇ ଖରାପ ଭାଷାରେ ଗାଳିଗୁଲଜ କରାଯାଇଥିଲା। ଏହି ଘଟଣାରେ କାହିଁକି ଅଭିଯୁକ୍ତମାନଙ୍କୁ ଗିରଫ କରାଯାଉନାହିଁ ବୋଲି ପ୍ରଶ୍ନ କରିବା ସହ ୧୭ ତାରିଖ ଭିତରେ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ୧୮ ତାରିଖଠାରୁ ରାଜନଗର ଥାନା ଆଗରେ କାର୍ଯ୍ୟାନୁଷ୍ଠାନ ପର୍ଯ୍ୟନ୍ତ ଧାରଣାରେ ବସିବୁ ବୋଲି ଲିଖିତ ଭାବେ ଜଣାଇଛନ୍ତି। ଏଥିରେ ମଞ୍ଚର କେନ୍ଦ୍ରାପଡ଼ା ଜିଲା ସଂଘ ସଭାପତି ରବୀନ୍ଦ୍ର ସେଠୀଙ୍କ ନେତୃତ୍ୱରେ ଏକ ଟିମ୍ ଥାନାରେ ପହଞ୍ଚି ଲିଖିତ ଭାବେ ଜଣାଇଛନ୍ତି।

ଅନ୍ୟପକ୍ଷରେ ରାଜନଗର ସରପଞ୍ଚ ସଂଘ ସଭାପତି ଅଶୋକ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ସରପଞ୍ଚ ସଂଘର ବୈଠକ କୁରୁଣ୍ଟିଠାରେ ବସିଥିଲା। ବୈଠକରେ ରାଜପୁର ସରପଞ୍ଚଙ୍କୁ ମାଡ଼ ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରୁ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏଥିରେ ଜିଲା ସଂଘ ସହ ଆଲୋଚନା କରି ଏସ୍‌ପି କାର୍ଯ୍ୟାଳୟ ଘେରାଉ ପାଇଁ ଆଲୋଚନା କରାଯାଇଥିଲା। ବୈଠକରେ ସରପଞ୍ଚ ମାଡ଼ ଖାଇବା ଘଟଣାରେ ପୋଲିସ ଓ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବାରୁ ଆସନ୍ତା ୧୭ ତାରିଖରୁ ସରପଞ୍ଚମାନେ ସରକାରୀ କାର୍ଯ୍ୟ ବର୍ଜନ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ସରପଞ୍ଚ ନିରଞ୍ଜନ ରାଉତ, ବୀଣାପାଣି ପ୍ରଧାନ, ପୁଷ୍ପଲତା ପାତ୍ର, ଇତିଶ୍ରୀ ମହାପାତ୍ର, ଚିତ୍ତରଞ୍ଜନ ପଣ୍ଡା, ସସ୍ମିତା ମହାନ୍ତି, ଶୈଳେନ୍ଦ୍ର କୁମାର ମିଶ୍ର, ସମୀର କୁମାର ସେଠୀ, ଲୋପାମୁଦ୍ରା ଜେନା, ଦ୍ରୌପଦୀ ସେଠୀ, ହେମଲତା ମାହୁନ୍ତ, ସୁଶ୍ରୀ ସଂଗୀତା ମହାପାତ୍ର, ମଞ୍ଜୁଳା ଦାସ, ବୈଦେହୀ ଦାସ, ଭବାନୀ ପାତ୍ର, ଗାୟତ୍ରୀ ପରିଡ଼ା ପ୍ରମୁଖ ସରପଞ୍ଚମାନେ ଯୋଗଦେଇଥିଲେ।


**ସେଲ୍ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ପନୁନୀ



@ ବିଶ୍ୱକଳ୍ପିତା



@ ଚିତ୍ରସେନ



@ ଚିନ୍ମ




@ ଦୀପକ



@ ପ୍ରକାଶ


ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ଉପକୂଳ ଅଞ୍ଚଳ ବିପର୍ଯ୍ୟୟକୁ ରୋକିବ ସବୁଜ ବଳୟ





ଦକ୍ଷିଣ ଜମ୍ବୁ ମା’ ଗଙ୍ଗାମାତା ପଡ଼ିଆଠାରେ ଗୋଷ୍ଠୀର ମହିଳାଙ୍କ ପକ୍ଷରୁ ରବିବାର ଚାରାରୋପଣ।

- ଚାରାରୋପଣରେ ଜମ୍ବୁ ମହିଳାମାନେ ଆଗରେ
- ୫ ହଜାର ଚାରାରୋପଣ ଅଭିଯାନ

ମହାକାଳପଡ଼ା,୧୪।୯
(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ ବିପର୍ଯ୍ୟୟକୁ ରୋକିବା ପାଇଁ ବ୍ୟାପକ ଚାରାରୋପଣ କରି ଆଗେଇ ଆସିଛନ୍ତି ଜମ୍ବୁ ଅଞ୍ଚଳର ବନ୍ଧନ ମହିଳା ଗୋଷ୍ଠୀ ସଙ୍ଗଠନର ସଦସ୍ୟାମାନେ। ମହିଳାମାନଙ୍କ କହିବା କଥା, ସମୟ ଆସିବ ଶୁଦ୍ଧ ଅମ୍ଳଜାନ ମିଳିବ ନାହିଁ। ବଞ୍ଚିବା ପାଇଁ ଶୁଦ୍ଧ ବାୟୁ ପାଇବାକୁ ନିଜେ ସବୁଜ ବଳୟ ସୃଷ୍ଟି କରିବା ଆବଶ୍ୟକତା ରହିଛି। ସେଥିପାଇଁ ଗଛ ମା’ ହେଲା ଦ୍ୱିତୀୟ ଜନ୍ମଦାତ୍ରୀ। ଗଛ ମା’କୁ ସେବା କରିବା ସୁଯୋଗ ମିଳିଛି ବୋଲି ମହିଳାମାନେ ଆଗେଇ ଆସି ମା’ ପାଇଁ ଗଛଟିଏ ଲଗାଇ ଆଗାମୀ ଭବିଷ୍ୟତ ଦାୟାଦଙ୍କ ପାଇଁ ଉଦାହରଣ ସୃଷ୍ଟି କରିବାକୁ ଶପଥ ନେଇଛନ୍ତି। ଏହି ଅବସରରେ ଜମ୍ବୁ ଗ୍ରାମର ମହିଳା ଗୋଷ୍ଠୀ ସଙ୍ଗଠିତ ହୋଇ ସଂଖ୍ୟାଧିକ ଚାରାରୋପଣ କରିଛନ୍ତି।

ବଙ୍ଗୋପସାଗର କୂଳରେ ଜମ୍ବୁ ଗ୍ରାମ ଅବସ୍ଥିତ ଥିବାରୁ ବହୁ ସମୟରେ ସାମୁଦ୍ରିକ ବାତ୍ୟା, ସୁନାମି ଆଶଙ୍କା ରହିଛି। ପ୍ରଚୁର ମାତ୍ରାରେ ବିଶେଷକରି ଲୁଣା ହେନ୍ତାଳ ଜଙ୍ଗଲ ସୃଷ୍ଟି କରିବାକୁ ସେମାନେ ଆଗଭର ହେଉଛନ୍ତି। କାହିଁକି ନା ସାମୁଦ୍ରିକ ବିପର୍ଯ୍ୟୟକୁ ରୋକିବାକୁ ହେଲେ ହଜାର ହଜାର ସଂଖ୍ୟାରେ ଲୁଣା ହେନ୍ତାଳ ଜଙ୍ଗଲ ସୃଷ୍ଟି ଦରକାର। ଏହାହେଲେ ବିପର୍ଯ୍ୟୟ ଦାଉରୁ ଜନଜୀବନ ବଞ୍ଚିବ ବୋଲି ମହିଳାମାନେ କହିଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବ୍ୟାପକ ଚାରାରୋପଣ କରିବାକୁ ପଦକ୍ଷେପ ନେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସନ୍ଦେଶ ମା’ ପାଇଁ ଗଛଟିଏ ଲଗାଇଲେ ଏ ବିଶ୍ୱ ସମାଜର ଜୀବଜଗତ ବଞ୍ଚିବ। ବ୍ଲକ ଅଧୀନ ଜମ୍ବୁ-ଭାଟେଣି ସଂଲଗ୍ନ ଗୋବରୀ ନଦୀକୂଳରେ ଲୁଣା ଜଙ୍ଗଲ ସୃଷ୍ଟି କରିବାକୁ ମହିଳା ଗୋଷ୍ଠୀ ଚାରାରୋପଣ କରିଛନ୍ତି। ଏହି ଅବସରରେ ପରିବେଶବିତ୍ ଗୌତମ ଗାୟନଙ୍କ ନେତୃତ୍ୱରେ ମହିଳାମାନେ ରବିବାର ଅପରାହ୍ନରେ ମିଳିତ ହୋଇ ପରିବେଶ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ କରିଛନ୍ତି। ଦକ୍ଷିଣ ଜମ୍ବୁ ମା’ ଗଙ୍ଗାମାତା ପଡ଼ିଆଠାରେ ସବୁଜ ବଳୟ ସୃଷ୍ଟି କରିବାକୁ ବିଭିନ୍ନ କିସମର ଲୁଣା ଜାତୀୟ, ଦେଶୀୟ ଚାରା, ଔଷଧୀୟ ଗୁଣ ଚାରା ଲଗାଇବା ସହ ସମାଜକୁ ନୂଆ ବାର୍ତ୍ତା ଦେଇଛନ୍ତି। ରବିବାର ୨୦୦ ଚାରା ରୋପଣ କରାଯାଇଛି। ଆଗାମୀଦିନରେ ଏହି ଉପକୂଳ ଅଞ୍ଚଳ ନଦୀକୂଳ, ବାଡ଼ି ବଗିଚା, ନଦୀବନ୍ଧ ପାର୍ଶ୍ୱରେ ୫ ହଜାରରୁ ଅଧିକ ବିଭିନ୍ନ ପ୍ରଜାତିର ଚାରାରୋପଣ କରାଯିବ ବୋଲି ପରିବେଶବିତ୍ ଗାୟନ ଓ ମହିଳାମାନେ ଶପଥ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ବନ୍ଧନ ମହିଳା ଗୋଷ୍ଠୀ ସମ୍ପାଦକ କନକଲତା ଗାୟନ, କାକଳୀ ବୈଦ, ଭବାନୀ ମଣ୍ଡଳ, ପିଙ୍କି ଦାସ, ସନ୍ଧ୍ୟା ମାଝୀ, ଝୁମା ସିଂ, ନମିତା ସରକାର, ଚନ୍ଦନା ମଣ୍ଡଳ, ମୌସୁମୀ ମଣ୍ଡଳ ଓ ବୈଶାଖୀ ଜର୍ଦ୍ଦାରଙ୍କ ସମେତ ବହୁସଂଖ୍ୟାରେ ମହିଳା ଉପସ୍ଥିତ ଥିଲେ।

## ପାଣିରେ ବୁଡି ଯୁବତୀ ମୃତ

ଜଗତ୍‌ସିଂହପୁର, ୧୪।୯
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଥାନା ଓଡ଼ିଶୋ ପଞ୍ଚାୟତ ଅନ୍ତର୍ଗତ ସାମନ୍ତରାପୁର ଗ୍ରାମର ଜଣେ ଯୁବତୀଙ୍କ ଅକାଳ ମୃତ୍ୟୁ ଘଟିଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସେ ହେଲେ ଅଭିନ ମଲ୍ଲିକଙ୍କ ଝିଅ ନୟନା (୪୪)। ଗାଁ ପାଖ ମାଛଗାଁ କେନାଲକୁ ନୟନା ସ୍ନାନ କରିବାକୁ ଯାଇଥିବା ବେଳେ ଅସାବଧାନତାବଶତଃ ପାଣିରେ ବୁଡ଼ିଯାଇଥିଲେ। ଫଳରେ ତାଙ୍କ ମୃତ୍ୟୁ ଘଟିଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲା। ଗାଁ ଶ୍ମଶାନରେ ନୟନାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## କୋଇଲା ବୋଝେଇ ଟ୍ରେନ୍‌ରୁ ମୃତଦେହ ଜବତ

**ତାଳଚେରରୁ ଆସିଥିଲା ଟ୍ରେନ୍**

ପାରାଦୀପ,୧୪।୯(ଶରତ ରାଉତ)

ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ଜେଏସ୍‌ଡବ୍ଲ୍ୟୁ ପ୍ଲଟ୍‌ରୁ ରବିବାର ମାଲବାହୀ କୋଇଲା ବୋଝେଇ ଟ୍ରେନ୍‌ରୁ ଏକ ମୃତଦେହ ଜବତ କରାଯାଇଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ବନ୍ଦର ସୁରକ୍ଷାରେ ଥିବା ସିଆଇଏସ୍‌ଏଫ୍ କର୍ମଚାରୀ ମୃତଦେହ ଦେଖି ପ୍ରଥମେ ପାରାଦୀପ ଆଦର୍ଶ ଥାନା ପୋଲିସକୁ ସୂଚନା ଦେଇଥିଲେ। ଏହା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ମୃତକଙ୍କୁ ପ୍ରାୟ ୪୦ ବର୍ଷ ହେବ। ଟ୍ରେନ୍‌ରେ ଥିବା କୋଇଲା ଉପରେ ତଳକୁ ମୁହଁ କରି ଶୋଇଥିବା ଭଳି ମୃତଦେହଟି ପଡ଼ିଥିଲା। ଉକ୍ତ ଟ୍ରେନ୍ ତାଳଚେରରୁ କୋଇଲା ବୋଝେଇ କରି ଆସିଥିଲା। ଜେଏସ୍‌ଡବ୍ଲ୍ୟୁ ପ୍ଲଟରେ କୋଇଲା ଖଲାସ ବେଳେ ଘଟଣା ସମ୍ପର୍କରେ ଜଣାପଡ଼ିଥିଲା। ଏବେ ପୋଲିସ ମୃତଦେହ ସଂରକ୍ଷିତ ରଖିଥିବାବେଳେ ସୋମବାର ବ୍ୟବଚ୍ଛେଦ ହେବ ବୋଲି ଜଣାପଡ଼ିଛି। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ. ୨୩/୨୫) ରୁଜୁ ହୋଇଛି।

# ବଦଳୁନି ଅଣସଙ୍ଗଠିତ ଶ୍ରମିକଙ୍କ ଜୀବନ ଜୀବିକା

ନୟାଗଡ଼,୧୪।୯(ଲୋକନାଥ ମିଶ୍ର)

■ପଥର, ବାଲି ଖାଦାନରେ ବଢ଼ୁଛି ମୃତ୍ୟୁ
■କାରଣ ବଦଳି ଯାଉଥିବାରୁ ମିଳୁନି ସହାୟତା



ନୟାଗଡ଼ ଜିଲାରେ ଅଣସଙ୍ଗଠିତ ଶ୍ରମିକଙ୍କ ଜୀବନ ଜୀବିକା ବଦଳି ପାରୁନି। ଜିଲାରେ ବେଆଇନ ଭାବେ ଚାଲିଥିବା ପଥର ଓ ବାଲିଖାଦାନ, କାମ କରୁଥିବା ଅଣପଞ୍ଜୀକୃତ ଶ୍ରମିକଙ୍କ ଯୋଗୁ ସରକାରୀ ସହାୟତା ସ୍ୱପ୍ନ ହୋଇଯାଉଛି। ପୁଣି ଶ୍ରମିକଙ୍କ ମୃତ୍ୟୁ ଖଣି ଓ ବାଲି ଖାଦାନରେ ହେଉଥିଲେ ମଧ୍ୟ ସରକାରୀ ରେକର୍ଡରେ ଏହାର କାରଣ ବଦଳି ଯାଉଥିବାରୁ ସରକାରୀ ସହାୟତା ନ ମିଳିବା ଅନ୍ୟତମ କାରଣ। ଅଣସଙ୍ଗଠିତ ଶ୍ରମିକଙ୍କ ପାଇଁ ଅନେକ ଆଇନ ଥିଲେ ହେଁ ଜିଲାରେ ଆବଶ୍ୟକ ସଚେତନତା ହେଉ ନ ଥିବା ଅଭିଯୋଗ ହୋଇଆସୁଛି ।

ଅଣସଙ୍ଗଠିତ ଶ୍ରମିକମାନଙ୍କୁ ବୃତ୍ତି, ନିଯୁକ୍ତିର ପ୍ରକାର, ବିଶେଷ ଭାବେ ଗରିବ ଓ ଚାକିରିଆ ଶ୍ରେଣୀ ଆଦି ୪ ଭାଗରେ ବିଭକ୍ତ କରାଯାଇଛି। ଏହି ବର୍ଗର ଶ୍ରମିକମାନଙ୍କ ପାଇଁ ସରକାର ଅନେକ ଯୋଜନା କରିଛନ୍ତି। ହେଲେ ଏହା ତଳସ୍ତରକୁ ଆସୁ ନାହିଁ। ଏପରିକି ଯୋଜନା ଅଛି ବୋଲି ଅନେକ ଜାଣନ୍ତି ନାହିଁ। କେତେକ ଲୋକ ଧରାଧରି କରି ଏହାର ଫାଇଦା ଉଠାଇବାରେ ବ୍ୟସ୍ତ। ସେପଟେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ଶ୍ରମିକ ପରିଶ୍ରମ କରି ଯୋଜନାର ସୁଫଳ ପାଇପାରୁନି। ଏମାନଙ୍କ ପାଇଁ କୌଣସି ସଙ୍ଗଠନ ମଧ୍ୟ କାମ କରୁନାହିଁ। ଜିଲାରେ କଳା ମୁଗୁନି ଓ ମାଙ୍କଡ଼ା ପଥର, କ୍ରସର ଓ ବାଲିଖାଦାନ ରହିଛି। ଏଥିରୁ ଅଧିକାଂଶ ବେଆଇନ ଭାବେ ଚାଲିଛି। ବେଆଇନ ଖାଦାନ ଓ ଖଣିରେ ଏବଂ ଲିଜ୍ ଖଣିରେ ମଧ୍ୟ ଅଣପଞ୍ଜୀକୃତ ଶ୍ରମିକ କାମ କରୁଛନ୍ତି। ପ୍ରଶାସନ ପକ୍ଷରୁ ଚଢ଼ାଉ ଓ ଧରପଗଡ଼ ନାହିଁ। ଏନେଇ ନୟାଗଡ଼ର ମଦନ ପ୍ରଧାନ, ଗଣିଆର ସସ୍ମିତା ନାୟକ ଓ ଭାପୁରର ହୀନ ନାୟକ ପ୍ରମୁଖ ଶ୍ରମିକ କୁହନ୍ତି, କାମ କରିବା ପାଇଁ ପଞ୍ଜୀକରଣ କରାଯିବା ନେଇ ଅନେକ ଶ୍ରମିକ ଜାଣନ୍ତି ନାହିଁ। ସେହିପରି ପଞ୍ଜୀକୃତ ଶ୍ରମିକଙ୍କୁ କାମରେ ଲଗାଇବାକୁ ଖଣି ଖାଦାନ ମାଲିକଙ୍କ ଆଗ୍ରହ ନାହିଁ। ଏଥିରେ ଅସୁବିଧା ଓ ବିପଦ ଅଛି। କୌଣସି ଅଘଟଣ ଘଟିଲେ ସମ୍ପୃକ୍ତ ପରିବାରକୁ କ୍ଷତିପୂରଣ ଦେଇ ମୃତ୍ୟୁର କାରଣ ବଦଳାଯାଏ। ଏଥିପାଇଁ ଥାନାରେ କିଛି ଖର୍ଚ୍ଚ କରିବାକୁ ପଡ଼େ। ବେଆଇନ କାର୍ଯ୍ୟକୁ ଲୁଚାଇବାକୁ ଏସବୁ ଚାଲେ। ହେଲେ ପ୍ରଶାସନ ପକ୍ଷରୁ ଏହାର ପ୍ରକୃତ ଯାଞ୍ଚ କରାଗଲେ ଠିକ୍ ତଥ୍ୟ ଲୋକଲୋଚନକୁ ଆସିପାରନ୍ତା। କିନ୍ତୁ ବେନିୟମ କାର୍ଯ୍ୟରେ ତଳସ୍ତରରୁ ଉପର ପର୍ଯ୍ୟନ୍ତ ସମ୍ପୃକ୍ତି ରହୁଥିବାରୁ ଆଇନକୁ ଖୋଜିବାକୁ କେହି ନାହିଁ। ଏପରିକି ମୃତ୍ୟୁ ଘଟିଥିବା ପରିବାରର ସଦସ୍ୟମାନେ ଟଙ୍କା ପାଇଁ କାରଣ ବଦଳାଇବାକୁ ପଛାନ୍ତି ନାହାନ୍ତି। ସରକାରୀ ସହାୟତା ଆଇନ ଅନୁସାରେ ପାଇବା କଷ୍ଟକର ଜାଣି ଏଭଳି ପନ୍ଥା ବାଛି ନିଅନ୍ତି। ଏଣୁ ଶ୍ରମିକଙ୍କ ପରିବାର ଉପେକ୍ଷିତ ଓ ଅବହେଳିତ ହୋଇ ପଡୁଛନ୍ତି । ଏଥିରେ ପରିବର୍ତ୍ତନ କରିବା କଷ୍ଟକର ବୋଲି ସୂଚନା ଦେଇଛନ୍ତି।

ନୟାଗଡ଼ ଜିଲା ଶ୍ରମିକ ମହାସଂଘ ସଭାପତି ଶୂନ୍ୟ ବିଜୟୀ ମିଶ୍ର, ଶ୍ରମିକ ନେତା ବସୁଦେବ ମହାନ୍ତି କୁହନ୍ତି, ଶ୍ରମିକ ପ୍ରାଣ ହରାଇଲେ ଶ୍ରମ ବିଭାଗ ପର୍ଯ୍ୟନ୍ତ କଥା ଆସେନି। ସବୁ ଚାପରେ ଚେପା ହୋଇ ରହିଯାଏ। ଯଦି କେତେବେଳେ ଅଭିଯୋଗ ମିଳେ, ତୁରନ୍ତ ଚାପିଦିଅ ବୋଲି ପରାମର୍ଶ ମିଳେ। ଏଣୁ ଏଭଳି ମୃତ୍ୟୁର ତଦନ୍ତକୁ ଶ୍ରମ ବିଭାଗ ଗୁରୁତ୍ୱ ଦିଏ ନାହିଁ। ବେଳେବେଳେ କେତେକ ସ୍ଥାନରେ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳେନା ବୋଲି କହିଛନ୍ତି। ରଣପୁରର ଶର୍ମିଷ୍ଠା ସ୍ୱାଇଁ କୁହନ୍ତି, ଗତ ୬ ବର୍ଷ ଭିତରେ ନୟାଗଡ଼ ଜିଲାରେ ୨୫ରୁ ଉର୍ଦ୍ଧ୍ୱ ଶ୍ରମିକଙ୍କର ଜିଲାରେ ମୃତ୍ୟୁ ହୋଇଛି। ହେଲେ ସମସ୍ତଙ୍କର ମୃତ୍ୟୁର କାରଣ ବଦଳି ଯାଇଛି। କିନ୍ତୁ ସେମାନଙ୍କର ମୃତ୍ୟୁ ପଥର ଓ ବାଲି ଖାଦାନ ଯୋଗୁ ହୋଇଥିଲେ ମଧ୍ୟ ସତ ଲୁଚିଯାଉଛି ବୋଲି କହିଥିଲେ ।

## ଛାତ୍ରୀ, ଯୁବତୀଙ୍କୁ କମେଣ୍ଟ

### ଶିବାଜୀନଗର ରାସ୍ତାରେ ନାହିଁ ପାଟ୍ରୋଲିଂ

ନୟାଗଡ଼,୧୪।୯(ଲୋକନାଥ ମିଶ୍ର)

ନୟାଗଡ଼ ଟାଉନ ଥାନା ରାମସାହୁ ଗଳି ଦେଇ ଶିବାଜୀନଗର ଓ କେଶରପୁର ନୟାଗଡ଼ ଯିବା ରାସ୍ତାରେ ପ୍ରତ୍ୟେକ ଯୁବତୀ ଓ ଛାତ୍ରୀଙ୍କୁ କମେଣ୍ଟ କରାଯାଉଥିବା ଅଭିଯୋଗ ହୋଇଆସୁଛି। କେତେକ ଅସାମାଜିକ ଯୁବକ ପ୍ରତିଦିନ ଉକ୍ତ ରାସ୍ତାରେ ଏକାଠି ହୋଇ କମେଣ୍ଟ କରୁଛନ୍ତି । ନୟାଗଡ଼ ଟାଉନ ଥାନା ପୋଲିସ ପକ୍ଷରୁ ସେହି ରାସ୍ତାରେ ପାଟ୍ରୋଲିଂ ହେଉନଥିବାରୁ ଛାତ୍ରୀ, ଯୁବତୀମାନେ ଯାତାୟାତ କରିବାକୁ ଭୟ କରୁଛନ୍ତି । ଏନେଇ ନୟାଗଡ଼ ଟାଉନ ଥାନା ପୋଲିସକୁ ସୂଚନା ଦିଆଯାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଉ ନ ଥିବା କୁହାଯାଉଛି।

## ୩ ଗ୍ୟାସ୍ ସିଲିଣ୍ଡର ଜବତ, ୪ ଗିରଫ

ଖଣ୍ଡପଡ଼ା,୧୪।୯(ଅଜୟ କୁମାର ମହାରଣା)

କଣ୍ଟିଲୋ ନୀଳମାଧବ ମନ୍ଦିର ସିଂହଦ୍ୱାର ପାର୍ଶ୍ୱରେ ଥିବା ନୀଳମାଧବ ପୂଜକ ସମାଜର କୋଠଘର(ବାଘ ଆଖଡ଼ା ଘର) କବାଟ ତାଡ଼ି ୨ଟି ଗ୍ୟାସ୍ ସିଲିଣ୍ଡର କେହି ଦୁର୍ବୃତ୍ତ ଚୋରିକରି ନେଇଥିବା ପୂଜକ ସମାଜର ସନ୍ତୋଷ କୁମାର ମିଶ୍ର କଣ୍ଟିଲୋ ଫାଣ୍ଡିରେ ଲିଖିତ ଜଣାଇଥିଲେ। ପୋଲିସ ନଂ. ୨୬୨/୨୫ରେ ଏକ ମାମଲା ରୁଜୁକରି ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାସ ଏ ଦିଗରେ ତ୍ୱରିତ ପଦକ୍ଷେପ ସହ ୪ ଅଭିଯୁକ୍ତଙ୍କୁ ଗିରଫକରି ୩ ଗ୍ୟାସ୍ ସିଲିଣ୍ଡର ଜବତ କରିଛନ୍ତି। ଅଭିଯୁକ୍ତମାନେ ହେଲେ କଣ୍ଟିଲୋ ଫକୀର ଅତବୁଦ୍ଧିପାଟଣାର ରଜତ ଦଳେଇ, କୃଷ୍ଣ ଚନ୍ଦ୍ର ବେହେରା,ଭାଗୀରଥି ବେହେରା ଓ କାଳନ୍ଦୀ ଦଳେଇ। ସମସ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିବା ଫାଣ୍ଡି ଅଧିକାରୀ ଦାସ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ସ୍ଥାନୀୟ ସେବକ ସାହିର ସନ୍ତୋଷଙ୍କ ବାପାଙ୍କର ଶୁଦ୍ଧି କାର୍ଯ୍ୟ ପାଇଁ ସେ ଉକ୍ତ କୋଠଘରକୁ ବ୍ୟବହାର କରି ଶନିବାର ବିଳମ୍ବିତ ରାତିରେ ତାଲା ପକାଇ ନିଜ ଘରକୁ ଯାଇଥିଲେ। ରବିବାର ସକାଳୁ ଉକ୍ତ ଘର ତାଲା ଭାଙ୍ଗି ଭିତରେ ଥିବା ୨ଟି ଗ୍ୟାସ୍ ସିଲିଣ୍ଡର କେହି ଦୁର୍ବୃତ୍ତ ନେଇଯାଇଥିବା ଜାଣିବା ପରେ ଫାଣ୍ଡିରେ ଜଣାଇଥିଲେ। ପୋଲିସର ଖୋଳତାଡ଼ ପରେ ନିକଟସ୍ଥ ମହାନଦୀ ବଳି ଭିତରେ ଗୋଟିଏ ସିଲିଣ୍ଡରକୁ ଜବତ କରିବା ସହ ୪ ଜଣକୁ ଠାବ କରିଥିଲେ। ଆଉ ୨ ସିଲିଣ୍ଡର ପୋଲିସ ଜବତ କରିଛି ।



ଜବତ ଗ୍ୟାସ୍ ସିଲିଣ୍ଡର, ଗିରଫ ଅଭିଯୁକ୍ତ ।

## ରାଜବାଟିରେ ଦର୍ଶନ ଦେଲେ ମା' ଖିଲାମୁଣ୍ଡା



■ବୁଢ଼ାବୁଢ଼ି ବେଶରେ ଆସିଛନ୍ତି
■ଦଶହରାରେ ପାରା ଦେହରେ ଫେରିବେ

ରଣପୁର,୧୪।୯(ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ବନ୍ଧମୁଣ୍ଡା ପଞ୍ଚାୟତ ସଂରକ୍ଷିତ ଜଙ୍ଗଲ ରାଆଁଳା ଗ୍ରାମର ଘଞ୍ଚ ବଣ ପାହାଡ ଘେରା ଜଙ୍ଗଲରେ ପୂଜା ପାଉଥିବା ମା' ଖିଲାମୁଣ୍ଡା ରବିବାରଠାରୁ ରାଜବାଟିରେ ଦର୍ଶନ ଦେଉଛନ୍ତି। ୧୬ ଦିନର ଯାତ୍ରା ରବିବାର ଦୁତିଆ ଓଷାଠାରୁ ଆରମ୍ଭ ହୋଇଛି । ପ୍ରତିବର୍ଷ ମା' ଆଶ୍ୱିନମାସ ଦୁତିଆ ଓଷା ଦିନରେ ୧୬ ଦିନ ପାଇଁ ରଣପୁର ରାଜବାଟିକୁ ଆସି ଶହରା ଦିନ ପାରା ଦେହରେ ଫେରିଥାନ୍ତି। ଚଳିତ ବର୍ଷ ମା' ବୁଢ଼ା ରୂପରେ ଦର୍ଶନ ଦେଲେ ବୋଲି ପୂଜାରୀ ଜଣାଇଛନ୍ତି। ବହୁ ସଂଖ୍ୟାର ଲୋକ ଶନିବାର ରାତିରେ ମାଳ ଜଙ୍ଗଲ ମଧ୍ୟରେ ଥିବା ମା'ଙ୍କ ପୀଠରେ ରୁଣ୍ଡ ହୋଇଥିଲେ। ଦୀର୍ଘ ୩୦୦ ବର୍ଷ ଧରି ମା' ଖିଲାମୁଣ୍ଡା ରାଆଁଳାରୁ ରଣପୁର ରାଜ ପ୍ରସାଦକୁ ଆସୁଥିବା ଜଣାଯାଇଛି। ଦୁତିଆ ଓଷାରେ ବିଧିମୁତାବକ ପୂଜା ପାଠପରେ ମା' ସବାର ହୋଇଥିଲେ। ପରେ ସେଠାରେ ଉପସ୍ଥିତ ଭକ୍ତଙ୍କ ମଧ୍ୟରୁ କେତେକଙ୍କୁ ଡାକିଆଣି ହୁକୁମ୍ ଦେଇଥିଲେ । ଦୀର୍ଘସମୟ ଧରି ଭକ୍ତଙ୍କ ହୁକୁମ୍ ପରେ ଏକ ବିରାଟ ବାଉଁଶ ଦଣ୍ଡରେ ଝୁଲି ପଡିଥିଲେ। ରବିବାର ଅପରାହ୍ନ ୧ ଟାରେ ରାଜପ୍ରସାଦ କର୍ମଚାରୀମାନେ ମା'ଙ୍କୁ ରଣପୁର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ରଣପୁରଠାରୁ ୨୫ କି.ମି.ଦୂର ସଂରକ୍ଷିତ ଜଙ୍ଗଲରେ ମା' ଖିଲାମୁଣ୍ଡା ପୂଜା ପାଆନ୍ତି । ସେଠାରୁ ପ୍ରତି ବର୍ଷ ୧୬ ଦିନ ପାଇଁ ରଣପୁର ରାଜପ୍ରସାଦକୁ ଆସି ପୂଜା ପାଇଥାନ୍ତି । ମା' ଙ୍କୁ ବଳାମୁକୁଳି ପୀଠରୁ ପାଛେଟି ଆଣନ୍ତି ରଣପୁର ରାଜା ଦିଲ୍ଲୀପ ଚନ୍ଦ୍ର ସିଂ । ଦୁତିଆ ଓଷା ପୂର୍ବଦିନ ସ୍ଥାନୀୟ ରାଜପ୍ରସାଦ କର୍ମଚାରୀମାନେ ରାଜବାଟିରେ ଥିବା ଏକ ବିରାଟ ବାଉଁଶ ଖଣ୍ଡକୁ ରାଆଁଳ ଅଭିମୁଖେ ନେଇଥାନ୍ତି । ଖିଲାମୁଣ୍ଡା ପୀଠକୁ ବାଉଁଶ ଖଣ୍ଡ ନେଇ ସେଠାରେ ପୂଜା କଳାପରେ କାଳେସୀ ସବାର ହୋଇଥାଏ । ପ୍ରଥମେ ଦେଶ ଓ ରାଜ୍ୟର ସାମ୍ପ୍ରତିକ ସ୍ଥିତି କିଭଳି ରହିବ ବୋଲି ମତ ନେଇଥାନ୍ତି । ଖିଲାମୁଣ୍ଡା ସେଠାରେ ବୁଢା ବୁଢୀ, ପୁଅ ପାଟିଆକାର, ବୋହୂ ଗୁପତ ସିଂ ନାମରେ ରହିଥାନ୍ତି । ଯଦି ଠାକୁର ବୁଢାବୁଢୀ ରୂପରେ ଦର୍ଶନ ଦେବେ, ତେବେ ସେହି ବର୍ଷ ଭଲ ଫସଲ ହେବବୋଲି ବିଶ୍ୱାସ ରହିଛି। ଚଳିତ ବର୍ଷ ମା' ବୁଢା ରୂପରେ ଦର୍ଶନ ଦେଇଥିବା ଜଣାଯାଇଛି। ସୂଚନାଯୋଗ୍ୟ, ମା'ଙ୍କ ମହିମାରୁ ରଣପୁର ରାଜାଙ୍କଠାରୁ ପୁରୀ ଗଜପତି ପରାସ୍ତ ହୋଇଥିବା କିମ୍ବଦନ୍ତୀରେ ଉଲେଖ ରହିଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

## ଚାଲାଣ ବେଳେ ଧରାପଡିଲା କଣ୍ଟ୍ରୋଲ ଚାଉଳ

ନୟାଗଡ/ରଣପୁର,୧୪।୯
(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ଖଡିଆ ରିଟେଲରଙ୍କ ଟ୍ରକ୍‌କୁ ଅଟକ ରଖି ପୋଲିସର ତଦନ୍ତ

ନୟାଗଡ ଜିଲା ରଣପୁର ବ୍ଲକ ଖଡିଆ ରିଟେଲର କଣ୍ଟ୍ରୋଲ ଚାଉଳ ଚୋରା ଚୋଲାଣ କରୁଥିବାବେଳେ ରବିବାର ରଣପୁର ଥାନା ଦର୍ପନାରାୟଣପୁର ଫାଣ୍ଡି ପୋଲିସ ଜବତ କରିଛି। ଜବତ ଟ୍ରକ୍‌ରେ ୫୦କେଜି, ୨୫ କେଜି ଓ ୪୦କେଜି ଓଜନର ପ୍ରାୟ୧୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଚାଉଳ ଥିବା ଜଣାପଡିଛି । କଣ୍ଟ୍ରୋଲ ଚାଉଳ ଜବତ ପରେ ପୋଲିସ ଜିଲା ଯୋଗାଣ ବିଭାଗକୁ ଅବଗତ କରାଇଛି । ସୋମବାର ଜିଲା ଯୋଗାଣ ବିଭାଗର ତଦନ୍ତ ପରେ ଚାଉଳ ଚୋରା ଚାଲାଣର ଗୁମର ଫିଟିବ। ଘଟଣା ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ମୁରଲୀ କ୍ରିଷ୍ଣାଙ୍କୁ ପଚାରିବାରୁ ଖଡିଆ ରିଟେଲରଙ୍କର ଚାଉଳ ବୋଝେଇ ଟ୍ରକ୍ ଖଡିଆ ଗାଁ ନିକଟରୁ ଜବତ କରାଯାଇଥିବା ସୂଚନା ମିଳିଛି । ସୋମବାର ଯାଞ୍ଚ ପରେ ତଥ୍ୟ ଦିଆଯିବ ବୋଲି ସେ କହିଛନ୍ତି ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ପନୁନୀ



@ ବିଶ୍ୱକଳ୍ପିତା



@ ଚିତ୍ରସେନ



@ ଚିନ୍ଦ୍ର



@ ଦୀପକ



@ ପ୍ରକାଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ଖଣ୍ଡପଡ଼ାର ଶ୍ରୀହନୁମାନ କାଠିପୂଜା

ଖଣ୍ଡପଡ଼ା,୧୪।୯(ଅଜୟ କୁମାର ମହାରଣା)

**୩୦୦ ବର୍ଷରୁ ଊର୍ଦ୍ଧ୍ୱ ନିଆରା ପରମ୍ପରା**

ଶ୍ରୀହନୁମାନ କାଠିପୂଜା ଖଣ୍ଡପଡ଼ା ଗଡ଼ଜାତ ଅଞ୍ଚଳର ଏକ ସ୍ୱତନ୍ତ୍ର ତଥା ବିଶେଷ ପରମ୍ପରା । ରାଜରାଜୁଡ଼ା ଅମଳରୁ ପାଳିତ ହୋଇ ଆସୁଥିବା ଏହି ପୂଜା ପାଇଁ ରବିବାର ଖଣ୍ଡପଡ଼ା ସହର ଉତ୍ସବମୁଖର ହୋଇ ଉଠିଥିଲା । ବିଳମ୍ବିତ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଉଜାଗର ରହି ହନୁମାନ କାଠି ଦର୍ଶନ ସହ ପୂଜାର୍ଚ୍ଚନାରେ ସାମିଲ ହୋଇଥିଲେ । ଖଣ୍ଡପଡ଼ା ରାଜ ପରିବାରର ଦାୟାଦ ତଥା ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହ ମର୍ଦ୍ଦରାଜ ଏବଂ ପୁରୁଖା ଲୋକମାନଙ୍କ କହିବାନୁଯାୟୀ, ମୂଳାଷ୍ଟମୀ ତଥା ଦୁତିଆ ଓଷା ତିଥିରେ ଖଣ୍ଡପଡ଼ା ରାଜବାଟୀ ପରିସରରେ ଥିବା ପର୍ବଘରେ ଦୀର୍ଘ ୩୦୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ହନୁମାନ କାଠିପୂଜା ଷୋଡ଼ଶ ଉପଚାରରେ ହୋଇ ଆସୁଛି । ୧୬ ଦିନ ବ୍ୟାପୀ ପୂଜାର୍ଚ୍ଚନାର ଆଦିପର୍ବ ଭାବରେ ଏହା ଖୁବ୍ ପରିଚିତ । ନିଶାର୍ଦ୍ଧରେ ପାଳିତ ହେଉଥିବା ଏହି ପର୍ବକୁ ଉପଭୋଗ କରିବା ଲାଗି ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଲୋକଙ୍କ ସୁଅ ଛୁଟିଥାଏ । ବିଶେଷକରି ଖଣ୍ଡପଡ଼ା ଓ ଖଳିସାହି ଅଞ୍ଚଳର ଲୋକମାନେ ଏହି ପର୍ବକୁ ଉପଭୋଗ କରିଥାନ୍ତି। ପ୍ରତି ଘର ଆଗରେ ପୂର୍ଣ୍ଣକୁମ୍ଭ ଥୋଇ ପ୍ରଦୀପ ପ୍ରଜ୍ୱଳନ କରିଥା'ନ୍ତି । ପରିବାରର ମଙ୍ଗଳ କାମନାକରି କାଠିଦିଅଁକୁ ଦୁଆରେ ଭୋଗ ଲାଗି କରିଥାନ୍ତି । ଖଣ୍ଡପଡ଼ା ରାଜବାଟୀ ପରିସରସ୍ଥିତ ପର୍ବ ଘରେ ବର୍ଷ ତମାମ ପୂଜା ପାଉଥିବା ୧୬ ହାତ ଲମ୍ବର (ଯିଏ ରଜା ଥା'ନ୍ତି ତାଙ୍କ ହାତର ମାପ ଅନୁସାରେ ୧୬ ହାତ)

ଏହି ହନୁମାନ କାଠିକୁ ନେଇ ସ୍ଥାନୀୟ ଗଡ଼ଭିତରସାହିର ସେବାୟତମାନେ ଖଳିସାହିସ୍ଥିତ ତୋଟା ହନୁମାନଙ୍କ ପୀଠକୁ ସନ୍ଧ୍ୟା ସମୟରେ ଯାଇଥାନ୍ତି। ତୋଟା ହନୁମାନଙ୍କ ପୀଠରେ ଷୋଡ଼ଶ ଉପଚାରରେ ବିଗ୍ରହଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ । ବିଗ୍ରହଙ୍କଠାରୁ ଆଜ୍ଞାମାଳ ପ୍ରାପ୍ତି ପରେ ସେବାୟତମାନେ ମନ୍ଦିରରୁ ଏକ ବିରାଟ ପାଟ ପଟୁଆରରେ କାଠି ଦିଅଁକୁ ଧରି ଖଳିସାହି, ଇଚ୍ଛାପୁର, ବରାଡାବାରୀ ଗ୍ରାମ ଦେଇ ଖଣ୍ଡପଡ଼ା ସହରର ଜେଲଖାନା ଛକରେ ପହଞ୍ଚିବା ପରେ ସହର ପରିକ୍ରମା କରିଥା'ନ୍ତି। ଖଣ୍ଡପଡ଼ା ରାଜବାଟୀରେ କାଠି ଦିଅଁ ପହଞ୍ଚିବା ପରେ ରାଜ ପରିବାରର ଇଷ୍ଟଦେବୀ ମା' ବାଉରୀ ଠାକୁରାଣୀଙ୍କୁ ଏକ ସୁସଜ୍ଜିତ ବିମାନରେ ପର୍ବ ଘରକୁ ବିଜେ କରାଯାଇଥାଏ । ପର୍ବଘରେ ହନୁମାନ କାଠିଦିଅଁ ଓ ମା' ବାଉରୀ ଠାକୁରାଣୀ ପବିତ୍ର ଦଶହରା ପର୍ଯ୍ୟନ୍ତ ଅବସ୍ଥାନ କରିଥା'ନ୍ତି। ପର୍ବଘରେ ଷୋଡ଼ଶ ଉପଚାରରେ କାଠିଦିଅଁ ଓ ବାଉରୀ ଠାକୁରାଣୀଙ୍କୁ ପୂଜା କରାଯାଇଥାଏ। ଦଶହରା ଦିନ ମା' ପୂଜାସ୍ଥଳୀକୁ ବିଜେ ହୋଇଥାନ୍ତି। ସେହିଦିନ ପର୍ବଘରେ ବଳି ପଡ଼ିବାର ପରମ୍ପରା ରହିଛି। ହନୁମାନ କାଠିପର୍ବର ପରମ୍ପରା ସମ୍ପର୍କରେ ଶୁଣିବାକୁ ମିଳେ: ଏକଦା ପର୍ବ ମାସରେ କୋଟେଇଶୁଣୀ ବୋଲି ଜଣେ ଦୁଷ୍ଟ ଠାକୁରାଣୀ ଗ୍ରାମ ପରିକ୍ରମା କରି ଛୋଟ ଛୋଟ ପିଲାମାନଙ୍କୁ ମାରି ଦେଉଥିଲା। ଅନେକ ପିଲା ମରିଯିବା ପରେ ତତ୍କାଳୀନ ରାଜାଙ୍କୁ ସ୍ୱପ୍ନାଦେଶ ହେଲା। ପର୍ବମାସର ପ୍ରାରମ୍ଭରେ ହନୁମାନ କାଠିଦିଅଁ ବିଜେ ହେଲେ ଦୁଷ୍ଟ ଠାକୁରାଣୀ କୋଟେଇଶୁଣୀ ଆଉ ତାର ଦୌରାତ୍ମ୍ୟ ଦେଖାଇ ପାରିବ ନାହିଁ। ଫଳରେ ଛୋଟ ପିଲା ଆଉ ମରିବେ ନାହିଁ । ସ୍ୱପ୍ନାଦେଶକୁ ଆଧାର କରି ଖଣ୍ଡପଡ଼ାର ତତ୍କାଳୀନ ରାଜା ସେହିଦିନଠାରୁ ହନୁମାନ କାଠିଦିଅଁକୁ ବିଜେ କରିବା ପରଠାରୁ ଦୁଷ୍ଟ କୋଟେଇଶୁଣୀ ଠାକୁରାଣୀର ଦୌରାତ୍ମ୍ୟ ଶେଷ ହୋଇଥିଲା । ପରମ୍ପରା ଓ ଲୋକକଥାକୁ ଆଧାର କରି ସେହି ଦିନଠାରୁ ଖଳିସାହି ତୋଟା ହନୁମାନଙ୍କ ପୀଠରୁ କାଠିଦିଅଁ ବାହାରି ଗ୍ରାମ ପରିକ୍ରମା କରୁଥିବା ବେଳେ ଦୁଷ୍ଟ କୋଟେଇଶୁଣୀ ଠାକୁରାଣୀ ଖଳିସାହି ତୋଟା ହନୁମାନ ବିଗ୍ରହଙ୍କ ପାଦ ତଳେ ଏକ ଲୁହା ଶୃଙ୍ଖଳିରେ ବନ୍ଧା ହୋଇଥିବାର ଦୃଶ୍ୟ ଏବେବି ଦେଖିବାକୁ ମିଳେ।



ଶ୍ରୀ ହନୁମାନଙ୍କ କାଠିପୂଜା କରାଯାଉଛି।

## ଓଲଟିଲା ଯାତ୍ରୀବାହୀ ବସ୍: ୫ ଆହତ, କଣ୍ଡକ୍ଟର ଗୁରୁତର



ଦୁର୍ଘଟଣାଗ୍ରସ୍ତ ବସ୍

ଦଶପଲ୍ଲା,୧୪।୯
(ପ୍ରକାଶ କୁମାର ପାଣି)

ନୟାଗଡ଼ ଜିଲା ବାଣୀଗୋଛା ଥାନା ଜାମୁସାହି ଛକ ନିକଟରେ ଏକ ଘରୋଇ ଯାତ୍ରୀବାହୀ ବସ୍ ରବିବାର ଦୁର୍ଘଟଣାଗ୍ରସ୍ତ ହୋଇଛି । ଫଳରେ କଣ୍ଡକ୍ଟର ଗୁରୁତର ହୋଇଥିବା ବେଳେ ୫ରୁ ଊର୍ଦ୍ଧ୍ୱ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି। ଶନିବାର ବିଳମ୍ବିତ ରାତିରେ ଉକ୍ତ ବସ୍ ଭୁବନେଶ୍ୱରରୁ ବଲାଙ୍ଗୀର ଅଭିମୁଖେ ଯାଉଥିବା ବେଳେ ଏଥିରେ ୩୫ରୁ ଅଧିକ ଯାତ୍ରୀ ଥିଲେ। ବାଣିଗୋଛା ଥାନା ନିକଟ ଜାମୁସାହି ଛକ ନିକଟ ଫାଙ୍କା ରାସ୍ତାରେ ଏକ ମାଲବାହୀ ଟ୍ରକ୍‌କୁ ସାଇଡ୍ ଦେବାକୁ ଯାଇ ବସ୍‌ଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିବା କଣ୍ଡକ୍ଟର କହିଛନ୍ତି। ଖବର ପାଇ ବାଣୀଗୋଛା ପୋଲିସ ଏବଂ ଦଶପଲ୍ଲା ଦମକଳ ବାହିନୀ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବସ୍‌ରୁ ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରିଥିଲା। ଅନ୍ୟ ଏକ ବସ୍‌ରେ ବଲାଙ୍ଗୀର ଅଭିମୁଖେ ଯାତ୍ରୀମାନଙ୍କୁ ପଠାଯାଇଛି।

# ଘର ସାମ୍ନାରୁ ନାବାଳିକାଙ୍କୁ ଅପହରଣ

## ବିଭିନ୍ନ ରାସ୍ତାକୁ ନାକାବନ୍ଦୀ କରି ପୋଲିସର ଛାନ୍‌ଭିନ୍

ବାସୁଦେବପୁର,୧୪।୯ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଚୁଡ଼ାମଣି ସାମୁଦ୍ରିକ ଥାନା ଅଧୀନ ରାଧାନାଥପୁର ଆଡ଼ିଆ ଗ୍ରାମରେ ଶନିବାର ରାତିରେ ଜଣେ ବ୍ୟକ୍ତିଙ୍କ ଘର ସାମ୍ନାରୁ ତାଙ୍କ ନାବାଳିକା ଝିଅକୁ ଦୁର୍ବୃତ୍ତମାନେ ଅପହରଣ କରିନେଇଛନ୍ତି। ଭଦ୍ରକ ଏସ୍‌ପି ମନୋଜ ରାଉତଙ୍କ ନିର୍ଦ୍ଦେଶକ୍ରମେ ବାସୁଦେବପୁର ପୋଲିସ ସେହି ଅଞ୍ଚଳର ବିଭିନ୍ନ ରାସ୍ତାକୁ ବ୍ଲକେଡ୍ କରି ଛାନ୍‌ଭିନ୍ କରିଛି। ଏନେଇ ନାବାଳିକାଙ୍କ ଅଜାଙ୍କ ଅଭିଯୋଗକ୍ରମେ ଚୁଡ଼ାମଣି ସାମୁଦ୍ରିକ ଥାନାରେ ଏକ ମାମଲା (ନଂ. ୭୪/୨୫) ରୁଜୁ ହୋଇଛି। ରବିବାର ଏସ୍‌ପି ରାଉତ ଉକ୍ତ ଗ୍ରାମରେ ପହଞ୍ଚି ନାବାଳିକାଙ୍କ ପରିବାର ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି।

ସୂଚନା ଅନୁଯାୟୀ, ୮ ବର୍ଷୀୟା ନାବାଳିକା ରାତି ପ୍ରାୟ ୮ଟା ବେଳେ ଶୌଚହେବାକୁ ଘରୁ ବାହାରକୁ ଆସିଥିଲେ। ଏହି ସମୟରେ ପୂର୍ବରୁ ଅନ୍ଧାରରେ ରାସ୍ତାରେ ଜଗି ରହିଥିବା ୨ଜଣ ଅଚିହ୍ନା ଯୁବକ ଜୋରଜବରଦସ୍ତି ତାଙ୍କୁ ଉଠାଇ ନେଇ ବାଇକ୍‌ରେ ବସାଇ ଚମ୍ପଟ ମାରିଥିଲେ। ନାବାଳିକାଙ୍କ ବଡ଼ଭଉଣୀ ଏହା ଦେଖି ଘର ଲୋକଙ୍କୁ ଡାକ ପକାଇଥିଲେ। ପରିବାର ଲୋକ ଓ ପଡ଼ୋଶୀ ଆଖପାଖ ଅଞ୍ଚଳ ଖୋଜାଖୋଜି କରିବା ପରେ ନାବାଳିକାଙ୍କର କୌଣସି ସୁରାକ୍ ନ ପାଇ ଚୁଡ଼ାମଣି ସାମୁଦ୍ରିକ ଥାନାକୁ ଜଣାଇଥିଲେ। ପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ବାସୁଦେବପୁର ଥାନାଧିକାରିଣୀ ଲୋପାମୁଦ୍ରା ନାୟକ, ନାୟକାଣିଡିହି ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକ, କଷିଆ ସାମୁଦ୍ରିକ ଥାନାଧିକାରିଣୀ ସାବିତ୍ରୀ ପଣ୍ଡା, ଚୁଡ଼ାମଣି ସାମୁଦ୍ରିକ ଥାନାଧିକାରିଣୀ ବନାନୀ ବେହେରା ପ୍ରମୁଖ ବାସୁଦେବପୁରର ବିଭିନ୍ନ ରାସ୍ତାକୁ ବ୍ଲକେଡ୍ କରି ଅପହୃତା ନାବାଳିକାଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଚଳାଇଛନ୍ତି। ଭଦ୍ରକ ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ ଏହି ଘଟଣାର ତଦନ୍ତ ଦାୟିତ୍ୱ ନେଇଛନ୍ତି। ଖୁବ୍‌ଶୀଘ୍ର ନାବାଳିକାଙ୍କୁ ଉଦ୍ଧାର କରାଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି।

## ସୁରକ୍ଷାବଳ ସହ ଗୁଳି ବିନିମୟ

# ମାଓବାଦୀ ସବ୍ ଜୋନାଲ କମାଣ୍ଡର ନିହତ

ରାଉରକେଲା,୧୪।୯ (ସଙ୍ଗୀତା ଜେନା)

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ମାଓବାଦୀ ଦମନ ପ୍ରକ୍ରିୟା ଜୋରଦାର କରାଯାଇଛି। କ୍ରମବର୍ଦ୍ଧିଷ୍ଣୁ ଅପରାଧ ନିୟନ୍ତ୍ରଣ ପାଇଁ ପ୍ରାୟ ୨ବର୍ଷ ହେଲା ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ କରାଯାଉଛି। ଏହି କ୍ରମରେ ରବିବାର ସକାଳ ୬ଟାରେ ସୀମାନ୍ତ ସରଣ୍ଡା ଅଞ୍ଚଳରେ କୋମ୍ବିଂ ବେଳେ ସୁରକ୍ଷାବଳ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ସୁରକ୍ଷାବଳଙ୍କ ଗୁଳିମାଡ଼ରେ ଜଣେ ମାଓବାଦୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମାଓବାଦୀ ସବ୍ ଜୋନାଲ କମାଣ୍ଡର ମୁଖଦେବ ଯାଦବ। ତାଙ୍କ ମୁଣ୍ଡ ଉପରେ ୫ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା ହୋଇଥିଲା। ଏ ନେଇ ସିଆର୍‌ପିଏଫ୍ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ସୂଚନା ଅନୁଯାୟୀ, ସରଣ୍ଡା ଜଙ୍ଗଲ ସଂଲଗ୍ନ ମାନାଟୁ ଜଙ୍ଗଲରେ ସୁରକ୍ଷାବଳ ଏବଂ ପ୍ରତିବନ୍ଧିତ ମାଓବାଦୀ ସଙ୍ଗଠନ ଟିଏସ୍‌ପିଏସ୍ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ପାଲାମୁ ଏସ୍‌ପି ରିଷ୍ମା ରାମେଶନଙ୍କ ନେତୃତ୍ୱରେ ସୁରକ୍ଷାବଳଙ୍କ ଗୁଳିମାଡ଼ର ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଯାଞ୍ଚ ବେଳେ ଘଟଣାସ୍ଥଳରେ ସବ୍ ଜୋନାଲ କମାଣ୍ଡର ମୁଖଦେବଙ୍କ ମୃତଦେହ ମିଳିଥିଲା। ସେହିପରି ଗୋଟିଏ ଇନସାସ୍ ରାଇଫଲ୍, ପିସ୍ତଲ, ଗୁଳି ଓ ମାଗାଜିନ୍ ସହ ଅନ୍ୟ ସାମଗ୍ରୀ ଜବତ ହୋଇଛି। ସେପ୍ଟେମ୍ବର ୩ ରାତିରେ ଉକ୍ତ ମାଓବାଦୀ ସଙ୍ଗଠନ ସହିତ ଗୁଳି ବିନିମୟ ସମୟରେ ପାଲାମୁ ଜିଲାର ୨ ଜଣ ଯବାନ୍ ଶହୀଦ ହୋଇଥିଲେ। ପରେ ସୁରକ୍ଷାବଳ ପକ୍ଷରୁ କୋମ୍ବିଂ ଅପରେଶନ କରାଯାଇ ଟିଏସ୍‌ପିଏସି ସୁପ୍ରିମୋ ଶଶିକାନ୍ତ ଗୁଞ୍ଜୁଙ୍କୁ ଟାର୍ଗେଟ କରାଯାଇଥିଲା। ତାଙ୍କ ମୁଣ୍ଡ ଉପରେ ୧୦ଲକ୍ଷ ଟଙ୍କା ପୁରସ୍କାର ରାଶି ରହିଥିଲା। ରବିବାର ସକାଳେ କୋମ୍ବିଂ ଅପରେଶନ ସମୟରେ ମାଓବାଦୀମାନେ ସୁରକ୍ଷାବଳଙ୍କ ଉପରକୁ ଆଖିବୁଜା ଗୁଳିଚାଳନା କରିଥିଲେ। ଏହାର ଜବାବରେ ୨୦୯ କୋବ୍ରା, ଜାଗୁଆର ଏବଂ ସିଆର୍‌ପିଏଫ୍ (ଏସ୍‌ଟିଏଫ୍) ସମେତ ସୁରକ୍ଷାବଳଙ୍କ ପାଲଟା ଗୁଳିମାଡ଼ କରିଥିଲେ। ସୁଯୋଗ ନେଇ ମାଓବାଦୀମାନେ ଘଟଣାସ୍ଥଳ ଛାଡ଼ି ଫେରାର ହୋଇଯାଇଥିଲେ। ନିହତ ମାଓବାଦୀଙ୍କ ମୃତଦେହ ଜବତ ହୋଇଛି ଏବଂ କୋମ୍ବିଂ ଅପରେଶନ ଜାରି ରହିବ ବୋଲି ଏସ୍‌ପି ରାମେଶନ୍ କହିଛନ୍ତି।



କୋମ୍ବିଂ ବେଳେ ଜବତ ମାଓବାଦୀ ସାମଗ୍ରୀ।

## ୨ ଯୁବକଙ୍କୁ ଅପହରଣ ସହ ଆକ୍ରମଣ ଓ ଗୁଳିମାଡ଼ ଘଟଣା

# ପୂର୍ବ ଶତ୍ରୁତାରୁ ହତ୍ୟା ଉଦ୍ୟମ: ୩ ଗିରଫ

## ଖଣ୍ଡା, ଖୋକା, ୨ ବାଇକ ଜବତ

ଖୋର୍ଦ୍ଧା,୧୪।୯ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅଧୀନ ହାଟବସ୍ତ ଛକରୁ ୨ଯୁବକଙ୍କୁ ଅପହରଣ ପରେ ଆକ୍ରମଣ ଓ ଗୁଳିମାଡ଼ ଘଟଣାର ପର୍ଦ୍ଦାଫାଶ୍ କରିଛି ପୋଲିସ। ଏହି ମାମଲାରେ ୩ ଅଭିଯୁକ୍ତଙ୍କୁ ଗିରଫ ପରେ ରବିବାର କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଙ୍କୋଇର ଭିକାରି ଜୟସିଂହ ଓରଫ ହାଡ଼ିଆ(୨୩), ବାବୁଲୁ ବରାଡ଼ ଓରଫ ବବୁଲୁ(୨୧) ଏବଂ ଅଜିତ କୁମାର ଦଳେଇ ଓରଫ ବାବୁ (୪୦)। ସେମାନଙ୍କଠାରୁ ୨ଟି ବାଇକ (ନଂ ଓଡି୦୨-ଏଜେଡ୍-୪୦୮୨ ଏବଂ ଓଡି୩୩ କ୍ୟୁ-୫୧୮୪), ଖଣ୍ଡା, ୩ଟି ଖୋକା ଜବତ କରାଯାଇଛି। ଏହି ଘଟଣାର ଅନ୍ୟତମ ଅଭିଯୁକ୍ତ ସୂର୍ଯ୍ୟକାନ୍ତ ଛୋଟରାୟ ଓରଫ ସିଲୁଙ୍କ ସମେତ ଅନ୍ୟମାନେ ଫେରାର ଅଛନ୍ତି। ପୂର୍ବ ଶତ୍ରୁତାରୁ ଅଭିଯୁକ୍ତମାନେ ସମ୍ପୃକ୍ତ ଯୁବକ ଦ୍ୱୟଙ୍କୁ ହତ୍ୟା ଉଦ୍ୟମ କରିଥିଲେ ବୋଲି ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ଜାଣିବାକୁ ପାଇଛି।



ଗିରଫ ୩ ଅଭିଯୁକ୍ତ ଏବଂ ଜବତ ଖଣ୍ଡା ଓ ଗୁଳି।

ପୋଲିସ ସୂଚନା ଅନୁଯାୟୀ, ଗତ ୧୦ ତାରିଖ ରାତିରେ ହାଟବସ୍ତ ଛକରେ ପ୍ରାୟ ୧୦ରୁ ୧୨ଜଣ ଯୁବକ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଧରି ୬ଟି ବାଇକରେ ଆସି ପହଞ୍ଚିଥିଲେ। ଘଟଣାସ୍ଥଳରେ ସେମାନେ ବଡ଼କୁମାରୀ ଗ୍ରାମର ମାନସ ଜେନା ଓ ଦୀପକ ପରିଡ଼ାଙ୍କୁ ଖଣ୍ଡାରେ ଆକ୍ରମଣ ସହ ଗୁଳିମାଡ଼ କରି ଅପହରଣ କରିନେବା ପରେ ହତ୍ୟା ଧମକ ଦେଇଥିଲେ। ପରେ ଅଭିଯୁକ୍ତମାନେ ମାନସ ଓ ଦୀପକଙ୍କୁ ପଟାବନ୍ଧା ଡ୍ୟାମ୍ ଆଡ଼କୁ ନେଇଯାଇ ସେଠାରେ ଉଲଗ୍ନ କରିଥିଲେ। ହତ୍ୟା ଉଦ୍ଦେଶ୍ୟରେ ମାନସଙ୍କୁ ଘେରିଯାଇ ଖଣ୍ଡାରେ ମୁଣ୍ଡ, ମୁହଁ, ହାତ ଏବଂ ଶରୀରର ଅନ୍ୟ ସ୍ଥାନରେ ଆକ୍ରମଣ, ଛୁରାଘାତ, ଗୁଳିମାଡ କରିଥିଲେ। ଦୀପକଙ୍କ ମୁଣ୍ଡରେ ବୋତଲରେ ପିଟିଦେବା ସହ ଖଣ୍ଡାରେ ହାଣିଥିଲେ। ଏହାପରେ ଅଭିଯୁକ୍ତମାନେ ଉଭୟଙ୍କୁ ଫତେଗଡ଼ ଥାନା ଅନ୍ତର୍ଗତ ବାଲିଆପଟା ଜଙ୍ଗଲ ଅଞ୍ଚଳକୁ ନେଇଯାଇଥିଲେ। ସେଠାରେ ସେମାନଙ୍କୁ ଜୋରଜବରଦସ୍ତ ଅପରିଷ୍କାର ପାଣି ପିଆଇ ଛାଡ଼ିଦେଇଥିଲେ। ମାନସଙ୍କ ବେକରୁ ସୁନାଚେନ ଓ ମୋବାଇଲ ଫୋନ ଛଡାଇ ନେଇଥିଲେ। ଏହି ଘଟଣା ସମ୍ପର୍କରେ ଫତେଗଡ଼ ପୋଲିସ ଖବର ପାଇ ଅଭିଯୁକ୍ତମାନଙ୍କୁ ଧରିବାକୁ ଉଦ୍ୟମ କରୁଥିବାବେଳେ ସେମାନେ ପୋଲିସ ଉପରକୁ ଗୁଳି ଚଳାଇଥିଲେ। ଏନେଇ ଫତେଗଡ ଥାନାରେ ବିଏନ୍‌ଏସ୍ ଦଫା ୧୧୫(୨),୧୦୯/୧୨୬/(୨),୧୩୨/୩(୫), ଆମର୍ସ ଆକ୍ଟ ୨୫/୨୭ ଅନୁଯାୟୀ ଏକ ମାମଲା (ନଂ. ୨୯୩/୨୫) ରୁଜୁ ହୋଇଛି। ବୋଲଗଡ଼ ପୋଲିସ ପହଞ୍ଚି ଆହତ ଦ୍ୱୟଙ୍କୁ ଉଦ୍ଧାର କରି ପ୍ରଥମେ ରାଜସୁନାଖଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ପରେ ଉଭୟଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ଆହତ ମାନସଙ୍କ ଭାଇ ନିହାରଙ୍କ ଅଭିଯୋଗ କ୍ରମେ ଥାନାରେ ବିଏନ୍‌ଏସ୍ ଦଫା ୧୨୬(୨)/୨୯୬/୧୧୫(୨)/୧୧୭(୨)/୧୧୮(୨)/୧୦୯/୧୪୦(୩)/୩୦୩/୩୫୧(୨)/୩(୫) ଏବଂ ୨୫/୨୭ ଆର୍ମସ ଆକ୍ଟରେ ଏକ ମାମଲା (ନଂ. ୨୦୭/୨୫) ରୁଜୁ ହୋଇଥିଲା।

ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶ କ୍ରମେ ସଦର ଏସ୍‌ଡିପିଓ ଅନିଲ ମହାନ୍ତିଙ୍କ ନେତୃତ୍ୱରେ ବୋଲଗଡ଼ ଥାନାଧିକାରୀ ସ୍ନିଗ୍ଧାମୟୀ ବରାଳ, ସଦର ଥାନାଧିକାରୀ କାହ୍ନୁଚରଣ ସ୍ୱାଇଁ, ଆଦର୍ଶ ଥାନାଧିକାରୀ ସଞ୍ଜୟ ନାୟକ, ବେଗୁନିଆ ଥାନାଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା, ଏସ୍‌ଆଇ ଏଲ୍.ପି. ପାଢ଼ୀ, ଏଏସ୍‌ଆଇ ଟି.କେ. ନାୟକ, ପି.କେ. ଦଳାଇ ପ୍ରମୁଖଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲେ। ୩ଜଣଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି ଶର୍ମା ସୂଚନା ଦେଇଛନ୍ତି।

# ସୀମାନ୍ତରେ ଗୁଳି ବିନିମୟ, ଜଣେ ମାଓବାଦୀ ନିହତ

ମାଲକାନଗିରି,୧୪।୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାରେ ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ଜଣେ ମାଓବାଦୀ ନିହତ ହୋଇଛନ୍ତି। ମୃତ ମାଓବାଦୀଙ୍କ ନାମ ଅରୁଣ ମାଡକାମ ବୋଲି ଜଣାପଡ଼ିଛି। ତାଙ୍କ ଉପରେ ୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ସୂଚନା ଅନୁଯାୟୀ, ମାଓବାଦୀଙ୍କ ଗତିବିଧି ସମ୍ପର୍କରେ ଖବର ପାଇ ବିଜାପୁର ଡିଆର୍‌ଜି, ଏସ୍‌ଟିଏଫ୍ ଓ କୋବ୍ରା ୨୦୨ ଯବାନମାନେ ମିଳିତ ଭାବେ ବିଜାପୁର ଜିଲାର କାକେକୋର୍ମା ଜଙ୍ଗଲରେ ସର୍ଚ୍ଚ ଅପରେଶନ କରିଥିଲେ। ଏହି ସମୟରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଥିଲା। ଏଥିରେ ମାଓବାଦୀମାନେ ଯବାନମାନଙ୍କ ଆକ୍ରମଣକୁ ପ୍ରତିହତ କରି ନ ପାରି ଜଙ୍ଗଲ ମଧ୍ୟରେ ଛତ୍ରଭଙ୍ଗ ଦେଇଥିଲେ। ଯବାନଙ୍କ ସର୍ଚ୍ଚ ଅପରେଶନ ସମୟରେ ମାଓବାଦୀ ଅରୁଣଙ୍କ ମୃତଦେହ ଜବତ କରାଯାଇଥିଲା। ଏଥିସହ ଘଟଣାସ୍ଥଳରେ ୧୨ ବନ୍ଧୁକ, ବିଜିଏଲ୍ ଲଞ୍ଚର, ବିସ୍ଫୋରକ ସାମଗ୍ରୀ, ସ୍କାନର ସେଟ୍, ସୋଲାରପ୍ଲେଟ, ମାଓବାଦୀ ପୁସ୍ତିକା ଏବଂ ଔଷଧ ଆଦି ସାମଗ୍ରୀ ଜବତ କରାଯାଇଛି।



ଜବତ ହୋଇଥିବା ମାଓବାଦୀ ସାମଗ୍ରୀ।

## BUSINESS





ଜୟଆଲୁକ୍କାସ୍ ପକ୍ଷରୁ ତେଲଙ୍ଗାନାର କୁକାଟପଲ୍ଲୀରେ ଗ୍ରାଣ୍ଡ ନୂତନ ଦ୍ୱିତୀୟ ଶୋ'ରୁମ୍ ଉଦ୍‌ଘାଟନ ଅବସରରେ ପିଏସି ଅଧ୍ୟକ୍ଷ ତଥା ସେରଲିଙ୍ଗମପଲ୍ଲୀ ବିଧାୟକ ଆରେକାପୁଡ଼ି ଗାନ୍ଧୀ, ବିବେକାନନ୍ଦ ନଗର କଲୋନି କର୍ପୋରେଟର ରୋଜା ଦେବୀ, ଜୟଆଲୁକ୍କାସ୍‌ର କାର୍ଯ୍ୟକାରୀ ନିର୍ଦ୍ଦେଶକ ଆଣ୍ଟୋନି ଜୋସ୍, ଥମାସ୍ ମାଥ୍ୟୁ, ସିଓଓ ହେନ୍‌ରୀ ଜର୍ଜ, ରିଟେଲ ମୁଖ୍ୟ ରାଜେଶ କୃଷ୍ଣନ୍, ମାର୍କେଟିଂ ମୁଖ୍ୟ ଅନୀଶ ଭାର୍ଗୀସ, ଆଞ୍ଚଳିକ ପରିଚାଳକ ସୁନୀଲ ପିଏସ୍ ପ୍ରମୁଖ ଉପସ୍ଥିତ ଅଛନ୍ତି।





ଜୟଆଲୁକ୍କାସ୍ ପକ୍ଷରୁ ତାମିଲନାଡୁର ତାଞ୍ଜାଭୁର୍‌ରେ ଗ୍ରାଣ୍ଡ ନୂତନ ଦ୍ୱିତୀୟ ଶୋ'ରୁମ୍ ଉଦ୍‌ଘାଟନ ଅବସରରେ ତାଞ୍ଜାଭୁର୍ ନଗର ନିଗମର ମେୟର ଥୁରୁ ସାନ ରାମାନାଥାନ୍, ଜୟଆଲୁକ୍କାସ୍‌ର କାର୍ଯ୍ୟକାରୀ ନିର୍ଦ୍ଦେଶକ ଆଣ୍ଟୋନି ଜୋସ୍ ଓ ଥମାସ୍ ମାଥ୍ୟୁ, ସିଓଓ ହେନ୍‌ରୀ ଜର୍ଜ, ରିଟେଲ ମୁଖ୍ୟ ରାଜେଶ କୃଷ୍ଣନ୍, ମାର୍କେଟିଂ ମୁଖ୍ୟ ଅନୀଶ ଭାର୍ଗୀସ ପ୍ରମୁଖ ଉପସ୍ଥିତ ଅଛନ୍ତି।

# 'ହ୍ୱାଇଟ ଗୁଡ୍ସ' ପାଇଁ ପିଏଲ୍‌ଆଇ ଯୋଜନାର ପୁନଃ ଆବେଦନ

ଭୁବନେଶ୍ୱର,୧୪।୯ (ଅନୁରାଧା ମହାରଣା)



କେନ୍ଦ୍ର ସରକାର ଏୟାର କଣ୍ଡିଶନର ଓ ଏଲ୍‌ଇଡି ଲାଇଟ ଆଦି 'ହ୍ୱାଇଟ ଗୁଡ୍ସ' ପାଇଁ ପ୍ରଡକ୍ସନ ଲିଙ୍କ୍‌ଡ ଇନ୍‌ସେଣ୍ଟିଭ (ପିଏଲ୍‌ଆଇ) ଯୋଜନାର ଆବେଦନ ୱିଣ୍ଡୋ ୩୦ ଦିନ ପାଇଁ ପୁନଃ ଖୋଲିଛନ୍ତି। ଏହା ସୋମବାରରୁ ଅକ୍ଟୋବର ୧୪ ପର୍ଯ୍ୟନ୍ତ ଖୋଲା ରହିବ। ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ କହିଛି, ଶିଳ୍ପ ଜଗତର ଅଧିକ ନିବେଶ ଚାହିଦାକୁ ଦେଖି ଏହି ନିଷ୍ପତ୍ତି ନିଆଯାଇଛି। ଏହା ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ। ନୂଆ ଆବେଦନକାରୀ, ବର୍ତ୍ତମାନର ଲାଭାର୍ଥୀ ଯେଉଁମାନେ ଉଚ୍ଚ ଲକ୍ଷ୍ୟ ହାସଲ କରିବାକୁ ଚାହାନ୍ତି କିମ୍ବା ଅଧିକ ନିବେଶ ପାଇଁ ପ୍ରସ୍ତାବ ଦେଉଛନ୍ତି ଏବଂ ସେମାନଙ୍କ ଗୋଷ୍ଠୀ କମ୍ପାନୀ ଆବେଦନ କରୁଛନ୍ତି, ସେମାନେ ନିର୍ଦ୍ଧାରିତ ସର୍ତ୍ତ ସହ ଆବେଦନ କରିପାରିବେ। ଚତୁର୍ଥ ପର୍ଯ୍ୟାୟରେ ସ୍ୱୀକୃତ ଆବେଦନକାରୀ ସର୍ବାଧିକ ୨ ବର୍ଷ ପାଇଁ ପିଏଲ୍‌ଆଇ ପାଇବେ। ସରକାରଙ୍କ ତଥ୍ୟ ଅନୁସାରେ, ଏହି ଯୋଜନାରେ ବର୍ତ୍ତମାନ ସୁଦ୍ଧା ୮୩ଟି କମ୍ପାନୀକୁ ଲାଭାର୍ଥୀ ଭାବେ ଚୟନ କରାଯାଇଛି। ଏମାନେ ୧୦,୪୦୬ କୋଟି ଟଙ୍କା ନିବେଶ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ନିବେଶ ଏସି ଓ ଏଲ୍‌ଇଡି ଲାଇଟ୍‌ର ସମ୍ପୂର୍ଣ୍ଣ ମୂଲ୍ୟ ଶୃଙ୍ଖଳରେ ଉପକରଣ ଉତ୍ପାଦନକୁ ବୃଦ୍ଧି କରିବ, ଯେଉଁଥିରେ ବର୍ତ୍ତମାନ ଭାରତରେ ପର୍ଯ୍ୟାପ୍ତ ମାତ୍ରାରେ ଉତ୍ପାଦନ ହେଉ ନ ଥିବା ଉପକରଣ ମଧ୍ୟ ଅନ୍ତର୍ଭୁକ୍ତ ରହିଛି। ୨୦୨୧ ଏପ୍ରିଲ ୭ରେ ଏହି ଯୋଜନାକୁ କେନ୍ଦ୍ରୀୟ କ୍ୟାବିନେଟ ଅନୁମୋଦନ କରିଥିଲା। ଏହା ୨୦୨୧-୨୨ରୁ ୨୦୨୮-୨୯ ପର୍ଯ୍ୟନ୍ତ ୭ ବର୍ଷ ପାଇଁ କାର୍ଯ୍ୟକାରୀ ହେବ ଏବଂ ଏହାର କ୍ୟାପିଟାଲ ଏକ୍ସପେଣ୍ଡିଚର ଖର୍ଚ୍ଚ ୬,୨୩୮ କୋଟି ଟଙ୍କା। ସୂଚନା ଥାଉକି, ପିଏଲ୍‌ଆଇ ଯୋଜନା ହେଉଛି ଭାରତ ସରକାରଙ୍କ ଏକ ପ୍ରମୁଖ ଶିଳ୍ପ ନୀତି। ଏହା ଅଧୀନରେ କମ୍ପାନୀଗୁଡ଼ିକୁ ସେମାନଙ୍କ ସମୃଦ୍ଧିଶୀଳ ଉତ୍ପାଦନ ଆଧାରରେ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଏ। ଏହା ଭାରତକୁ ବିଶ୍ୱ ଉତ୍ପାଦନ କେନ୍ଦ୍ର କରିବା ସହ 'ମେକ୍ ଇନ୍ ଇଣ୍ଡିଆ' ଓ 'ଆତ୍ମନିର୍ଭର ଭାରତ'କୁ ସଶକ୍ତ କରି ଘରୋଇ ଉତ୍ପାଦନ, ନୂଆ ରୋଜଗାର ଓ ରପ୍ତାନି କ୍ଷମତା ବୃଦ୍ଧି ଲକ୍ଷ୍ୟ ରଖିଛି।

# କମିବନି ୫ଟଙ୍କିଆ ଚିପ୍ସ, ବିସ୍କୁଟ ଦାମ

ଭୁବନେଶ୍ୱର,୧୪।୯

କେନ୍ଦ୍ର ସରକାର ଜିଏସଟି ସଂସ୍କାରରେ ବଡ଼ ପରିବର୍ତ୍ତନ ଆଣିଛନ୍ତି, ଯାହା ଦୈନନ୍ଦିନ ଜୀବନରେ ବ୍ୟବହୃତ ଜିନିଷକୁ ଶସ୍ତା କରିବ। ଜିଏସଟି କାଉନସିଲ ଅନେକ ଜିନିଷରେ ଟିକସ ହାର ହ୍ରାସ କରି ୫% ଓ ୧୮% ଦୁଇଟି ଟିକସ ହାରକୁ ଅନୁମୋଦନ କରିଛି। ନୂଆ ହାର ୨୨ ସେପ୍ଟେମ୍ବର ୨୦୨୫ରୁ ଲାଗୁ ହେବ। ଏହାଦ୍ୱାରା ବିସ୍କୁଟ, ସାବୁନ, ଟୁଥପେଷ୍ଟ ଭଳି ଜିନିଷ ଶସ୍ତା ହେବ।ତେବେ, ମନିକଂଟ୍ରୋଲ ଡଟ କମର ରିପୋର୍ଟ ଅନୁସାରେ, ଏଫଏମସିଜି କମ୍ପାନୀମାନେ କହିଛନ୍ତି ଯେ ୫ ଟଙ୍କାର ଚିପ୍ସ, ବିସ୍କୁଟ, ୧୦ ଟଙ୍କାର ସାବୁନ ଓ ୨୦ ଟଙ୍କାର ଟୁଥପେଷ୍ଟର ଦାମ ଅପରିବର୍ତ୍ତିତ ରହିବ। କାରଣ, ଭାରତୀୟ ଗ୍ରାହକ ଏହି ମାନକ ମୂଲ୍ୟରେ ଅଭ୍ୟସ୍ତ। ୧୦ କିମ୍ବା ୨୦ ଟଙ୍କା ବଦଳରେ ୯ କିମ୍ବା ୧୮ ଟଙ୍କା କଲେ ଗ୍ରାହକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ, ଯାହା ସେମାନଙ୍କ କ୍ରୟ ଅଭ୍ୟାସ ଓ ବିକ୍ରି ଉପରେ ପ୍ରଭାବ ପକାଇବ। ଏହି ପଦକ୍ଷେପ ଗ୍ରାହକଙ୍କ ସୁବିଧା ଓ ବଜାର ସ୍ଥିରତା ମଧ୍ୟରେ ସନ୍ତୁଳନ ରକ୍ଷା କରିବ।

# ବିଓଆଇ ପକ୍ଷରୁ ରି-କେୱାଇସି ପରିପୂର୍ତ୍ତି ଅଭିଯାନ

ଭୁବନେଶ୍ୱର,୧୪।୯ (ଅନୁରାଧା ମହାରଣା)

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ), ଭୁବନେଶ୍ୱର ରିଜିଅନ ପକ୍ଷରୁ ପୁରୀ ଜିଲା ଅରଖକୁଦା ଓ ଗୋପିନାଥପୁର ପଞ୍ଚାୟତରେ ରି-କେୱାଇସି ପରିପୂର୍ତ୍ତି ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଉପଆଞ୍ଚଳିକ ପ୍ରବନ୍ଧକ ଶ୍ୟାମଳ କୁମାର ଦାସ, ଅରଖକୁଦା ପଞ୍ଚାୟତର ସରପଞ୍ଚ ସୁମିତ୍ରା ବେହେରା, ଗୋପିନାଥପୁର ପଞ୍ଚାୟତର ସରପଞ୍ଚ ସରୋଜ କୁମାର ଲେଙ୍କା ଏବଂ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ଅଧିକାରୀ ସନ୍ତୋଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ରି-କେୱାଇସି, ପିଏମ୍‌ଜେଜେୱାଇ, ପିଏମ୍‌ଏସ୍‌ବିୱାଇ, ଅଟଳ ପେନ୍‌ସନ ଯୋଜନା ଏବଂ ଓ ଅମ୍ବୁଡ୍‌ସମ୍ୟାନ ଆଦି ଗୁରୁତ୍ୱପୂର୍ଣ୍ଣ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଉପ-ଆଞ୍ଚଳିକ ପ୍ରବନ୍ଧକ ଦାସ ସମାଜରେ ସାମାଜିକ ସୁରକ୍ଷା ଯୋଜନାର ପ୍ରଭାବ ଉପରେ ଗୁରୁତ୍ୱାରୋପ କରିଥିବା ସହ ଗ୍ରାମାଞ୍ଚଳରେ ବ୍ୟାଙ୍କିଂ ସେବାର ପ୍ରବେଶ ଉପରେ ଗୁରୁତ୍ୱ ଦେଇଥିଲେ।

# ୟୁପିଆଇ ଟ୍ରାଞ୍ଜାକ୍ସନ ସୀମା ୧୦ ଲକ୍ଷକୁ ବୃଦ୍ଧି

ଭୁବନେଶ୍ୱର,୧୪।୯ (ଅନୁରାଧା ମହାରଣା)

ନ୍ୟାଶନାଲ ପେମେଣ୍ଟସ କର୍ପୋରେଶନ ଅଫ ଇଣ୍ଡିଆ (ଏନପିସିଆଇ) ସେପ୍ଟେମ୍ବର ୧୫ରୁ ପର୍ସନ-ଟୁ-ମର୍ଚାଣ୍ଟ (ପି୨ଏମ) ୟୁପିଆଇ ଟ୍ରାଞ୍ଜାକ୍ସନର ସୀମା ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛି। ଏହା ଦ୍ୱାରା ୟୁପିଆଇ ବ୍ୟବହାର କରୁଥିବା ବଡ଼ ନେଣଦେଣ ଆହୁରି ସହଜ ହେବ। କ୍ୟାପିଟାଲ ମାର୍କେଟରେ ନିବେଶ ଓ ବୀମା ପ୍ରିମିୟମ ପେମେଣ୍ଟର ସୀମା ୨ ଲକ୍ଷରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ମାତ୍ର ଦିନକୁ ସର୍ବାଧିକ ୧୦ ଲକ୍ଷ ଟଙ୍କାରୁ ଅଧିକ ପେମେଣ୍ଟ କରାଯାଇ ପାରିବ ନାହିଁ। କ୍ୟାପିଟାଲ ମାର୍କେଟ, ବୀମା ପ୍ରିମିୟମ, କ୍ରେଡିଟ କାର୍ଡ ବିଲ, ଟ୍ରାଭେଲ ଓ ସରକାରୀ ଇ-ମାର୍କେଟପ୍ଲେସ (ଜିଇଏମ) ଭଳି କ୍ଷେତ୍ରରେ ପ୍ରତି ଟ୍ରାନ୍ଜାକ୍ସନର ସୀମା ୨ ଲକ୍ଷରୁ ୫ ଲକ୍ଷ ଟଙ୍କା ହୋଇଛି। ଗହଣା ଓ ବ୍ୟାଙ୍କିଂ ସେବା ୟୁପିଆଇ ମାଧ୍ୟମରେ ଗହଣା କ୍ରୟର ସୀମା ପ୍ରତି ଟ୍ରାଞ୍ଜାକ୍ସନ ୧ ଲକ୍ଷରୁ ବଢ଼ି ୨ ଲକ୍ଷ ଟଙ୍କା କରାଯାଇଛି। ଏହି କ୍ଷେତ୍ରରେ ଦୈନିକ ସର୍ବାଧିକ ୬ ଲକ୍ଷ ଟଙ୍କା ଟ୍ରାଞ୍ଜାକ୍ସନ କରାଯାଇ ପାରିବ। ଡିଜିଟାଲ ଅନବୋର୍ଡିଂ ମାଧ୍ୟମରେ ଫିକ୍ସଡ ଡିପୋଜିଟ ଭଳି ବ୍ୟାଙ୍କିଂ ସେବା ପାଇଁ ପ୍ରତି ଟ୍ରାଞ୍ଜାକ୍ସନ ୫ ଲକ୍ଷ ଟଙ୍କା ସୀମା ରହିଛି। ତେବେ, ପର୍ସନ-ଟୁ-ପର୍ସନ (ପି୨ପି) ପେମେଣ୍ଟର ଦୈନିକ ସୀମା ୧ ଲକ୍ଷ ଟଙ୍କା ଅପରିବର୍ତ୍ତିତ ରହିଛି। ଏନପିସିଆଇର ଏହି ପଦକ୍ଷେପ ବଡ଼ ନେଣଦେଣକୁ ସହଜ କରି ଗ୍ରାହକ ଅଭିଜ୍ଞତା ଉନ୍ନତ କରିବା ଲକ୍ଷ୍ୟ ରଖିଛି। ଏହା ବିଭିନ୍ନ କ୍ଷେତ୍ରରେ ପେମେଣ୍ଟ ପ୍ରକ୍ରିୟାକୁ ସୁଗମ କରିବ ଏବଂ ଉପଭୋକ୍ତା ଓ ବ୍ୟବସାୟୀ ଉଭୟଙ୍କୁ ଉପକୃତ କରିବ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସ୍କୁଲ ହଷ୍ଟେଲରେ ୧୩ ଛାତ୍ରୀ ଅସୁସ୍ଥ, କାରଣ ଅସ୍ପଷ୍ଟ

**ଜୟପୁର,୧୪।୯(ପବନ ପାଣିଗ୍ରାହୀ):** କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ଭେଜାହାଣ୍ଡି ୟୁପିଏସ୍ ନୋଡାଲ ସ୍କୁଲ ହଷ୍ଟେଲର ୧୩ଜଣ ଛାତ୍ରୀ ରବିବାର ଅସୁସ୍ଥ ହୋଇପଡ଼ିଛନ୍ତି। ସେମାନଙ୍କୁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗତ ୩ ଦିନ ଭିତରେ ମୋଟ ୨୪ ଜଣ ଛାତ୍ରୀ ଝାଡ଼ାରେ ଆକ୍ରାନ୍ତ ହୋଇଛନ୍ତି। ତେବେ ଏହାର କାରଣ ଅସ୍ପଷ୍ଟ ରହିଛି।

SPOT ADMISSION 2025-27
B.Ed
Approved by NCTE & Govt of Odisha
BAJIRAO B.ED ACADEMY LLP
Education For All !!!
Near Ganjam Kala Parishad, Berhampur -760001
99380 25554
63708 53214

VIKRAMA SIMHAPURI UNIVERSITY, Andra Pradesh
YOGI VEMANA UNIVERSITY, Andra Pradesh
Equivalent to Utkal & FM University
B.Ed. Regular (2025-27)
₹80,000/-
Total Course Fee
Counselling Centre - Odisha
Khan Nagar, Badambadi, Cuttack-12
7749063161
9439857522

## ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ ୦୬.୧୨.୧୯୬୫
ତିରୋଧାନ ୧୪.୦୯.୨୦୧୭

ଂ ରଜତ ପ୍ରଧାନ (ଜୁଲୁ)
BJ-22, ବିଜେବି ନଗର, ଭୁବନେଶ୍ୱର
ଅଷ୍ଟମ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ
ଧର୍ମପତ୍ନୀ - କଳ୍ପନା (କଲି), ପୁତ୍ର - ରାଜତିଳକ (ଡାବୁ), ଦାଦା-ଖୁଡ଼ୀ, ଭାଇ-ଭାଉଜ, ଭଉଣୀ-ଭିଣୋଇ, ପରିବାର ବର୍ଗ ଏବଂ MAA MANGALA INDANE, PIPILIର ସମସ୍ତ କର୍ମଚାରୀବୃନ୍ଦ।

**ବାକ୍ସରେ ଛାତ୍ରଙ୍କୁ ପୂରାଇବା ଘଟଣା**

# ଛାତ୍ରାବାସ ଦାୟିତ୍ୱରୁ ହଟିଲେ ଶିକ୍ଷୟିତ୍ରୀ

**ବଣାଇଁ,୧୪।୯(ପ୍ରଦୀପ ତ୍ରିପାଠୀ)**

ସୁନ୍ଦରଗଡ଼ ଜିଲା ଗୁରୁଣ୍ଡିଆ ବ୍ଲକ ଅନ୍ତର୍ଗତ ଜର୍ଡା ସରକାରୀ ନୋଡାଲ ହାଇସ୍କୁଲର ଛାତ୍ରାବାସରୁ ଶୁକ୍ରବାର ଜଣେ ଛାତ୍ର ଅଚେତ ଅବସ୍ଥାରେ ବାକ୍ସ ଭିତରୁ ଉଦ୍ଧାର ହେବା ଘଟଣାରେ ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଛାତ୍ରାବାସ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ମୀନା କିଷାନଙ୍କୁ ଦାୟିତ୍ୱରୁ ହଟାଯାଇଛି। ଏଣିକି ଜଣେ ନୁହେଁ, ସମସ୍ତ ଶିକ୍ଷକ ରୋଷ୍ଟର କ୍ରମରେ ଛାତ୍ରାବାସ ଦାୟିତ୍ୱ ତୁଲାଇବେ ବୋଲି ପ୍ରଧାନ ଶିକ୍ଷକ ଗଙ୍ଗାଧର ସେଠ୍ ସୂଚନା ଦେଇଛନ୍ତି। ଗୁରୁଣ୍ଡିଆ ପୋଲିସ ଘଟଣାର ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ଜର୍ଡା ସରକାରୀ ନୋଡାଲ ହାଇସ୍କୁଲର ଛାତ୍ରାବାସରୁ ଗତ ୧୨ ତାରିଖରେ ଜଣେ ଛାତ୍ରଙ୍କୁ ଅଚେତ ଅବସ୍ଥାରେ ବାକ୍ସ ଭିତରୁ ଉଦ୍ଧାର କରାଯାଇଥିଲା। ମାଡ଼ ଭୟରେ ଉକ୍ତ ଛାତ୍ରଙ୍କୁ ତାଙ୍କର ଜଣେ ସହପାଠୀ ଏକ ବାକ୍ସ ଭିତରେ ପୂରାଇ ଦେଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଏହି ଘଟଣା ପ୍ରଚାରିତ ହେବା ପରେ ଶନିବାର ବଣାଇଁ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ସ୍ୱଦୀପ ଟପ୍ପୋ, ଗୁରୁଣ୍ଡିଆ ବିଡିଓ ହାବିଲ ହାଖା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଦ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସ୍କୁଲର ପ୍ରଧାନ ଶିକ୍ଷକ ପିଟିଏ କମିଟି ବୈଠକ ଡାକି ଛାତ୍ରାବାସ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ମୀନାଙ୍କୁ ଦାୟିତ୍ୱରୁ ହଟାଇଛନ୍ତି। ଛାତ୍ରାବାସ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ବିଦ୍ୟାଳୟରେ ନ ରହି କୁଟିଣ୍ଡାରୁ ଯିବା ଆସିବା କରିଥାନ୍ତି। ଅଭିଭାବକମାନେ ଶିକ୍ଷକଙ୍କ ଭରସାରେ ପିଲାଙ୍କୁ ଛାଡ଼ି ଦେଉଥିବା ବେଳେ ଏଭଳି ଦାୟିତ୍ୱହୀନତା ସରକାରୀ ଛାତ୍ରାବାସ ପରିଚାଳନାକୁ ବଦ୍‌ନାମ କରିଥିବା ସ୍ପଷ୍ଟ ହୋଇଯାଇଛି। ସ୍ଥାନୀୟ ବାସିନ୍ଦା ଛାତ୍ରାବାସ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀଙ୍କୁ ଦାୟୀ କରିଥିବା ବେଳେ ଆଜିକୁ ପ୍ରାୟ ୮ ବର୍ଷ ହେଲା ସେ ଏହି ଦାୟିତ୍ୱ ତୁଲାଉଥିବା ଓ ପୂର୍ବରୁ ଛାତ୍ରମାନେ ତାଙ୍କ ନାଁରେ ଅଭିଯୋଗ ଆଣିଥିବା କହିଛନ୍ତି। ତାଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

ଉଲ୍ଲେଖଯୋଗ୍ୟ, କୌଣସି କାରଣ ଯୋଗୁ ତୃତୀୟ ଶ୍ରେଣୀର ଛାତ୍ର ଏବଂ ତାଙ୍କର ସହପାଠୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଭୟଭୀତ ହୋଇ ମାଡ଼ ଭୟରେ ଜଣେ ସହପାଠୀ ତାଙ୍କୁ ଏକ ବାକ୍ସ ଭିତରେ ପୂରାଇ ଦେଇଥିଲେ। ପ୍ରାର୍ଥନା କ୍ଲାସ ପରେ ରୋଲ୍ ନମ୍ବର ପଡ଼ିବା ସମୟରେ ଛାତ୍ର ଜଣକ ଅନୁପସ୍ଥିତ ଥିବା ଜଣାପଡ଼ିଥିଲା। ଏହା ଦେଖି ୱାର୍ଡେନ ପ୍ରଧାନଶିକ୍ଷକଙ୍କୁ ଜଣାଇ ସମସ୍ତେ ଖୋଜିଥିଲେ। କୌଣସି ସ୍ଥାନରେ ତାଙ୍କୁ ନ ପାଇବା ପରେ ତାଙ୍କ ଘରକୁ ଫୋନ କରିଥିଲେ। ପରିବାର ଲୋକେ ଛାତ୍ରାବାସରେ ପହଞ୍ଚି ଖୋଜାଖୋଜି କରିଥିଲେ। ଏହି ସମୟରେ ଏକ ବନ୍ଦ ବାକ୍ସ ଭିତରୁ କିଛି ଶବ୍ଦ ଶୁଣାଯାଇଥିଲା। ପରିବାର ଲୋକେ ଖୋଲିବା ପରେ ଅଚେତ ଅବସ୍ଥାରେ ଛାତ୍ରଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ଜର୍ଡା ଡାକ୍ତରଖାନାରେ ଚିକିତ୍ସା କରିବା ପରେ ଘରକୁ ନେଇଯାଇଥିଲେ।

# ୨୦୨୯ ଆମର: କେ.ସି. ବେଣୁଗୋପାଳ

**ଗାନ୍ଧୀ ଜୟନ୍ତୀରୁ ରାଜ୍ୟସାରା ପଦଯାତ୍ରା**

**ଭୁବନେଶ୍ୱର,୧୪।୯(ରବିନାରାୟଣ ଜେନା)**




କୌଣସି ନେତା ବଡ଼ କିମ୍ବା ଛୋଟ ନୁହନ୍ତି। ସମସ୍ତେ କଂଗ୍ରେସ ନେତା। ଓଡ଼ିଶାରେ ଭକ୍ତଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ଠିକଣା ବାଟରେ ଚାଲୁଛି। ଦଳର ନେତା ଓ କର୍ମୀମାନେ କଠିନ ପରିଶ୍ରମ କଲେ ଉଭୟ ଭାଜପା-ବିଜେଡିକୁ ହରାଇବା ସମ୍ଭବ। ୨୦୨୯ ଆମର ହେବ ବୋଲି ଏଆଇସିସି ସାଧାରଣ ସମ୍ପାଦକ(ସଂଗଠନ) କେ.ସି. ବେଣୁଗୋପାଳ କହିଛନ୍ତି।

ରବିବାର କଂଗ୍ରେସ ଭବନରେ ପଲିଟିକାଲ ଆଫେୟାର୍ସ କମିଟି ବୈଠକରେ ବେଣୁଗୋପାଳ କହିଛନ୍ତି, ଜାତୀୟ ସ୍ତରରେ ଯେଭଳି ଲଢ଼େଇ ହେଉଛି ସେଭଳି ଓଡ଼ିଶାରେ ଭୋଟ ଚୋରି ପ୍ରସଙ୍ଗ ସହ ମହିଳାଙ୍କୁ ନ୍ୟାୟ, ଆଦିବାସୀ ଓ ବେରୋଜଗାର ମୁଖ୍ୟ ପ୍ରସଙ୍ଗ ହେବ। ଖୁବ୍ କମ୍‌ଦିନ ମଧ୍ୟରେ ଓଡ଼ିଶାରେ ଭାଜପା ଆଣ୍ଟି ପିପୁଲ ହୋଇଯାଇଛି। ଭାଜପା ସରକାର ବିରୋଧରେ କେନ୍ଦ୍ରରେ ଯେମିତି ଲଢ଼େଇ ଚାଲିଛି ଓଡ଼ିଶାରେ ବି ସେମିତି ଲଢ଼େଇ ଜୋରଦାର ହେବ।

ସେ କହିଛନ୍ତି, ଭୋଟର ପରିଚୟପତ୍ର ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍ଆଇଆର) ଦେଶର ଗଣତନ୍ତ୍ରକୁ ଧ୍ୱଂସ କରିବାର ଯୋଜନା କରୁଛି। ଏହା କେବଳ ଭୋଟ ଚୋରି ପାଇଁ ଉଦ୍ଦିଷ୍ଟ। ନିର୍ବାଚନ କମିଶନ ନିରପେକ୍ଷ ହୋଇ ରହିନାହିଁ। ଭୋଟ ଚୋରି ମାଧ୍ୟମରେ ହିଁ ଭାଜପା ଗୋଟିଏ ପରେ ଗୋଟିଏ ରାଜ୍ୟରେ କ୍ଷମତାସୀନ ହେବାକୁ ଚେଷ୍ଟା କରୁଛି। ତେଣୁ ଓଡ଼ିଶାରେ ଆଗ୍ରେସିଭ ଢଙ୍ଗରେ କାମ କରିବାକୁ ହେବ।

ସେ ଆହୁରି କହିଛନ୍ତି, କିଛି ଦିନରେ ସୃଜନ ପ୍ରକ୍ରିୟାରେ ଦେଶର ସମସ୍ତ ଜିଲାରେ ସଂଗଠନ ହୋଇଯାଇଥିବ। ଆସନ୍ତା ୩୦ ସେପ୍ଟେମ୍ବର ସୁଦ୍ଧା ଓଡ଼ିଶାର ସମସ୍ତ ୩୫ ସାଂଗଠନିକ ଜିଲାର ସଭାପତି ଚୟନ କାର୍ଯ୍ୟ ଶେଷ ହେବ। ଦଳର ନେତା ରାହୁଲ ଗାନ୍ଧୀଙ୍କ ମାର୍ଗଦର୍ଶନରେ ଗୁଜରାଟରେ ହୋଇଥିବା ୧୦ ଦିନିଆ ପ୍ରଶିକ୍ଷଣ ଶିବିର ଶୈଳୀରେ ଓଡ଼ିଶା କଂଗ୍ରେସ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ କରିବ।

ଏହି ଅବସରରେ ବେଣୁଗୋପାଳ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଦ୍ୱାରା ପ୍ରସ୍ତାବିତ ଗାନ୍ଧୀ ଜୟନ୍ତୀଠାରୁ ହେବାକୁ ଥିବା ବର୍ଷବ୍ୟାପୀ ପଦଯାତ୍ରାକୁ ପ୍ରଶଂସା କରି କହିଲେ, ଏଥିରେ ଯେପରି ସମସ୍ତ ସକ୍ରିୟ ନେତା ଓ କର୍ମୀ ଭାଗ ନିଅନ୍ତି ତାହା ଦେଖିବାକୁ ହେବ। ପି.ଏ.ସି. ବୈଠକରେ ଅଧ୍ୟକ୍ଷତା କରି ଏଆଇସିସିର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଥିଲେ, କଂଗ୍ରେସ ଏବେ ରାଜ୍ୟରେ ଆଗକୁ ବଢ଼ୁଛି। ପିସିସି ସଭାପତି କହିଲେ, ସଂଗଠନ ସୃଜନରେ ଅଗଣିତ କଂଗ୍ରେସ ନେତା ଓ କର୍ମୀଙ୍କ ଅକ୍ଳାନ୍ତ ପରିଶ୍ରମ ବୃଥା ଯିବନାହିଁ। ଆସନ୍ତା ଅକ୍ଟୋବର ୨ରୁ ବର୍ଷବ୍ୟାପୀ ପଦଯାତ୍ରାରେ ଭାଗନେବାକୁ ସେ ଦଳର ନେତା ଓ କର୍ମୀଙ୍କୁ ଆହ୍ୱାନ କରିଥିଲେ।

ପିଏସି ବୈଠକରେ ଦୁଇଟି ପ୍ରମୁଖ ପ୍ରସଙ୍ଗକୁ ନେଇ ଜୋର୍ ଚର୍ଚ୍ଚା ହୋଇଥିଲା। ସେଥିମଧ୍ୟରେ ଜିଲା ସଭାପତି ଚୟନ ଓ ଭୋଟ ଚୋରି କାର୍ଯ୍ୟକ୍ରମକୁ ଜୋରଦାର କରିବାକୁ ନିଷ୍ପତ୍ତି ହୋଇଛି। ଏହାସହିତ ତୃଣମୂଳ ସ୍ତରକୁ ମଜଭୁତ କରିବା ସହ ବିଧାନସଭା ଭିତରେ ଓ ବାହାରେ ଲଢ଼େଇ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ପ୍ରମୁଖ ଉପସ୍ଥିତ ଥିଲେ।

# ସୁରଟରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ



ଶିବରାମ ପଲେଇ (ଫାଇଲ ଫଟୋ)

**ଧରାକୋଟ,୧୪।୯(ବିଷ୍ଣୁ କେଶରୀ ଆଚାର୍ଯ୍ୟ)**

ଗଞ୍ଜାମ ଜିଲା ଧରାକୋଟ ବ୍ଲକର ଓଳମ୍ବ ପଞ୍ଚାୟତ ଅନ୍ତର୍ଗତ କସେଇ ଗ୍ରାମର ଜଣେ ଯୁବକଙ୍କ ସୁରଟରେ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ପୀତବାସ ପଲେଇଙ୍କ ପୁଅ ଶିବରାମ (୩୦)। ଶିବରାମ ଗୁଜରାଟର ସୁରଟରେ ଏକ ସୂତା କଳରେ ଦୀର୍ଘ ୧୦ ବର୍ଷ ଧରି ଶ୍ରମିକ ରୂପେ କାମ କରୁଥିଲେ। ସେଠାରେ ସେ ଅପେକ୍ଷା ନଗର ହାଉସିଂ ବୋର୍ଡରେ ରହୁଥିଲେ। ଶନିବାର ରାତି ୯ଟାରେ ପାଣି ମୋଟର ସୁଇଚ ମାରିବା ବେଳେ ଅଚାନକ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସେ ଗୁରୁତର ହୋଇ ପଡ଼ିଥିଲେ। ତାଙ୍କୁ ତୁରନ୍ତ ନିକଟସ୍ଥ ମେଡିକାଲକୁ ନିଆଯାଇଥିଲାସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶିବରାମ ପରିବାର ଅତି ଗରିବ ଶ୍ରେଣୀର। ସେ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ଶିବରାମଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରଶାସନ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି। ତେବେ ଗ୍ରାମକୁ ମୃତଦେହ ଆଣି ନ ପାରି ପରିବାର ଲୋକେ ସୁରଟରେ ସହଯୋଗୀମାନଙ୍କ ସହାୟତାରେ ତାଙ୍କର ସତ୍କାର କରିଥିବା ଜଣାପଡ଼ିଛି।

# ହାତ ଧରିଲେ ହରିଶଙ୍କର

**ଭୁବନେଶ୍ୱର,୧୪।୯(ରବିନାରାୟଣ ଜେନା)**

ନିକଟରେ ବିଜେଡି ଛାଡ଼ିଥିବା ଛାତ୍ରନେତା ତଥା ରେଭେନ୍ସା କଲେଜର ପୂର୍ବତନ ଛାତ୍ରସଂଘ ସଭାପତି ହରିଶଙ୍କର ରାଉତ ରବିବାର ହାତ ଧରିଛନ୍ତି। କଂଗ୍ରେସ ଭବନଠାରେ ଅନୁଷ୍ଠିତ ମିଶ୍ରଣପର୍ବରେ ଏଆଇସିସି ସଂଗଠନ ସମ୍ପାଦକ କେ.ସି. ବେଣୁଗୋପାଳଙ୍କ ଉପସ୍ଥିତିରେ ହରିଶଙ୍କର ତାଙ୍କର ସମର୍ଥକଙ୍କ ସହ କଂଗ୍ରେସରେ ସାମିଲ ହୋଇଛନ୍ତି। ଏହି ଅବସରରେ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଏବଂ ପିସିସି ସଭାପତି ଭକ୍ତ ଚରଣ ଦାସ ପ୍ରମୁଖ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ହରିଶଙ୍କରଙ୍କୁ କଂଗ୍ରେସ ଦଳକୁ ସ୍ୱାଗତ କରିଥିଲେ। ଏହି ଅବସରରେ ଭକ୍ତ କହିଥିଲେ, ରାଜ୍ୟରେ ଭାଜପା ଓ ବିଜେଡି ଲୋକଙ୍କଠାରୁ ଆସ୍ଥା ହରାଇ ସାରିଛନ୍ତି। କଂଗ୍ରେସ ଏବେ ଏକମାତ୍ର ବିକଳ୍ପ। ମିଶ୍ରଣ ପର୍ବ କାର୍ଯ୍ୟକ୍ରମକୁ ଏଆଇସିସି ଓଡ଼ିଶା ସହ ପ୍ରଭାରୀ ଶାହନୱାଜ ଚୌଧୁରୀ ସଂଯୋଜନା କରିଥିବା ବେଳେ ଏମ୍‌ପି ସପ୍ତଗିରି ଉଲ୍ଲାକା, ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍, ପିସିସି କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାଶ, ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସେବା ପକ୍ଷରେ ୧ଲକ୍ଷ ଚାରା ଲଗାଇବ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା

**ଭୁବନେଶ୍ୱର,୧୪।୯(ରବିନାରାୟଣ ଜେନା)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିବସ ଉପଲକ୍ଷେ ଭାଜପା ପକ୍ଷରୁ ଆରମ୍ଭ ହେବାକୁ ଥିବା ସେବାପକ୍ଷରେ ଅନୁସୂଚିତ ଜାତି ମୋର୍ଚ୍ଚା ୧ଲକ୍ଷ ଚାରା ରୋପଣ କରିବ। ଭାଜପା କାର୍ଯ୍ୟାଳୟଠାରେ ରବିବାର ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ଅନୁଷ୍ଠିତ ବୈଠକରେ ଭାଜପା ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗରିବ ଓ ଦଳିତ ବର୍ଗର ଉତ୍ଥାନ ଲାଗି ବିଭିନ୍ନ କଲ୍ୟାଣକାରୀ ଯୋଜନା ପ୍ରଣୟନ ସହ ଅନୁସୂଚିତ ଜାତିର ଆର୍ଥିକ ବିକାଶଠାରୁ ଆରମ୍ଭ କରି ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଭଳି ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଚାଲିଛନ୍ତି। ତାଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ ପର୍ଯ୍ୟନ୍ତ ସେବା ପକ୍ଷ ଭାବେ ପାଳନ କରାଯିବ। ଏହି ଅବସରରେ ରାଜ୍ୟ ଭାଜପା ମୁଖପାତ୍ର ତଥା ଅନୁସୂଚିତ ଜାତି ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ମଲ୍ଲିକ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରୁ ଆରମ୍ଭ ହେବାକୁ ଥିବା ସେବା ପକ୍ଷରେ ଚାରା ରୋପଣ, ସ୍ୱଚ୍ଛତା ଅଭିଯାନ, ସ୍ୱାସ୍ଥ୍ୟ ଶିବିର ଓ ମୋଦିଜୀଙ୍କ ଜୀବନ ଉପରେ ପ୍ରଦର୍ଶନୀ ଆୟୋଜନ କରାଯିବ। ସେବା ପକ୍ଷରେ ମଣ୍ଡଳସ୍ତରରେ "ମା' ପାଇଁ ଗଛଟିଏ" କାର୍ଯ୍ୟକ୍ରମ କରାଯାଇ ସମୁଦାୟ ୧ ଲକ୍ଷ ଚାରା ରୋପଣ କରି ସବୁଜ ପରିବେଶର ବାର୍ତ୍ତା ଦିଆଯିବ। ବୈଠକରେ ଅନୁସୂଚିତ ଜାତି ମୋର୍ଚ୍ଚାର ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ ପ୍ରମୁଖ ଉପସ୍ଥିତ ଥିଲେ।

# Classified Everyday

**0674-2580101, 9692975378**



**REAL ESTATE**
**SALE**

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ New ODM Global School-2 ଏବଂ KIIT କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ investment ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। 9692276835, 7077632085. D-1698

ଭୁବନେଶ୍ୱର ନଖରାଛକରୁ ୨ K.M. ଦୂରରେ ଘରବାରି ପ୍ଲଟ 8,40,000/- ରେ ମିଳୁଛି। 8093465134. D-1923

ଭୁବନେଶ୍ୱର NISER, IIT ଜଟଣୀ ପାଖରେ ପ୍ରସ୍ତାବିତ BDA 200ft ରୋଡକୁ ଲାଗି investment ପ୍ଲଟ୍ ପୋଜେସନ ଥାଇ Sqft.- 650/-, 850/- ବିକ୍ରି ହେଉଛି- 9337166296. D-1942

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly open health benefits spa by experts therapist con 8658088274. D-1866

Newly open Jyoti SPA positively health benefits (expert therapist). 8458067955. D-76936

The massage felt totally professional! & comfortable at all times- 7978109255. D-76492

## AFFIDAVIT

I, Hadibandhu Behera, S/o- Late Kunthu Behera, Village- Chitalpur (saradhabereni), P.O.- Chitalpur, P.S.- Rasol, Dist.- Dhenkanal solemnly declare that I have changed my name from Hadi Behera to Hadibandhu Behera and father's name from Kuntha Behera to Kunthu Behera, dated- 08.09.2025 before Executive Magistrate, Hindol. D-1978

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Shantilata Jena, W/o- Krushna Chandra Jena, Village- Mulubasanta, P.S.- Mahanga, Dist.- Cuttack- 754204, Odisha, State by virtue of affidavit No.- 7135, dt- 07.08.2025 before Executive Magistrate, Cuttack that I have changed my name Shanti Malik to Shantilata Jena. Shantilata Jena and Shanti Malik is one and same person. D-1981

Nakula Charan Jena, S/o- Maguni Jena, Village- Mulabasanta, P.S.- Mahanga, Dist.- Cuttack, Odisha- 754204, state virtue of affidavit No.- 7136, dt- 07.08.2025 before Executive Magistrate, Cuttack that I have changed Nakula Malik to Nakula Charan Jena. Nakula Charan Jena and Nakula Malik is one and same person. D-1982

By virtue of an affidavit sworn before Executive Magistrate, Bhadrak, I Mamina Jena (33 yrs), W/o- Dipuna Jena, Vill/P.O.- Totapada, P.S.- Ghanteswar, Dist.- Bhadrak declare that I have changed my name in my Lic policy bearing No. 596882629 from Purnima Jena to Mamina Jena for all future purposes. D-1979

**Email** ମାଧ୍ୟମରେ କ୍ଲାସିଫାଏଡ୍‌ରେ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before the Executive Magistrate, Garadpur, dated- 30.06.2025. I, Tapan Kumar Dash, resident of Village- Pandia, P.O.- Tikanpur, P.S.- Patkura, District.- Kendrapara, Odisha, do hereby declare that: The name of my son has been changed from "Srutiranjan Dash" to "Smruti Ranjan Dash". His Date of Birth, which was earlier recorded as "05/05/2008," stands corrected to "05/03/2009." Henceforth, my son shall be known and recognized as "Smruti Ranjan Dash", Date of Birth "05/03/2009" for all official records, documents and legal purposes.
Sd./- Tapan Kumar Dash
(Father of Smruti Ranjan Dash) D-1894

By virtue of an affidavit sworn before Notary Public, Bhubaneswar, date-08.09.2025, I, S. Surya Narayan Reddy, resident of Plot No-242, Sikharchandi Nagar, Near Tumbeswari Temple, P.O.- KIIT, P.S.- Infocity, Bhubaneswar, Dist.- Khordha, Odisha, declare that I have changed my minor son name from S.Navin Kumar to S.Naveen Kumar Reddy. Henceforth, he shall be known as S.Naveen Kumar Reddy for all purposes. D-1983

By virtue of an affidavit sworn before Executive Magistrate, Bhubaneswar, dated- 11.09.2025, I, Bijaya Kumar Parida, S/o- Kamalakanta Parida, Permanent resident of At- Sahani Sahi, Nuapada, P.O.- Nuapada, P.S.- Balipatna, Dist.- Khordha, Odisha, PIN- 752102, currently residing At- Sahani Sahi, Nuapada, P.O.- Nuapada, P.S.- Balipatna, Dist.- Khordha, Odisha, PIN- 752102, declare that I have changed my name from Bijay Kumar Parida to Bijaya Kumar Parida. Henceforth, I shall be known as Bijaya Kumar Parida for all purposes. D-1980

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



ଂମାଳତୀ ଲତା ପଣ୍ଡା
N6-505, Jaydev Vihar
ତିରୋଧାନ: ୧୧।୧୦।୨୦୨୦
ମା ତୋର ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ତୋର ପିଲାମାନେ
ଧ-୧୯୭୭

**ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ**



ଂ ବିରଞ୍ଚି ନାରାୟଣ ଦାସ
ବମିଖାଲ, ଭୁବନେଶ୍ୱର
ସବୁକିଛି ଏଇଠି ତ ଅଛି,
କେବଳ ତୁମେ ନାହିଁ ମୋ ସାଥେ।
ତୁମ ବିନା ଜୋଛନାରେ ଜଳିଯାଏ ମନ,
କିଏ ବା ଧରିବ ହାତ ଜୀବନର କଣ୍ଟାପଥେ॥
ସ୍ମୃତିର ପୃଷ୍ଠାରେ ରହିଗଲ ତୁମେ,
ଜୀବନର ପ୍ରତିଟି ପାହାଚେ।
ସବୁଠାରେ ତୁମର ଛବି,
ଆଖି ଆଗରେ ସଦା ନାଚେ॥
ତୁମର ପତ୍ନୀ, କନ୍ୟା, ବନ୍ଧୁ ଓ ପରିବାରବର୍ଗ
ଧ-୧୯୮୪

# ଦେଶର ବିକାଶରେ ଇଞ୍ଜିନିୟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



## ଆଜି ଜାତୀୟ ଇଞ୍ଜିନିୟର୍ସ ଦିବସ

ଦେଶର ଅଭିବୃଦ୍ଧି ଓ ବିକାଶରେ ଇଞ୍ଜିନିୟରଙ୍କର ଭୂମିକା ଅନସ୍ୱୀକାର୍ଯ୍ୟ। ରାସ୍ତା, କୋଠା, ବନ୍ଧଗୁଡ଼ିକଠାରୁ ଆରମ୍ଭକରି କଳକାରଖାନା, ଯାନବାହନ, ବିଦ୍ୟୁତ ଉତ୍ପାଦନ, ଜଳସେଚନ ଆଦି ଦ୍ୱାରା ଦେଶର ପ୍ରଗତି ହୋଇଥାଏ। ଦେଶ ନିର୍ମାଣରେ ଏମାନଙ୍କର ଗୁରୁତ୍ୱକୁ ସ୍ୱୀକୃତି ଜଣାଇବା ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ୧୫ରେ 'ଜାତୀୟ ଇଞ୍ଜିନିୟର୍ସ ଦିବସ' ପାଳନ କରାଯାଉଛି। ଏହି ଦିବସକୁ ଚୟନ କରିବାର ଉଦ୍ଦେଶ୍ୟ ଭାରତର ବିଶିଷ୍ଟ ଇଞ୍ଜିନିୟର ତଥା ଆଧୁନିକ ଭାରତର ଅନ୍ୟତମ ନିର୍ମାତା ସାର୍ ମୋକ୍ଷଗୁଣ୍ଡମ ବିଶ୍ୱେଶ୍ୱରାୟାଙ୍କ ଜନ୍ମ ଦିବସ। ଏଣୁ ଏହା ମଧ୍ୟ ହେଉଛି ତାଙ୍କ ପ୍ରତି ଆମର ଶ୍ରଦ୍ଧାଞ୍ଜଳି।

ବିଶ୍ୱେଶ୍ୱରାୟା ୧୮୬୧ ସେପ୍ଟେମ୍ବର ୧୫ରେ କର୍ନାଟକର ମୁଦେନହାଲିଠାରେ ଭୂମିଷ୍ଠ ହୋଇଥିଲେ। ପୁଣେର ବିଜ୍ଞାନ କଲେଜରୁ ସିଭିଲ ଇଞ୍ଜିନିୟରିଂ ସ୍ନାତକ ଡିଗ୍ରୀ ହାସଲ ପରେ ସେ ତତ୍କାଳୀନ ବ୍ରିଟିଶ ସରକାରଙ୍କ ଅଧୀନରେ କାର୍ଯ୍ୟ କରିଥିଲେ। ସେ ଅନେକ ବନ୍ଦର ଡିଜାଇନ୍ ଓ ନିର୍ମାଣ କରିଥିଲେ। ତେବେ ନଦୀ ବନ୍ଧ ପାଇଁ ସ୍ୱୟଂକ୍ରିୟ ଫାଟକ ଉଦ୍ଭାବନ ହେଉଛି ତାଙ୍କର ବଡ଼ କୃତି। ସେ ୧୯୦୮ରେ ସରକାରଙ୍କଠାରୁ ସ୍ୱେଚ୍ଛାକୃତ ଅବସର ନେଇ ହାଇଦ୍ରାବାଦରେ ମୁଖ୍ୟଯନ୍ତ୍ରୀ ଭାବେ ଯୋଗ ଦେଇଥିଲେ। ସେଠାରେ ସେ ମୁସି ନଦୀ ବନ୍ୟାରୁ ସହରକୁ ରକ୍ଷାକରିବା ପାଇଁ ଉପାୟ ବାହାର କରିଥିଲେ। ଏହାପରେ ମହୀଶୂର ରାଜ୍ୟର ମୁଖ୍ୟଯନ୍ତ୍ରୀ ଭାବେ ଯୋଗଦେଲେ। ମହୀଶୂର କୃଷ୍ଣରାଜସାଗର ବନ୍ଧ ହେଉଛି ତାଙ୍କର କୀର୍ତ୍ତି।

ବିଶ୍ୱେଶ୍ୱରାୟା ମହୀଶୂର ରାଜ୍ୟର ଦେୱାନ ମଧ୍ୟ ଥିଲେ। ଏହି ସମୟରେ ସେ ରାଜ୍ୟରେ ଅନେକ ସ୍କୁଲ ସ୍ଥାପନ କରିଥିଲେ। ଚନ୍ଦନ କାଠରୁ ସାବୁନ୍ ଓ ତେଲ ପ୍ରସ୍ତୁତ ପାଇଁ କାରଖାନା ସହ ଏକ ଲୁହା ଇସ୍ପାତ କାରଖାନା ମଧ୍ୟ ପ୍ରତିଷ୍ଠା କରିଥିଲେ। ଏଥିସହ ବାଙ୍ଗାଲୋରଠାରେ ଗୋଟିଏ କଲେଜ ମଧ୍ୟ ସ୍ଥାପନ କରିଥିଲେ।

ବ୍ରିଟିଶ ସରକାର ତାଙ୍କୁ ୧୯୧୫ରେ 'ନାଇଟ୍' ଉପାଧି ପ୍ରଦାନ କରିଥିଲେ। ଦେଶ ସ୍ୱାଧୀନ ହେବା ପରେ ଭାରତ ସରକାର ତାଙ୍କୁ ୧୯୫୫ ମସିହାରେ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତ ରତ୍ନ' ପ୍ରଦାନ କରିଥିଲେ। ସେ ଜୀବନ ସାରା ସଚ୍ଚୋଟ, କର୍ମତତ୍ପର ଓ ନିଷ୍ଠାବାନ୍ ହୋଇ କାର୍ଯ୍ୟ କରିଥିଲେ। ଏହି ଭବ୍ୟପ୍ରତିଷ୍ଠ ଇଞ୍ଜିନିୟର ୧୯୬୨ ଏପ୍ରିଲ ୧୪ ରେ ଇହଲୀଳା ସମ୍ବରଣ କରିଥିଲେ। ଆଜିର ଦିବସରେ ଆମେ ତାଙ୍କର ସ୍ମୃତିକୁ ମନେ ପକାଇ ଦେଶକୁ ଇଞ୍ଜିନିୟରିଂ କ୍ଷେତ୍ରରେ ଆଗେଇ ନେବାକୁ ସଂକଳ୍ପ କରିବା। ତେବେ ଚଳିତ ବର୍ଷ ଇଞ୍ଜିନିୟର୍ସ ଦିବସର ଆଲୋଚ୍ୟ ବିଷୟ ହେଉଛି 'ଗଭୀର ପ୍ରଯୁକ୍ତି ଏବଂ ଇଞ୍ଜିନିୟରିଂ ଉତ୍କର୍ଷ : ଭାରତର ପ୍ରଯୁକ୍ତିବିଦ୍ୟାକୁ ଆଗକୁ ନେବା''।

–ଇଂ. ମାୟାଧର ସ୍ୱାଇଁ,
ମୋ : ୯୪୩୮୬୯୩୭୨୪

# ଗଣତନ୍ତ୍ରର ନୀତିଗୁଡ଼ିକୁ ପ୍ରୋତ୍ସାହନ ସହ ବଜାୟ ରଖିବାକୁ ପ୍ରାଧାନ୍ୟ



## ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ

ପ୍ରତିବର୍ଷ ସେପ୍ଟେମ୍ବର ୧୫ରେ ପାଳିତ ହୋଇଆସୁଛି ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ। ଏହି ଦିବସ ପାଳନର ଉଦ୍ଦେଶ୍ୟ, ଗଣତାନ୍ତ୍ରିକ ନୀତିଗୁଡ଼ିକୁ ପ୍ରୋତ୍ସାହିତ କରିବା, ମାନବାଧିକାରକୁ ବଜାୟ ରଖିବା, ଅଂଶଗ୍ରହଣକୁ ଉତ୍ସାହିତ କରିବା ଏବଂ ଅନ୍ତର୍ଭୁକ୍ତ ସମାଜକୁ ପ୍ରୋତ୍ସାହନ ଦେବା। ଏଥିସହ ଏହି ଦିବସ ସ୍ୱାଧୀନତାର ସୁରକ୍ଷା, ନିରପେକ୍ଷ ଏବଂ ସମାନ ସରକାରୀ ବ୍ୟବସ୍ଥା ଗଠନରେ ସମସ୍ତ 'ସ୍ୱର'ର ଯୋଗଦାନକୁ ଗୁରୁତ୍ୱ ପ୍ରଦାନ କରିଥାଏ। ସୂଚନାଯୋଗ୍ୟ ୨୦୦୭ରେ ଗଣତନ୍ତ୍ରର ନୀତିଗୁଡ଼ିକୁ ପ୍ରୋତ୍ସାହନ ସହ ବଜାୟ ରଖିବା ପାଇଁ ମିଳିତ ଜାତିସଂଘ ସାଧାରଣ ପରିଷଦ ଦ୍ୱାରା 'ଜାତୀୟ ଗଣତନ୍ତ୍ର ଦିବସ' ପାଳନ ଲାଗି ନିଷ୍ପତ୍ତି ନିଆଯାଇଥିଲା। ତେବେ ଏହି ଦିବସର ଉତ୍ପତ୍ତି ୧୯୮୮ ମସିହାରେ ଆରମ୍ଭ ହୋଇଥିବା ନୂତନ ଏବଂ ପୁନଃସ୍ଥାପିତ ଗଣତନ୍ତ୍ର ଉପରେ ଅନ୍ତର୍ଜାତୀୟ ସମ୍ମିଳନୀରୁ ସୃଷ୍ଟି ହୋଇଥିଲା। ଏଥିସହ ଏହା ଏକ ପ୍ରମୁଖ ମାଇଲଖୁଣ୍ଟ ଥିଲା କାରଣ ୧୯୯୭ ସେପ୍ଟେମ୍ବର ୧୫ରେ ଗଣତନ୍ତ୍ର ଉପରେ ସାର୍ବଜନୀନ ଘୋଷଣାପତ୍ର ଆନ୍ତଃ-ସଂସଦୀୟ ସଂଘ ଦ୍ୱାରା ଗୃହୀତ ହୋଇଥିଲା। ତେବେ ୨୦୦୮ ସେପ୍ଟେମ୍ବର ୧୫ରେ ପ୍ରଥମ ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ ୪୬ଟି ଜାତୀୟ ସଂସଦ ଦ୍ୱାରା ପାଳନ କରାଯାଇଥିଲା।

# ନୂଆବର୍ଷରେ ଅନନ୍ୟା, କାର୍ତ୍ତିକଙ୍କ ଯୋଡ଼ି


ଅନନ୍ୟା ପାଣ୍ଡେ

**ମୁମ୍ବାଇ:** ଅଭିନେତ୍ରୀ ଅନନ୍ୟା ପାଣ୍ଡେ ଏବଂ ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ ଆଗାମୀ ଫିଲ୍ମ 'ତୁ ମେରୀ ମେ ତେରା, ମେ ତେରା ତୁ ମେରୀ' ଫିଲ୍ମ ଆସନ୍ତା ଡିସେମ୍ବର ୩୧ରେ ରିଲିଜ୍ ହେବ। ପୂର୍ବରୁ ଏହି ଫିଲ୍ମ ଫେବୃଆରୀ ୧୩ରେ ରିଲିଜ୍ ହେବ ବୋଲି ଘୋଷଣା ହୋଇଥିଲା। ତେବେ ଫିଲ୍ମଟିକୁ ଦେଢ଼ ମାସ ପୂର୍ବରୁ ଶୀଘ୍ର ରିଲିଜ୍ କରାଯିବ ବୋଲି ଫିଲ୍ମ ନିର୍ମାତା ନିଷ୍ପତ୍ତି ନେଇଛନ୍ତି। ଏନେଇ ଅନନ୍ୟା ଏବଂ କାର୍ତ୍ତିକ ଏକ ଇନ୍ଷ୍ଟାଗ୍ରାମ ପୋଷ୍ଟ ମାଧ୍ୟମରେ ସୂଚନା ଦେଇଛନ୍ତି। କ୍ୟାପ୍ଶନ୍‌ରେ ଉଭୟେ ଲେଖିଛନ୍ତି, ଚଳିତବର୍ଷର ଶେଷ ଦିନ ଆପଣ ଆମ ସହ ବିତାଇବେ ଏବଂ ନୂଆବର୍ଷ ଆମ ସହ ପାଳିବେ। ସମୀର ବିଦ୍ୱାନ୍ସଙ୍କ ନିର୍ଦ୍ଦେଶିତ ଏବଂ ଧର୍ମା ପ୍ରଡକ୍ସନ ବ୍ୟାନରରେ ନିର୍ମିତ ଏହି ଫିଲ୍ମରେ ଅନନ୍ୟା ଏବଂ କାର୍ତ୍ତିକଙ୍କ ବ୍ୟତୀତ ଅଭିନେତା ଜ୍ୟାକି ଶ୍ରଫ୍ ଏବଂ ଅଭିନେତ୍ରୀ ନୀନା ଗୁପ୍ତାଙ୍କୁ ମଧ୍ୟ ଦେଖିବାକୁ ମିଳିବ। ପୂର୍ବରୁ ୨୦୧୯ରେ ରିଲିଜ୍ ହୋଇଥିବା 'ପତି, ପତ୍ନି ଔର ୱ୍' ଫିଲ୍ମରେ କାର୍ତ୍ତିକ ଏବଂ ଅନନ୍ୟାଙ୍କୁ ଏକାଠି ଦେଖିବାକୁ ମିଳିଥିଲା। ଉକ୍ତ ଫିଲ୍ମରେ ଅଭିନେତ୍ରୀ ଭୂମି ପେଡ୍ନାକର ମଧ୍ୟ ନଜରକୁ ଆସିଥିଲେ।

# ଶୌଚାଳୟ ପାଲଟିଛି ଟୁରିଷ୍ଟ ହଟ୍‌ସ୍ପଟ୍

ବେଜିଂ

ଚାଇନାର ଗାନ୍‌ସୁ ପ୍ରଦେଶସ୍ଥିତ ଡୁନ୍‌ହୁଆଙ୍ଗ୍ ନାଇଟ୍ ମାର୍କେଟରେ ଥିବା ଏକ ନୂତନ ସାର୍ବଜନୀନ ଶୌଚାଳୟକୁ ନେଇ ସମ୍ପ୍ରତି ସୋସିଆଲ ମିଡିଆରେ ଚର୍ଚ୍ଚା ଲାଗି ରହିଛି। ସାଧାରଣତଃ ଲୋକମାନେ ଶୌଚାଳୟକୁ କେବଳ ଏକ ଆବଶ୍ୟକତା ବୋଲି ଭାବିଥାନ୍ତି। ତେବେ ଭାଇରାଲ ହେଉଥିବା ଶୌଚାଳୟଟିକୁ ଏପରି ଭାବରେ ଡିଜାଇନ୍ କରାଯାଇଛି, ଯାହା ସମ୍ପ୍ରତି ଏହାକୁ ଏକ ଟୁରିଷ୍ଟ ହଟ୍‌ସ୍ପଟ୍‌ରେ ପରିଣତ କରିଛି। ଏବେ ଏହି ଶୌଚାଳୟ ଡୁନ୍‌ହୁଆଙ୍ଗ୍ ପବ୍ଲିକ୍ ପିଓ୍ୱର୍ କଲ୍‌ଚରାଲ୍ ସ୍ପେସ୍ ନାମରେ ପ୍ରସିଦ୍ଧି ଲାଭ କରିଛି, ଯାହାକୁ ଦେଖିବାକୁ ଦୂର ଦୂରାନ୍ତରରୁ ଲୋକ ଆସୁଛନ୍ତି।



୨ ମହଲା ବିଶିଷ୍ଟ ଏହି ସାର୍ବଜନୀନ ଶୌଚାଳୟରେ ଡୁନ୍‌ହୁଆଙ୍ଗ୍‌ର ସଂସ୍କୃତିକୁ ନେଇ ବିଭିନ୍ନ ଚିତ୍ର କଳା ପ୍ରଦର୍ଶିତ ହୋଇଛି। ଏହାର ପ୍ରତ୍ୟେକ କୋଣରେ କଳା ଏବଂ ଐତିହ୍ୟର ସ୍ପର୍ଶ ଅନୁଭବ କରିହେବ। ଏହି କାରଣରୁ ପର୍ଯ୍ୟଟକମାନେ ଏହାକୁ କେବଳ ଏକ ଶୌଚାଳୟ ନୁହେଁ ବରଂ ଏକ ସାଂସ୍କୃତିକ ସ୍ଥାନ ବୋଲି ବିବେଚନା କରୁଛନ୍ତି। ଏହି ଶୌଚାଳୟରେ ମା'ଶିଶୁ କୋଠରି, ଶିଶୁ ସୁରକ୍ଷା ଆସନ, ଅଟୋ କ୍ଲିନିଂ ସିଷ୍ଟମ ଏବଂ ବୟସ୍କ ଓ ଅକ୍ଷମଙ୍କ ପାଇଁ ସୁବିଧା ରହିଛି।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, ANGUL**
E-Mail : sencrwangul@yahoo.co.in, Ph. : 06764-236404
No. 2721// Dt. 12.09.2025

**1st Corrigendum to Bid Identification No. Bridge Online-AGL-12/2025-26**

**No.O-769** : Due to some technical error in website of wamis, the last date of Online for bidding and opening of the date has been modified as follows in respect of tender for the work "Construction of weir Adjacent to H.L. Bridge over Badajor Nallah on PWD Road to Madrangmunda Road in the District of Dhenkanal for the year 2025-26" invited vide Tender Call Notice Bid Identification No. Bridge Online-AGL-12/2025-26 by the Procurement officer Chief Construction Engineer, Rural Works Circle, Angul.

| Availability of Tender on-line for bidding | | Date & Time of opening Technical Bid |
|---|---|---|
| From | To | |
| 03.09.2025 at 10.00 A.M. | 22.09.2025 upto 3.00 P.M. | 22.09.2025 at 3.30 A.M. |

All other terms and conditions remain unchanged.
OIPR-25180/11/0074/2526 Sd./- Chief Construction Engineer

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE**
E-Mail ID: serw_balasore@yahoo.in, Ph. No.: 06782-260318, Balia, Balasore
No. O-770
**"e" Procurement Notice for Road Work**
Identification No. Online Tender - Road N.C.B. No. 30 for 2025-26
Letter No. 3201 Date: 10.09.2025

1. Name of the Work : (MMSY - Improvement to existing RD road and MMSY-CMRL)
2. Total No. of Work : 67 Nos. of Work.
3. Estimated Cost : As per annexure
4. Eligible Class of Contractor : As per annexure
5. Period of Completion : As per annexure
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | NCB No. 30 of 2025-26 | 18.09.2025 at 11.00 A.M. | 03.10.2025 upto 5.00 P.M. | 03.10.2025 upto 5.00 P.M. | 04.10.2025 at 11.00 A.M. | Will be intimated later |

• Further details can be seen from the website: **www.tendersodisha.gov.in**.
OIPR-25105/11/0082/2526 Sd./- Chief Construction Engineer, R.W. Circle, Balasore

**OFFICE OF THE COLLECTOR & DISTRICT MAGISTRATE, CUTTACK**
Letter No. 1265/Culture Dt.12.09.2025
**RFP FOR SELECTION OF EVENT MANAGEMENT AGENCY FOR HISTORIC BALIJATRA, CUTTACK - 2025**
No. F-57: Sealed proposals are invited from Event Management Agencies for on-ground Delivery and Event Management of the **Historic Balijatra Cuttack - 2025** to be held from Dt.05.11.2025 to 12.11.2025 through an open RFP. The detailed information may be downloaded from the Cuttack District website **(cuttack.odisha.gov.in)**.
The bids should be submitted in the prescribed format along with all relevant documents duly signed and sealed. The bid should reach the office of the Collector, Cuttack **on or before Dt.03.10.2025 by 3 P.M.** either by Courier/Speed Post/Registered Post. **No Drop Box facility and hand delivery is available**. The Office of the Collector, Cuttack shall not be responsible for delay in postal delivery or similar reason. The District Administration, Cuttack reserves the right to accept or reject any or all bids without assigning any reason thereof.
For any specific queries kindly Contact Cell No.: **9437222160/9437666453**.
OIPR-24367/11/0008/2526 Sd./- Collector, Cuttack

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଏପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org
ପତ୍ରସଂଖ୍ୟା ୧୯୧ ତା.୬.୯.୨୫
**ବିଜ୍ଞାପନ**
**No.CAD-1775**:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ.ଏମ.ଆଇ.ଜି-୮୦ (MIG-80), କପିଳପ୍ରସାଦ, ୨ୟ ପର୍ଯ୍ୟାୟ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ପ୍ରଦୀପ କୁମାର ଭୂୟାଁ, ପିତା-ଭାସ୍କର ଚନ୍ଦ୍ର ଭୂୟାଁ, ସା-ପ୍ଲଟ ନଂ.-୬୩୦, ରାମେଶ୍ୱର ପାଟଣା, ରଥ ରୋଡ, ପୋ-ଓଲ୍ଡ ଟାଉନ, ଥାନା-ଶ୍ରୀ ଲିଙ୍ଗରାଜ, ଜିଲ୍ଲା-ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରହୀତା ଶ୍ରୀ ପ୍ରଦୀପ କୁମାର ଭୂୟାଁ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ଦେବାଶିଷ ଜେନା, ପିତା-ସତ୍ୟପ୍ରିୟ ଜେନା, ସା-ବ୍ରହ୍ମ କୁନ୍ଦଳ, ପୋ-ରେତଙ୍ଗ, ଥାନା-ଏୟାରଫିଲ୍ଡ, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି /ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।
ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0854/2526

**ODISHA UNIVERSITY OF TECHNOLOGY AND RESEARCH**
P.O.:MAHALAXMI VIHAR, BHUBANESWAR - 751 029
Notice No. OUTR/SBSH/CY/2025-26/22 Date:10-09-2025
No.KK-230 : **Online-Tenders through e-procurement** under two bid systems are invited from Original Equipment Manufacturers/ Distributers/Authorised Dealers/Agencies for "Supply, Installation and commissioning of "High Temperature Furnace for School of Basic Sciences & Humanities (Chemistry)" at **OUTR, Bhubaneswar"**
Date & Time of available inTenders Odisha Portal : 10-09-2025 at 06.00 P.M.
Last date and time of submission of Bid : 09-10-2025 upto 6.00 P.M.
For details : Please visit : http://tendersodisha.gov.in & http://www.outr.ac.in
For Technical query please contact:Prof. B.R.Das, Head, SBSH
Phone No- 9337673699, Email:- hodchemistry@outr.ac.in
OIPR-16005/11/0130/2526 REGISTRAR

**OFFICE OF THE TRANSPORT COMMISSIONER-CUM-CHAIRMAN STATE TRANSPORT AUTHORITY ODISHA, CUTTACK**
**TENDER CALL NOTICE**
Notice No:LXVI-27/2022/13558 Date 12.09.2025
No.JJ-49: Bidders are invited for a Tender for Selection of Agency for Providing Manpower for the office of Transport Commissioner and Sub-Ordinate Offices by the Office of Transport Commissioner for online submission latest by **08.10.2025.**
For details, please visit the websites www.odishatransport.gov.in and www.gem.gov.in.
By the orders of Transport Commissioner Odisha
Sd./- Additional Commissioner Transport (Admin.)
STA, Odisha, Cuttack
OIPR-38003/11/0091/2526

**OFFICE OF THE REGULATED MARKET COMMITTEE JEYPORE, DIST-KORAPUT**
At- Umuri (Phulabada), Po-Railway Station-764001
E-mail: Secretaryrmcjeypore@yahoo.in
Memo No.1242/RMC/2025 Dt.12.09.2025
**E-PROCUREMENT (INVITATION FOR BIDS)**
**BID IDENTIFICATION NO.RMC/JEYPORE-02/2025-26**
No.H-24: The Sub-Collector-cum-Chairman, RMC, Jeypore invites percentage BID through e-procurement in double cover system according to norms of e-procurement.
1. Type of Work : Civil Construction work as in the DTCN
2. Total No. of Work : 03 (Three)
3. Tender Amount Cost : Rs.8.00 Crores to 10.00 Crores
4. Period of Completion : 11 (Eleven) Calendar Months
5. Date & Time availability of BID document in the Portal : From 10.00 AM of Dt.13.09.2025 to 05.00 PM of 22.09.2025
Date & Time of opening of Tender : Date 23.09.2025 at 11.00 AM

Further the details of e-tender documents can be had from the e-Procurement Portal www.tendersodisha.gov.in Corrigendum if any, shall only be published in above website.
Sd./- Sub-Collector-cum-Chairperson RMC, Jeypore
OIPR-01577/11/0004/2526

**ଓଡ଼ିଶା ସରକାର**
**ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ**
**Government of Odisha, Panchayati Raj & D.W.Department**
ଓଡ଼ିଶା ଲୋକସେବା ଭବନ, ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
Odisha Lok Seva Bhawan, Sachibalaya Marg, Bhubaneswar-751001
Fax:0674-2391413, E-mail: prsec.or@nic.in
No.PR-RH-ESTT-0001-2025- 25348/PR&DW Date:13.09.2025
**TENDER NOTICE**
No.i- Sealed tenders are invited from eligible organisations for selection of Service Providing Agencies to provide manpower for State Project Management Unit under Pradhan Mantri Awas Yojana (Gramin). The details of the tenders are available on https://panchayat.odisha.gov.in/ and https://rh.odisha.gov.in/
Interested bidders may submit their bids through Registered/Speed Post/Courier to Director Special Projects, Panchayati Raj and Drinking Water Department, Lokseva Bhawan, Bhubaneswar, Odisha, Pin-751001 from 15.09.2025 to 04.10.2025 upto 5 PM.
Sd./- Director Special Projects Panchayati Raj & Drinking Water Department
OIPR-19001/11/0030/2526

**OFFICE OF THE REVENUE DIVISIONAL COMMISSIONER CENTRAL DIVISION, ODISHA, CUTTACK**
No. Z-03/2024-25/9978/Niz. Dated: 11.09.2025
**TENDER CALL NOTICE**
No. F-58: Sealed quotations/tenders are invited from interested reputed travel agencies/tour operators/private individuals for providing 2 (two) Nos. of Zest/Tigor/Swift Dzire/Xcent/Etios AC Petrol/Diesel driven vehicles for official use of Addl. Secretary to RDC-cum-Registrar, Office of the LAR and R Authority, Cuttack and Join Director, SSD, Office of the RDC (CD), Cuttack on monthly rent basis. The application form of quotation/tender call notice, terms and conditions along with general information for hiring of vehicles etc. will be available with the **Senior Administrative Officer, Office of the Revenue Divisional Commissioner, (Central Division), Odisha, Cuttack** from 12.09.2025 or can be downloaded from website **https://cuttack.odisha.gov.in** & **https://rdccdcuttack.nic.in** from date **12.09.2025 to 24.09.2025**.
Sd./- Revenue Divisional Commissioner Central Division, Cuttack
OIPR-24170/11/0007/2526

**DR. ABHIN CHANDRA HOMOEOPATHIC MEDICAL COLLEGE & HOSPITAL**
Unit - III, Kharvela Nagar, Bhubaneswar, Odisha
email: drachmch@gmail.com, Ph. No.: 0674-2391737
No. 2096 Date: 13.09.25
**NOTIFICATION**
No. E-385: It is hereby notified that as per the recommendation of the technical committee meeting held on 04.09.2025, the extensions for the schedules of tenders (reference No. 1859/Dr ACHMC, Dated: 11.08.2025 and 1860/Dr ACHMC, Dated: 11.08.2025) are made as follows.
- The schedule of sale of the tender book for both tenders is extended to 03.10.2025 upto 4.00 P.M.
- The last date of the submission of the tender documents is extended to 03.10.2025 at 5 P.M.
- The technical bids of both tenders will be opened on 04.10.2025 at 11.30 A.M.

The rest of the terms & conditions of above mentioned tenders will be remained unchanged.
OIPR-10030/11/0011/2526 Sd./- Principal-cum-Superintendent

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**K B K-II, MINOR IRRIGATION CIRCLE, JEYPORE**
sekbkmi2@gmail.com
NATIONAL COMPETITIVE BIDDING
**e-PROCUREMENT NOTICE NO. ONLINE - ACEKBK-IIMIC-01/2025-26**
Letter No.1212 Dt.11.09.2025
**No.A-617** : The **Additional Chief Engineer, K.B.K-II, M.I. Circle, Jeypore** on behalf of **Governor of Odisha** invites **Percentage Rate Bids** in Double Cover System through On-line mode only for the work "Renovation to Siltiguda MIP" in Rayagada Block of Rayagada District under DPIW (Dam Protection and Improvement Work) Scheme for the year 2025-26 as per Annexure to this bid notice from the Class of eligible contractors as mentioned in Column-6 (Six). The bid should be submitted online in the website www.tendersodisha.gov.in by eligible contractors.

| | | | |
|---|---|---|---|
| 1. | Name of the work | : | Renovation to Siltiguda MIP in Rayagada Block of Rayagada District under DPIW (Dam Protection and Improvement Work) Scheme for the year 2025-26 |
| 2. | Total No. of works | : | **01 (One) No.** |
| 3. | Tender Cost | : | Approximately **Rs.180.00 Lakh** |
| 4. | Class of Contractor | : | As mentioned against work |
| 5. | Period of completion | : | As mentioned against work |
| 6. | Date and time of availability of Bid | : | **From 10.00 AM on 17.09.2025** and upto **5.30 PM on 03.10.2025** Document in portal |
| 7. | Last date / time for receipt of Bid | : | **Upto 5.30 PM on 03.10.2025** Document in portal |
| 8. | Date / Time of opening of Technical Bid | : | **From 11.00 AM on 04.10.2025 At O/o ACE, K.B.K-II, M.I. Circle, Jeypore** |
| 9. | Name and Address of Officer | : | **Additional Chief Engineer, O/o ACE, K.B.K-II, M.I.Circle, Jayanagar, Jeypore-764005** |
| 10. | Mode of Payment of Bid cost and Bid security | : | Online |

Sd./- Additional Chief Engineer K.B.K-II, M.I.Circle, Jeypore
OIPR-32262/11/0004/2526

**Bhubaneswar Development Authority**
Akash Shova Building, Sachivalaya Marg, Bhubaneswar-751001, Odisha, Ph : 0674-2396437
Notice No.17544/BDA Date : 08.09.2025
BDA-Estate2-AL107-0108-2025
Expression of Interest (EOI) For
**Redevelopment of Priyadarshini Market Complex on PPP Mode**
**No.CAD-1760** : The **Bhubaneswar Development Authority (BDA)** is in the process of "Redeveloping of Priyadarshini Market Complex on PPP Mode".
The BDA invites interested entities to submit their EOI for Redevelopment of Priyadarshini Market Complex on PPP Mode. The experience and expertise sought from the bidding entity(ies) include development of residential/commercial/intuitional/commercial-cum-residential/high rise building etc.
Interested firms are requested to submit their documents in the manner specified in the Notice for EOI, available at the BDA website (https://www.bda.gov.in).
The last date of submission : **23.09.2025**
BDA reserves the right to cancel this invitation and / or invite fresh EOI / Bid / RFP with or without amendments to this invitation, without liability or any obligation for such invitation and without assigning any reason. BDA reserves the right to accept or reject any or all proposals without assigning any reason whatsoever.
Sd./- Secretary Bhubaneswar Development Authority
OIPR-13033/11/0379/2526

**ଓଡ଼ିଶା ସରକାର**
ଇ-ମେଲ: mokhordha@gmail.com
**ଖଣି ଉପ-ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା କ୍ଷେତ୍ର, ଖୋର୍ଦ୍ଧା**
ସଂଖ୍ୟା: ୨୧୧୧ ତା: ୧୨।୦୯।୨୦୨୫
**ଟେଣ୍ଡର ନିମନ୍ତ୍ରଣ ବିଜ୍ଞପ୍ତି**
No. G-39: ମାଇନ୍ସ ଏବଂ ମିନେରାଲ (ଡେଭଲପମେଣ୍ଟ ଆଣ୍ଡ ରେଗୁଲେସନ୍) ଆକ୍ଟ, ୧୯୫୭ର ଧାରା ୧୫ରେ ରାଜ୍ୟ ସରକାରଙ୍କୁ ଦିଆଯାଇଥିବା କ୍ଷମତା ଅନୁସାରେ ଏବଂ ସମୟ ସମୟରେ ସଂଶୋଧିତ ଓଡ଼ିଶା ମାଇନୋରାଲ ମିନେରାଲ କନ୍‌ସେସ୍ ନିୟମ, ୨୦୧୬ ଅନୁଯାୟୀ ୦୮ ସଂଖ୍ୟକ ଲଘୁଖଣିଜ ଉପର ଇ-ନିଲାମ ମାଧ୍ୟମରେ ଲିଜ୍ ଅନୁଦାନ ପାଇଁ ଟେଣ୍ଡର ଆହ୍ୱାନ କରାଯାଉଛି।
ତଦନୁସାରେ, କ୍ୱାରି ଲିଜ୍ ଅନୁଦାନ ପାଇଁ 'ଫର୍ମ-ଏମ୍' ଫର୍ମାଟ୍‌ରେ (ଉଭୟ ଡିଜିଟାଲ ଓ ଫିଜିକାଲ) ବୈଷୟିକ ବିଡ୍ ଆମନ୍ତ୍ରଣ କରାଯାଉଛି।
ଇଲେକ୍ଟ୍ରୋନିକ୍ ନିଲାମରେ ଅଂଶଗ୍ରହଣ ପାଇଁ ଯୋଗ୍ୟ ସର୍ତ୍ତ, ତାରିଖ ଏବଂ ସମୟ ଟେଣ୍ଡର ଡକ୍ୟୁମେଣ୍ଟରେ ପ୍ରଦାନ କରାଯାଇଛି। କ୍ୱାରିଗୁଡ଼ିକ ପାଇଁ ଇ-ନିଲାମ ପ୍ରକ୍ରିୟାର ସମୟସାରଣୀ, ବିଜ୍ଞପ୍ତି, ଅପ୍‌ଡେଟ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଟେଣ୍ଡର ଡକ୍ୟୁମେଣ୍ଟକୁ **https://www.mstceommerce.com** ୱେବ୍‌ସାଇଟରୁ ଡାଉନଲୋଡ୍ କରାଯାଇପାରିବ।
ଆଗ୍ରହୀ ବିଡରମାନେ ଉପରୋକ୍ତ ୱେବ୍‌ସାଇଟ୍‌ରେ ନିଜକୁ ପଞ୍ଜୀକୃତ କରିପାରିବେ। ସଫଳ ପଞ୍ଜୀକରଣ ପରେ ଇ-ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ବିଡରମାନେ ଲଗଇନ୍ ଆଇଡି ଏବଂ ପାସ୍‌ୱାର୍ଡ ପାଇବେ। ମଡେଲ ଟେଣ୍ଡର ଡକ୍ୟୁମେଣ୍ଟ ଏବଂ ମିନେରାଲ ବ୍ଲକ ସାରାଂଶ ଉପରୋକ୍ତ ୱେବ୍‌ସାଇଟ୍‌ରେ ମାଗଣାରେ ଉପଲବ୍ଧ।
ଇଚ୍ଛୁକ ବିଡରମାନେ ନିଜର ଲଗ୍‌ଇନ୍ ୟୁଜର ID ଏବଂ ପାସ୍‌ୱାର୍ଡ ବ୍ୟବହାର କରି ଫର୍ମ – Mରେ ଆବଶ୍ୟକୀୟ ବିବରଣୀ ଏବଂ ପ୍ରଯୁଜ୍ୟ ବାଧ୍ୟତାମୂଳକ ଡକ୍ୟୁମେଣ୍ଟ ଦାଖଲ କରିବେ। 'ଫର୍ମ-ଏମ୍'ର ସଫଳ ଦାଖଲ ପାଇଁ ବିଡରମାନେ ଇ-ନିଲାମ ପୋର୍ଟାଲରେ ଉପଲବ୍ଧ 'ବିଡର ମାନୁଆଲ'କୁ ଅନୁସରଣ କରିବା ଉଚିତ। ଇ-ଟେଣ୍ଡର ଦାଖଲ ପାଇଁ ବିଡରଙ୍କୁ ଦିଆଯାଇଥିବା ଅବଧି, ଖବରକାଗଜ ଏବଂ MSTC ୱେବ୍‌ସାଇଟରେ ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ହେବା ଦିନଠାରୁ ଗଣନା କରାଯିବ।
**ସମୟ ସାରଣୀ:**
ଟେଣ୍ଡର ଡକ୍ୟୁମେଣ୍ଟରେ ସବିଶେଷ ସମୟ ସାରଣୀ ଉପଲବ୍ଧ ଅଛି।
ଟେଣ୍ଡର ଆବେଦନର ଶେଷ ତାରିଖ: ୦୯।୧୦।୨୦୨୫
ଆବେଦନ (ବୈଷୟିକ ବିଡ୍) ଖୋଲିବା ତାରିଖ: ୧୩।୧୦।୨୦୨୫
ନିଲାମ ତାରିଖ: ୨୭।୧୦।୨୦୨୫ରୁ ୦୭।୧୧।୨୦୨୫

| କ୍ର. ନଂ. | କ୍ଷେତ୍ର | ଜିଲ୍ଲା | ତହସିଲ | ସୋର୍ସର ନାମ | ମିନେରାଲ | ଲାଣ୍ଡ ସେଡ୍ୟୁଲ | | | | | ପରିମାଣ | MAC per $M^3$ (in Rs.) | MGQ Per Year |
|---|---|---|---|---|---|---|---|---|---|---|---|---|---|
| | | | | | | ମୌଜା | ଖତିୟାନ ନଂ. | ପ୍ଲଟ ନଂ. | କିସମ | କ୍ଷେତ୍ରଫଳ (ଏକର) | | | |
| ୧ | ଖୋର୍ଦ୍ଧା | ଖୋର୍ଦ୍ଧା | ଟାଙ୍ଗୀ | ଜରିପୁଟ କଳାପଥର – ଏ | କଳାପଥର | ଜରିପୁଟ | ୨୯୬ | ୧୧୧୨ | ମୁଣ୍ଡିଆ | ୩.୦୦ | ଗଚ୍ଛିତ ଅଛି | ୫୫୭.୦୦ | ୧୫୦୦୦ ବର୍ଗ ମିଟର |
| ୨ | ଖୋର୍ଦ୍ଧା | ଖୋର୍ଦ୍ଧା | ଟାଙ୍ଗୀ | ଜରିପୁଟ କଳାପଥର – ବି | କଳାପଥର | ଜରିପୁଟ | ୨୯୬ | ୧୧୧୨ | ମୁଣ୍ଡିଆ | ୩.୦୦ | ଗଚ୍ଛିତ ଅଛି | ୫୫୭.୦୦ | ୧୫୦୦୦ ବର୍ଗ ମିଟର |
| ୩ | ଖୋର୍ଦ୍ଧା | ଖୋର୍ଦ୍ଧା | ଟାଙ୍ଗୀ | ଜରିପୁଟ କଳାପଥର – ସି | କଳାପଥର | ଜରିପୁଟ | ୨୯୬ | ୧୧୧୨ | ମୁଣ୍ଡିଆ | ୩.୦୦ | ଗଚ୍ଛିତ ଅଛି | ୫୫୭.୦୦ | ୧୫୦୦୦ ବର୍ଗ ମିଟର |
| ୪ | ଖୋର୍ଦ୍ଧା | ଖୋର୍ଦ୍ଧା | ଟାଙ୍ଗୀ | ରାମଚନ୍ଦ୍ରପୁର ମାଙ୍କଡ଼ା ପଥର-୧ | ମାଙ୍କଡ଼ା ପଥର | ରାମଚନ୍ଦ୍ରପୁର | ୪୬୩ | ୬୫୧ | ପୁରାତନ ପତିତ | ୦.୮୬୮ | ଗଚ୍ଛିତ ଅଛି | ୧୬୦.୦୦ | ୨୭୦୦ ବର୍ଗ ମିଟର |
| ୫ | ଖୋର୍ଦ୍ଧା | ଖୋର୍ଦ୍ଧା | ଟାଙ୍ଗୀ | ରାମଚନ୍ଦ୍ରପୁର ମାଙ୍କଡ଼ା ପଥର-୨ | ମାଙ୍କଡ଼ା ପଥର | ରାମଚନ୍ଦ୍ରପୁର | ୪୬୮ | ୬୪୦ | ପଥର ଟାଙ୍ଗୀ | ୪.୮୨୫ | ଗଚ୍ଛିତ ଅଛି | ୫୭.୦୦ | ୨୭୦୦ ବର୍ଗ ମିଟର |
| ୬ | ଖୋର୍ଦ୍ଧା | ଖୋର୍ଦ୍ଧା | ଟାଙ୍ଗୀ | ତଳଗଡ଼କୁହୁଡ଼ି ମାଙ୍କଡ଼ା ପଥର-୭ | ମାଙ୍କଡ଼ା ପଥର | ତଳଗଡ଼କୁହୁଡ଼ି | ୨୨୬ | ୨୮୩ | ପୁରାତନ ପତିତ | ୫.୦୦ | ଗଚ୍ଛିତ ଅଛି | ୫୭.୦୦ | ୪୦୦୦ ବର୍ଗ ମିଟର |
| ୭ | ଖୋର୍ଦ୍ଧା | ଖୋର୍ଦ୍ଧା | ଟାଙ୍ଗୀ | ତଳଗଡ଼କୁହୁଡ଼ି ମୋରମ – ୧ | ମୋରମ | ତଳଗଡ଼କୁହୁଡ଼ି | ୨୨୬ | ୧୫୫ | ପୁରାତନ ପତିତ | ୨.୦୦ | ଗଚ୍ଛିତ ଅଛି | ୧୬୭.୦୦ | ୨୦୦୦ ବର୍ଗ ମିଟର |
| ୮ | ଖୋର୍ଦ୍ଧା | ଖୋର୍ଦ୍ଧା | ବୋଲଗଡ଼ | ଶ୍ରୀଚନ୍ଦନପୁର କଳାପଥର | କଳାପଥର | ଶ୍ରୀଚନ୍ଦନପୁର | ୫୬୨ | ୦୧ | ପାହାଡ଼ | ୪.୬୨୫ | ଗଚ୍ଛିତ ଅଛି | ୩୪୫.୦୦ | ୬୦୦୦ ବର୍ଗ ମିଟର |

OIPR-30030/11/0008/2526 ସ୍ୱା./- ଖଣି ଅଧିକାରୀ, ଖୋର୍ଦ୍ଧା

# ଡେଭିସ୍ କପ୍ କ୍ୱାଲିଫାୟର୍ସରେ ଭାରତ

**ବିଲ, ୧୪।୯:** ଏଠାରେ ଚାଲିଥିବା ସୁଇଜରଲାଣ୍ଡ ବିପକ୍ଷ ୱାର୍ଲ୍ଡ ଗ୍ରୁପ୍-ଆଇ ମୁକାବିଲାକୁ ଭାରତ ୩-୧ ବ୍ୟବଧାନରେ ଜିତିବା ସହ ଡେଭିସ କପ୍ କ୍ୱାଲିଫାୟର୍ସରେ ସ୍ଥାନ ହାସଲ କରିଛି। ମୁକାବିଲାର ପ୍ରଥମ ଦିନ ଦୁଇଟି ସିଙ୍ଗଲ୍ସ ମ୍ୟାଚ୍ ଜିତିଥିବା ଭାରତୀୟ ଦଳ ଦ୍ୱିତୀୟ ଦିନରେ ଡବଲ୍ସ ମୁକାବିଲାରେ ପରାଜୟର ସମ୍ମୁଖୀନ ହୋଇଥିଲା। ଏନ୍ ଶ୍ରୀରାମ ବାଲାଜୀ ଓ ରିଥଭିକ ବୋଲିପାଲି ପ୍ରାୟ ଅଢ଼େଇ ଘଣ୍ଟା ଧରି ଚାଲିଥିବା ମ୍ୟାଚ୍‌ରେ ୭-୬(୩), ୪-୬, ୫-୭ ସେଟ୍‌ରେ ଜାକୁବ ପଲ ଓ ଡୋମିନିକ ଷ୍ଟ୍ରିକରଙ୍କଠାରୁ ପରାସ୍ତ ହୋଇଥିଲେ। ଏହାପରେ ରିଟର୍ନ ସିଙ୍ଗଲ ମ୍ୟାଚ୍‌ରେ ସୁଇଜରଲାଣ୍ଡ ଦଳ ପକ୍ଷରୁ ଏକ ଷ୍ଟ୍ରାଟେଜିକ ପରିବର୍ତ୍ତନ କରାଯାଇଥିଲା। ଜେରୋମ କିମ୍‌ଙ୍କ ବଦଳରେ ଦଳ ପକ୍ଷରୁ ଜୁନିୟର ଅଷ୍ଟ୍ରେଲିଆନ୍ ଓପନ ଚାମ୍ପିୟନ ବର୍ନେଟଙ୍କୁ କୋର୍ଟ ପଠାଯାଇଥିଲା। ହେଲେ ନାଗଲ ମ୍ୟାଚ୍‌କୁ ୬-୧, ୬-୩ ସେଟ୍‌ରେ ଜିତି ନେଇଥିଲେ। ଭାରତ ୩୨ ବର୍ଷର ବ୍ୟବଧାନରେ କୌଣସି ୟୁରୋପିଆନ ଦେଶକୁ ଆୱେ ମୁକାବିଲାରେ ପରାସ୍ତ କରିଛି। ଅନ୍ତିମ ଥର ୧୯୯୩ରେ ଲିଆଣ୍ଡର ପେସ ଓ ରମେଶ କ୍ରିଷ୍ଣନଙ୍କ ନେତୃତ୍ୱରେ ଭାରତ ଏକ ଆୱେ ମ୍ୟାଚ୍‌ରେ ଫ୍ରାନ୍ସକୁ ପରାସ୍ତ କରିଥିଲା। ଡେଭିସ କପ୍ କ୍ୱାଲିଫାୟର୍ସର ପ୍ରଥମ ରାଉଣ୍ଡ ମ୍ୟାଚ୍ ଆସନ୍ତା ବର୍ଷ ଜାନୁଆରୀରେ ଖେଳାଯିବ।

# ଭାରତକୁ ରୌପ୍ୟ ପଦକ

**ଏସିଆ କପ୍ ମହିଳା ହକି**

ହାଙ୍ଗ୍‌ଝୋ, ୧୪।୯ (ପି.ଟି.)



ଭାରତ ଓ ଚାଇନା ମଧ୍ୟରେ ଅନୁଷ୍ଠିତ ଫାଇନାଲର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

ଏସିଆ କପ୍ ମହିଳା ହକି ଟୁର୍ନାମେଣ୍ଟର ଫାଇନାଲରେ ହାରି ଭାରତ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛି। ଫଳରେ ଆସନ୍ତାବର୍ଷ ନେଦରଲାଣ୍ଡ୍ସ ଓ ବେଲଜିୟମରେ ହେବାକୁଥିବା ମହିଳା ବିଶ୍ୱକପ୍ ପାଇଁ ସିଧାସଳଖ ଯୋଗ୍ୟତା ହାସଲ ସୁଯୋଗ ହାତଛଡ଼ା କରିଛି। ରବିବାର ଅନୁଷ୍ଠିତ ଫାଇନାଲରେ ଚାଇନା ୪-୧ ଗୋଲ୍‌ରେ ଭାରତକୁ ହରାଇ ସ୍ୱର୍ଣ୍ଣ ପଦକ ଜିତିଛି। ନବନୀତ କୌର ଖେଳର ପ୍ରଥମ ମିନିଟ୍‌ରେ ଏକ ପେନାଲ୍ଟି କର୍ନରକୁ ଗୋଲ୍‌ରେ ପରିଣତ କରି ଭାରତକୁ ୧-୦ ଅଗ୍ରଣୀ କରାଇଥିଲେ। ପରେ ଚାଇନା ୪ଟି ଗୋଲ୍ ସ୍କୋର କରି ମ୍ୟାଚକୁ ଜିତିନେଇଥିଲା। ଦଳ ପକ୍ଷରୁ ଜିଆଁ ଓଉ (୨୧ତମ ମିନିଟ), ହଙ୍ଗ୍‌ଲି (୪୧ତମ), ମିରଙ୍ଗ ଜୋଉ (୫୧ତମ) ଓ ଜିଆକ୍ସି ଝୋଙ୍ଗ୍ (୫୩ତମ) ପ୍ରମୁଖ ଗୋଲ୍ ସ୍କୋର କରିଥିଲେ। ଏସିଆ କପ୍ ଟାଇଟଲ ଜିତିବା ସହ ଚାଇନା ସିଧାସଳଖ ବିଶ୍ୱକପ୍ ଯୋଗ୍ୟତା ହାଦଲ କରିଛି। ଅନ୍ୟପକ୍ଷରେ ସୁଯୋଗ ହାତଛଡ଼ା କରିଥିବା ଭାରତକୁ ବିଶ୍ୱକପ୍ ଯୋଗ୍ୟତା ହାସଲ କରିବା ପାଇଁ ଏଣକି କ୍ୱାଲିଫାୟରର ସହାୟତା ନେବାକୁ ପଡ଼ିବ।

ଭାରତ ୨୦୦୪ ଓ ୨୦୧୭ରେ ୨ ଥର ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ୧୯୯୯ ଓ ୨୦୦୯ରେ ରୌପ୍ୟ ପଦକ ହାସଲ କରିଥିଲା। ସେହିପରି ଦଳକୁ ୧୯୯୩, ୨୦୧୩ ଓ ୨୦୨୨ରେ ବ୍ରୋଞ୍ଜ ପଦକ ମିଳିଥିଲା। ଅନ୍ୟପକ୍ଷରେ ଚାଇନା ପୂର୍ବରୁ ୨୦୦୨, ୨୦୦୬, ୨୦୧୦ ଓ ୨୦୨୨ରେ ୪ ଥର ସ୍ୱର୍ଣ୍ଣ, ୧୯୯୦, ୨୦୦୭ ଓ ୨୦୧୪ରେ ୩ ଥର ରୌପ୍ୟ ଏବଂ ୧୯୯୯ ଓ ୨୦୦୪ରେ ବ୍ରୋଞ୍ଜ ପଦକ ହାସଲ କରିଛି। ଚଳିତ ଟୁର୍ନାମେଣ୍ଟରେ ଉଭୟ ଦଳ ମଧ୍ୟରେ ସୁପର-୪ରେ ମୁକାବିଲା ହୋଇଥିଲା। ଏଥିରେ ଚାଇନା ୪-୧ ଗୋଲରେ ଭାରତକୁ ପରାସ୍ତ କରିଥିଲା। ଫାଇନାଲରେ ତାହାର ପୁନରାବୃତ୍ତି ଘଟିଛି। କୋରିଆକୁ ହରାଇ ଜାପାନ ତୃତୀୟ ଏଠାରେ ଅନୁଷ୍ଠିତ ଏସିଆ କପ୍ ମହିଳା ହକିରେ ଜାପାନ ତୃତୀୟ ସ୍ଥାନ ଅଧିକାର କରିଛି। ଦୁଇ ପରାଜିତ ସେମିଫାଇନାଲିଷ୍ଟଙ୍କ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଜାପାନ ୨-୧ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରିଛି। ମ୍ୟାଚର ୧୧ତମ ମିନିଟରେ ପାର୍କ ୟେନଗୁନଙ୍କ ଗୋଲ ବଳରେ କୋରିଆ ଅଗ୍ରଣୀ ହାସଲ କରିଥିଲା। ମାତ୍ର ଦଳ ଏଥିରୁ ଫାଇଦା ଉଠାଇ ପାରି ନ ଥିଲା। ୨୦ତମ ମିନିଟରେ ଜାପାନର ଶିହୋ କୋବାୟାକାୱା ଗୋଲ୍‌ଟି ପରିଶୋଧ କରି ପ୍ରଥମାର୍ଦ୍ଧ ବେଳକୁ ମ୍ୟାଚକୁ ୧-୧ ସ୍ଥିତିକୁ ନେଇ ଆସିଥିଲେ। ତୃତୀୟ କ୍ୱାର୍ଟରରେ ଉଭୟ ଦଳ କଡ଼ା ଟକ୍କର ଦେଇଥିବାବେଳେ ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଜାପାନର ହିରୋକା ମୁରାୟାମା ସ୍କୋର କରିଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା।

# ଭାରତୀୟ ଦଳରେ କିଟ୍‌ର ଆର୍ଯ୍ୟନ

**ରାଜ୍ୟଗୋଷ୍ଠୀ ବିଚ୍ ହ୍ୟାଣ୍ଡବଲ**

ଭୁବନେଶ୍ୱର, ୧୪।୯ (ତପନ ସ୍ୱାଇଁ)


ଆର୍ଯ୍ୟନ ବ୍ରାହ୍ମୀନ

ମାଲଦ୍ୱୀପର କୁଲୁଡୁଫୁସିଠାରେ ସୋମବାରଠାରୁ ୨୪ ତାରିଖ ପର୍ଯ୍ୟନ୍ତ ପ୍ରଥମ ରାଜ୍ୟଗୋଷ୍ଠୀ ବିଚ ହ୍ୟାଣ୍ଡବଲ ପ୍ରତିଯୋଗିତା ହେବାକୁ ଯାଉଛି। ଭାରତୀୟ ଦଳରେ ଓଡ଼ିଶାର ଏକମାତ୍ର ଖେଳାଳି ଆର୍ଯ୍ୟନ ବ୍ରାହ୍ମୀନ ସ୍ଥାନ ପାଇଛନ୍ତି। ଆର୍ଯ୍ୟନ ଏବେ କିଟ୍ ବିଶ୍ୱବିଦ୍ୟାଳୟରେ ଯୋଗ ଓ ନେଚରୋପାଥିର ପିଜି ପ୍ରଥମ ବର୍ଷ ଛାତ୍ର। ଆର୍ଯ୍ୟନ ଗତ ମେ'ମାସରେ ଓମାନଠାରେ ହୋଇଯାଇଥିବା ଏସିଆ ପୁରୁଷ ବିଚ୍ ହ୍ୟାଣ୍ଡବଲରେ ଅଂଶ ଗ୍ରହଣ କରିଥିଲେ। ଏବେ ରାଜ୍ୟଗୋଷ୍ଠୀ ବିଚ ହ୍ୟାଣ୍ଡବଲ ପାଇଁ ମନୋନୀତ ହୋଇଥିବାରୁ ଆର୍ଯ୍ୟନଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ଓଡ଼ିଶା ହ୍ୟାଣ୍ଡବଲ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ଆତିକା ମିର ୟୁଏଇ କାର୍ଟିଂ ରେସ ଜିତିଲେ

ଦୁବାଇ, ୧୪।୯ (ପି.ଟି.)

ଭାରତର ୧୦ ବର୍ଷୀୟା ରେସିଂ ପ୍ରୋଡିଜି ଆତିକା ମିର ରବିବାର ପ୍ରଥମ ମହିଳା ଭାବେ ମିନିମ୍ୟାକ୍ସ କାଟେଗୋରୀରେ ୟୁଏଇ କାର୍ଟିଂ ରେସ୍ ଜିତି ଇତିହାସ ରଚିଛନ୍ତି। ଏହି ପ୍ରବଳ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ରେସରେ ୧୪ ଡ୍ରାଇଭର ଭାଗ ନେଇଥିବା ବେଳେ ସେମାନଙ୍କ ମଧ୍ୟରେ ଏକମାତ୍ର ବାଳିକା ଥିଲେ ଆତିକା। ସେ ଦୁବାଇ କାର୍ଟଡ୍ରୋମଠାରେ ଅନୁଷ୍ଠିତ ଡିଏଏମ୍‌ସି ଚାମ୍ପିୟନଶିପ୍ ଓପନରକୁ ପୋଲ ପୋଜିଶନରୁ ଜିତିଛନ୍ତି। ତାଙ୍କ ପ୍ରତିଭାକୁ ଚିହ୍ନି ପାରି ଫର୍ମୁଲା-୧ ତାଙ୍କ ସହିତ ଚଳିତ ବର୍ଷ ଏଫ୍-୧ ଏକାଡେମୀ ଡିସ୍କଭର୍ ପ୍ରୋଗ୍ରାମ ଲାଗି ଚୁକ୍ତି କରିଥିଲା। ଏ କ୍ଷେତ୍ରରେ ମଧ୍ୟ ସେ ପ୍ରଥମ ମହିଳା ଥିଲେ।




ଟୋକିଓରେ ଚାଲିଥିବା ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ୧୦୦ ମିଟର ଇଭେଣ୍ଟରେ ପୁରୁଷ ବିଭାଗ ଚାମ୍ପିୟନ ଜାମାଇକାର ଓବ୍‌ଲିକ୍ ସେଭିଲେ ଓ ମହିଳା ବର୍ଗ ଚାମ୍ପିୟନ ଆମେରିକାର ମେଲିସା ଜେଫର୍ସନ-ଉଡେନ।

# ଯସ୍ମିନ, ମୀନାକ୍ଷୀଙ୍କୁ ସ୍ୱର୍ଣ୍ଣ, ନୂପୁରଙ୍କୁ ରୌପ୍ୟ

**ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍**


ଭାରତୀୟ ବକ୍ସିଂ ଫେଡେରେଶନ ସଭାପତି ଅଜୟ ସିଂ ଓ ଅନ୍ୟମାନଙ୍କ ସହ ପଦକ ବିଜୟୀ ବକ୍ସର।

ଲିଭରପୁର, ୧୪।୯ (ପି.ଟି.)

ଭାରତୀୟ ବକ୍ସର ଯସ୍ମିନ ଲାମ୍ବୋରିଆ ଓ ମୀନାକ୍ଷୀ ହୁଡା ଏଠାରେ ଚାଲିଥିବା ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଲାଭ କରିଥିବାବେଳେ ନୂପୁର ଶେଓରାନ ଓ ପୂଜାରାଣୀ ଅଣ ଅଲିମ୍ପିକ କାଟେଗୋରିରେ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ଜିତିଛନ୍ତି। ଯସ୍ମିନ ଶନିବାର ବିଳମ୍ବିତ ରାତିରେ ୫୭ କେଜି ଶ୍ରେଣୀ ଫାଇନାଲରେ ପ୍ୟାରିସ ଅଲିମ୍ପିକ୍ସ ରୌପ୍ୟ ବିଜେତା ପୋଲାଣ୍ଡର ଜୁଲିଆ ସିଜରମେଟାଙ୍କୁ ୪-୧ (୩୦-୨୭, ୨୯-୨୮, ୩୦-୨୭, ୨୮-୨୯, ୨୯-୨୮)ରେ ହରାଇ ଦେଇଛନ୍ତି। ନବାଗତ ମୀନାକ୍ଷୀ ରବିବାର ସମାନ ବ୍ୟବଧାନରେ ୪୮କେଜି ଶ୍ରେଣୀ ଫାଇନାଲରେ ପ୍ୟାରିସ ଅଲିମ୍ପିକ୍ସ ବ୍ରୋଞ୍ଜ ବିଜେତା କାଜାଖସ୍ତାନର ନାଜିମ୍ କିଜାଇବେଙ୍କୁ ହରାଇ ଜୁଲାଇରେ ଅନୁଷ୍ଠିତ ବିଶ୍ୱକପ୍ ପରାଜୟର ପ୍ରତିଶୋଧ ନେଇଛନ୍ତି। ଏଠାରେ ବିଜୟ ଦ୍ୱାରା ଯସ୍ମିନ ୯ମ ଓ ମୀନାକ୍ଷୀ ୧୦ମ ଭାରତୀୟ ମହିଳା ବକ୍ସର ଭାବେ ବିଶ୍ୱ ଚାମ୍ପିୟନ ହୋଇପାରିଛନ୍ତି। ପୂର୍ବରୁ ଯେଉଁ ୮ଜଣ ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ଜିତିଛନ୍ତି, ସେମାନେ ହେଲେ ୬ଥର ବିଜେତା ମେରୀକମ୍ (୨୦୦୨, ୨୦୦୫, ୨୦୦୬, ୨୦୦୮, ୨୦୧୦ ଓ ୨୦୧୮), ଦୁଇଥର ବିଜେତା କିଖତ ଜରିନ୍ (୨୦୦୨ ଓ ୨୦୨୩), ସରିତା ଦେବୀ (୨୦୦୬), ଜେନି ଆର୍‌ଏଲ୍ (୨୦୦୬), ନୀତୁ ଘାଙ୍ଘାସ୍ (୨୦୨୩), ଲଭଲିନା ବର୍ଗୋହେନ (୨୦୨୩) ଓ ସ୍ୱିଟି ବୁରା (୨୦୨୩)। ଅନ୍ୟପକ୍ଷରେ ନୂପୁର ୮୦+କେଜି କାଟେଗୋରିରେ ରୌପ୍ୟ ଏବଂ ପୂଜା ୮୦କେଜି କାଟେଗୋରିରେ ରୌପ୍ୟ ହାସଲ କରିଛନ୍ତି। ନୂପୁର ଶନିବାର ରାତିରେ ଅନୁଷ୍ଠିତ ଦ୍ୱିତୀୟ ଫାଇନାଲରେ ପୋଲାଣ୍ଡର ଆଗାଟା କାଜମାରାସ୍କାଙ୍କଠାରୁ ୨-୩ରେ ଅଳ୍ପକେ ହାରିଯାଇଥିଲେ। ଏହା ପୂର୍ବରୁ ପୂଜା ସ୍ଥାନୀୟ ଫେଭରାଇଟ ଏମିଲି ଆସକ୍ୱିଥଙ୍କଠାରୁ ବିଭାଜିତ ନିଷ୍ପତ୍ତି ୧-୪ରେ ହାରିଯାଇଥିଲେ।

# ଭାରତ 'ଏ' ଦଳରେ ଅଭିଷେକ, ଅର୍ଶଦୀପ

ମୁମ୍ବାଇ, ୧୪।୯ (ପି.ଟି.)

ଅଷ୍ଟ୍ରେଲିଆ 'ଏ' ବିପକ୍ଷ ଦ୍ୱିତୀୟ ଓ ତୃତୀୟ ଦିନିକିଆ ପାଇଁ ରବିବାର ଭାରତ 'ଏ' ଦଳ ଘୋଷଣା କରାଯାଇଛି। ଏଥିରେ ଓପନର ଅଭିଷେକ ଶର୍ମା ଓ ବାମହାତୀ ପେସର ଅର୍ଶଦୀପ ସିଂଙ୍କୁ ନିଆଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ସିନିୟର ସିଲେକ୍ସନ ପ୍ୟାନେଲ ଆହୁରି ମଧ୍ୟ ଶେଷ ଦୁଇଟି ମ୍ୟାଚ ପାଇଁ ତିଳକ ବର୍ମା ଓ ହର୍ଷିତ ରାଣାଙ୍କୁ ସାମିଲ କରିଛି। ଏହି ୪ଜଣ ଖେଳାଳି ଏସିଆକପ୍ ପାଇଁ ବର୍ତ୍ତମାନ ୟୁଏଇରେ ଅଛନ୍ତି। ସେପ୍ଟେମ୍ବର ୨୮ରେ ଟୁର୍ନାମେଣ୍ଟ ଶେଷ ହେଲେ ସେମାନେ ଯାଇ ଭାରତୀୟ 'ଏ' ଦଳରେ ଯୋଗଦେବେ। ଲକ୍ଷ୍ନୌରେ ଦୁଇଟି ୪ ଦିନିଆ ଅନ୍ ଅଫିସିଆଲ ଟେଷ୍ଟ ମ୍ୟାଚ ଖେଳିସାରିବାର କିଛିଦିନ ପରେ ଦୁଇଟି 'ଏ' ଦଳ କାନପୁରର ଗ୍ରିନ୍‌ପାର୍କ ଷ୍ଟାଡିୟମରେ ୫୦ ଓଭର ବିଶିଷ୍ଟ ୩ ମ୍ୟାଚ ସିରିଜ ଖେଳିବେ। ସେପ୍ଟେମ୍ବର ୩୦ରେ ଖେଳାଯିବାକୁଥିବା ପ୍ରଥମ ମ୍ୟାଚରେ ରଜତ ପଟିଦାର ଭାରତ 'ଏ' ଦଳର ନେତୃତ୍ୱ ନେବାକୁଥିବା ବେଳେ ତିଳକ ଅବଶିଷ୍ଟ ଦୁଇଟି ମ୍ୟାଚରେ ଅଧିନାୟକତ୍ୱ କରିବେ। ଭାରତ 'ଏ' ଦଳ ମନୋନୀତ କରିଥିବା ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ସିନିୟର ସିଲେକ୍ସନ କମିଟି ପ୍ରଥମ ଦିନିକିଆ ପାଇଁ ୧୩ ଜଣିଆ ଦଳ ମନୋନୀତ କରିଥିବା ବେଳେ ଦ୍ୱିତୀୟ ଓ ତୃତୀୟ ମ୍ୟାଚ ପାଇଁ ୧୫ ଖେଳାଳି ବାଛିଛନ୍ତି। ଦିଲ୍ଲୀର ବାମହାତୀ ବ୍ୟାଟର ପ୍ରିୟାଂଶ ଆର୍ଯ୍ୟ ଓ ସିମରଜିତ ସିଂ କେବଳ ଓପନିଂ ମ୍ୟାଚ ଖେଳିବେ।

# ସ୍କୁଲ୍ସ ଓପନ ଚେସ୍: ଶିବମ୍ ଚାମ୍ପିୟନ

ଭୁବନେଶ୍ୱର, ୧୪।୯ (ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଚନ୍ଦ୍ରଶେଖରପୁରସ୍ଥିତ ସ୍ନିଗ୍ଧା ଏକାଡେମୀରେ ସ୍କୁଲ୍ସ ଓପନ ଚେସ୍ ଚାମ୍ପିୟନଶିପ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଜେ.ଭି. ଶିବମ୍ ପୂରା ୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ସତ୍ୟମ୍ ସ୍ୱରୂପ ସାହୁ, ଦିବ୍ୟାଂଶୁ କୁମାର ପଶାୟତ, ସାତ୍ତ୍ୱିକ ତ୍ରିପାଠୀ ଓ ଆଶୁତୋଷ ଅରୁଣ ଦାସ ଟପ୍-୫ ଫିନିଶ୍ କରିଛନ୍ତି। ବିଭିନ୍ନ ବୟସ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ଅନ୍ୟ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ସ୍ନିଗ୍ଧା ଏକାଡେମୀର ପରିଚାଳନା ନିର୍ଦ୍ଦେଶକ ବିଚିତ୍ରା ରଥ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ଟୁର୍ନାମେଣ୍ଟ ନିର୍ଦ୍ଦେଶକ କନୋଜ କୁମାର ବେହେରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।



ପୁରସ୍କାର ସହ କୃତୀ ପ୍ରତିଯୋଗୀମାନେ।

# ରାଜ୍ୟ ହୁଇଲଚେୟାର ରଗ୍‌ବୀ ଚୟନ ଟ୍ରାଏଲ୍ସ

ଭୁବନେଶ୍ୱର, ୧୪।୯ (ତପନ ସ୍ୱାଇଁ)

ରାଜ୍ୟ ହୁଇଲଚେୟାର ରଗ୍‌ବୀ ଚୟନ ଟ୍ରାଏଲ୍ସ କଳିଙ୍ଗ ଷ୍ଟାଡିୟମର ବାସ୍କେଟବଲ କୋର୍ଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ୬୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ କ୍ରୀଡ଼ାବିତ ଅଂଶଗ୍ରହଣ କରିଥିଲେ। ଏଥିରୁ ପ୍ରଦର୍ଶନ ଭିତ୍ତିରେ ମନୋନୀତ ୧୨ କ୍ରୀଡ଼ାବିତଙ୍କୁ କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୧୮ରୁ ୨୯ ଯାଏ କ୍ୟାମ୍ପରେ ପ୍ରଶିକ୍ଷଣ ଦିଆଯିବ। ସେମାନଙ୍କ ମଧ୍ୟରୁ ୮ ଜଣଙ୍କୁ ଚୟନ କରାଯାଇ ମଧ୍ୟପ୍ରଦେଶରେ ହେବାକୁଥିବା ଜାତୀୟ ପାରା ହୁଇଲଚେୟାର ରଗ୍‌ବୀ ପ୍ରତିଯୋଗିତାରେ ଅଂଶଗହଣ ପାଇଁ ପଠାଯିବ। ଏହି ପ୍ରତିଯୋଗିତା ଅକ୍ଟୋବର ୩ରୁ ୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପାରା ସ୍ପୋର୍ଟ୍ସ ଆସୋସିଏଶନର କର୍ମକର୍ତ୍ତାଙ୍କ ସହ ରଗ୍‌ବୀ କୋଚ ସୁରେନ୍ଦ୍ର କୁମାର ଜେନା ଟ୍ରାଏଲ୍ସକୁ ପରିଚାଳନା କରିବା ସହ କ୍ୟାମ୍ପ ପାଇଁ ଖେଳାଳି ଚୟନ କରିଥିଲେ। ଶେଷରେ ସଭାପତି କମଳାକାନ୍ତ ରଥ କ୍ରୀଡ଼ାବିତ୍‌ଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ।

# ବାଳକ, ବାଳିକାରେ ଭୁବନେଶ୍ୱର ଚାମ୍ପିୟନ

**ମିନି ଜୁନିୟର ହ୍ୟାଣ୍ଡବଲ**

ଭୁବନେଶ୍ୱର, ୧୪।୯ (ଅନାଦି କର)

ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ ଆସୋସିଏଶନ ତରଫରୁ ରବିବାର ବିଡାନାସୀ ଖେଳପଡ଼ିଆରେ ଦ୍ୱାଦଶ ଓଡ଼ିଶା ମିନି ଜୁନିୟର ହ୍ୟାଣ୍ଡବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ବରଗଡ଼, ବାଲେଶ୍ୱର, ଢେଙ୍କାନାଳ, କେନ୍ଦ୍ରାପଡ଼ାର ବାଳକ ଓ ବାଳିକା ଖେଳାଳିମାନେ ଭାଗ ଦେଇଥିଲେ। ଅନବ କୁମାର ସିହ୍ନା ଖେଳ ପରିଚାଳନା କରିଥିଲେ। ବାଳକ ବିଭାଗରେ ଭୁବନେଶ୍ୱର ଚାମ୍ପିୟନ ଓ କଟକ ରନରଅପ୍ ହୋଇଥିଲା। ବାଳିକା ବିଭାଗରେ ଭୁବନେଶ୍ୱର ଚାମ୍ପିୟନ ଓ ଖୋର୍ଦ୍ଧା ରନରଅପ୍ ହୋଇଥିଲା। ଏହି ପ୍ରତିଯୋଗିତାରୁ ବଛାଯାଇଥିବା ଖେଳାଳି ଆସନ୍ତା ୨୬ ତାରିଖରୁ ଆରମ୍ଭ ହେବାକୁ ଥିବା ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ପୁରସ୍କାର ବିତରଣ ଉତ୍ସବରେ କଟକ ମେୟର ସୁବାସ ସିଂ ମୁଖ୍ୟ ଅତିଥି ଏବଂ ସନ୍ତୋଷ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ ଆସୋସିଏଶନର ସଭାପତି ଗୋପୀନାଥ ସାହୁ, ସମ୍ପାଦକ ବୀରେନ୍ଦ୍ର କୁମାର ବେହେରା, ଉପ ସଭାପତି ପ୍ରେମାନନ୍ଦ ବିହାରୀ, ଯୁଗ୍ମ ସମ୍ପାଦକ ଯଶବନ୍ତ ବରମୁରୁ ଓ ଟ୍ରେଜରର ଉପେନ୍ଦ୍ରନାଥ ଦାସ ଓ ଅନ୍ୟ ଜିଲାର ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ।


ଚାମ୍ପିୟନ ଭୁବନେଶ୍ୱର ଦଳର ବାଳିକା ଓ ବାଳକ ଦଳ।

# ଏଏଫ୍‌ସି ଏସିଆନ କପ୍ କ୍ୱାଲିଫାୟର୍ସ: ଫେରିଲେ ଛେତ୍ରୀ

ନୂଆଦିଲ୍ଲୀ, ୧୪।୯ (ପି.ଟି.)

କାଫା ନେଶନ୍ସ କପ୍ ଫୁଟବଲ ଟୁର୍ନାମେଣ୍ଟରେ ଭାରତ ପୋଡିୟମରେ ସ୍ଥାନ ହାସଲ କରିବା ପରେ ଜାତୀୟ ପୁରୁଷ ଦଳର ମୁଖ୍ୟ କୋଚ୍ ଖାଲିଦ ଜମିଲ ଆଗାମୀ ସିଙ୍ଗାପୁର ବିପକ୍ଷ ଏଏଫ୍‌ସି ଏସିଆ କପ୍ କ୍ୱାଲିଫାୟର ମ୍ୟାଚ୍ ପାଇଁ ରବିବାର ୩୦ ଜଣିଆ ସମ୍ଭାବ୍ୟ ଦଳ ଘୋଷଣା କରିଛନ୍ତି। କାଫା ନେଶନ୍ସରେ ଖେଳି ନ ଥିବା ସୁନୀଲ ଛେତ୍ରୀ ଦଳକୁ ଫେରିଛନ୍ତି। ଆସନ୍ତା ୨୦ ତାରିଖରୁ ବେଙ୍ଗାଲୁରୁରେ ପ୍ରସ୍ତୁତି କ୍ୟାମ୍ପ ଆରମ୍ଭ ହେବ ଓ ଖେଳାଳିମାନେ ଗୋଟିଏ ଦିନ ପୂର୍ବରୁ ଭେନ୍ୟୁରେ ପହଞ୍ଚିବେ। ମୋହନ ବାଗାନ ଏସ୍‌ଜି ଓ ଏଫ୍‌ସି ଗୋଆର ଖେଳାଳିମାନେ ସେମାନଙ୍କ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ ୨ ମ୍ୟାଚ୍ ଖେଳିସାରିଥିବାରୁ କ୍ୟାମ୍ପରେ ଯୋଗ ଦେବେ। ଏଥିସହିତ ୨୩ ବର୍ଷରୁ କମ ଭାରତୀୟ ଦଳର ଦୁଇ ଖେଳାଳିଙ୍କ ସହ ମୋଟ ୫ ଖେଳାଳିଙ୍କ ଷ୍ଟାଣ୍ଡବାଇ ରଖାଯାଇଛି। ଭାରତୀୟ ଦଳ ଆସନ୍ତା ଅକ୍ଟୋବର ୯ ଓ ୧୪ ତାରିଖରେ ସିଙ୍ଗାପୁରକୁ ଭେଟିବ। ଏହି ମ୍ୟାଚ୍ ଲାଗି ସମ୍ଭାବ୍ୟ ଦଳରୁ ଖେଳାଳିଙ୍କୁ ଚୟନ କରାଯିବ।

# କିସ୍ ବାଳିକା ଓ ବାଳକ ଦଳ ଚାମ୍ପିୟନ

**ସବ୍‌ଜୁନିୟର ରଗ୍‌ବୀ**

ଭୁବନେଶ୍ୱର, ୧୪।୯ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ରବିବାର ଉଦ୍‌ଯାପିତ ଅଲ୍ ଓଡ଼ିଶା ଆନ୍ତଃଜିଲା ୧୫ ବର୍ଷରୁ କମ୍ ସବ୍‌ଜୁନିୟର ରଗ୍‌ବୀ ୭ଏସ୍ ଚାମ୍ପିୟନଶିପ୍‌ରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସେସ (କିସ୍) ବାଳିକା ଓ ବାଳକ ଦଳ ଚାମ୍ପିୟନ ହୋଇଛି। କିସ୍ ବାଳକ ବର୍ଗ ଫାଇନାଲରେ ୨୫-୦ରେ ମୟୂରଭଞ୍ଜକୁ ଏବଂ ବାଳିକା ବର୍ଗ ଫାଇନାଲରେ ଜଗତ୍‌ସିଂହପୁରକୁ ୨୦-୦ରେ ପରାସ୍ତ କରିଛି। କେନ୍ଦୁଝର ବାଳିକା ଓ ବାଳକ ଦଳ ତୃତୀୟ ସ୍ଥାନ ଅଧିକାର କରିଛି। ରାଜ୍ୟ ରଗ୍‌ବୀ ଫୁଟବଲ ଆସୋସିଏଶନ ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି, କୋଷାଧ୍ୟକ୍ଷ ଶକ୍ତିରଞ୍ଜନ ମହାନ୍ତି, ବାଲେଶ୍ୱର ରଗ୍‌ବୀ ଫୁଟବଲ ଆସୋସିଏଶନ ସଭାପତି ପ୍ରଭାକର ମିଶ୍ର, ଜାତୀୟ ରଗ୍‌ବୀ ଖେଳାଳି ତଥା ବୈଷୟିକ ଅଧିକାରୀ ସୁରେନ୍ଦ୍ର ଜେନା, ମୁନା ମୁର୍ମୁ, ରାଜକିଶୋର ହେମ୍ବ୍ରମ, ଦିବ୍ୟ ରଞ୍ଜନ ଦାସ ଓ ଧୀରେନ ରାଉତ ପ୍ରମୁଖ ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।



ବାଳିକା ଓ ବାଳକ ବର୍ଗ ଚାମ୍ପିୟନ କିସ୍ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

# ଭୟଙ୍କର ପରମାଣୁ ଶକ୍ତି



ଡ. କମଳାକାନ୍ତ ଜେନା

''ପାରମ୍ପରିକ ଶକ୍ତି ଉତ୍ସ ସାଙ୍ଗକୁ ପରମାଣୁ ଶକ୍ତି, ପବନ ଶକ୍ତି ଓ ଜୁଆର ଶକ୍ତିର ବ୍ୟବହାର ହେଉଛି। ବିଶେଷକରି ପରମାଣୁ ଶକ୍ତିର ବ୍ୟବହାର ଅସୁରକ୍ଷିତ। ଏହାର ଉତ୍ପାଦନ କ୍ଷେତ୍ରରେ ସାମାନ୍ୟ ଅସାବଧାନତା ଶହ ଶହ ଜୀବନ ନେଇପାରେ। ଏହାର ବିକିରଣଜନିତ କୁପ୍ରଭାବ ପାଞ୍ଚ ପିଢ଼ି ପର୍ଯ୍ୟନ୍ତ ରହିପାରେ। କିନ୍ତୁ ଅଳ୍ପ ଖର୍ଚ୍ଚରେ ଅଧିକ ପରମାଣୁ ଶକ୍ତି ଉତ୍ପାଦନ ସମ୍ଭବ। ତେଣୁ ସେଥିରେ ରହିଥିବା ବିପଦକୁ ଏଡ଼େଇବା ସକାଶେ ଆମେ ଯଥେଷ୍ଟ ସାବଧାନତା ଅବଲମ୍ବନ କରିପାରିବା। ଏହାର ମାରାତ୍ମକ ବିକିରଣ ଯେମିତି ପରିବେଶ ଓ ମାନବଜାତିର କ୍ଷତି ନ କରିବ, ସେଥିପ୍ରତି ପ୍ରଥମେ ଯତ୍ନବାନ ହେବା।''





କାମ କରିବା ପାଇଁ ଓ କଳକାରଖାନା ଚାଲିବା ନିମିତ୍ତ ଶକ୍ତି ଖର୍ଚ୍ଚ ହୁଏ। ଶକ୍ତିର ଅନେକ ରୂପ ରହିଛି। ଆମକୁ ଖାଦ୍ୟରୁ ଶକ୍ତି ମିଳେ, କିନ୍ତୁ କୋଇଲା, ଡିଜେଲ, ପେଟ୍ରୋଲ ବା ବିଜୁଳି ଶକ୍ତିରେ କଳକାରଖାନା ଓ ମୋଟରଗାଡ଼ି ଚାଲେ। ଆମେ ଯେଉଁ ଶକ୍ତି ବ୍ୟବହାର କରୁ, ସେସବୁ ବିଭିନ୍ନ ଉପାୟରେ ସୂର୍ଯ୍ୟଠାରୁ ଆସିଛି। ସୂର୍ଯ୍ୟଠାରୁ ନିରବଚ୍ଛିନ୍ନ ଭାବରେ ଆସୁଥିବା ଶକ୍ତି ସହାୟତାରେ ପୃଥିବୀରେ ଜୀବନ ସମ୍ଭବ ହୋଇପାରିଛି। ଏମିତି ୫୦୦ କୋଟି ବର୍ଷ ଧରି ଚାଲିଛି, ଆହୁରି ୭୦୦ କୋଟି ବର୍ଷ ଚାଲିବ। ସୂର୍ଯ୍ୟଠାରୁ ତାପ ଶକ୍ତି ଓ ଆଲୋକ ଶକ୍ତି ଆମ ପାଖକୁ ଆସୁଥିବ। ଆମେ ଆଲୋକ ଓ ତାପ ପାଇବା ପାଇଁ ସାଧାରଣତଃ କାଠ, କୋଇଲା ଓ ତେଲ ଜାଳୁ। କିନ୍ତୁ ସୂର୍ଯ୍ୟ ଭିତରେ ସେସବୁ ଜଳେ ନାହିଁ, ବରଂ ଉଦ୍‌ଜାନ ସହିତ ଉଦ୍‌ଜାନ ମିଶି ହିଲିୟମ୍ ସୃଷ୍ଟି ହୁଏ। ସେଥିରେ ବିପୁଳ ଶକ୍ତି ଉତ୍ପନ୍ନ ହୁଏ। ସେହି ଶକ୍ତିର ନାମ 'ପରମାଣୁ ଶକ୍ତି' (ଆଟମିକ୍ ଏନର୍ଜି)। ଭବିଷ୍ୟତରେ ପରମାଣୁ ଶକ୍ତି ହିଁ ସମସ୍ତ ଶକ୍ତି ଚାହିଦାର ଚରମ ଉତ୍ସ ବୋଲି ଆଜି ଚର୍ଚ୍ଚା ହେଉଛି।

କୋଇଲା, ପେଟ୍ରୋଲ ଓ ଡିଜେଲ ଭଳି ପାରମ୍ପରିକ ଶକ୍ତି ଉତ୍ସ ଆଜି ସରିବାକୁ ବସିଛି। ସେଗୁଡ଼ିକ ତିଆରି ହେବା ପାଇଁ ଲକ୍ଷ ଲକ୍ଷ ବର୍ଷ ଲାଗିଥିଲା। କିନ୍ତୁ ଦିନ କେଇଟାରେ ସରିଯିବ। ତେଣୁ ଏମିତି ଶକ୍ତିର ସନ୍ଧାନ ଜାରି ରହିଛି, ଯାହା ସରିବ ନାହିଁ। ସୌରଶକ୍ତି ନିଃସନ୍ଦେହରେ ଏହି କ୍ଷେତ୍ରରେ ସବୁଠାରୁ ନିର୍ଭରଯୋଗ୍ୟ ଦିଗ। କିନ୍ତୁ ସଂପ୍ରତି ଏହାର ଉତ୍ପାଦନ କ୍ଷମତା ସନ୍ତୋଷଜନକ ନୁହେଁ। ଆମର ଆବଶ୍ୟକତାକୁ ପୂରଣ କରିବା ଭଳି ସୌରଶକ୍ତିରୁ ଯଥେଷ୍ଟ ବିଜୁଳିଶକ୍ତି ଉତ୍ପାଦନ ହୋଇପାରୁ ନାହିଁ। ତେଣୁ ପାରମ୍ପରିକ ଶକ୍ତି ଉତ୍ସ ସାଙ୍ଗକୁ ପରମାଣୁ ଶକ୍ତି, ପବନ ଶକ୍ତି ଓ ଜୁଆର ଶକ୍ତିର ବ୍ୟବହାର ହେଉଛି। ବିଶେଷକରି ପରମାଣୁ ଶକ୍ତିର ବ୍ୟବହାର ଅସୁରକ୍ଷିତ। ଏହାର ଉତ୍ପାଦନ କ୍ଷେତ୍ରରେ ସାମାନ୍ୟ ଅସାବଧାନତା ଶହ ଶହ ଜୀବନ ନେଇପାରେ। ଏହାର ବିକିରଣଜନିତ କୁପ୍ରଭାବ ପାଞ୍ଚ ପିଢ଼ି ପର୍ଯ୍ୟନ୍ତ ରହିପାରେ। କିନ୍ତୁ ଅଳ୍ପ ଖର୍ଚ୍ଚରେ ଅଧିକ ପରମାଣୁ ଶକ୍ତି ଉତ୍ପାଦନ ସମ୍ଭବ। ତେଣୁ ସେଥିରେ ରହିଥିବା ବିପଦକୁ ଏଡ଼ାଇବା ସକାଶେ ଆମେ ଯଥେଷ୍ଟ ସାବଧାନତା ଅବଲମ୍ବନ କରିପାରିବା। ଏହାର ମାରାତ୍ମକ ବିକିରଣ ଯେମିତି ପରିବେଶ ଓ ମାନବଜାତିର କ୍ଷତି ନ କରିବ, ସେଥିପ୍ରତି ପ୍ରଥମେ ଯତ୍ନବାନ ହେବା।


ଆମର ବିଜୁଳି ଶକ୍ତି ଦରକାର। ତେଣୁ ଶକ୍ତି ଯେଉଁ ରୂପରେ ଥିଲେ ବି ଆମେ ତାକୁ ବିଜୁଳି ଶକ୍ତିରେ ପରିଣତ କରୁ। ବିଜୁଳି ଶକ୍ତି ଉତ୍ପାଦନ ସକାଶେ ଅଧିକ କୋଇଲା ବ୍ୟବହୃତ ହୁଏ। ତାପଜ ବିଦ୍ୟୁତ୍ କେନ୍ଦ୍ରରେ କୋଇଲାକୁ ଜାଳି ପାଣି ଗରମ କରାଯାଏ। ସେଥିରୁ ସୃଷ୍ଟି ହେଉଥିବା ଜଳୀୟବାଷ୍ପ ଦ୍ୱାରା ଟର୍ବାଇନ୍ ବୁଲିଲେ ବିଜୁଳି ଶକ୍ତି ଉତ୍ପନ୍ନ ହୁଏ। ପରମାଣୁ ଶକ୍ତି ଉତ୍ପାଦନ କେନ୍ଦ୍ରରେ କୋଇଲା ବଦଳରେ ପରମାଣୁ ଶକ୍ତି ବ୍ୟବହାର କରାଯାଏ। ନିଉକ୍ଲୀୟ ଜାଳେଣିରୁ ମିଳୁଥିବା ତାପକୁ ବ୍ୟବହାର କରି ପାଣି ଗରମ କରାଯାଏ। ବର୍ତ୍ତମାନ ପାଇଁ ଏହା ହେଉଛି ପରମାଣୁ ଶକ୍ତିକୁ ଜନସାଧାରଣଙ୍କ ବ୍ୟବହାର ଉପଯୋଗୀ କରିବାର ଏକମାତ୍ର ଉପାୟ। ଭାରତର ତାରାପୁର, କୋଟା, କାଇଗା, ନାରୋରା, କଲ୍ପକମ୍ ଓ କାକ୍ରାପାଡ଼ାଠାରେ ରହିଥିବା ଆମର ପରମାଣୁ ରିଆକ୍ଟରଗୁଡ଼ିକରୁ ବିଜୁଳି ଶକ୍ତି ଉତ୍ପାଦନ କରାଯାଉଛି।

ପରମାଣୁ ଶକ୍ତି ଉତ୍ପାଦନରେ ନୀତିନିୟମ ନ ମାନିଲେ ଓ ଏହାର ତେଜସ୍କ୍ରିୟ ପାଉଁଶକୁ ସୁରକ୍ଷିତ ଭାବରେ ସମୁଦ୍ର ତଳେ ନ ପୋତିଲେ ବିକିରଣ ଓ ପ୍ରଦୂଷଣଜନିତ କ୍ଷତି ହେବ। ଏହାକୁ ଶାନ୍ତିପୂର୍ଣ୍ଣ ପ୍ରୟୋଗ ବୋଲି ଦାବି କରିପାରିବା ନାହିଁ। ଏହାର ଶାନ୍ତିପୂର୍ଣ୍ଣ ବ୍ୟବହାର ବିକାଶ ପ୍ରକ୍ରିୟାର ସହାୟକ ହେବ। ନ ହେଲେ ପ୍ରଳୟ ସୃଷ୍ଟି କରିବ। ଏହି ପରମାଣୁ ଶକ୍ତି ଦିନେ ହିରୋସୀମା ଓ ନାଗାସାକି ସହରକୁ ଧ୍ୱଂସ କରିଦେଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥାଏ। ୧୯୪୫ ଅଗଷ୍ଟ ୬ ତାରିଖ ସକାଳେ ଜାପାନର ହିରୋସୀମା ସହର ଉପରେ ହଠାତ୍ ନିଆଁର ଝଡ଼ ମାଡ଼ି ଆସିଲା। ସାରା ସହର ପ୍ରଚଣ୍ଡ କମ୍ପନରେ ଥରିଗଲା। ଲୋକମାନେ କିଛି ବୁଝିବା ଆଗରୁ ନିଆଁରେ ପୋଡ଼ି ପାଉଁଶ ହୋଇଗଲେ। ତାହା କୌଣସି ପ୍ରାକୃତିକ ଦୁର୍ବିପାକ ନ ଥିଲା, ବରଂ ଆମେରିକାର ପରମାଣୁ ବୋମା ଜାପାନ ଉପରେ ପଡ଼ିଥିଲା, ଯାହାର ନାମ ଥିଲା 'ଲିଟିଲ ବୟ'। ପରମାଣୁ ବୋମା ବିସ୍ଫୋରଣ ହେତୁ କେଇଟା ମାତ୍ର ସେକେଣ୍ଡ ଭିତରେ ସାରା ସହର ଧ୍ୱସ୍ତବିଧ୍ୱସ୍ତ ହୋଇଗଲା। ଅଗଷ୍ଟ ୯ ତାରିଖରେ ସେମିତିକା ଆଉ ଏକ ପରମାଣୁ ବୋମା 'ଫ୍ୟାଟ ମ୍ୟାନ୍' ନାଗାସାକି ସହରକୁ ଧୂଳିସାତ୍ କରିଦେଲା। ଦୀର୍ଘ ୮୦ ବର୍ଷ ତଳର ଦୁଇଟା ପରମାଣୁ ବୋମାର ପ୍ରଳୟ ମାନବଜାତି ଭୁଲିନାହିଁ। ସେଠାରେ ରହୁଥିବା ଲୋକମାନେ ଏବେ ବି ତେଜସ୍କ୍ରିୟ ବିକିରଣର ଶିକାର ହେଉଛନ୍ତି। ମାନବ ଜୀବନ ବିପକ୍ଷରେ ପରମାଣୁ ଶକ୍ତିର ଏଭଳି ପ୍ରୟୋଗ ନିୟମ ବିରୁଦ୍ଧ। ମଣିଷ ହୃଦୟରୁ ମାନବିକତା ଲୋପ ପାଇଗଲେ ପରମାଣୁ ଶକ୍ତିର ଅପପ୍ରୟୋଗ ପୃଥିବୀକୁ ଧ୍ୱଂସ ମୁହଁକୁ ଠେଲି ଦେଇପାରିବ। ଶକ୍ତି ଉତ୍ପାଦନ କ୍ଷେତ୍ରରେ ଶୃଙ୍ଖଳା ଏକାନ୍ତ କାମ୍ୟ।

– କୋଅର୍ଡିନେଟର, ସ୍ନାତକୋତ୍ତର ପ୍ରାୟୋଗିକ ପଦାର୍ଥବିଜ୍ଞାନ ବିଭାଗ,
ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ
ମୋ : ୯୪୩୯୫୦୧୬୫୧

## ଦୀର୍ଘକାଳୀନ କିଡ୍‌ନୀ ରୋଗ

କିଡ୍‌ନୀଦ୍ୱୟ ଆମ ଶରୀରର ଖୁବ୍ ଗୁରୁତ୍ୱପୂର୍ଣ୍ଣ ତଥା ଅପରିହାର୍ଯ୍ୟ ଅଙ୍ଗ। ଏହା ପ୍ରତିନିୟତ ଶରୀରରୁ ଅତିରିକ୍ତ ଜଳ ଏବଂ ବର୍ଜ୍ୟ ନିଷ୍କାସନ କରି ରକ୍ତ ବିଶୋଧନ କରିଥାଏ। ଶରୀରରେ ଜଳ ଏବଂ ଲବଣ ଅଂଶର ସନ୍ତୁଳନ, ରକ୍ତଚାପ ନିୟନ୍ତ୍ରଣ, ଲୋହିତ ରକ୍ତକଣିକା ସଂଶ୍ଳେଷଣ ଆଦି ବିଭିନ୍ନ କାର୍ଯ୍ୟ ସମ୍ପାଦନ କରି ଏହା ଆମକୁ ସୁସ୍ଥ ରଖେ। ଦୀର୍ଘକାଳୀନ କିଡ୍‌ନୀ ରୋଗ ପାଇଁ ମୁଖ୍ୟତଃ ଦାୟୀ ହେଉଛି ଡାଇବେଟିସ୍ ଏବଂ ଉଚ୍ଚ ରକ୍ତଚାପ। ଏହା ଧୀରେ ଧୀରେ କିଡ୍‌ନୀକୁ ଅକାମୀ କରିଦିଏ। ଶରୀରରୁ ଅତିରିକ୍ତ ଜଳ ଏବଂ ବର୍ଜ୍ୟ ନିଷ୍କାସନ କିଡ୍‌ନୀ ପକ୍ଷେ ସମ୍ଭବ ହୋଇପାରେ ନାହିଁ। ୟୁରିନାରି ଟ୍ରାକ୍ ଇନ୍‌ଫେକଶନ ବା ମୂତ୍ରମାର୍ଗରେ ଜୀବାଣୁ ସଂକ୍ରମଣକୁ ଚିକିତ୍ସା ନ କଲେ ତାହା କିଡ୍‌ନୀ କାର୍ଯ୍ୟକୁ ଅକ୍ଷମ କରିପକାଏ। ନେଫ୍ରୋଟିକ୍ ସିଣ୍ଡ୍ରୋମରେ ପରିସ୍ରାରେ ନିଷ୍କାସନ ହୁଏ ବହୁ ପରିମାଣରେ ପ୍ରୋଟିନ୍। ଫଳରେ ରକ୍ତରେ ଆଲ୍‌ବୁମିନ୍ ନାମକ ପ୍ରୋଟିନ୍‌ର ମାତ୍ରା କମିଯାଏ। ଶରୀରରେ ଜଳ ଜମିଯାଇ ପେଟ, ମୁହଁ, ଗୋଡ଼ ଏବଂ ପାଦ ଫୁଲିଯାଏ। ଏଥିପାଇଁ ଯଥେଷ୍ଟ ପାଣି ପିଅନ୍ତୁ। ଦିନକୁ ଅତିକମ୍‌ରେ ଆଠ ଗ୍ଲାସ ପାଣି ପିଇଲେ ଶରୀରରୁ ବିଷାକ୍ତ ଉପାଦାନ ନିଷ୍କାସନ ହୋଇଯିବ। ସୁଷମ ଖାଦ୍ୟ ଖାଆନ୍ତୁ। ଯଥେଷ୍ଟ ଫଳ ଏବଂ ତଟକା ପନିପରିବା ଖାଆନ୍ତୁ। ନିଶାଦ୍ରବ୍ୟ ସେବନ ବର୍ଜନ କରନ୍ତୁ। ଡାଇବେଟିସ୍ କିମ୍ବା ରକ୍ତଚାପ ଥିଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ। ନିୟମିତ ବ୍ୟାୟାମ କରନ୍ତୁ। ବେଶି ଲୁଣ ଖାଆନ୍ତୁ ନାହିଁ। ଡାକ୍ତରଙ୍କ ପରାମର୍ଶ ବିନା ଔଷଧ ଖାଆନ୍ତୁ ନାହିଁ। କିଡ୍‌ନୀ ରୋଗର ନିର୍ଣ୍ଣୟ ପାଇଁ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ। ମନେରଖନ୍ତୁ ଯେ, କିଡ୍‌ନୀ ରୋଗ ହେଲେ ଅନେକ କ୍ଷେତ୍ରରେ କୌଣସି ଲକ୍ଷଣ ପ୍ରକାଶ ପାଇ ନ ଥାଏ।




## ଜାଣିରଖନ୍ତୁ



ଶରୀର ପୋଷଣ ପାଇଁ ଖାଦ୍ୟ ଆବଶ୍ୟକ। ଭୋଜନ ଗ୍ରହଣ ସମୟରେ ବାର୍ତ୍ତାଳାପ ନ କରିବା ଏବଂ ଟିଭି ନ ଦେଖିବା ଭଲ। ଖାଇବାର ଅଧ ଘଣ୍ଟାଏରୁ ଘଣ୍ଟାଏ ଭିତରେ ପାଣି ପିଅନ୍ତୁ। ଖାଦ୍ୟ ଖାଇବା ମଝିରେ ପାଣି ପିଇବା ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ। କାରଣ ଏହା ପାଚନକ୍ରିୟାକୁ ପ୍ରଭାବିତ କରିଥାଏ। ଖାଇବା ପରେ ପରେ ଥଣ୍ଡା ପାନୀୟ ପିଅନ୍ତୁ ନାହିଁ କିମ୍ବା ଆଇସ୍‌କ୍ରିମ୍ ଖାଆନ୍ତୁ ନାହିଁ। ବାରମ୍ବାର ଖାଇବା, ଅତ୍ୟଧିକ ପରିମାଣରେ ଖାଇବା, ତେଲ, ମାଛ, ମାଂସ ଓ ଅଣ୍ଡାଦି ଗରିଷ୍ଠ ଭୋଜନ ନିୟମିତ ବା ଅତ୍ୟଧିକ ଖାଇବା ଶରୀର ପାଇଁ କ୍ଷତିକାରକ। ଯଦି ଏହାର ପରିପାକ ଠିକ୍ ରୂପେ ନ ହୁଏ, ତେବେ ଏହାକୁ ଅପକ୍ୱ ଅନ୍ନ କୁହାଯାଏ। ଏହା ଦ୍ୱାରା ପେଟରେ ଟକ୍ସିକ୍ ବା ବିଷ ସୃଷ୍ଟି ହୋଇଥାଏ। ଏହାଫଳରେ ଗ୍ୟାଷ୍ଟ୍ରିକ ସମସ୍ୟା ଦେଖାଦେଇଥାଏ।

## ଭାଇରସ୍ ନିୟନ୍ତ୍ରଣର ସରଳ ଉପାୟ



ଅନେକ ସମୟରେ ଆମେ ବ୍ୟାକ୍ଟେରିଆ କିମ୍ବା ଭାଇରସ୍ ଦ୍ୱାରା ଆକ୍ରାନ୍ତ ହୋଇଥାଉ। ଫଳରେ ଏଥିଯୋଗୁ ଆମେ କେତେକ ରୋଗର ଶିକାର ହେଉ। ହେଲେ ବ୍ୟାକ୍ଟେରିଆ, ଭାଇରସ୍‌କୁ ପ୍ରତିହତ କରିବାର କେତୋଟି ସରଳ ତଥା ସହଜ ଉପାୟ ଆମ ହାତ ପାଆନ୍ତାରେ ରହିଛି। ଏଥିପାଇଁ ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ରହିବା ନିହାତି ଦରକାର। ଆମ ଶରୀରରେ ଏଗୁଡ଼ିକ କାୟା ବିସ୍ତାର କରିବା ପଛରେ କେତେକ କାରଣ ରହିଛି। ଆମେ ଯଦି ଅପରିଷ୍କାର ହାତକୁ ଠିକ୍ ଭାବରେ ନ ଧୋଇ ଖାଦ୍ୟ ଖାଉ ତେବେ ଶରୀର ଭିତରକୁ ଭାଇରସ ଯିବାର ଏହା ଏକ ସହଜ ମାଧ୍ୟମ ପାଲଟିଥାଏ। ଅପରିଷ୍କାର ସ୍ଥାନରେ ଅଧିକ ସମୟ ରହିଲେ ତାହା ମଧ୍ୟ ଏହାର ଏକ କାରଣ ସାଜିଥାଏ। କାରଣ ଅସ୍ୱାସ୍ଥ୍ୟକର ପରିବେଶ ଅଧିକ ପରିମାଣରେ ଭାଇରସ ସୃଷ୍ଟି କରେ। ତେଣୁ ସେଭଳି ପରିବେଶରେ ଅଧିକ ସମୟ ରହିଲେ ଆମର ଶ୍ୱାସକ୍ରିୟା ବାଟେ ଭାଇରସ ଶରୀର ଭିତରକୁ ପ୍ରବେଶ କରନ୍ତି। ତେଣୁ ଏଭଳି ସ୍ଥାନରେ କାମ କରୁଥିଲେ ମାସ୍କ ବ୍ୟବହାର କରନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିଜେ ପରିଷ୍କାର ପରିଚ୍ଛନ୍ନ ରହିବା। ଖାଇବା ପୂର୍ବରୁ ଭଲ ଭାବରେ ସାବୁନ୍ କିମ୍ବା ହ୍ୟାଣ୍ଡୱାଶ ଦ୍ୱାରା ହାତ ଧୁଅନ୍ତୁ।

## ଅବସାଦ ଆଶଙ୍କା ଦୂର କରେ ଭିଟାମିନ୍‌ଯୁକ୍ତ ଖାଦ୍ୟ



ଅବସାଦ ବା ଡିପ୍ରେସନ ଏଭଳି ଏକ ସମସ୍ୟା, ଯାହା ପରୋକ୍ଷରେ ଶରୀରର ଅନେକ କ୍ଷତି କରିଥାଏ। ତେଣୁ ଏଭଳି ସମସ୍ୟାଠାରୁ କିପରି ଦୂରେଇ ରହିବେ, ସେ ନେଇ ସତର୍କ ହେବା ନିହାତି ଦରକାର। ତେବେ ଏଭଳି ଆଶଙ୍କାଠାରୁ ଦୂରେଇ ରଖିବାର ଏକ ଜିନିଷ ଅନେକାଂଶରେ ସହାୟକ ହୋଇଥାଏ। ତାହା କ'ଣ ଜାଣନ୍ତି? ଭିଟାମିନ୍‌ଯୁକ୍ତ ଖାଦ୍ୟ। ଏଭଳି ଖାଦ୍ୟ ଖାଇବା ଦ୍ୱାରା ଜଣେ ଅବସାଦଠାରୁ କେତେକାଂଶରେ ନିଜକୁ ଦୂରେଇ ରଖିପାରିବ ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। 'ଅବସାଦ ଆଶଙ୍କା ଏବଂ ଭିଟାମିନ୍‌ଯୁକ୍ତ ଖାଦ୍ୟ' ଶୀର୍ଷକ ବିଷୟକୁ ନେଇ ସେମାନେ ଏକ ସର୍ଭେ କରିଥିଲେ। ଏହି ସମୟରେ ସେମାନେ ଅବସାଦର ଶିକାର ହୋଇଥିବା କେତେକ ବ୍ୟକ୍ତିଙ୍କୁ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଇବାକୁ ପରାମର୍ଶ ଦିଆଯାଇଥିଲା। ଅନ୍ୟପକ୍ଷରେ ନିୟମିତ ସମୟ ବ୍ୟବଧାନରେ ଏହାର ପ୍ରଭାବ ଅବସାଦ ଉପରେ କିପରି ପଡୁଛି ତାହାକୁ ତନ୍ନ ତନ୍ନ କରି ତର୍ଜମା କରାଯାଇଥିଲା। ଏହାଦ୍ୱାରା ସେମାନଙ୍କ ମଧ୍ୟରୁ ପ୍ରାୟ ୪୫% ବ୍ୟକ୍ତି ନିଜକୁ ଅବସାଦଠାରୁ କେତେକାଂଶରେ ଦୂରେଇ ରଖିବାରେ ସକ୍ଷମ ହୋଇଥିଲେ ବୋଲି ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ତେଣୁ ଆମକୁ ପ୍ରତିଦିନ ସନ୍ତୁଳିତ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଠିକ୍ ପରିମାଣରେ ଖାଇବା ନିହାତି ଜରୁରୀ।

## ଉପକାରୀ ଆଖୁରସ



ଆଖୁରସରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏହାକୁ ପିଇବା ଦ୍ୱାରା ଶରୀରରେ ଶକ୍ତି ସଞ୍ଚାର ହୋଇଥାଏ। ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ଡାଇବେଟିସ୍ ରୋଗୀଙ୍କ ପାଇଁ ଉପକାରୀ। ଏହା ରକ୍ତରେ ଶର୍କରା ପରିମାଣକୁ କେତେକାଂଶରେ ସନ୍ତୁଳିତ ରଖିଥାଏ। ଏହାର ଆଉ ଏକ ଖାସ୍ ଗୁଣ ରହିଛି। ଆଖୁ ରସରେ ପୋଟାସିୟମ ଏବଂ କ୍ୟାଲ୍‌ସିୟମ ଭରି ରହିଛି। ତେଣୁ ଏହାକୁ ପିଇଲେ ତାହା ଦାନ୍ତମୂଳକୁ ଦୃଢ଼ କରିବା ସହ ଦାନ୍ତଜନିତ ସମସ୍ୟାରୁ କେତେକାଂଶରେ ରକ୍ଷା କରିଥାଏ। ଆଖୁରସରେ ମଧ୍ୟ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଅଛି। ଏହାକୁ ପିଇବା ଦ୍ୱାରା ଖାଦ୍ୟ ହଜମ ଠିକ୍ ଭାବେ ହୋଇଥାଏ। ସବୁଠାରୁ ଖାସ୍ କଥା ହେଲା, ଏହା ମଧ୍ୟ ପାକସ୍ଥଳୀ ସଂକ୍ରମଣ ଆଶଙ୍କାକୁ କେତେକାଂଶରେ ଦୂରେଇ ରଖିଥାଏ। କେବଳ ସେତିକି ନୁହେଁ, ଅସ୍ଥି ଏବଂ ମାଂସପେଶୀକୁ ମଜଭୁତ କରିବାରେ ମଧ୍ୟ ଏହା ସାହାଯ୍ୟ କରିଥାଏ। ଅଷ୍ଟିଓପୋରୋସିସ୍, ଆଣ୍ଠୁଗଣ୍ଠି ବାତ ହେବା ଆଦିରୁ ମଧ୍ୟ ଏହା ସୁରକ୍ଷା ପ୍ରଦାନ କରେ। ଆଖୁ ରସରେ ଭିଟାମିନ୍-ସି ଭରି ରହିଛି। ତେଣୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଏବଂ ବାହ୍ୟ ଜୀବାଣୁ ଆକ୍ରମଣରୁ ମଧ୍ୟ ରକ୍ଷା କରିଥାଏ। ଏଥିରେ ଗ୍ଲାଇକୋ ଏସିଡ୍ ଥିବାରୁ ଏହା ଚର୍ମରେ ଥିବା କୋଷକୁ କ୍ଷୟ ହେବାକୁ ଦିଏ ନାହିଁ, ଯଦ୍ୱାରା ଚର୍ମର ଚମକ୍ ବଢ଼ିଥାଏ। ଶରୀରରେ ଯଦି କୋଲେଷ୍ଟରଲ୍ କିମ୍ବା ସୋଡିୟମ୍‌ର ପରିମାଣ କମିଯାଏ, ତେବେ ଆଖୁରସ ପିଇବା ଦ୍ୱାରା ଏହା ସନ୍ତୁଳିତ ଅବସ୍ଥାକୁ ଆସିଥାଏ।

## ସ୍ୱାସ୍ଥ୍ୟ ସୂଚନା

➢ଯଦି ଆପଣଙ୍କର ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି, ତେବେ ଶିଡ଼ିଚଢ଼ାରୁ ନିଜକୁ ଯେତେ ବିରତ ରଖିବେ ସେତେ ଭଲ। ଏଥିପାଇଁ ରୁମାଟଏଡ୍ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

➢ନିଜର ମାନସିକତାକୁ ସବୁବେଳେ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ଆପଣ ନିଜର ଦୈନନ୍ଦିନ କାମ ଠିକ୍ ଭାବରେ କରିପାରିବେ।

➢ଆମ ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ନିହାତି ଦରକାର। ତେଣୁ ପ୍ରତିଦିନ ଅତିକମ୍‌ରେ ୨–୩ ଲିଟର ପାଣି ପିଅନ୍ତୁ। ଯଦି ଆପଣଙ୍କର କିଡ୍‌ନୀଜନିତ ସମସ୍ୟା ରହିଛି, ତେବେ କେତେ ପାଣି ପିଇବେ ସେ ନେଇ କିଡ୍‌ନୀ ଡାକ୍ତରଙ୍କଠାରୁ ବୁଝି ନିଅନ୍ତୁ।



➢ପ୍ରତିଦିନ ତଟକା ଫଳମୂଳରୁ ପ୍ରସ୍ତୁତ ଜୁସ୍ ପିଅନ୍ତୁ। ଏଥିରୁ ଶରୀରକୁ ଅନେକ ପ୍ରକାର ଉପକାରୀ ତତ୍ତ୍ୱ ମିଳିଥାଏ।

➢ଔଷଧ ବିଷୟରେ ଯେତେ ଅଭିଜ୍ଞତା ଥିଲେ ମଧ୍ୟ ଏ ନେଇ ମନରେ ଉଠୁଥିବା ପ୍ରଶ୍ନଗୁଡ଼ିକୁ ସମାଧାନ କରିବା ପାଇଁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

➢ପ୍ରତିଦିନ ସକାଳେ କିଛି ସମୟ ଖାଲି ପାଦରେ ଚାଲନ୍ତୁ। ଏହାଦ୍ୱାରା ଶରୀର ଭିତରେ ଥିବା ସ୍ନାୟୁଗୁଡ଼ିକ ଆହୁରି ସକ୍ରିୟ ହୋଇଥାଆନ୍ତି।

➢ଯଦି ଆପଣଙ୍କର ବ୍ଲଡପ୍ରେସର ସମସ୍ୟା ରହିଛି, ତେବେ ଲୁଣଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ। କାରଣ ଏହାର ପରିମାଣ ଅଧିକ ହେଲେ ତାହା ବ୍ଲଡପ୍ରେସରକୁ ଅସନ୍ତୁଳିତ ରଖିଥାଏ।

## ଯୋଗ: କିଛି କଥା



ଆଜିକାଲି ନିଜକୁ ସୁସ୍ଥ ଏବଂ ଫିଟ୍ ରଖିବା ଅପରିହାର୍ଯ୍ୟ ହୋଇପଡ଼ିଛି। ଏଥିପାଇଁ ଖାଦ୍ୟପେୟ, ଏକ ସନ୍ତୁଳିତ ଜୀବନଶୈଳୀ, ବ୍ୟାୟାମ ଆଦିର ଆବଶ୍ୟକତା ରହିଛି। ବର୍ତ୍ତମାନ ଏହି ତାଲିକାରେ ପ୍ରମୁଖ ସ୍ଥାନ ଅଧିକାର କରିଛି ଯୋଗ। ଏହାଦ୍ୱାରା ଜଣେ ନିଜକୁ ଅନେକାଂଶରେ ସୁସ୍ଥ ରଖିପାରୁଛି। ଏଥିରୁ ମଧ୍ୟ ମାନସିକ ଶାନ୍ତି ମିଳିଥାଏ। ତେବେ ଯୋଗ କରିବା ପୂର୍ବରୁ ଏ ବିଷୟରେ ଭଲ ଭାବରେ ଅବଗତ ହେବା ନିହାତି ଦରକାର। ତେଣୁ ଯଦି ଏ ନେଇ ନିଷ୍ପତ୍ତି ନେଇଛନ୍ତି, ତେବେ ପ୍ରଥମେ ଜଣେ ଅଭିଜ୍ଞ ଯୋଗ ଏକ୍ସପର୍ଟଙ୍କ ସହ ଆଲୋଚନା କରନ୍ତୁ। କେଉଁ କେଉଁ ଯୋଗ କଲେ ତାହା ଆପଣଙ୍କ ପାଇଁ ଲାଭପ୍ରଦ ସାବ୍ୟସ୍ତ ହେବ ସେହି ବିଷୟରେ ସେ ସବିଶେଷ ସୂଚନା ଦେଇପାରିବେ। ବର୍ତ୍ତମାନ ଯୋଗ ଚାହିଦା ସମଗ୍ର ବିଶ୍ୱରେ କାହିଁରେ କେତେ। ଏହାକୁ ଆହୁରି ପ୍ରସାର କରିବାକୁ ପ୍ରତିବର୍ଷ ଜୁନ୍ ୨୧ ତାରିଖରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଉଛି। ଯୋଗ କରିବା ପୂର୍ବରୁ ମନକୁ ଚାପମୁକ୍ତ ରଖନ୍ତୁ। ସକାଳୁ ଏକ ଶାନ୍ତ ପରିବେଶରେ ଯୋଗ କରନ୍ତୁ। ଏହି ସମୟରେ ଏକାଗ୍ରତା ହେଉଛି ବଡ଼ କଥା। ନିୟମିତ ଯୋଗ କଲେ ତାହାର ସୁପ୍ରଭାବ ଧୀରେ ଧୀରେ ଅନୁଭବ କରିହୁଏ। ନିଜ ଘରେ ହେଉ ଅବା ପାର୍କରେ କିମ୍ବା କୌଣସି ଯୋଗ ଅନୁଷ୍ଠାନରେ ଆପଣ ଯୋଗ କରିପାରିବେ। ପ୍ରତିଦିନ କିଛି ସମୟ ଯୋଗ କଲେ ତଦ୍ୱାରା ଆପଣ ନିଜକୁ ଟେନ୍‌ସନଠାରୁ କେତେକାଂଶରେ ଦୂରେଇ ରଖିପାରିବେ। ଏହାର ସୁପ୍ରଭାବ ଶରୀରର ଅନେକ ଅଙ୍ଗପ୍ରତ୍ୟଙ୍ଗ ଉପରେ ପଡ଼ିଥାଏ।

# ପାକିସ୍ତାନକୁ ହରାଇଲା ଭାରତ

## ଏସିଆ କପ୍ କ୍ରିକେଟ



ଉଇକେଟ ନେବା ପରେ ଅକ୍ଷର ପଟେଲଙ୍କୁ କୁଲଦୀପ ଯାଦବଙ୍କ ବଧେଇ।

**ଦୁବାଇ, ୧୪।୯**

ଏସିଆ କପ୍ କ୍ରିକେଟର ରବିବାର ଅନୁଷ୍ଠିତ ଏକ ହାଇପ୍ରୋଫାଇଲ ମ୍ୟାଚରେ ଭାରତ ୭ ଉଇକେଟରେ ପାକିସ୍ତାନକୁ ପରାସ୍ତ କରିଛି। ଭାରତୀୟ ବୋଲରମାନେ ଚମତ୍କାର ବୋଲିଂ କରି ପାକିସ୍ତାନ ସ୍କୋରକୁ ୨୦ ଓଭରରେ ୯ ଉଇକେଟରେ ୧୨୭ ରନରେ ସୀମିତ ରଖିଥିଲେ। ୧୨୮ ରନର ବିଜୟ ଲକ୍ଷ୍ୟକୁ ଭାରତ ୧୫.୫ ଓଭରରେ ୩ ଉଇକେଟ ହରାଇ ହାସଲ କରି ନେଇଥିଲା। ଅର୍ଥାତ୍ ୨୫ଟି ବଲ୍ ବାକିଥାଇ ଭାରତ ସହଜରେ ମ୍ୟାଚ ଜିତି ନେଇଥିଲା। ଟୁର୍ନାମେଣ୍ଟରେ ଭାରତ କ୍ରମାଗତ ଦ୍ୱିତୀୟ ବିଜୟ ସହ ୪ ପଏଣ୍ଟ ପାଇ ଗ୍ରୁପ୍ 'ଏ'ର ଶୀର୍ଷରେ ରହିଛି। ଅନ୍ୟପକ୍ଷରେ ପାକିସ୍ତାନ ୨ ମ୍ୟାଚରୁ ପ୍ରଥମ ପରାଜୟ ବରଣ କରିଛି। ମ୍ୟାଚ ଶେଷ ହେବାପରେ ଖେଳାଳିମାନେ ହାତ ମିଳାଇ ନ ଥିଲେ।

ଅଭିଷେକ ଶର୍ମା ବିସ୍ଫୋରକ ବ୍ୟାଟିଂ କରି ଭାରତକୁ ଭଲ ଆରମ୍ଭ ଦେଇଥିଲେ। ପାୱାର ପ୍ଲେ ୬ ଓଭର ବେଳକୁ ଭାରତ ୨ ଉଇକେଟରେ ୬୧ ରନ କରି ବିଜୟ ପଥ ପରିଷ୍କାର କରିଥିଲା। ଆକ୍ରମଣାତ୍ମକ ବ୍ୟାଟିଂ କରିଥିବା ଅଭିଷେକ ମାତ୍ର ୧୩ ବଲ୍‌ରୁ ୪ ଚୌକା ଓ ୨ ଛକା ସହାୟତାରେ ୩୧ ଏବଂ ଶୁବମନ ଗିଲ୍ ୧୦ ରନକରି ଆଉଟ ହୋଇଥିଲେ। ଡାହାଣହାତୀ ସ୍ପିନର ସଇମ ଆୟୁବ ଏହି ୨ଟି ଉଇକେଟ ନେଇଥିଲେ। ପରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ତିଲକ ବର୍ମା ଇନିଂସକୁ ଆଗେଇ ନେଇଥିଲେ। ତୃତୀୟ ଉଇକେଟରେ ଦୁହେଁ ୫୬ ରନ ଯୋଗ କରିବାପରେ ତିଲକଙ୍କୁ ଆଉଟ କରି ପାକିସ୍ତାନକୁ ବ୍ରେକ୍ ଥ୍ରୁ ଦେଇଥିଲେ ସଇମ। ତିଲକ ୩୧ ରନ କରିଥିବାବେଳେ ସଇମଙ୍କ ଷ୍ଟମ୍ପ ଉପରେ ଗୁଡ୍‌ଲେଙ୍ଗ୍ଥ ବଲ୍‌କୁ ଖେଳିବାରେ ତ୍ରୁଟିକରି ବୋଲ୍ଡ ହୋଇ ଯାଇଥିଲେ। ମାତ୍ର ଅଧିନାୟକ ସୂର୍ଯ୍ୟକୁମାର ୪୭ ରନରେ ଅପରାଜିତ ରହି ଦଳର ବିଜୟକୁ ସହଜ କରି ଦେଇଥିଲେ। ସେ ୩୭ଟି ବଲ୍‌ର ସମ୍ମୁଖୀନ ହୋଇ ନିଜ ଇନିଂସ ମଧ୍ୟରେ ୫ ଚୌକା ଓ ୧ ଛକା ମାରିଥିଲେ।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ପାକିସ୍ତାନ ଅଧିନାୟକ ସଲମାନ ଆଘା। ଭାରତ ପକ୍ଷରୁ ବୋଲିଂ ଓପନ କରିଥିବା ହାର୍ଦ୍ଦିକ ପାଣ୍ଡ୍ୟା ପ୍ରଥମ ବଲ୍‌କୁ ୱାଇଡ୍ ପକାଇଥିବାବେଳେ ଦ୍ୱିତୀୟ ବଲ୍‌ରେ ସଇମ ଆୟୁବଙ୍କୁ ଆଉଟ କରି ପାକିସ୍ତାନକୁ ଶକ୍ତ ଝଟ୍‌କା ଦେଇଥିଲେ। ଭାରତର ଷ୍ଟ୍ରାଇକ୍ ବୋଲର ଯଶପ୍ରୀତ୍ ବୁମ୍‌ରା ମଧ୍ୟ ନିରାଶ କରି ନ ଥିଲେ। ସେ ନିଜ ପ୍ରଥମ ଓଭରରେ ଅଭିଜ୍ଞ ମହମ୍ମଦ ହାରିସଙ୍କୁ ପ୍ୟାଭିଲିୟନ ପଠାଇ ପାକିସ୍ତାନକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ଓପନର ଶାହିବଜାଦା ଫରହାନ ସତର୍କତାର ଭାରତୀୟ ବୋଲରଙ୍କୁ ମୁକାବିଲା କରିଥିଲେ ହେଁ ସ୍ପିନର ଆସିବାପରେ ରନ୍‌ହାର ଧିମେଇ ଯାଇଥିଲା। ଅକ୍ଷର ପଟେଲ ଚମତ୍କାର ବୋଲିଂ କରି ଫଖର ଜମନ ଓ ଆଘାଙ୍କୁ ଆଉଟ କରିଥିବାବେଳେ ପାକିସ୍ତାନ ୧୦ ଓଭରରେ ୪ ଉଇକେଟ ହରାଇ କେବଳ ୪୯ ରନ କରିବାକୁ ସକ୍ଷମ ହୋଇଥିଲା। ଆୟୁବ (୦) ଗୋଲ୍‌ଡେନ ଡକ୍‌ରେ ଆଉଟ ହୋଇଥିଲେ ଏବଂ ହାରିସ ୩, ଜମନ ୧୭ ଓ ଆଘା ୩ ରନର ଯୋଗଦାନ ଦେଇଥିଲେ। ତାରକା ସ୍ପିନର କୁଲଦୀପ ଯାଦବ ମଧ୍ୟ ପଛରେ ରହି ନ ଥିଲେ। ସେ ନିଜ ଦ୍ୱିତୀୟ ଓଭରର ୪ର୍ଥ ଓ ୫ମ ବଲ୍‌ରେ ୨ଟି ଉଇକେଟ ହାସଲ କରି ମ୍ୟାଚକୁ ଏକପାଖିଆ କରି ଦେଇଥିଲେ। ସେ ଏହି ଓଭରର ୪ର୍ଥ ବଲ୍‌ରେ ହାସନ ନୱାଜ (୫)ଙ୍କୁ ଅକ୍ଷର ପଟେଲଙ୍କ ହାତରେ କ୍ୟାଚ କରାଇଥିବାବେଳେ ୫ମ ବଲ୍‌ରେ ମହମ୍ମଦ ନୱାଜ (୦)ଙ୍କୁ ଶିକାର ବନାଇଥିଲେ। ଶାହିବଜାଦା ଫରହାନ ସର୍ବାଧିକ ୪୦ (୪୪ ବଲ, ୧ ଚୌକା, ୩ ଛକା) ରନ କରିଥିଲେ। ଶେଷ ଭାଗରେ ଶାହିନ ଶାହା ଆଫ୍ରିଦୀ କେତେକ ଦର୍ଶନୀୟ ଶଟ୍ ଖେଳି ୧୬ ବଲ୍‌ରେ ୩୩ ରନ କରିବାରୁ ପାକିସ୍ତାନ ସମ୍ମାନଜନକ ସ୍କୋରରେ ପହଞ୍ଚି ପାରିଥିଲା। ଭାରତ ପକ୍ଷରୁ କୁଲଦୀପ ଯାଦବ ୩ଟି, ଅକ୍ଷର ପଟେଲ ଓ ଯଶପ୍ରୀତ୍ ବୁମ୍‌ରା ୨ଟି ଲେଖାଏ ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ଓ ବରୁଣ ଚକ୍ରବର୍ତ୍ତୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୨୦ ଓଭରରେ ୧୨୭/୯ (ଶାହିବଜାଦା ଫରହାନ-୪୦, ଶାହିନ ଶାହ ଆଫ୍ରିଦୀ-୩୩*, ଫଖର ଜମନ-୧୭, କୁଲଦୀପ ଯାଦବ-୩/୧୮, ଅକ୍ଷର ପଟେଲ-୨/୧୮, ଯଶପ୍ରୀତ୍ ବୁମ୍‌ରା-୨/୨୮, ହାର୍ଦ୍ଦିକ ପାଣ୍ଡ୍ୟା-୧/୩୪, ବରୁଣ ଚକ୍ରବର୍ତ୍ତୀ-୧/୨୪)। ଭାରତ ୧୫.୫ ଓଭରରେ ୧୩୧/୩ (ସୂର୍ଯ୍ୟକୁମାର ଯାଦବ-୪୭*, ଅଭିଷେକ ଶର୍ମା-୩୧, ତିଲକ ବର୍ମା-୩୧, ସଇମ ଆୟୁବ-୩/୩୫)।

## ହାତ ମିଳାଇଲେନି ଭାରତ-ପାକ୍ ଖେଳାଳି

ରବିବାର ଭାରତ ଓ ପାକିସ୍ତାନ ମଧ୍ୟରେ ଏସିଆ କପ୍ ଟି୨୦ ଟୁର୍ନାମେଣ୍ଟର ଲିଗ୍ ମ୍ୟାଚ୍ ଖେଳାଯିବା ପୂର୍ବରୁ ଟସ୍ ପଡ଼ିବା ବେଳେ ଦୁଇ ଦଳର ଅଧିନାୟକ ଯଥାକ୍ରମେ ସୂର୍ଯ୍ୟକୁମାର ଯାଦବ ଓ ସଲମାନ ଆଘା ପରସ୍ପର ସହ ହାତ ମିଳାଇ ନଥିଲେ। ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଟସ୍ ବେଳେ ହାତ ମିଳାଇବା ଲାଗି ଯଦି ଓ କୌଣସି ଲିଖିତ ନିୟମ ନାହିଁ, କିନ୍ତୁ ଏହା ଏକ ପରମ୍ପରା। ଉଭୟ ଦଳର ଅଧିନାୟକ ଖେଳାଳିଙ୍କ ତାଲିକା ମ୍ୟାଚ୍ ରେଫରୀ ଆଣ୍ଡି ପିକ୍ରଫ୍ଟଙ୍କୁ ପ୍ରଦାନ କରିବା ପରେ ଟିଭି କମେଣ୍ଟେଟର ରବି ଶାସ୍ତ୍ରୀଙ୍କ ସହ କଥା ହୋଇଥିଲେ ଏବଂ ପରେ ଅଲଗା ଦିଗରେ ଚାଲି ଯାଇଥିଲେ। ମ୍ୟାଚ୍ ଶେଷ ହେବା ପରେ ଦୁଇ ଦଳର ଖେଳାଳି ମଧ୍ୟ ହାତ ମିଳାଇ ନଥିଲେ। ଚଳିତ ବର୍ଷ ଏପ୍ରିଲରେ ଘଟିଥିବା ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଦଳ ପ୍ରଥମ ଥର ପାଇଁ କ୍ରିକେଟ ପଡ଼ିଆରେ ପରସ୍ପରକୁ ଭେଟିଥିଲେ।

## ଗ୍ୟାରୀ ଷ୍ଟିଡ୍ ଆନ୍ଧ୍ର କୋଚ୍

**ନୂଆଦିଲ୍ଲୀ, ୧୪।୯(ପି.ଟି.):** ଆନ୍ଧ୍ର କ୍ରିକେଟ୍ ଆସୋସିଏଶନ (ଏସିଏ) ଶନିବାର ନ୍ୟୁଜିଲାଣ୍ଡର ପୂର୍ବତନ କ୍ରିକେଟର ତଥା କୋଚ୍ ଗ୍ୟାରୀ ଷ୍ଟିଡ୍‌ଙ୍କୁ ୨୦୨୫-୨୬ ରଣଜୀ ଟ୍ରଫି ସିଜନ ଲାଗି ମୁଖ୍ୟ କୋଚ୍ ଘୋଷଣା କରିଛି। ଷ୍ଟିଡ୍ ୨୦୧୮ରୁ ଚଳିତବର୍ଷ ପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡ ଦଳର ମୁଖ୍ୟ କୋଚ୍ ଥିଲେ। ତାଙ୍କ କାର୍ଯ୍ୟକାଳରେ ନ୍ୟୁଜିଲାଣ୍ଡ ୩ଟି ଆଇସିସି ଟୁର୍ନାମେଣ୍ଟର ଫାଇନାଲରେ ଖେଳିଥିଲା। ଏପରି କି ନ୍ୟୁଜିଲାଣ୍ଡ ୨୦୧୯-୨୧ ୱାର୍ଲ୍ଡଚାମ୍ପିୟନଶିପ୍ ଫାଇନାଲ ମଧ୍ୟ ଜିତିଥିଲା। ସେ ନ୍ୟୁଜିଲାଣ୍ଡ ମହିଳା ଦଳର ମଧ୍ୟ କୋଚ୍ ଥିଲେ।







## ସାତ୍ତ୍ୱିକ-ଚିରାଗ, ଲକ୍ଷ୍ୟ ସେନ୍ ରନରଅପ୍

**ହଂକଂ, ୧୪।୯ (ପି.ଟି.):** ଭାରତର ଷ୍ଟାର ପୁରୁଷ ସିଙ୍ଗଲ୍ସ ଖେଳାଳି ଲକ୍ଷ୍ୟ ସେନ୍ ଏବଂ ଟପ୍ ପୁରୁଷ ଡବଲ୍ସ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ଏଠାରେ ଚାଲିଥିବା ହଂକଂ ଓପନ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ରନରଅପ୍ ସହ ସେମାନଙ୍କ ଅଭିଯାନ ଶେଷ କରିଛନ୍ତି। ସେ ରବିବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଲକ୍ଷ୍ୟ ବିଶ୍ୱର ୪ ନମ୍ବର ମାନ୍ୟତାପ୍ରାପ୍ତ ଲି' ଶି ଫେଙ୍ଗ୍‌ଙ୍କଠାରୁ ୧୫-୨୧, ୧୨-୨୧ରେ ହାରିଯାଇଛନ୍ତି। ଗତ ନଭେମ୍ବରରେ ଅନୁଷ୍ଠିତ ସୟଦ ମୋଦୀ ସୁପର ୩୦୦ ପରେ ଲକ୍ଷ୍ୟଙ୍କର ଏହା ଥିଲା ପ୍ରଥମ ଫାଇନାଲ। ଲକ୍ଷ୍ୟ ଏହି ଚାଇନିଜ ଖେଳାଳିଙ୍କ ସହ ଜୁନିୟର ସ୍ତରରୁ ଆରମ୍ଭ କରି ଏପର୍ଯ୍ୟନ୍ତ ୧୪ ଥର ମୁକାବିଲା କରି ସାରିଲେଣି। ତାଙ୍କ ବିପକ୍ଷରେ

**ହଂକଂ ଓପନ ବ୍ୟାଡ୍‌ମିଣ୍ଟନ**

ଲକ୍ଷ୍ୟଙ୍କର ବିଜୟ ପରାଜୟ ରେକର୍ଡ ୭-୬ ରହିଛି। କିନ୍ତୁ ଚଳିତ ସିଜନରେ ଉଭୟ ଅଲ୍ ଇଂଲଣ୍ଡ ଓ ଚାଇନା ଓପନରେ ଲକ୍ଷ୍ୟଙ୍କ ବିପକ୍ଷରେ ପ୍ରାଧାନ୍ୟବିସ୍ତାର କରି ଖେଳିଛନ୍ତି। ଏହି ଚାଇନିଜ ଖେଳାଳି ରବିବାର ଅନୁଷ୍ଠିତ ଫାଇନାଲରେ ବିଶ୍ୱର ୯ ନମ୍ବର ର୍‍ୟାଙ୍କିଙ୍ଗ ଭାରତୀୟ ଯୋଡ଼ି ଅଲିମ୍ପିକ ରୌପ୍ୟ ପଦକ ବିଜେତା ୬ଷ୍ଠ ର୍‍ୟାଙ୍କିଙ୍ଗପ୍ରାପ୍ତ ଚାଇନାର ଲିଆଙ୍ଗ ୱି କେଙ୍ଗ୍ ଓ ୱାଙ୍ଗ୍ ଚାଙ୍ଗ୍ ଯୋଡ଼ିଙ୍କଠାରୁ ୨୧-୧୯, ୧୪-୨୧, ୧୭-୨୧ରେ ହାରିଯାଇଛନ୍ତି। ଥାଇଲାଣ୍ଡ ଓପନ ଜିତିବାର ୧୬ ମାସ ପରେ ଏହାଥିଲା ସେମାନଙ୍କର ପ୍ରଥମ ଫାଇନାଲ। ସାତ୍ତ୍ୱିକ-ଚିରାଗ ପୂର୍ବରୁ ଖେଳିଥିବା ସମସ୍ତ ଚାରି ସୁପର ୫୦୦ ଫାଇନାଲରେ ବିଜୟ ଲାଭ କରି ରେକର୍ଡ କରିଥିଲେ। ରବିବାର ପରାଜୟ ଦ୍ୱାରା ଏଥିରେ ବ୍ରେକ୍ ଲାଗିଛି। ଚଳିତ ସିଜନରେ ୬ଟି ଟୁର୍ନାମେଣ୍ଟରେ ସେମିଫାଇନାଲରେ ପ୍ରବେଶ କରିଥିବା ଭାରତୀୟ ଯୋଡ଼ି ଲିଆଙ୍ଗ ଓ ୱାଙ୍ଗଙ୍କ ବିପକ୍ଷରେ ଏହି ଟୁର୍ନାମେଣ୍ଟ ପୂର୍ବରୁ ବିଜୟ ପରାଜୟ ରେକର୍ଡ ୩-୬ ରହିଥିଲା।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ